- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-247 ◆BHUBANESWAR ◆TUESDAY ◆4 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ମଙ୍ଗଳବାର ◆୪ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦




ଭାରତ-ଅଷ୍ଟ୍ରେଲିଆ ସେମି ଆଜି

▶କ୍ରୀଡ଼ା ପୃଷ୍ଠାରେ...

## ପାଣି ଛାଡୁନି ଛତିଶଗଡ଼; ଷ୍ଟାର୍ଟ ହେଉନି ଡବଲ ଇଞ୍ଜିନ

# ଫଗୁଣରୁ ଶୁଖିଲାଣି ମହାନଦୀ



- ହୀରାକୁଦ ଜଳସ୍ତର ୬୨୦ଫୁଟ ତଳକୁ ଖସିଲା
- ଗତବର୍ଷ ତୁଳନାରେ ଜଳସ୍ତର ଏକଫୁଟ କମ୍
- ୩୯ ମେଗାୱାଟକୁ କମିଲା ବିଦ୍ୟୁତ୍ ଉତ୍ପାଦନ

■ **ସମ୍ବଲପୁର, ୩।୩ (ସମିସ):** ମହାନଦୀରେ ପାଣି ନାହିଁ, ଛତିଶଗଡ଼ ଉପରମୁଣ୍ଡରୁ ପାଣି ଛାଡୁନାହିଁ, ଜଳଭଣ୍ଡାରର ଜଳସ୍ତର ଦିନକୁ ଦିନ ଖସି ଖସି ଚାଲିଛି, ଦୈନିକ ବିଦ୍ୟୁତ୍ ଉତ୍ପାଦନ ୩୯ ମେଗାୱାଟକୁ ଖସିଲାଣି। ଆଗକୁ ରବି ଫସଲ ପାଇଁ ଜଳ ଯୋଗାଣ ହୋଇ ପାରିବ କି ନାହିଁ ତାହାକୁ ନେଇ ସନ୍ଦେହ ଦେଖା ଦେଲାଣି । ତଥାପି ଡ଼ବଲ ଇଞ୍ଜିନ ଷ୍ଟାର୍ଟ ହେଉନାହିଁ। ଓଡ଼ିଶାର ସ୍ୱାର୍ଥ ସହ କଦାପି ସରକାର ସାଲିସ କରିବେ ନାହିଁ ବୋଲି ଘୋଷଣା କରିଥିବା ସରକାର ଚୁପ୍ ବସିଛନ୍ତି । ଏପରି ସ୍ଥିତିରେ ଫଗୁଣରେ ମହାନଦୀ ଅବସ୍ଥା ଯେଉଁଠି ସଙ୍ଗୀନ, ଆଗାମୀ ବୈଶାଖ ଓ ଜ୍ୟେଷ୍ଠମାସରେ ପରିସ୍ଥିତି କ'ଣ ହେବ ତାହା କଳନା କରାଯାଇ ପାରୁନାହିଁ।

ଗତବର୍ଷ ଆଜିର ଦିନରେ ହୀରାକୁଦ ନଦୀବନ୍ଧର ଜଳସ୍ତର ଥିଲା ୬୨୦.୫୮ ଫୁଟ୍। ମାତ୍ର ଚଳିତବର୍ଷ ହୀରାକୁଦର ଜଳସ୍ତର ଗତବର୍ଷ ତୁଳନାରେ ପାଖାପାଖି ୧ ଫୁଟ୍ କମ ଅର୍ଥାତ୍ ୬୧୯.୬୭ ଫୁଟ୍‌କୁ ହ୍ରାସ ପାଇଛି।। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨୭୨୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଜଳସେଚନ ଓ ଶିଳ୍ପ ବ୍ୟବହାର ସହ ବାଷ୍ପୀଭୂତ ହୋଇ ୮୬୮୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନେଲରେ ୩୧୫୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବାବେଳେ ଜଳସେଚନ ପାଇଁ ବରଗଡ଼ କେନାଲ (୩୬୩୭), ଶାସନ କେନାଲ (୬୩୦) ଓ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ (୧୧୬) ▶ପୃଷ୍ଠା-୭

## ଦକ୍ଷିଣ ଭାରତକୁ ଲୋକସଭା ଆସନ ଚିନ୍ତା

# ଶୀଘ୍ର ଶୀଘ୍ର ପିଲା ଜନ୍ମ କର: ଷ୍ଟାଲିନ୍



■ **ଚନ୍ନାଇ, ୩।୩(ଏଜେନ୍ସି):** ଆସନ୍ତାବର୍ଷ ଜନଗଣନା ହେବାର ସମ୍ଭାବନା ରହିଛି । ଏହି ବର୍ଷ ଭାରତର ଲୋକସଂଖ୍ୟା ୧୪୧ କୋଟି ଟପିଯିବ ବୋଲି ଆକଳନ କରାଯାଇଛି । ଜନସଂଖ୍ୟାକୁ ଆଧାର କରି ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଧାରଣ ହେବ । ଲୋକସଂଖ୍ୟା ଦୃଷ୍ଟିରୁ ତାମିଲନାଡୁ ସମେତ ୫ଟି ଦକ୍ଷିଣ ଭାରତ ରାଜ୍ୟରେ ଲୋକସଭା ନିର୍ବାଚନମଣ୍ଡଳୀ ସଂଖ୍ୟା କମିଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି । ଏହାକୁ ନେଇ ଚିନ୍ତାରେ ଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଶୀଘ୍ର ଶୀଘ୍ର ପିଲା ଜନ୍ମ କରିବାକୁ ନବ-ବିବାହିତ ଦଂପତିମାନଙ୍କୁ ଆହ୍ୱାନ ଜଣାଇଛନ୍ତି ।

ଆଜି ଏଠାରେ ଏକ ବିବାହ ଉତ୍ସବରେ ଯୋଗଦେଇ ସେ କହିଛନ୍ତି ଯେ ବିକାଶ ଉଦ୍ଦେଶ୍ୟରେ ଦକ୍ଷିଣ ଭାରତ ରାଜ୍ୟ ପରିବାର ନିୟୋଜନ ନୀତି କାର୍ଯ୍ୟକାରୀ କରିଛନ୍ତି । କିନ୍ତୁ ଏବେ ଦେଖାଗଲାଣି ଯେ କମ୍ ଲୋକସଂଖ୍ୟା ଯୋଗୁଁ ଲୋକସଭାରେ ଆମର ପ୍ରତିନିଧିଙ୍କ ସଂଖ୍ୟା କମିଯିବ । ଯେଉଁ ରାଜ୍ୟର ଜନସଂଖ୍ୟା ଅଧିକ ସେହି ରାଜ୍ୟକୁ ଅଧିକ ପ୍ରତିନିଧିତ୍ୱ ମିଳିବ । ଅଧିକ ପିଲା ଜନ୍ମ ନକଲେ ଆମକୁ ଅତିକମ୍‌ରେ ୮ଟି ଆସନ ହରାଇବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ▶ପୃଷ୍ଠା-୭

## ସ୍ୱାମୀକୁ ହତ୍ୟା କରି ପୋତିଦେବା ଘଟଣାରେ ନୂଆ ମୋଡ଼

# ମାଟି ଖୋଳି ଶବ ବାହାର କଲା ପୁଲିସ୍; ଶ୍ୱଶୁର ଘରର ୫ ଗିରଫ



■ **ସୁକିନ୍ଦା, ୩।୩(ସମିସ):** ପାରିବାରିକ କଳହରୁ ସ୍ୱାମୀକୁ ହତ୍ୟା କରି ପୋତିଦେବା ଓ ପରେ ମହିଳାଜଣଙ୍କ ଥାନାରେ ଆତ୍ମସମର୍ପଣ କରିବା ଘଟଣା ଆଜି ନୂଆ ମୋଡ଼ ନେଇଛି। ବାବୁଲି ମୁଣ୍ଡାଙ୍କୁ କେବଳ ତାଙ୍କ ପତ୍ନୀ ଗୁମାରୀ ମୁଣ୍ଡା ଆକ୍ରମଣ କରି ହତ୍ୟା କରିନାହାନ୍ତି, ବରଂ ଏଥିରେ ବାବୁଲିଙ୍କ ଶ୍ୱଶୁର ଘରଲୋକଙ୍କ ମଧ୍ୟ ସଂପୃକ୍ତି ଥିବା ପୁଲିସ୍ ଜାଣିବାକୁ ପାଇଛି । ତେଣୁ ସୁକିନ୍ଦା ପୁଲିସ୍ ଆଜି ବାବୁଲିଙ୍କ ସ୍ତ୍ରୀ ଗୁମାରୀଙ୍କ ସମେତ ଶଶୁର ମୋରା ଦେଓଗାମ, ଶାଶୂ ସିନି ଦେଓଗାମ, ଶଳା ରାଜେନ୍ଦ୍ର କାଇକା ଓ ରାମସିଂ ବଦରାକୁ ଗିରଫ କରିଛି। ସଂଘବଦ୍ଧ ଭାବେ ସେମାନେ ବାବୁଲିଙ୍କୁ ଆକ୍ରମଣ କରି ହତ୍ୟା କରିବା ପରେ ଶବକୁ ମାଟି ତଳେ ପୋତି ଦେଇଥିବା ପୁଲିସ୍ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତମାନଙ୍କ ଘର ▶ପୃଷ୍ଠା-୭

# ଏମିତି ଆସିବ କି ଅଲିମ୍ପିକ୍ ମେଡାଲ ?

## ବଜେଟ୍ ବରାଦରୁ ଖର୍ଚ୍ଚ ହୋଇନାହିଁ ୮୦%

■ **ଭୁବନେଶ୍ୱର, ୩।୩ (ସମିସ):** ଆମ ପିଲାମାନେ ବି ଅଲିମ୍ପିକ୍‌ରେ ମେଡାଲ ଆଣିବେ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟକୁ ଗୌରବାନ୍ୱିତ କରିବେ। ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌ରେ ଖେଳ ପଡିଆ ନିର୍ମାଣ ପାଇଁ ୪୧୨୪ କୋଟି ଟଙ୍କା ବ୍ୟୟ କରାଯିବ। ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ସବୁ ସମ୍ଭବ ପଦକ୍ଷେପ ନେବାରେ ସରକାର ପଛଘୁଞ୍ଚା ଦେବେ ନାହିଁ। କ୍ରୀଡ଼ାମନ୍ତ୍ରୀ ବିଭିନ୍ନ ସମୟରେ ଏପରି କଥା କହି ଚାଲିଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ଚଳିତ ଆର୍ଥିକ ବର୍ଷରେ କ୍ରୀଡ଼ା ବିଭାଗ ପାଇଁ ବରାଦ ଅର୍ଥରୁ ୮୦% ଖର୍ଚ୍ଚ ହୋଇ ପାରିନାହିଁ। ଯେଉଁଠି ବଜେଟ୍ ବରାଦ ଅର୍ଥ ଖର୍ଚ୍ଚ କରିବାରେ କ୍ରୀଡ଼ା ବିଭାଗ ଅସମର୍ଥ, ସେଠାରେ

- ▶▶ ଜିଲ୍ଲାରେ ଅଧପନ୍ତରିଆ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ
- ▶▶ ଭାଙ୍ଗୁଛି ତୃଣମୂଳସ୍ତରରେ ପ୍ରତିଭା ବିକାଶ ସ୍ୱପ୍ନ

ଅଲିମ୍ପିକ ମେଡ଼ାଲ କିପରି ଆସିବ ବୋଲି ସ୍ୱାଭାବିକ ଭାବରେ ଉଠିଛି ପ୍ରଶ୍ନ।

୨୦୨୪-୨୫ରେ କ୍ରୀଡ଼ା ବିଭାଗ ନିମନ୍ତେ ବଜେଟ୍ ବରାଦ ଥିଲା ୧୩୧୪ କୋଟି ୧୫ ଲକ୍ଷ ଟଙ୍କା। ସେଥିରୁ ୧୨୧୦ କୋଟି ଟଙ୍କା କେବଳ କାର୍ଯ୍ୟକ୍ରମ ବ୍ୟୟ ପାଇଁ ଉଦ୍ଦିଷ୍ଟ ଥିଲା। ବିଡ଼ମ୍ବନା ହେଉଛି ବିଭାଗ ଅକ୍ଟୋବର ଶେଷ ସୁଦ୍ଧା ମାତ୍ର ୧୦ ପ୍ରତିଶତ ପାଣ୍ଠି ବ୍ୟୟ କରିବାକୁ ସକ୍ଷମ ହୋଇଥିବାବେଳେ ଫେବୃଆରୀ ସୁଦ୍ଧା ଆଉ ୧୦ ପ୍ରତିଶତ ଖର୍ଚ୍ଚ କରିପାରିଛି। ଗୋଟିଏ ପଟେ କ୍ରୀଡ଼ା ବିଭାଗ ଅର୍ଥ ଖର୍ଚ୍ଚ କରିବାରେ ପଛୁଆ ଥିବା ବେଳେ ଆଗାମୀ ଆର୍ଥିକ ବର୍ଷ ପାଇଁ ସରକାର ଆହୁରି ପାଣ୍ଠି ଅଜାଡି ଦେଇଛନ୍ତି। ▶ପୃଷ୍ଠା-୭

## ଭିତରେ...


- ▶▶ ସଂଘର୍ଷରେ ଗଲା ଦନ୍ତାର ଜୀବନ
- ▶▶ ଶବକୁ ବାଇକ୍‌ରେ ବାନ୍ଧି ୩ କିମି ଘୋଷାଡ଼ିଲେ







## ୩୮ ଡିଗ୍ରୀ ଉପରେ ୫ ସହର

■ **ଭୁବନେଶ୍ୱର, ୩।୩ (ସମିସ):** ରାଜ୍ୟରେ ତାପମାତ୍ରା ଉପର ମୁହାଁ ହେବାରେ ଲାଗିଛି। ଲଗାତାର ଦୁଇ ଦିନ ହେବ ରାଜ୍ୟରେ ତାପମାତ୍ରା ୩୮ ଡିଗ୍ରୀ ଛୁଇଁଥିବା ବେଳେ ସୋମବାର ତୃତୀୟ ଦିନ ମଧ୍ୟ ରାଜ୍ୟର ୫ସହରରେ ତାପମାତ୍ରା ୩୮ଡିଗ୍ରୀ ଉପରେ ରହିଛି। ୩୮.୬ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଝାରସୁଗୁଡ଼ା ସାଙ୍ଗକୁ ପାରଳାଖେମୁଣ୍ଡିରେ ମଧ୍ୟ ତାପମାତ୍ରା ୩୮.୬ ଡିଗ୍ରୀ ରେକର୍ଡ ହୋଇଛି। ବଲାଙ୍ଗୀର ▶ପୃଷ୍ଠା-୭

## ସେଣ୍ଟ୍ରିଙ୍ଗ୍ ଖୋଲିବା ବେଳେ ଅଘଟଣ

# ତାଜା ତଳେ ଚାପି ହୋଇ ୨ ଶ୍ରମିକ ମୃତ

■ **ଆସିକା, ୩।୩ (ସମିସ):** ଆସିକା ଥାନା ଅନ୍ତର୍ଗତ କର୍ପୂରା ନୂଆଗାଁରେ ଆଜି ଏକ ଅଘଟଣ ୨ଜଣଙ୍କ ଜୀବନ ନେଇଛି। ଘରର ସେଣ୍ଟ୍ରିଙ୍ଗ୍ ଖୋଲିବା ବେଳେ ତାଜା ତଳେ ଚାପି ହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକମାନେ ହେଲେ, ଆସିକା ବ୍ଲକ୍ ଭେଟନଇ ଗ୍ରାମର ନିରଞ୍ଜନ ମହାନ୍ତି (୪୫) ଓ ଭଞ୍ଜନଗର ଥାନା ଅନ୍ତର୍ଗତ ଗୋଠଣ୍ଡା ଗ୍ରାମର ଖଦାଳ ସେଠୀ(୫୫)। ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନାନୁସାରେ, କର୍ପୂରା ନୂଆଗାଁର ସ୍ୱାଧୀନ ▶ପୃଷ୍ଠା-୭






# ପୁତୁରାଙ୍କୁ ଦଳରୁ ବିଦାକଲେ ମାୟାବତୀ



ଲକ୍ଷ୍ନୌ, ୩।୩ (ଏଜେନ୍ସି): ବହୁଜନ ସମାଜ ପାର୍ଟି (ବିଏସ୍‌ପି) ରେ ଘଡ଼ିକେ ଘୋଡ଼ା ଛୁଟୁଛି । ଏହି ଦଳରେ ମାୟାବତୀଙ୍କ ଉତ୍ତରାଧିକାରୀକୁ ନେଇ ହଙ୍ଗାମା ଲାଗି ରହିଛି । ପୁତୁରାଙ୍କ ଅପାରଗତା ତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟି ଯାଇଛି । ପଶ୍ଚାତାପ କରି ପରିପକ୍ୱତା ଦେଖାଇବା ପରିବର୍ତ୍ତେ ପୁତୁରା ଅହଙ୍କାରୀ ହୋଇଯାଇଛି । ଯେଉଁ ଭଳି ଭାବେ ପ୍ରତିକ୍ରିୟା ଦେଉଛି ତାହା ରାଜନୈତିକ ଅପରିପକ୍ୱତାକୁ ଦର୍ଶାଉଛି । ଶଶୁର ପ୍ରଭାବରେ ଆସି ଆକାଶ ସ୍ୱାର୍ଥୀ ଏବଂ ଅହଙ୍କାରୀ ହୋଇଯାଇଛି ବୋଲି ମାୟାବତୀ ଅଭିଯୋଗ କରିଛନ୍ତି । ଏଥିପାଇଁ ସେ ସୋମବାର ପୁତୁରା ଆକାଶଙ୍କୁ ଦଳରୁ ବହିଷ୍କାର କରିଦେଇଛନ୍ତି । ଗତ ୧୫ ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ ମାୟାବତୀ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । ଏହା ପୂର୍ବରୁ ଦିନକ ତଳେ ଆକାଶଙ୍କୁ ସେ ଦଳର ସବୁ ପଦରୁ ହଟାଇ ଦେଇଥିଲେ । ମାୟାବତୀ କହିଥିଲେ ଯେ ଜୀବିତ ଥିବା ପର୍ଯ୍ୟନ୍ତ ଆଉ କେହି ତାଙ୍କ ଉତ୍ତରାଧିକାରୀ ହେବେ ନାହିଁ । ମୋ ପାଇଁ ଦଳ ଏବଂ ଆନ୍ଦୋଳନ ସର୍ବୋପରି, ଏହା ପରେ ଯାଇ ପରିବାର ଏବଂ ସମ୍ପର୍କୀୟ ଆସୁଛନ୍ତି । ଜୀବିତ ଥିବା ପର୍ଯ୍ୟନ୍ତ ଦଳକୁ ଆଗକୁ ନେବା ପାଇଁ କାର୍ଯ୍ୟ କରିଚାଲିବି ।

ସୂଚନାଯୋଗ୍ୟ ଯେ ଆକାଶ ହେଉଛନ୍ତି ମାୟାବତୀଙ୍କ ସବାସାନ ଭାଇଙ୍କ ପୁଅ । ପ୍ରଥମେ ତାଙ୍କୁ ୨୦୨୩ ଡିସେମ୍ବରରେ ମାୟାବତୀ ଉତ୍ତରାଧିକାରୀ ନିଯୁକ୍ତ କରିଥିଲେ । ମାତ୍ର ଭୁଲ୍‌ଭାଲ ମନ୍ତବ୍ୟ ଦେଉଥିବା ଅଭିଯୋଗ କରି ୨୦୨୪ ମେ' ୭ରେ ତାଙ୍କୁ ହଟାଇ ଦେଇଥିଲେ । ଏହା ପରେ ପୁଣି ୨୦୨୪ ଜୁନ୍ ୨୩ରେ ଆକାଶଙ୍କୁ ଉତ୍ତରାଧିକାରୀ ବନାଇ ଜାତୀୟ ସଂଯୋଜକ ଦାୟିତ୍ୱ ପ୍ରଦାନ କରିଥିଲେ । କିନ୍ତୁ ପୁଣିଥରେ ତାଙ୍କୁ ସୋମବାର ତାଙ୍କୁ ସବୁ ପଦବୀରୁ ହଟାଇ ନେଇଥିଲେ । ମାୟାବତୀ କହିଥିଲେ ଯେ ପୁତୁରା ତା' ଶଶୁର ଅଶୋକ ସିଦ୍ଧାର୍ଥଙ୍କ ଇଙ୍ଗିତରେ କାମ କରୁଛି । ଆକାଶଙ୍କ ରାଜନୈତିକ କ୍ୟାରିୟର ନଷ୍ଟ ହେବାରେ ତାଙ୍କ ଶଶୁର ଦାୟୀ ବୋଲି ବିଏସ୍‌ପି ସୁପ୍ରିମୋ ଅଭିଯୋଗ କରିଥିଲେ ।

# ୨୪ ଲକ୍ଷ ଶିଶୁଙ୍କ ଜୀବନଦାତାଙ୍କ ପରଲୋକ

କାନବେରା, ୩।୩ (ଏଜେନ୍ସି): ଅନ୍ୟ ମୁହଁରେ ହସ ଫୁଟାଇବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ଆନର ହସ ଦେଖି ନିଜେ ହସୁଥିଲେ । ବିଶ୍ୱରେ ଜୀବନଦାତା ସାଜିଥିଲେ । ପ୍ରତି ସପ୍ତାହରେ ରକ୍ତ ଦେଉଥିଲେ । ଆଉ ଏହି ରକ୍ତରୁ ପ୍ରସ୍ତୁତ ଇଞ୍ଜେକ୍ସନ ଦ୍ୱାରା ଅନେକ ଶିଶୁଙ୍କ ଜୀବନ ବଞ୍ଚାଇ ଥିଲେ । ୧୧୭୩ ଥର ରକ୍ତଦାନ କରି



ହଜାରେ କି ଲକ୍ଷେ ନୁହେଁ ୨୪ ଲକ୍ଷ ଶିଶୁଙ୍କୁ ନୂଆ ଜୀବନ ଦେଇଥିଲେ । ଏଭଳି ମହାନ କାର୍ଯ୍ୟ କରି ସାରା ବିଶ୍ୱରେ ନିଆରା ଉଦାହରଣ ସୃଷ୍ଟି କରିଥିବା ଅଷ୍ଟ୍ରେଲିଆ ନାଗରିକ ଜେମ୍ସ ହ୍ୟାରିସନ ଆଉ ଏ ଦୁନିଆରେ ନାହାନ୍ତି । ସେ ଗତ ୧୭ ତାରିଖରେ ନ୍ୟୁ ସାଉଥ୍ ୱେଲ୍ସର ଏକ ନର୍ସିଂ ହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା ।

'ଗୋଲ୍ଡେନ ଆର୍ମ' ଭାବେ ପ୍ରସିଦ୍ଧ ହ୍ୟାରିସନଙ୍କ ରକ୍ତରେ ଏକ ବିରଳ ଆଣ୍ଟିବଡ଼ି ଥିଲା । ଏଥିରୁ ରିସସ ରୋଗରେ ପୀଡ଼ିତ ଗର୍ଭବତୀଙ୍କ ପାଇଁ ଆଣ୍ଟି-ଡି ନାମକ ଇଞ୍ଜେକ୍ସନ ପ୍ରସ୍ତୁତ କରାଯାଉଥିଲା । ସେ ୬୦ ବର୍ଷ ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ରକ୍ତଦାନ କରିଥିଲେ । ୧୪ ବର୍ଷର ହୋଇଥିବା ସମୟରେ ଜେମ୍ସଙ୍କ ଛାତି ଅସ୍ତ୍ରୋପଚାର ହୋଇଥିଲା । ଏଥିପାଇଁ ତାଙ୍କୁ ୧୩ ୟୁନିଟ ରକ୍ତ ଦିଆଯାଇଥିଲା । ଏହି ଘଟଣା ତାଙ୍କୁ ରକ୍ତଦାନ କରିବା ପାଇଁ ପ୍ରେରଣା ଯୋଗାଇ ଥିଲା । ସେ ୧୮ ବର୍ଷ ବୟସରେ ୧୯୫୪ରୁ ରକ୍ତଦାନ କରିବା ଆରମ୍ଭ କରିଥିଲେ । ସେ ଶେଷ ଥର ପାଇଁ ୮୧ ବର୍ଷ ବୟସରେ ରକ୍ତ ଦେଇଥିଲେ । ସେତେବେଳେ ସେ ଦୁଃଖ ପ୍ରକାଶ କରିଥିଲେ । ଦୀର୍ଘଯାତ୍ରା ଅନ୍ତ ଆଜି ହେଲା ବୋଲି ଉଲ୍ଲେଖ କହିଥିଲେ । ସୂଚନା ଅନୁଯାୟୀ ଜେମ୍ସଙ୍କ ରକ୍ତରେ ଥିବା ଆଣ୍ଟି-ଡି ଇମ୍ୟୁନୋଗ୍ଲୋବୁଲିନ ଥିଲା । ଏହି ରକ୍ତରେ ପ୍ରସ୍ତୁତ ଟିକା ଗର୍ଭବତୀଙ୍କୁ ଦିଆଯାଇଥାଏ । ଏହି ଟିକା ନେଲେ ଗର୍ଭସ୍ଥ ଶିଶୁର କ୍ଷତି କରିବା ଭଳି ଆଣ୍ଟିବଡ଼ି ସୃଷ୍ଟି ହୋଇ ନ ଥାଏ । ଆର୍‌ଏଚ୍ ନେଗେଟିଭ ରକ୍ତ ବର୍ଗର ଗର୍ଭବତୀଙ୍କ ଗର୍ଭସ୍ଥ ଶିଶୁର ରକ୍ତ ଆର୍‌ଏଚ୍ ପଜିଟିଭ ହେଲେ ମହିଳାଙ୍କ ଶରୀରର ଲୋହିତ ରକ୍ତ କଣିକାକୁ ଜୀବାଣୁ କିମ୍ବା ଭୂତାଣୁ ଭଳି ଦେଖିଥାଏ । ଏହା ବିପଦର ମୁକାବିଲା ପାଇଁ ଆଣ୍ଟିବଡ଼ି ସୃଷ୍ଟି ହୋଇଥାଏ । ଏହାର ପ୍ରଭାବ ବିପଜ୍ଜନକ ହୋଇପାରେ । ଏହା ଦ୍ୱାରା ଗର୍ଭନଷ୍ଟ, ମୃତଶିଶୁ ଜନ୍ମହେବା କିମ୍ବା ମସ୍ତିଷ୍କ ଖରାପ ହେବାର ସମ୍ଭାବନା ଥାଏ ।

# ୟୁଏଇରେ ଭାରତୀୟ ମହିଳାଙ୍କୁ ଫାଶୀ



୧୩ ଦିନ ପରେ ଜାଣିଲେ ଭାରତ ସରକାର

ନୂଆଦିଲ୍ଲୀ, ୩।୩ (ଏଜେନ୍ସି): ଜଣେ ଭାରତୀୟ ମହିଳାଙ୍କୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଫାଶୀ ଦିଆଯାଇଛି । ଉତ୍ତର ପ୍ରଦେଶ ବାନ୍ଦାର ଏହି ମହିଳା ଶହଜାଦି ଖାନ (୩୩) ଙ୍କ ବିରୋଧରେ ଶିଶୁ (୪) ହତ୍ୟା ମାମଲା ଲାଗିଥିଲା । ସେ ଦୁଇ ବର୍ଷ ହେଲା ଦୁବାଇ ଜେଲ୍‌ରେ ବନ୍ଦୀ ଥିଲେ । କୋର୍ଟ ୪ ମାସ ତଳେ ତାଙ୍କୁ ମୃତ୍ୟୁ ଦଣ୍ଡ ଦେଇଥିଲେ । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଫେବୃଆରୀ ୧୫ରେ ଏହି ମହିଳାଙ୍କୁ ଫାଶୀ ଦିଆଯାଇଥିଲା । ୧୩ ଦିନ ପରେ ଏହାର ସୂଚନା ଭାରତୀୟ ଦୂତାବାସ ପାଇଥିଲା । ବିଦେଶ ମନ୍ତ୍ରାଳୟ ପକ୍ଷରୁ ସୋମବାର ଦିଲ୍ଲୀ ହାଇକୋର୍ଟଙ୍କୁ ଏହି ସୂଚନା ଦିଆଯାଇଛି । ୫ ତାରିଖରେ ମହିଳାଙ୍କ ଅନ୍ତିମ ସଂସ୍କାର ହେବ ବୋଲି କୁହାଯାଇଛି । ମହିଳାଙ୍କ ସମ୍ପର୍କୀୟଙ୍କୁ ଆବୁଧାବି ଯିବାରେ ସହାୟତା ଦିଆଯିବ ବୋଲି ଦୂତାବାସ ପକ୍ଷରୁ କୋର୍ଟଙ୍କୁ ସୂଚନା ଦିଆଯାଇଛି । ଦୁଇ ଦିନ ତଳେ ଶହଜାଦିଙ୍କ ବାପା ଏହି ମାମଲାରେ ବିଦେଶ ମନ୍ତ୍ରାଳୟର ହସ୍ତକ୍ଷେପ ଦାବି କରି ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଏର କରିଥିଲେ । ଆବେଦନରେ ପିତା ଦର୍ଶାଇ ଥିଲେ ଯେ ଗତ ୧୪ ତାରିଖରେ ଝିଅ ତାଙ୍କୁ ଫୋନ୍ କରି ଜେଲ୍‌ରୁ ହସ୍ପିଟାଲକୁ ନେଇଥିବା କହିଥିଲେ । ତାଙ୍କୁ ଫାଶୀଦଣ୍ଡ ଦିଆଯିବ । ଆବୁଧାବି ଆଇନ ଅନୁଯାୟୀ କ୍ଷମାଦେବାକୁ ବାପା ବିଦେଶ ମନ୍ତ୍ରାଳୟକୁ ଚିଠି ଲେଖି ଅନୁରୋଧ କରିଥିଲେ । ମାତ୍ର ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ସୂଚନା ଅନୁଯାୟୀ ଶହଜାଦି ବାନ୍ଦା ଅନ୍ତର୍ଗତ ଗୋୟରା ମୁଗଲି ଗ୍ରାମର ବାସିନ୍ଦା । ପିଲାଦିନେ ତାଙ୍କର ଗୋଟି ପାଖ ମୁହଁ ପୋଡ଼ି ଯାଇଥିଲା । ୨୦୨୧ରେ ଫେସବୁକ୍‌ରେ ଆଗ୍ରାର ଉଜୈର ସହ ତାଙ୍କର ଭେଟ ହୋଇଥିଲା । ଉଜୈର ତାଙ୍କୁ ପ୍ରେମଜାଲରେ ଫସାଇ ଚିକିତ୍ସା କରାଇବା ନାମରେ ଦୁବାଇ ନେଇଥିଲା । ୨୦୨୧ ନଭେମ୍ବରରେ ଶେହଜାଦିଙ୍କୁ ସେ ବିକ୍ରି କରିଦେଇଥିଲେ ।

# ରୋହିତ ଶର୍ମାଙ୍କୁ ନେଇ ରାଜନୀତି

ନୂଆଦିଲ୍ଲୀ, ୩।୩ (ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫିରେ ଭାରତୀୟ କ୍ରିକେଟ ଟିମ୍ ଭଲ ପ୍ରଦର୍ଶନ କରୁଛି । ଅପରାଜେୟ ରହି ସେମି ଫାଇନାଲ ପ୍ରବେଶ କରିଛି । ଦୁବାଇ ରଣାଙ୍ଗନରେ ଟିମ୍ ମଙ୍ଗଳବାର ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଛି । ଏହା ପୂର୍ବରୁ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ନେଇ ବିବାଦ ହୋଇଛି । ତେବେ ଖରାପ ପ୍ରଦର୍ଶନ ପାଇଁ ନୁହେଁ, ବରଂ ଫିଟନେସ୍ ଏବଂ ଅଧିନାୟକତ୍ୱ ପାଇଁ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଶାମା ମହମ୍ମଦ ତାଙ୍କ ଉପରେ ପ୍ରଶ୍ନ ଉଠାଇ ହଟହଟା ହୋଇଛନ୍ତି । ସେ ସୋସିଆଲ ମିଡିଆରେ ଏଭଳି କିଛି ମନ୍ତବ୍ୟ ଦେଇଛନ୍ତି ଯାହାକୁ ତୀବ୍ର ସମାଲୋଚନା କରାଯାଉଛି । ଚାରିଆଡ଼ୁ ସମାଲୋଚନାର ସରବ୍ୟ ହେବା ପରେ ଶମାଙ୍କୁ କଂଗ୍ରେସ ଚେତାବନୀ ଦେଇଛି । ଏହା ପରେ ସେ ପୋଷ୍ଟକୁ ହଟାଇବାକୁ ବାଧ ହୋଇଛନ୍ତି । ଆଉ ସ୍ପଷ୍ଟୀକରଣ ଦେଇ ରୋହିତଙ୍କୁ ଅପମାନିତ କରି ନ ଥିବା କହିଛନ୍ତି ।

**ମୋଟା କହି କଂଗ୍ରେସ ପ୍ରବକ୍ତା ହଟହଟା**

**ଘେରିଲେ ବିରୋଧୀ**

**କେନ୍ଦ୍ର ମନ୍ତ୍ରୀଙ୍କ ନାପସନ୍ଦ**





ଶାମା ଲେଖିଥିଲେ ଯେ ଜଣେ ଖେଳାଳି ଭାବେ ରୋହିତ ଶର୍ମା ବହୁତ ଅଧିକ ମୋଟା । ସେ ନିଜ ଓଜନ କମ୍ କରିବା ଆବଶ୍ୟକ । ଏତିକିରେ ବି ଶାମା ଅଟକି ଯାଇ ନ ଥିଲେ । ସେ ରୋହିତଙ୍କୁ ସବୁଠାରୁ ନିରାଶ କରିଥିବା ଭାରତୀୟ ଅଧିନାୟକ କହିଥିଲେ । ସେ ରୋହିତଙ୍କୁ ପୂର୍ବତନ କ୍ରିକେଟରଙ୍କ ସହ ତୁଳନା କରିଥିଲେ । ଆଉ କହିଥିଲେ ଯେ ସୌରଭ ଗାଙ୍ଗୁଲି, ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ଼, ମହେନ୍ଦ୍ର ସିଂହ ଧୋନି, ବିରାଟ କୋହଲି, କପିଲ ଦେବ ଏବଂ ରବି ଶାସ୍ତ୍ରୀଙ୍କ ପରି ଶ୍ରେଷ୍ଠ ଖେଳାଳିଙ୍କ ତୁଳନାରେ ରୋହିତ ପାଖରେ ଏପରି କ'ଣ ବିଶ୍ୱ ରେକର୍ଡ ରହିଛି । ସେ ଖାଲି ସୌଭାଗ୍ୟବଶତଃ ଭାରତୀୟ ଟିମ୍‌ର ଅଧିନାୟକ ହୋଇଯାଇଛନ୍ତି । ଏହାକୁ ବିଜେପି ପକ୍ଷରୁ ସମାଲୋଚନା କରାଯାଇଛି । ନିଜସ୍ୱ ପ୍ରଚେଷ୍ଟାରେ ପ୍ରତିଷ୍ଠା ପାଇଥିବା ରୋହିତଙ୍କ ପ୍ରତି ଏହା ଅପମାନ ଏବଂ ଶାରୀରିକ ଗଠନକୁ ନେଇ ପ୍ରଶ୍ନ ଉଠାଇବା ଲଜ୍ଜାଜନକ ବୋଲି କୁହାଯାଇଥିଲା । ସେହିପରି ବିଜେପି ନେତା ଶହଜାଦ ପୁନାୱାଲା କହିଥିଲେ ଯେ ଯେଉଁମାନେ ରାହୁଲ ଗାନ୍ଧୀଙ୍କ ଅଧିନାୟକତ୍ୱରେ ୯୦ ନିର୍ବାଚନ ହାରିଲେଣି ସେମାନେ ରୋହିତଙ୍କ ଅଧିନାୟକତ୍ୱକୁ ବେକାର କହୁଛନ୍ତି । ଏହା ପରେ କଂଗ୍ରେସ ପକ୍ଷରୁ କୁହାଯାଇଥିଲା ଯେ ଦଳ ସବୁ ଖେଳାଳିଙ୍କୁ ସମ୍ମାନ କରୁଛି । ରୋହିତଙ୍କ ସମ୍ବନ୍ଧିତ ପୋଷ୍ଟ ହଟାଇବା ପାଇଁ ଶାମାଙ୍କୁ କୁହାଯାଇଛି । ଏହା ଦଳୀୟ ଏଜେଣ୍ଡା ବିରୋଧୀ । ଭବିଷ୍ୟତରେ ସାବଧାନତା ଅବଲମ୍ବନ କରିବାକୁ ସତର୍କ କରିଦିଆଯାଇଛି । ଏହା ପରେ ଶାମା ପୋଷ୍ଟ ହଟାଇ ନେଇଥିଲେ ।

ଏ ବିଷୟରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ଯେ ଖେଳାଳିଙ୍କୁ କଂଗ୍ରେସ ଏବଂ ଟିଏମ୍‌ସିକୁ ଏକାକୀ ଛାଡ଼ିଦେବା ଉଚିତ । ଖେଳାଳି ନିଜ ପ୍ରୋଫାଇଲକୁ ନିଜେ ସମ୍ଭାଳିବାକୁ ସକ୍ଷମ । ଏହି ଦଳର ନେତା ଖେଳାଳିଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେବା ଏବଂ ଟିମ୍ ଉପରେ ପ୍ରଶ୍ନ ଉଠାଇବା ଲଜ୍ଜା ଏବଂ ନୈରାଶ୍ୟଜନକ । ଅନ୍ତର୍ଜାତୀୟସ୍ତରରେ ଦେଶର ନାମ ରଖିବାକୁ ଖେଳାଳି ଆପ୍ରାଣ ଉଦ୍ୟମ କରୁଛନ୍ତି । ଏଭଳି ମନ୍ତବ୍ୟ ତାଙ୍କର ପରିଶ୍ରମ ଏବଂ ଯୋଗଦାନକୁ ହ୍ରାସ କରୁଛି । ଚାରିଆଡ଼ୁ ସମାଲୋଚନା ଶୁଣିବା ପରେ ଶାମା ନିଜ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି । ଶରୀର ଗଠନକୁ ନେଇ ସେ ଟିପ୍ପଣୀ ଦେଇନାହାନ୍ତି । ଜଣେ ଖେଳାଳି ଭାବେ ତାଙ୍କ ଓଜନ ଅଧିକ । ତାଙ୍କୁ ପ୍ରଭାବହୀନ ଅଧିନାୟକ କହିଥିଲି । କାରଣ ଅନ୍ୟ ଅଧିନାୟକଙ୍କ ସହ ତାଙ୍କୁ ତୁଳନା କରିଥିଲି ।

### ରଣବୀର ଆହ୍ଲାବାଦିଆଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

# ଶୋ' ଆରମ୍ଭ କରିବାକୁ ମିଳିଲା ଅନୁମତି

ନୂଆଦିଲ୍ଲୀ, ୩।୩ (ଏଜେନ୍ସି): 'ଇଣ୍ଡିଆଜ ଗଟ ଲାଟେଣ୍ଟ' ଶୋ'ରେ ମାତାପିତାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ସାରା ଦେଶରେ ସମାଲୋଚନାର ଶରବ୍ୟ ହୋଇଥିବା ୟୁଟ୍ୟୁବର ରଣବୀର ଆହ୍ଲାବାଦିଆଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ତିନୋଟି ସର୍ତ୍ତରେ ତାଙ୍କୁ ପୁଣି ଥରେ 'ଦି ରଣବୀର ଶୋ' ଆରମ୍ଭ କରିବାକୁ ସୁପ୍ରିମକୋର୍ଟ ସୋମବାର

**ଶାଳୀନତା ବଜାୟ ରଖିବାକୁ ପରାମର୍ଶ**

**ସମୟ ରୈନାଙ୍କୁ ଚେତାବନୀ**

ଅନୁମତି ଦେଇଛନ୍ତି । ଏହି ମାମଲା ସମ୍ପର୍କରେ କୌଣସି ଟିପ୍ପଣୀ ନ ଦେବାକୁ, ଦେଶ ଛାଡ଼ି ନ ଯିବାକୁ ଏବଂ ସବୁ ଆୟୁ ବର୍ଗଙ୍କ ପାଇଁ ଭିଡିଓ ପ୍ରସ୍ତୁତ କରିବାର ସତ୍ୟପାଠ ଦାଖଲ କରିବାକୁ କୋର୍ଟ ତାଙ୍କୁ କହିଛନ୍ତି । ଏଥିସହିତ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତାଙ୍କ ଗିରଫ ଉପରେ କଟକଣା ଲଗାଇ ଦେଇଛନ୍ତି । ଗୌହାଟୀରେ ଯାଞ୍ଚରେ ସାମିଲ ହେବାକୁ ରଣବୀରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ କେନ୍ଦ୍ର



ସରକାରଙ୍କୁ ନୋଟିସ ଜାରି କରି ଏନ୍ କୋଟିଶ୍ୱର ସିଂହ ଏବଂ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ବଡ଼ ନିର୍ଦ୍ଦେଶ ଦେଇଛନ୍ତି । ଅନଲାଇନ ସାମଗ୍ରୀଗୁଡ଼ିକର ପରିଚାଳନା କରିବାକୁ କହିଛନ୍ତି । ଏଥିପାଇଁ ସମ୍ବନ୍ଧିତ ପକ୍ଷଠାରୁ ରାୟ ମାଗିବାକୁ ପରାମର୍ଶ ଦେଇଛନ୍ତି ।

ପୂର୍ବରୁ ସୁପ୍ରିମକୋର୍ଟ ଏହି ଶୋ' ଉପରେ କଟକଣା ଲଗାଇ ଦେଇଥିଲେ । ଏହା ସହ ୨୮୦ କର୍ମଚାରୀଙ୍କ ଜୀବିକା ନିର୍ଭର କରୁଛି ଦର୍ଶାଇ ରଣବୀର ଶୋ' କଟକଣା ହଟାଇବାକୁ ନିବେଦନ କରିଥିଲେ । କିନ୍ତୁ ଏହାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବିରୋଧ କରିଥିଲେ । ରଣବୀର ଦେଇଥିବା ମନ୍ତବ୍ୟକୁ ବିକୃତ ଏବଂ ଅଶ୍ଳୀଳ ଦର୍ଶାଇ ତାଙ୍କ ନିଜ ଶୋ'କୁ ଆଉ କିଛି ଦିନ ପାଇଁ ବନ୍ଦ ରଖାଯାଉ ବୋଲି କହିଥିଲେ । ଶୁଣାଣି ସମୟରେ ଖଣ୍ଡପୀଠ ରଣବୀରଙ୍କ ଅନ୍ୟତମ ସହଯୋଗୀ ସମୟ ରୈନା କାନାଡ଼ାରେ ଦେଇଥିବା ମନ୍ତବ୍ୟକୁ ସମାଲୋଚନା କରିଥିଲେ । ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ଏହି ଯୁବକ ବହୁତ କିଛି ଜାଣିଛି (ଓଭରସ୍ମାର୍ଟ) ବୋଲି ଭାବୁଛି । ସଠିକ ବ୍ୟବହାର କରନ୍ତୁ, ନଚେତ୍ କେମିତି ଠିକ୍ କରାଯିବ ତାହା ସୁପ୍ରିମକୋର୍ଟଙ୍କୁ ଜଣାଅଛି ବୋଲି କହିଛନ୍ତି ।

## ବିଚାରପତି ହୋଇପାରିବେ ଦୃଷ୍ଟିବାଧିତ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩।୩ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ପୂର୍ବ ରାୟକୁ ଖାରଜ କରି ଦୃଷ୍ଟିବାଧିତ ଲୋକ ବିଚାରପତି ହେବାକୁ ଯୋଗ୍ୟ ବୋଲି ଜଷ୍ଟିସ ଜେବି ପାରଦିୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି । ଅକ୍ଷମତା ଲାଗି କାହାକୁ ନ୍ୟାୟିକ ସେବା ପରୀକ୍ଷା ଦେବାକୁ ଅଟକା ଯାଇପାରିବ ନାହିଁ । ଏଥିରେ କୌଣସି ଭେଦଭାବ ହେବ ନାହିଁ । ଏ ଦିଗରେ ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ମଧ୍ୟପ୍ରଦେଶ ହାଇକୋର୍ଟ ଅକ୍ଷମତା ଲାଗି ଏହି ପରୀକ୍ଷାରେ ସାମିଲ ହେବା ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ ।

## କଂଗ୍ରେସ ନେତ୍ରୀଙ୍କୁ ହତ୍ୟା କରିଥିଲେ ଫେସ୍‌ବୁକ ବନ୍ଧୁ

ରୋହତକ, ୩।୩ (ଏଜେନ୍ସି): ହରିୟାଣା ରୋହତକରେ କଂଗ୍ରେସ ନେତ୍ରୀ ହିମାନୀ ନରୱାଲଙ୍କୁ ମାମଲାରେ ତାଙ୍କ ଫେସବୁକ ବନ୍ଧୁ ସଚିନକୁ ପୁଲିସ ଗିରଫ କରିଛି । ସେ ହରିୟାଣା ବାହାଦୁରଗଡ଼ର ବାସିନ୍ଦା । ଜେରା ସମୟରେ ସେ ଚାଞ୍ଚଲ୍ୟକର ତଥ୍ୟ ଦେଇଛି । ସେ କହିଛି ଯେ ହିମାନୀ ବ୍ଲାକମେଲ୍ କରୁଥିଲେ । ଟଙ୍କା ପାଇଁ ଧମକାଉଥିଲେ । ପୂର୍ବରୁ ସେ ମୋଠାରୁ ଅନେକ ଟଙ୍କା ଦେଇ ସାରିଥିବା ବେଳେ ଆହୁରି ଟଙ୍କା ଦେବାକୁ କହୁଥିଲେ । ଏଥିରେ ବିରକ୍ତ ହୋଇ ସେ ତାଙ୍କୁ ମୋବାଇଲ ଚାର୍ଜରେ ତଣ୍ଟିଚିପି ହତ୍ୟା କରିଥିଲା । ପରେ ଏକ ସୁଟକେସରେ ଭର୍ତ୍ତି କରି ବସ୍ ଷ୍ଟାଣ୍ଡରେ ରଖି ଦେଇଥିଲା । ହତ୍ୟା ଦିନ ରାତି (ଫେବୃାରୀ ୨୭)ରେ ସେ ହିମାନୀଙ୍କ ସହ ତାଙ୍କ ଘରେ ଥିଲା । କୌଣସି ପ୍ରସଙ୍ଗକୁ ନେଇ ଝଗଡ଼ା ହେବାରୁ ଏଭଳି ଜଘନ୍ୟ କାଣ୍ଡ ଘଟାଇ ଥିଲା । ସେ ସୁଟ୍‌କେସ ନେଉଥିବାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ସ୍ଥାନୀୟ ଲୋକମାନେ ନୀଳ ସୁଟକେସ୍ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ ।

# ଆଇଆଇଟି ବାବା ଗିରଫ

ଜୟପୁର, ୩।୩ (ଏଜେନ୍ସି): ମହାକୁମ୍ଭରେ ଚର୍ଚ୍ଚାକୁ ଆସିଥିବା ଆଇଆଇଟି ବାବା ଅଭୟ ସିଂହଙ୍କୁ ଜୟପୁର ପୁଲିସ ଗିରଫ କରିଛି । ତେବେ କିଛି ସମୟ ପରେ ତାଙ୍କୁ ଜାମିନରେ ଛାଡ଼ି ଦିଆଯାଇଛି । ପୁଲିସ ତାଙ୍କ ନିକଟରୁ ଗଞ୍ଜେଇ ଜବତ କରିଥିଲା । ଏହାକୁ ନେଇ



ଏନଡିପିଏସ ଆଇନ ଅଧିନରେ ମାମଲା ରୁଜୁ କରାଯାଇଥିଲା । ସୂଚନା ଅନୁଯାୟୀ ଅଭୟ ସିଂହ ସୋସିଆଲ ମିଡିଆରେ ଆତ୍ମହତ୍ୟା ଧମକ ଦେଇଥିଲେ । ଏହା ପରେ ଶିପ୍ରା ପଥ ପୁଲିସ ରିଦ୍ଧି ସିଦ୍ଧି ପାର୍କରେ ଥିବା କ୍ଲାସିକ୍ ହୋଟେଲରେ ପହଞ୍ଚି ଆଇଆଇଟି ବାବାଙ୍କୁ ହେପାଜତକୁ ନେଇଥିଲା । ଏହା ପୂର୍ବରୁ ଫେବ୍ରୁଆରି ୨୮ରେ ନୋଏଡାରେ ଏକ ଘରୋଇ ଚ୍ୟାନେଲର ସମ୍ବାଦ ବିତର୍କ କାର୍ଯ୍ୟକ୍ରମରେ ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ସିଂହ ଅଭିଯୋଗ କରିଥିଲେ । ସେ କହିଥିଲେ ଯେ କିଛି ଗେରୁଆ ପୋଷାକ ପିନ୍ଧିଥିବା ଲୋକ ସମ୍ବାଦଗୃହକୁ ଆସି ତାଙ୍କ ସହିତ ଦୁର୍ବ୍ୟବହାର କରିଥିଲେ । ତାଙ୍କୁ ବାଡ଼ିରେ ପିଟିଥିଲେ । ଏହାକୁ ବିରୋଧ କରି ‹ଆଇଆଇଟି ବାବା› ସେକ୍ଟର ୧୨୬ରେ ଥିବା ପୁଲିସ ଆଉଟପୋଷ୍ଟ ବାହାରେ ନ୍ୟାୟ ଦାବି କରି ଧାରଣା ଦେଇଥିଲେ । କିନ୍ତୁ ପରେ ପୁଲିସ ତାଙ୍କୁ ବୁଝାଇବାରୁ ସେ ପ୍ରତିବାଦ ପ୍ରତ୍ୟାହାର କରି ନେଇଥିଲେ ।

## ଜୋର୍ଡାନ ସୀମାରେ ଭାରତୀୟଙ୍କୁ ଗୁଳି

ନୂଆଦିଲ୍ଲୀ, ୩।୩ (ଏଜେନ୍ସି): ଇସ୍ରାଏଲ-ଜୋର୍ଡାନ ସୀମାରେ ଜଣେ ଭାରତୀୟ ନାଗରିକଙ୍କୁ ଜୋର୍ଡାନ ସୈନିକ ଗୁଳି ମାରିଦେଇଛନ୍ତି । ଏଥିରେ କେରଳ ଥୁମ୍ବାର ଏନି ଥୋମାସ ଗେବ୍ରିଏଲ (୪୭) ପ୍ରାଣ ହରାଇଛନ୍ତି । ଗତ ୧୦ ତାରିଖରେ ଏହି ଘଟଣା ଘଟିଥିବାବେଳେ ଏବେ ତାହା ସାମ୍ନାକୁ ଆସିଛି । ଜୋର୍ଡାନ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଏ ନେଇ ପୀଡ଼ିତଙ୍କ ପରିବାର ସଦସ୍ୟଙ୍କୁ ସୂଚନା ଦିଆଯାଇଛି । ତାଙ୍କ ମୃତଦେହ ଭାରତ ଆଣିବାକୁ ପ୍ରୟାସ କରାଯାଉଛି । ସୂଚନା ଅନୁଯାୟୀ ଥୋମାସ ନିଜ ସମ୍ପର୍କୀୟ ସମେତ ୪ ଜଣଙ୍କ ସହ ଗତ ୫ ତାରିଖରେ ଜୋର୍ଡାନ ଯାଇଥିଲେ । ଇସ୍ରାଏଲ ସୀମା ପାର କରିବା ବେଆଇନ ଭାବେ ଜୋର୍ଡାନ ସୀମାରେ ପ୍ରବେଶ କରିବାକୁ ପ୍ରୟାସ କରୁଥିଲେ । ଏହି ସମୟରେ ଜୋର୍ଡାନ ସୈନିକ ତାଙ୍କୁ ଧରି ନେଇଥିଲେ । କିନ୍ତୁ ଭାଷା ଜାଣି ନ ଥିବାରୁ ଗୁଳି ମାରି ଦେଇଥିଲେ । ଏଥିରେ ଥୋମାସଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ତିନି ଜଣ ଆହତ ହୋଇଛନ୍ତି । ଜୋର୍ଡାନରୁ ପ୍ରତ୍ୟର୍ପିତ ହୋଇଥିବା ଥୋମାସଙ୍କ ଜଣେ ସମ୍ପର୍କୀୟ ଏଡିସନ(୪୩) ନିକଟରେ ଭାରତରେ ପହଞ୍ଚିଥିଲେ । ତାଙ୍କ ଗୋଡ଼ରେ ଗୁଳିମାଡ଼ ବାଜିଥିଲା । ଚିକିତ୍ସା ପରେ ତାଙ୍କୁ ଭାରତ ପଠାଇ ଦିଆଯାଇଛି । ଆଉ ୨ ଜଣ ଏବେ ଜୋର୍ଡାନ ଜେଲ୍‌ରେ ଅଛନ୍ତି । ଥୋମାସ, ଏଡିସନ ଓ ବାକି ୨ ଜଣଙ୍କୁ ଗୋଟିଏ ଏଜେନ୍ସି ପକ୍ଷରୁ ଇସ୍ରାଏଲରେ କାମ କରିବାକୁ ଭିସା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ।

## ଭାରତରେ ୬୩୦୦ ଡଲ୍‌ଫିନ

ନୂଆଦିଲ୍ଲୀ, ୩।୩ (ଏଜେନ୍ସି): ଭାରତରେ ଏବେ ୬, ୩୨୪ ଡଲ୍‌ଫିନ ଅଛନ୍ତି । ଗଙ୍ଗା, ବ୍ରହ୍ମପୁତ୍ର ଏବଂ ସିନ୍ଧୁ ନଦୀରେ ଏହି ସବୁ ଡଲ୍‌ଫିନ ରହିଛନ୍ତି । 'ପ୍ରୋଜେକ୍ଟ ଡଲ୍‌ଫିନ୍' ଅଧିନରେ ଉତ୍ତର ପ୍ରଦେଶ, ବିହାର, ଝାଡଖଣ୍ଡ, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଆସାମ ଏବଂ ପଞ୍ଜାବରେ ହୋଇଥିବା ସର୍ଭେରୁ ଏହା ଜଣାପଡ଼ିଛି । ସୋମବାର ସରକାରଙ୍କ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି ଯେ ଡଲ୍‌ଫିନ ଗଣନାକୁ ନେଇ ହୋଇଥିବା ଏହା ବିଶ୍ୱର ସବୁଠାରୁ ବଡ଼ ମଧୁର ଜଳ ସର୍ଭେ । ଏଥିରେ ଗଙ୍ଗା ଏବଂ ବ୍ରହ୍ମପୁତ୍ର ନଦୀରେ ଥିବା ଡଲ୍‌ଫିନ୍‌ଙ୍କ ସମ୍ପୂର୍ଣ୍ଣ ପ୍ରଜାତି ବିଷୟରେ ଗଣନା କରାଯାଇଥିଲା । ଏହା ସହିତ ବ୍ୟାସ ନଦୀରେ ଥିବା ସିନ୍ଧୁ ନଦୀର ଡଲ୍‌ଫିନକୁ ମଧ୍ୟ ଗଣତି କରାଯାଇଥିଲା । ୨୦୨୦ ଅଗଷ୍ଟ ୧୫ରେ ଏହି ପ୍ରୋଜେକ୍ଟ ଡଲ୍‌ଫିନ ଆରମ୍ଭ କରାଯାଇଥିଲା । ୨୦୨୧ରୁ ୨୦୨୩ ମଧ୍ୟରେ ୮ ହଜାର କିମିରୁ ଅଧିକ କ୍ଷେତ୍ରରେ ସର୍ଭେ କରାଗଲାଣି ।

## ରାମ ମନ୍ଦିରରେ ଆକ୍ରମଣ ଷଡ଼ଯନ୍ତ୍ର

ଫରିଦାବାଦ, ୩।୩ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଉପରେ ଆକ୍ରମଣ କରିବାକୁ ଆତଙ୍କବାଦୀ ଷଡ଼ଯନ୍ତ୍ର କରୁଥିବା ଜଣାପଡ଼ିଛି । ହରିୟାଣା ଫରିଦାବାଦ ଗୁଜରାଟ ଏସଟିଏଫ ଜଣେ ଆତଙ୍କବାଦୀକୁ ଗିରଫ କରିଛି । ତା' ନିକଟରୁ ଦୁଇଟି ହ୍ୟାଣ୍ଡ ଗ୍ରେନେଡ୍ ଜବତ ହୋଇଛି । ଏହାକୁ ଫରିଦାବାଦରେ ସୁରକ୍ଷା ଏଜେନ୍ସି ନିଷ୍କ୍ରିୟ କରିଦେଇଛି । ଜେରା ସମୟରେ ସେ ରାମ ମନ୍ଦିରକୁ ନିଶାଣ କରାଯାଇଥିବା କହିଛି । ସୂଚନା ଅନୁଯାୟୀ ଗିରଫ ଆତଙ୍କବାଦୀ ଅବଦୁଲ ରେହମାନ ଆଇଏସଆଇ ସହ ଯୋଗାଯୋଗରେ ଥିଲା । ସେ ଫୈଜାବାଦରେ ଏକ ମଟନ ଦୋକାନ ଚଳାଉଥିଲା ଏବଂ ଅଟୋ ଡ୍ରାଇଭର ଭାବେ କାମ କରୁଥିଲା । ସେ ଆକ୍ରମଣ ଯୋଜନା ପାଇଁ ଅନେକ ଥର ଅଯୋଧ୍ୟାର ରାମ ମନ୍ଦିରର ରେକି କରିଥିଲା । ସମସ୍ତ ସୂଚନା ପାକିସ୍ତାନ ଆଇଏସଆଇକୁ ଦେଇଥିଲା । ସେ ଫୈଜାବାଦରୁ ଟ୍ରେନ୍ ଯୋଗେ ଫରିଦାବାଦରେ ପହଞ୍ଚି ଜଣେ ହ୍ୟାଣ୍ଡଲରଠାରୁ ହ୍ୟାଣ୍ଡଗ୍ରେନେଡ୍ ନେଇଥିଲା । ଏହାକୁ ନେଇ ସେ ଅଯୋଧ୍ୟାରେ ଆକ୍ରମଣ କରିବାକୁ ଯୋଜନା କରିଥିଲା ।

# ୫ ଓସ୍କାର ହାତେଇଲା 'ଅନୋରା' ଚଳଚ୍ଚିତ୍ର



ଲସ୍ ଆଞ୍ଜେଲସ୍, ୩।୩ (ଏଜେନ୍ସି): ଆମେରିକା ଲସ୍ ଆଞ୍ଜେଲସ୍‌ର ଡଲ୍‌ବି ଥିଏଟରରେ ରବିବାର ୯୭ତମ ଓସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୩ଟି ବର୍ଗ ପାଇଁ ଓସ୍କାର ପୁରସ୍କାର ଦିଆଯାଇଛି । ତେବେ ସମସ୍ତେ ଖୁସିରେ ନାଚୁଥିବାବେଳେ ଅଚାନକ୍ ଭୂକମ୍ପ ହୋଇଛି । ଏହା ଜାଣି ସମସ୍ତେ କିଛି ସମୟ ପାଇଁ ଅଟକି ଯାଇଥିଲେ । ରିଚର ସ୍କେଲରେ ଏହାର ତୀବ୍ରତା ୩.୯ ରେକର୍ଡ କରାଯାଇଥିଲା । ପରେ ପୁଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଇତିହାସରେ ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମର ଉପସ୍ଥାପକ କେନନ ଓବ୍ରାଅନ ହିନ୍ଦୀ କହିଛନ୍ତି । ସେ ଭାରତୀୟ ଦର୍ଶକଙ୍କୁ ଶୁଭେଚ୍ଛା ଜଣାଇ ନମସ୍କାର କହିଛନ୍ତି । ସକାଳ ହୋଇଥିବାରୁ ଭାରତୀୟ ଦର୍ଶକ ଜଳଖିଆ ଖାଇବା ସହ ଓସ୍କାର କାର୍ଯ୍ୟକ୍ରମ ଦେଖୁଥିବା ଉଲ୍ଲେଖ କରିଛନ୍ତି ।

ଏହି ଉତ୍ସବରେ ସିନ୍ ବକେରଙ୍କ ଚଳଚ୍ଚିତ୍ର 'ଅନୋରା'

- **ପ୍ରଥମ ଥର ପାଇଁ ହିନ୍ଦୀ କହିଲେ ଉପସ୍ଥାପକ**
- **ମିକି ମାଡିସନ ଶ୍ରେଷ୍ଠ ଅଭିନେତ୍ରୀ**

ଛାଇ ରହିଥିଲା । ଯୌନ କର୍ମୀଙ୍କ ଉପରେ ପର୍ଯ୍ୟବେସିତ ଏହି କାହାଣୀ ୫ଟି ବର୍ଗରେ ଓସ୍କାର ଜିତିଛି । ଏହି ଚଳଚ୍ଚିତ୍ର ପାଇଁ ମିକି ମାଡିସନ ଶ୍ରେଷ୍ଠ ଅଭିନେତ୍ରୀ ହୋଇଛନ୍ତି । ଏହା ବ୍ୟତୀତ ଅନୋରା ବେଷ୍ଟ ପିକ୍ଚର, ବେଷ୍ଟ ଡିରେକ୍ସନ, ବେଷ୍ଟ ସ୍କ୍ରିନ୍‌ପ୍ଲେ, ବେଷ୍ଟ ଏଡିଟିଂ ପାଇଁ ଓସ୍କାର ହାତେଇଛି । ସେହିପରି ଫିଲ୍ମ 'ଦ ବ୍ରୁଟାଲିଷ୍ଟ' ତିନୋଟି ପୁରସ୍କାର ହାତେଇଛି । ଏହି ଚଳଚ୍ଚିତ୍ର ପାଇଁ ଆଡ୍ରିଏନ ବଡି ଶ୍ରେଷ୍ଠ ଅଭିନେତା ଓସ୍କାର ପାଇଛନ୍ତି । ଏହା ତାଙ୍କର ଦ୍ୱିତୀୟ ଓସ୍କାର ଥିଲା । ଏଥିପାଇଁ ବଲିଉଡ ଅଭିନେତା ସୋନୁ ସୁଦ୍ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ବ୍ୟତୀତ ଜୋ ସଲଡାନା 'ଏମିଲିଆ ପ୍ୟାରେଜ' ପାଇଁ ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ପୁରସ୍କାର ହାତେଇଛନ୍ତି । ସେ ଓସ୍କାର ଗ୍ରହଣ କରିବା ସମୟରେ ନିଜ ମାଆଙ୍କ ସ୍ୱରରେ କଥା ହୋଇ ସମସ୍ତଙ୍କୁ ଚମକାଇ ଦେଇଛନ୍ତି । ଭାରତର ଏକମାତ୍ର ଚଳଚ୍ଚିତ୍ର ଭାବେ 'ଅନୁଜା' (ବେଷ୍ଟ ଲାଇଭ ଆକ୍ସନ ସର୍ଟ ଫିଲ୍ମ) ମନୋନୀତ ହୋଇଥିଲା । କିନ୍ତୁ ଏହା କୌଣସି ପୁରସ୍କାର ହାତେଇବାରେ ସଫଳ ହୋଇ ନ ଥିଲା ।

# ମନ୍ତ୍ରୀଙ୍କ ବିତଣ୍ଡା ଯୁକ୍ତି
# ନୂଆଁଖାଇ ପାଇଁ ବଢୁଛି ଦାଦନ

**ବଲାଙ୍ଗିର,୩।୩(ସମିସ):** କ୍ଷମତାକୁ ଆସିଲେ ବିଜେପି ଦାଦନ ବନ୍ଦ କରିଦେବ। ଲୋକମାନେ ଆଉ ଦାଦନ ଖଟିବାକୁ ଯିବେ ନାହିଁ । ନିର୍ବାଚନ ପୂର୍ବରୁ ବିଜେପି ନେତାମାନେ ଏମିତି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ରାଜ୍ୟରେ ସରକାର ଗଠନ ପରେ ଦାଦନ ନୀତି କେବଳ ଟାସ୍କ ଫୋର୍ସ ଗଠନରେ ଅଟକି ଯାଇଛି । ଲୋକ ଦାଦନ ଖଟିବାକୁ ଯାଇ ପଙ୍ଗୁ ହୋଇ ଫେରୁଛନ୍ତି, କିଏ ପୁଣି ଶବ ହୋଇ ଫେରୁଛି ଚାରି କାନ୍ଧରେ । ଦାଦନ ସର୍ଦ୍ଦାର ଅମାନବୀୟ ଅତ୍ୟାଚାରରେ ଜୀବନ ବିକଳରେ ଚିତ୍କାର କରୁଥିବା ଶିଶୁ, ମହିଳା, ବୟସ୍କଙ୍କ ଆଖିର ଲୁହ ଯିଏ ଦେଖିଛି ସେ ଜାଣିଛି ଦାଦନ ଦୁଃଖ କଣ। ମାତ୍ର ବିଡ଼ମ୍ବନା ହେଉଛି ଦାଦନ ରୋକିବାରେ ସରକାର ଅସମର୍ଥ ହୋଇଥିଲେ ହେଁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ନୂଆଁଖାଇ ପାଇଁ ଲୋକମାନେ ଦାଦନ ଯାଉଥିବା ନେଇ ବିତଣ୍ଡା ଯୁକ୍ତି ବାଢ଼ିଛନ୍ତି । ଯାହାକୁ ନେଇ ସାରା ପଶ୍ଚିମ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ବିଧାୟକ କଳିକେଶ ସିଂହଦେଓ ଓ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ମନ୍ତ୍ରୀ ଶ୍ରୀ ନାୟକ ଓ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।

ରବିବାର ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ନାୟକଙ୍କ ସହ ସାଂସଦ ସଙ୍ଗୀତା ସିଂହଦେଓ ଉପସ୍ଥିତ ଥିଲେ। ଏହି ସମୟରେ ସାମ୍ବାଦିକଙ୍କ ଦାଦନ ସଂକ୍ରାନ୍ତ ଏକ ପ୍ରଶ୍ନ ଉତ୍ତର ଦେବା ଅବସରରେ ମନ୍ତ୍ରୀ ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପର୍ବ ପାଳନ ପାଇଁ ଲୋକେ ଦାଦନ ଯାଉଛନ୍ତି ବୋଲି କହିଛନ୍ତି। ମାତ୍ର ମନ୍ତ୍ରୀଙ୍କ ଏହି କଥା ପଶ୍ଚିମଓଡ଼ିଶାବାସୀଙ୍କୁ ପ୍ରଚଣ୍ଡ ଆଘାତ ଦେଇଛି। ସରକାର ଦାଦନ ରୋକିବାରେ ନିଜ ବିଫଳତା ପାଇଁ ନୂଆଁଖାଇକୁ ଦାୟୀ କରୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଚଳିତବର୍ଷ ବେଆଇନ ଭାବରେ ପ୍ରାୟ ୩ଲକ୍ଷ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଚାଲାଣ ହୋଇଥିବା ବିଧାୟକ କଳିକେଶ ନାରାୟଣ ସିଂଦେଓ

- ସର୍ବସାଧାରଣରେ ମନ୍ତ୍ରୀ କ୍ଷମା ମାଗିବା ଆବଶ୍ୟକ: ନରସିଂହ
- ପଶ୍ଚିମଓଡ଼ିଶାର ଭାବାବେଗ ଉପରେ ଆଘାତ: କଳିକେଶ

ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ନିଜ କଥା ରଖି ପାରି ନାହାନ୍ତି, ଦାଦନ ରୋକିବାରେ ଅସମର୍ଥ ହୋଇଛନ୍ତି; ଆଉ ଏବେ ନୂଆଖାଇ ପର୍ବ ପାଳନକୁ ଇଙ୍ଗିତ କରି ପଶ୍ଚିମ ଓଡ଼ିଶାର ସଂସ୍କୃତିକୁ ଅପମାନିତ କରିଛନ୍ତି ବୋଲି କଳିକେଶ କହିଛନ୍ତି। ଅନୁରୂପ ଭାବରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ମଧ୍ୟ ମନ୍ତ୍ରୀଙ୍କ ବକ୍ତବ୍ୟକୁ ନିନ୍ଦା କରିବା ସହ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନୂଆଖାଇ ପାଇଁ ଦାଦନ ସମସ୍ୟା ମନ୍ତବ୍ୟକୁ ନେଇ ସର୍ବସାଧାରଣରେ କ୍ଷମା ମାଗିବାକୁ ଦାବି କରିଛନ୍ତି। ଏସରକାର କେବଳ କଥାକୁହା ସରକାର, ପଶ୍ଚିମ ଓଡ଼ିଶାବାସୀ ଏକଥା ଜାଣିଲେ ବିଜେପିକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ନରସିଂହ କହିଛନ୍ତି।

ସେହିପରି ମନ୍ତ୍ରୀଙ୍କ ଟିପ୍ପଣୀ ସାଧାରଣ ଲୋକଙ୍କୁ ବି କ୍ଷୁବ୍ଧ କରିଛି। ମାଳମାଳ ମିଛ ପ୍ରତିଶ୍ରୁତି ଦେଇ ଶାସନ କ୍ଷମତା ହାତେଇବା ପରେ ବିଜେପି ଦଳ ଏବେ ତାର ଅସଲ ରୂପ ଦେଖାଇବା ଆରମ୍ଭ କରିଛି ବୋଲି ସାଧାରଣ ଲୋକମାନେ ଅଭିଯୋଗ କରିଛନ୍ତି । ଦାଦନ ଗଡ଼ କୁହାଯାଉଥିବା ପାଟଣାଗଡ଼ ନିର୍ବାଚନମଣ୍ଡଳୀରୁ ନିଜେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନିର୍ବାଚିତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ଦାଦନ ଚାଲାଣ ରୋକିବାକୁ ଏକ ଟାସ୍କଫୋର୍ସ ଗଠନ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଗୋଟିଏ ବି ବୈଠକ ବସିନାହିଁ। ସରକାର ଲୋକଙ୍କୁ ରୋଜଗାର ଦେବାରେ ବିଫଳ ହେବା ପରେ ଏବେ ଦାଦନ ଦୋଷ ଢ଼ାଙ୍କିବାକୁ ଗଣପର୍ବ ନୂଆଁଖାଇକୁ ଦୋଷଦେବା କେତେ ଗ୍ରହଣୀୟ ବୋଲି ଲୋକମାନେ କହିଛନ୍ତି ।

## ପୂର୍ବତନ ୱାର୍ଡ ମେମ୍ବରଙ୍କୁ ବୀଭତ୍ସ ହତ୍ୟା
# ଶବକୁ ବାଇକ୍‌ରେ ବାନ୍ଧି ୩ କିମି ଘୋଷାଡ଼ିଲେ



**ମୋହନା,୩।୩(ସମିସ):** ଜଣେ ଯୁବକଙ୍କୁ ହତ୍ୟା କରିବା ପରେ ବାଇକ୍‌ରେ ଶବକୁ ବାନ୍ଧି ୩ କିମି ଘୋଷାଡ଼ି ଘୋଷାଡ଼ି ନେଇ ପାଖ ଗାଁରେ ଫିଙ୍ଗିଦେଲେ। ଗଜପତି ଜିଲ୍ଲା ଅଡ଼ବା ଥାନା ଅଞ୍ଚଳରେ ଏପରି ଏକ ଲୋମହର୍ଷକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ତୁଆବାଡ଼ି ଗାଁର ତିରିସା ମୁଠାମାଝୀ(୪୫) । ଅଡ଼ବା ପୁଲିସ୍ ତୁଆବାଡ଼ିଠାରୁ ୩ କିମି ଦୂର କଟାମା ଗାଁ ନିକଟରୁ ତାଙ୍କ ରକ୍ତଜୁଡ଼ୁବୁଡ଼ୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଗତବର୍ଷ ସଂଘଟିତ ସିମନ ମାଝୀ ହତ୍ୟା ଘଟଣାର ତିରିସା ସାକ୍ଷୀ ଥିଲେ। ଏହି କାରଣରୁ ଦୁର୍ବୃତ୍ତମାନେ ତାଙ୍କୁ ଏମିତି ବୀଭତ୍ସ ଭାବେ ହତ୍ୟା କରିଥିବା ପରିବାରଲୋକ ଅଭିଯୋଗ କରିଛନ୍ତି। ପୁଲିସ୍ ଏକ ମାମଲା ରୁଜୁ କରି ଛାନଭିନ୍ ଆରମ୍ଭ କରିଛି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ରବିବାର ତିରିସା କୌଣସି କାମରେ ବାଇକ୍‌ରେ ପାଣିଗଣ୍ଡା ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନଫେରିବାରୁ ପରିବାରଲୋକ ବହୁ ଖୋଜାଖୋଜି କରି ପାଇନଥିଲେ। ତେବେ ସୋମବାର ସକାଳେ କଟାମା ଗାଁ ନିକଟରେ ତାଙ୍କ ନିଜ ବାଇକ୍ ପାଖରେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଲୋକେ ଦେଖି ପରିବାରଲୋକଙ୍କୁ ଖବର ଦେଇଥିଲେ। ପୂର୍ବ ଶତ୍ରୁତାରୁ ହିଁ ତାଙ୍କୁ କେହି ହତ୍ୟା କରିଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ହତ୍ୟା ପରେ ତାଙ୍କ ନିଜ ବାଇକ୍‌ରେ ମୃତଦେହକୁ ବାନ୍ଧି ଘୋଷାଡ଼ି ଘୋଷାଡ଼ି ଆଣି ଗାଁଠାରୁ ପ୍ରାୟ ୩ କିଲୋମିଟର ଦୂର କଟାମା ଗାଁ ନିକଟରେ ଫିଙ୍ଗି ଦେଇଛନ୍ତି ଦୁର୍ବୃତ୍ତ।

ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ଉତ୍ତ୍ୟକ୍ତ ଲୋକେ ପାଣିଗଣ୍ଡା ନିକଟରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଅଡ଼ବା-ବ୍ରାହ୍ମଣୀଗାଁ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ପୁଲିସ୍ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଗର୍ଭପାତ ଆବେଦନକୁ ଅନୁମତି

**କଟକ, ୩।୩ (ସମିସ):** ଦୁଷ୍କର୍ମ ପୀଡ଼ିତା ଜଣେ ୧୩ବର୍ଷୀୟା ନାବାଳିକାର ଗର୍ଭପାତ ପାଇଁ ଅନୁମତି ଲୋଡ଼ି ତା'ର ପିତାଙ୍କ ପକ୍ଷରୁ ଦାୟର ମାମଲାରେ ଆଜି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାରେ ଉଭୟ ଗର୍ଭପାତ ଓ ଗର୍ଭଧାରଣ କରି ସନ୍ତାନ ଜନ୍ମ ଦେବା ଉଭୟ କ୍ଷେତ୍ରରେ ବିପଦ ଆଶଙ୍କା ରହିଛି। ଆଇନ ସମ୍ମୁଖରେ ଦୁଇଟି କଠିନ ବିକଳ୍ପ ରହିଥିଲେ ସୁଦ୍ଧା କମ୍ କ୍ଷତି ହେଉଥିବା ବିକଳ୍ପକୁ ଗ୍ରହଣ କରାଯିବା ଉଚିତ। ୧୩ ବର୍ଷୀୟା ନାବାଳିକାକୁ ସନ୍ତାନ ଜନ୍ମ ପର୍ଯ୍ୟନ୍ତ ଗର୍ଭଧାରଣ କରିବା ପାଇଁ ବାଧ୍ୟ କରିବା ତା'ର ଶରୀର ଓ ମନ ପ୍ରତି ଏକ ଅସହନୀୟ ବୋଝ ହେବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଉପରୋକ୍ତ ଆବେଦନକୁ ଅନୁମତି ଦେବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ଏଥିପାଇଁ ଆବଶ୍ୟକ ପ୍ରକ୍ରିୟା ବିଳମ୍ବ ନକରି ସମାପନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପଟରେ ଗର୍ଭପାତ ପ୍ରସଙ୍ଗରେ ଏସ୍‌ଓପି (ମାନକ ସଂଚାଳନ ପ୍ରକ୍ରିୟା) ପ୍ରଣୟନ ସହ ଏହାକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସ୍ତ୍ରୀ

## ସ୍ୱତନ୍ତ୍ର ଏସଓପି ପ୍ରଣୟନ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଓ ପ୍ରସୂତି ରୋଗ, ପ୍ରଜନନ ସ୍ୱାସ୍ଥ୍ୟ ବିଭାଗର ବିଶେଷଜ୍ଞଙ୍କ ସମେତ ଚିକିତ୍ସା ବିଜ୍ଞାନ ସହିତ ଜଡ଼ିତ ଆଇନ ବିଶାରଦଙ୍କ ପରାମର୍ଶରେ ଏହି ଏସ୍‌ଓପି ପ୍ରସ୍ତୁତ କରାଯିବ। ଏସ୍‌ଓପି ପ୍ରସ୍ତୁତ ହେବା ପରେ ଏହାକୁ ସମସ୍ତ ଘରୋଇ ଓ ସରକାରୀ ଚିକିତ୍ସା ପ୍ରତିଷ୍ଠାନ ଉଦ୍ଦେଶ୍ୟରେ ବିଜ୍ଞପ୍ତି ଜରିଆରେ ପ୍ରକାଶ କରାଯିବ। ସେହିଭଳି ଅନାବଶ୍ୟକ ବିଳମ୍ବ ଓ ପୀଡ଼ିତା ସମ୍ମୁଖୀନ ହେଉଥିବା ଆଇନଗତ ସମସ୍ୟାକୁ ଏଡ଼ାଇବା ପାଇଁ ଏଥିରେ ଧ୍ୟାନ ଦିଆଯିବ। ନାବାଳିକାଙ୍କ କ୍ଷେତ୍ରରେ ଦକ୍ଷ ମନୋବିଜ୍ଞାନୀଙ୍କୁ ନିୟୋଜିତ କରାଯାଇ କାଉନସେଲିଂ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହି ଏସ୍‌ଓପି କାର୍ଯ୍ୟକାରୀ ହେଉଛି କି ନାହିଁ, ତାହାର ନିୟମିତ ସମୀକ୍ଷା କରିବ।

ଅନ୍ୟପଟରେ, ଏଭଳି ସମ୍ବେଦନଶୀଳ ପ୍ରସଂଗରେ ପୁଲିସ ଥାନା ଗୁଡ଼ିକୁ ସଚେତନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ। ବିଶେଷକରି ବେଆଇନ ଗର୍ଭଧାରଣ ପ୍ରସଂଗରେ ପୁଲିସ୍ ଥାନାଗୁଡ଼ିକ ନିକଟସ୍ଥ ଆଇନ ସେବା ପ୍ରାଧିକରଣ ଓ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କଠାରୁ ଆଇନଗତ ପରାମର୍ଶ ଗ୍ରହଣ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ପ୍ରକାଶଥାଉକି, ସିକିଲସେଲ ଆନେମିଆ ସହ ଅପସ୍ମାରରେ ଆକ୍ରାନ୍ତ ୧୩ ବର୍ଷୀୟା ଅନୁସୂଚିତ ଜନଜାତି ନାବାଳିକାଜଣକ ତାଙ୍କ ସହିତ ହୋଇଥିବା ଦୁଷ୍କର୍ମ ପାଇଁ ଗର୍ଭବତୀ ହୋଇଥିଲେ। ଗର୍ଭଧାରଣ ୨୬ ସପ୍ତାହ ଅତିକ୍ରାନ୍ତ କରି ସାରିଥିବାରୁ ନାବାଳିକାଙ୍କ ସ୍ଥିତିର ଆକଳନ ସହିତ ଗର୍ଭପାତ ପାଇଁ ବ୍ୟବସ୍ଥା କରିବାକୁ ମେଡିକାଲ ବୋର୍ଡ ଗଠନ ଲାଗି ଏମ୍‌କେସିଜି ମେଡିକାଲର ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ନାବାଳିକାଙ୍କ ପିତା ହାଇକୋର୍ଟରେ ମାମଲା ଦାୟର କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମେଡିକାଲ ବୋର୍ଡ ଗଠନ କରାଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରିପୋର୍ଟ ଦିଆଯାଇଥିଲା। ଉଭୟ ଗର୍ଭଧାରଣ ଓ ଗର୍ଭପାତ ଜଟିଳ ଥିବା ଦର୍ଶାଯାଇଥିଲା। ରାଜ୍ୟ ସରକାରଙ୍କ ତରଫରୁ ଦାଖଲ ତଥ୍ୟ ଓ ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ଅଦାଲତ ରାୟ ସଂରକ୍ଷିତ ରଖିଥିଲେ, ଯାହା ଆଜି ପ୍ରକାଶ ପାଇଛି।

# ପ୍ରଚଣ୍ଡ ଶବ୍ଦରେ ଥରିଲା ୪ ଜିଲ୍ଲା

**ଯାଜପୁର/ଆନନ୍ଦପୁର/ରାମଚନ୍ଦ୍ରପୁର/ବାରିପଦା/ଭଦ୍ରକ,୩।୩(ସମିସ):** ଯାଜପୁର, କେନ୍ଦୁଝର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନ ଆଜି ଅପରାହ୍ନରେ ପ୍ରଚଣ୍ଡ ବିସ୍ଫୋରଣରେ ଥରିଛି। ତେବେ କେଉଁ କାରଣରୁ ଓ କେଉଁଠାରୁ ଏ ବିସ୍ଫୋରଣ ଶବ୍ଦ ଆସିଲା, ତାହା ଜଣାପଡ଼ିନାହିଁ। ଶବ୍ଦର ପ୍ରକୋପ ଏତେ ଜୋର୍ ଥିଲା ଯେ ଘରଦ୍ୱାର ଦୋହଲି ଯାଇଥିଲା। ଲୋକେ ଘରୁ ବାହାରକୁ ଧାଇଁ ଆସିଥିଲେ। ସମସ୍ତେ ଆତଙ୍କିତ ହୋଇପଡ଼ିଥିଲେ। କେହି କେହି ଏହାକୁ ଭୂମିକମ୍ପ କହୁଥିବା ବେଳେ କେହି କେହି ଉଲ୍‌କାପାତ ବୋଲି ମତ ଦେଇଛନ୍ତି। ବିଗତ ଦିନରେ ପୁରୀରେ ଆୟୋଜିତ ସମରାଭ୍ୟାସ ସମୟରେ ଜେଟ୍ ବିମାନ ଯିବା ସମୟରେ ଏଭଳି ଶବ୍ଦ ଶୁଭାଯାଉଥିଲା। ସେହିଭଳି କୌଣସି ଜେଟ୍ ବିମାନ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ଆକାଶ ମାର୍ଗରେ ସୁପରସୋନିକ ବିମାନ ଯିବା ପରେ ବାୟୁରେ ସୃଷ୍ଟି ଶୂନ୍ୟ ସ୍ଥାନ ପୂରଣ ଜନିତ ଶବ୍ଦ ବା ନିର୍ଦ୍ଦିଷ୍ଟ ଭାବେ କିଛି ପରୀକ୍ଷଣ ଜନିତ ଶବ୍ଦ, ତାହାର ସ୍ପଷ୍ଟ ତଥ୍ୟ ମିଳିପାରିନାହିଁ। ତେବେ ଏପର୍ଯ୍ୟନ୍ତ ଏହି ଶବ୍ଦର ପ୍ରକୃତ କାରଣ ଜଣାପଡ଼ିନାହିଁ।

**କାରଣ ଅସ୍ପଷ୍ଟ; ଲୋକେ ଭୟଭୀତ**

# ଏପ୍ରିଲ୍ ୨୪ରେ ପାଳନ ହେବ ପଞ୍ଚାୟତିରାଜ ଦିବସ
## ମାର୍ଚ୍ଚ ୫ ସରକାରୀ ଛୁଟିକୁ ବାତିଲ କଲେ ରାଜ୍ୟ ସରକାର

**ଭୁବନେଶ୍ୱର,୩।୩(ସମିସ):** ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସରେ ସରକାରୀ ଛୁଟିକୁ ବାତିଲ କରିଛନ୍ତି ରାଜ୍ୟ ସରକାର। ଏହା ସହିତ ମାର୍ଚ୍ଚ ୫ ତାରିଖ ବଦଳରେ ଏପ୍ରିଲ୍ ୨୪ ତାରିଖରେ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳନ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ସୋମବାର ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

- ପଞ୍ଚାୟତିରାଜ ବିଭାଗ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ
- ଆଡ଼ମ୍ବର ସହ ମାର୍ଚ୍ଚ ୫ରେ ପାଳନ କରାଯିବ ବିଜୁ ଜୟନ୍ତୀ

ସରକାରଙ୍କ ପକ୍ଷରୁ ପ୍ରକାଶିତ ପ୍ରେସ ବିବୃତିରେ କୁହାଯାଇଛି ଯେ ପ୍ରତି ବର୍ଷ ଏପ୍ରିଲ ୨୪ ତାରିଖକୁ ଜାତୀୟ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଏ। ଏହି ଦିନ ବିଭିନ୍ନ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କୁ ପୁରସ୍କାର ପ୍ରଦାନ, ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପୁରସ୍କାର ଆଦି ପ୍ରଦାନ ହୋଇଥାଏ। ପଞ୍ଚାୟତିରାଜ ଦିବସ ପାଳନରେ ଜାତୀୟ ଓ ରାଜ୍ୟସ୍ତରରେ ଥିବା ଏହି ଅସଂଗତି ଦୂର କରିବା ପାଇଁ ଓଡିଶାରେ ମାର୍ଚ୍ଚ ୫ ତାରିଖକୁ ଆଉ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରା ନ ଯାଇ ଏପ୍ରିଲ୍ ୨୪ ତାରିଖରେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପଞ୍ଚାୟତିରାଜ ଦିବସ ସାଙ୍ଗକୁ ଏପ୍ରିଲ୍ ୨୪ରେ ଲୋକସେବା ଦିବସ ମଧ୍ୟ ପାଳନ କରାଯିବ। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ଅନ୍ୟପଟେ ମାର୍ଚ୍ଚ ୫ ତାରିଖ, ଓଡ଼ିଶାର ମହାନ ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ଏହାକୁ ରାଜ୍ୟ ସରକାର ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଦିବସକୁ ସରକାରୀ ଛୁଟି ଭାବେ ପାଳନ କରାଯିବ ନାହିଁ ବୋଲି ଏହି ବିବୃତିରେ କୁହାଯାଇଛି ।

# ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ହେଉ: କଂଗ୍ରେସ

**ଭୁବନେଶ୍ୱର,୩।୩(ସମିସ):** ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ନ ହେବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ। ଶ୍ରୀ କାଡାମ କହିଛନ୍ତି ଯେ ବହୁ ପୂର୍ବରୁ ବିଜୁ ଜୟନ୍ତୀ ମାର୍ଚ୍ଚ ୫ ରେ ପଞ୍ଚାୟତିରାଜ ଦିବସ ପାଳନ ହୋଇ ଆସୁଛି। ଏଥର ବି ହେବା ଦରକାର। ସରକାର ବଦଳିଲେ କଣ ନିଷ୍ପତ୍ତି ବଦଳି ଯିବ କି ବୋଲି ପ୍ରଶ୍ନ କରିବା ସହ ସରକାର ଏହାକୁ ପୂର୍ବଭଳି ପାଳନ କରିବା ଉଚିତ ବୋଲି ଶ୍ରୀ କାଡାମ୍ କହିଛନ୍ତି।

# ମହାନ୍ ରାଷ୍ଟ୍ରନୀତିଜ୍ଞଙ୍କୁ ଅସମ୍ମାନ: ବିଜେଡି
## ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ଭିତ୍ତି ରଖିଥିଲେ ବିଜୁ ବାବୁ

**ଭୁବନେଶ୍ୱର,୩।୩(ସମିସ):** ଓଡିଶାରେ ସରକାର ବଦଳିବା ସହିତ ପୂଜ୍ୟପୂଜା ପରମ୍ପରା ବଦଳି ଯାଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନକୁ ରାଜ୍ୟରେ ନବେ ଦଶକରୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିବା ବେଳେ, ବର୍ତ୍ତମାନର ରାଜ୍ୟ ସରକାର ଏହାକୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇ ଜଣେ ସମ୍ମାନସ୍ପଦ ମହାନ ରାଷ୍ଟ୍ରନାୟକଙ୍କୁ ଅସମ୍ମାନ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ଆଜି ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ କୁମାର ଦାସବର୍ମା ରାଜ୍ୟ ତଥା ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନରେ ପଛଘୁଞ୍ଚା ଦେବାକୁ ନେଇ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ ବ୍ୟବସ୍ଥା ପ୍ରତିଷ୍ଠାର ମୁଖ୍ୟ କର୍ଣ୍ଣଧାର ଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ଡଃ ବଳବନ୍ତ ରାୟ ମେହେଟ୍ଟାଙ୍କୁ ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ଜନକ କୁହାଯାଉଥିବା ବେଳେ ଏହି ବ୍ୟବସ୍ଥାକୁ ସୁଦୃଢ଼ ତଥା ସଫଳ ରୂପାୟନ କରିବା କ୍ଷେତ୍ରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। ୧୯୬୧ ମସିହାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଶ୍ରୀ ପଟ୍ଟନାୟକ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଗ୍ରାମାଞ୍ଚଳରେ ମାନବ ସମ୍ବଳ ଓ କୁଟୀର ଶିଳ୍ପର ବିକାଶ ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୯୦ ମସିହାରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ପରେ, ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୂଳଦୁଆ ପକାଇଥିଲେ ଏବଂ ଜିଲ୍ଲାପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ପାଇଁ ରାଜ୍ୟ ବିଧାନସଭାରେ ବିଲ୍ ପାରିତ କରିଥିଲେ। ବିଜୁ ବାବୁଙ୍କର ଏହି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ନିଷ୍ପତ୍ତି ୧୯୯୨ ମସିହାରେ ସମ୍ବିଧାନର ୭୪ତମ ସଂଶୋଧନ ମାଧ୍ୟମରେ ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯାଇଥିଲା। ବିଜୁ ବାବୁଙ୍କ ଦୂରଦର୍ଶୀ ନିଷ୍ପତ୍ତି



ଫଳରେ ଏହି ବ୍ୟବସ୍ଥାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହୋଇପାରିଥିଲା। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଏହି ଅବଦାନକୁ ସ୍ମରଣୀୟ କରିବା ପାଇଁ ରାଜ୍ୟରେ ବିଜୁ ବାବୁଙ୍କ ଜନ୍ମଦିନରେ ଅର୍ଥାତ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ ହୋଇଆସୁଛି। ବିଜୁ ବାବୁଙ୍କ ଭଳି ଜଣେ ରାଷ୍ଟ୍ରନୀତିଜ୍ଞ, ଯିଏ ୩ଟି ଦେଶର ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ ଏବଂ ଯାହାଙ୍କ ମରଶରୀରରେ ୩ଟି ଦେଶର ଜାତୀୟ ପତାକା ଶୋଭା ପାଇଥିଲା, ସେଭଳି ଜଣେ ବ୍ୟକ୍ତିତ୍ୱଙ୍କ ଅବଦାନକୁ ସମ୍ମାନ ଜଣାଇବାରେ କୁଣ୍ଠାବୋଧ କରିବା ରାଜ୍ୟ ବିଜେପି ସରକାରଙ୍କ ଅସୂୟାଭାବ ଓ ହୀନମନ୍ୟତାର ପରିଚୟ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ସରକାର ଏକ ନିରନ୍ତର ପ୍ରକ୍ରିୟା। ନବେ ଦଶକ ପରେ ସରକାର ବଦଳିଛି, କିନ୍ତୁ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ନିରନ୍ତର ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ପାଳିତ ହୋଇଆସୁଛି। ଦୁର୍ଭାଗ୍ୟର ବିଷୟ ହେଉଛି ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ ହେଉଥିବା ମାର୍ଚ୍ଚ ୫ ତାରିଖ ପରିବର୍ତ୍ତେ ଏପ୍ରିଲ ୨୪ ତାରିଖରେ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିଜୁ ପଟ୍ଟନାୟକ କେବଳ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୁହନ୍ତି, ଦେଶର ଜଣେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ। ତାଙ୍କ ପରଲୋକରେ ୩ ଦେଶର ଜାତୀୟ ପତାକା ଅବନମିତ କରାଯାଇଥିଲା । ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନରେ ତାଙ୍କର ଅବଦାନ ଯଥେଷ୍ଟ ବେଶୀ। ତେଣୁ ରାଜ୍ୟ ସରକାର ନିଜ ଅହଂକାର ପ୍ରଦର୍ଶନ କରି ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ଅତ୍ୟନ୍ତ କ୍ଷୋଭର ବିଷୟ । ତେଣୁ ପୂର୍ବ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁଯାୟୀ ମାର୍ଚ୍ଚ ୫ ତାରିଖରେ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ ପାଇଁ ତୁରନ୍ତ ନିର୍ଦ୍ଦେଶନାମା ଜାରି କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି ।

# ଦାଗୀ ସଂସ୍ଥାକୁ ପୁଲିସ ଏସ୍‌ଆଇ ପରୀକ୍ଷା ଦାୟିତ୍ୱ
## ସରକାରୀ ଚାକିରି ବିକ୍ରି ପାଇଁ ଚାଲିଛି ମସୁଧା: ଯୁବ କଂଗ୍ରେସ

**ଭୁବନେଶ୍ୱର, ୩।୩(ସମିସ):** ସରକାର ଚାକିରି ବିକ୍ରି କରିବାକୁ ମସୁଧା କରୁଛନ୍ତି। ବିଭିନ୍ନ ରାଜ୍ୟର ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଦୁର୍ନୀତି କରିଥିବା ଓ ନିନ୍ଦିତ ହୋଇଥିବା ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେଇ ରାଜ୍ୟ ସରକାର ନିଜ ପକେଟ ଭରିବାକୁ ଉଦ୍ୟମ କରିଛନ୍ତି। ଆଗକୁ ପୁଲିସ୍ ଏସ୍‌ଆଇ ପରୀକ୍ଷା ଥିବାବେଳେ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଆଇଟିଆଇ ଲିମିଟେଡ୍ ଏହାର ଟେଣ୍ଡର ପାଇଛି। ମାତ୍ର ରାଷ୍ଟ୍ରାୟତ୍ତ ସଂସ୍ଥା ନିଜେ ପରୀକ୍ଷା ନ କରି ରିଚମାଇଣ୍ଡ ଡିଜିଟାଲ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀକୁ ସବ୍ କଣ୍ଟ୍ରାକ୍ଟ ଦେଇଛି। ଏହି ସଂସ୍ଥା ପୂର୍ବରୁ ଏକାଧିକ ନିଯୁକ୍ତି ପରୀକ୍ଷାରେ ଘୋଟାଲା କରିଛି। ଗୁଜୁରାଟରେ ଜିପିଏସ୍‌ଏସ୍‌ବି ପରୀକ୍ଷାରେ ବ୍ୟାପକ ଘୋଟାଲା କରିଥିବାରୁ ଏହାର ମୁଖ୍ୟ ନିଶିକାନ୍ତ ସିହ୍ନା ଅତୀତରେ ଜେଲ ଯାଇଛନ୍ତି। ଏପରିକି ବର୍ତ୍ତମାନ୍ ସେ ସିବିଆଇ, ଏଟିଏସ୍, ରାଜ୍ୟ ପୁଲିସ୍ ଓ ଗୁଜୁରାଟ୍ ଏସ୍‌ଟିଏଫ୍‌ର ତଦନ୍ତ ପରିସରଭୁକ୍ତ ଅଛନ୍ତି। ଏପରି ଏକ ଦାଗୀ କମ୍ପାନୀକୁ ପୁଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କଂଗ୍ରେସ କହିଛି।

ପୂର୍ବତନ ପ୍ରଦେଶ କଂଗ୍ରେସ ଛାତ୍ର ସଭାପତି ୟାସିର୍ ନୱାଜ୍ କହିଛନ୍ତି ଯେ, ରିଚମାଇଣ୍ଡ ଡିଜିଟାଲ୍ ଏକ ଦାଗୀ କମ୍ପାନୀ । ଏବେ ମାଲିକାନା ବଦଳାଇ ଓଡ଼ିଶାରେ ନିଯୁକ୍ତି ପରୀକ୍ଷା କରିବାକୁ ଯାଇଛି । ଜେଲ୍ ଯାଇଥିବା ନିଶିକାନ୍ତ ସିହ୍ନାଙ୍କ ପତ୍ନୀ ରିତୁ ନିଶିକାନ୍ତ ସିହ୍ନା ବର୍ତ୍ତମାନ ଏହି କମ୍ପାନୀର ମାଲିକ ଅଛନ୍ତି। ପ୍ରଶ୍ନପତ୍ର ପ୍ରଘଟ, ନମ୍ବର ବଢ଼ାଚଢ଼ା କରିବା, ଚାକିରି ଦେବାକୁ ଲାଞ୍ଚ ନେବା ଆଦି ଅଭିଯୋଗ ଥିବା ଏକ ସଂସ୍ଥାକୁ କାହିଁକି ଏସ୍‌ଆଇ ପରୀକ୍ଷା କରିବାକୁ ଦିଆଯାଇଛି ବୋଲି ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି। ୨୦୨୨ରେ ମଧ୍ୟ ଏହି ସଂସ୍ଥା ଓଡ଼ିଶା ପୁଲିସ୍ ଏସ୍‌ଆଇ ପରୀକ୍ଷା କରିବାରେ ଦୁଇଥର ବିଫଳ ହୋଇଛି। ସିବିଟି ପରୀକ୍ଷା ହେବାକୁ ସ୍ଥିର ହୋଇଥିବାବେଳେ ସର୍ଭର କାରଣରୁ ଅନ୍‌ଲାଇନ୍ ପରୀକ୍ଷା କରିପାରି ନଥିଲା। ଶେଷରେ ଅଫଲାଇନ୍ ପରୀକ୍ଷା ହୋଇଥିଲା। ପୁଣି ପୂର୍ବରୁ ପରୀକ୍ଷାର୍ଥୀଙ୍କ ପିଛା ୨୬୬ ଟଙ୍କାରେ ପରୀକ୍ଷା ହେଉଥିବାବେଳେ ଚଳିତ ଥର ୨୪୭ ଟଙ୍କାରେ କରିବାକୁ ଟେଣ୍ଡର ନେଇଛି। ଓଡ଼ିଶାରେ ଦରଦାମ୍ ୭ ପ୍ରତିଶତ ବଢ଼ିଥିବାବେଳେ ୬.୪ ପ୍ରତିଶତ କମ୍‌ରେ କିପରି ପରୀକ୍ଷା ପରିଚାଳନା ହେବ? ତେଣୁ ଅସାଧୁ ଉପାୟରେ ପିଲାଙ୍କୁ ଚାକିରି ଦେଇ ତାଙ୍କ ଠାରୁ ମୋଟା ଲାଞ୍ଚ ଅର୍ଥରୁ ଏହାକୁ ଭରଣା କରାଯିବ କି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ସ୍ୱଚ୍ଛତାର ସହ ପରୀକ୍ଷା କରି ନିଯୁକ୍ତି ଦେବାକୁ ଏହି କମ୍ପାନୀର ଟେଣ୍ଡର ବାତିଲ୍ କରିବାକୁ ସେ ଦାବି କରିଛନ୍ତି।



# ଜିଲ୍ଲା କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି

## ୧୬୭ଟି ଅଭିଯୋଗ, ୪୧,୫୦୦ ସହାୟତା ରାଶି ପ୍ରଦାନ



ଭଦ୍ରକ, ୩।୩(ସମିସ): ଚଳିତ ମାର୍ଚ୍ଚ ମାସର ପ୍ରଥମ ସୋମବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଆଡିସନାଲ ଏସ୍‌ପି ବାସୁଦେବ ସ୍ୱାଇଁ ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୬୭ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ୧୩୮ଟି ବ୍ୟକ୍ତିଗତ ଓ ୨୯ଟି ସାମୂହିକ ସମସ୍ୟାମୂଳକ ଅଭିଯୋଗ ଥିଲା। ରେଡକ୍ରସ୍ ସମ୍ବନ୍ଧୀୟ ୫ ଜଣ ଆବେଦନକାରୀଙ୍କୁ ୨୪ ହଜାର ଏବଂ ୨ ଜଣ ଆବେଦନକାରୀଙ୍କୁ ସିଏମ୍‌ଆର୍‌ଏଫ୍‌ରୁ ୧୭,୫୦୦ ସମୁଦାୟ ୪୧ ହଜାର ୫ ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ୪୪ଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଛି। ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଶାନ୍ତନୁ ମହାନ୍ତି, ଜିଲ୍ଲା ପରିଷଦ ଭଦ୍ରକର ମୁଖ୍ୟ ବିକାଶ ଅଧିକାରୀ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ଥିଲେ।

# ପବିତ୍ର ରମଜାନ୍ ମାସ ଆରମ୍ଭ

ଭଦ୍ରକ, ୩।୩(ସମିସ)



ଇସଲାମ ଧର୍ମରେ ଚନ୍ଦ୍ରଗଣନା ଅନୁଯାୟୀ ପ୍ରତ୍ୟେକ ପର୍ବପର୍ବାଣୀ ପାଳନ କରାଯାଇଥାଏ ଓ ବାର୍ଷିକ ପର୍ବ ଭିତରେ ରମଜାନ ମାସ ଏକ ମାସିକିଆ ପର୍ବ ପାଳନ ହୋଇଥାଏ, ଯାହା ଏକ ମାସ ଧରି ନିଷ୍ଠାର ସହିତ ରୋଜା (ଉପବାସ) ରଖନ୍ତି। ଦିନରେ ୫ ଥର ନମାଜ ସହିତ ରାତ୍ରୀର ଇଂଶା ନମାଜ ପରେ ତରାବୀ ନମାଜ ପାଠ ପଢ଼ନ୍ତି। ଏହି ପର୍ବ ପାଳନ ପାଇଁ ପୁରୁଣା ବଜାରସ୍ଥିତ ମଦିନା ମଇଦାନରେ ଭଦ୍ରକ ମୁସଲିମ ଜମାତର ଉପସଭାପତି ମହମ୍ମଦ ଜକାଓଲ୍ଲାଙ୍କ ସଭାପତିତ୍ୱରେ ଓ ସାଧାରଣ ସମ୍ପାଦକ ହାଜି ଶେଖ ଏନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ସମ୍ପାଦକ ଶେଖ ସିରାଜୁଦ୍ଦିନ ପ୍ରମୁଖଙ୍କ ସହିତ ବିଭିନ୍ନ ମସଜିଦର ଇମାମ ସାହେବଙ୍କ ଉପସ୍ଥିତିରେ ଗତ ୨୮ ଫେବୃଆରୀ ଚନ୍ଦ୍ରର ୨୯ ସନ୍ଧ୍ୟା ୭ଟା ସମୟରେ ଏକ ବୈଠକ ବସିଥିଲା। ଭଦ୍ରକରେ କୌଣସି ଜାଗାରେ ଚନ୍ଦ୍ରର ଦୃଶ୍ୟ ଦେଖା ହେଲାନାହିଁ କିମ୍ବା ଭଦ୍ରକର ପାଖ ପାଖି ଅଞ୍ଚଳରେ ମଧ୍ୟ ଚନ୍ଦ୍ରର ଦର୍ଶନ ହୋଇ ନ ଥିଲା। ଯେହେତୁ ଚନ୍ଦ୍ରଗଣନା ଅନୁଯାୟୀ ମାର୍ଚ୍ଚ ୧ ତାରିଖ ଶନିବାର ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ହୋଇଥିବାରୁ ରବିବାରରେ ପ୍ରଥମ ଉପବାସ (ରୋଜା) ଆରମ୍ଭ ହେଲା। ମଙ୍ଗଳବାରରେ ତୃତୀୟ ରୋଜା ପାଳନ ହେବ। ପାହାନ୍ତା ପୂର୍ବରୁ ଖାଦ୍ୟ ଖାଇ ଦିନ ତମାମ ଉପାସ ରହି ସୂର୍ଯ୍ୟାସ୍ତ ତଥା ସନ୍ଧ୍ୟାରେ ଆଜାନ ହେଲେ ଇଫତାର ତଥା ରୋଜା ଭଙ୍ଗ କରି ଖଜୁରୀ ଓ ଫଳ ସାମଗ୍ରୀରେ ରୋଜା ଖୋଲା ହୋଇଥାଏ। ଏହିଭଳି ଏକ ମାସ ଧରି ନିଷ୍ଠାର ସହିତ ରୋଜା ରଖା ହୁଏ। ଏହି ରମଜାନ ମାସ ପର୍ବ କେବଳ ଭଦ୍ରକ ନୁହେଁ କି ଆମ ଦେଶରେ ନୁହେଁ , ଯେହେତୁ ଏହି ଏଠି କୌଣସି ଭେଦଭାବ ରୁହେ ନାହିଁ। ଭଦ୍ରକରେ ମୁସଲମାନ ସମ୍ପ୍ରଦାୟର ପର୍ବରେ ହିନ୍ଦୁ ଭାଇଙ୍କ ଯୋଗଦାନ ଓ ହିନ୍ଦୁ ଭାଇଙ୍କ ପର୍ବରେ ମୁସଲମାନ ମାନଙ୍କ ଯୋଗଦାନ ଓ ଏଠି କାନ୍ଧକୁ କାନ୍ଧ ଓ ହାତକୁ ହାତ ଧରି ପ୍ରତ୍ୟେକ ପର୍ବ ପାଳନ ହୁଏ ବୋଲି ଭଦ୍ରକ ମୁସଲିମ ଜମାତର ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର(ବାବୁ) ଜଣାଇଛନ୍ତି।

# ୨୩ ବର୍ଷରୁ କମ୍ ଜାତୀୟ ମହିଳା କ୍ରିକେଟ ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାରୁ ନମ୍ରତା



ଭଦ୍ରକ,୩।୩(ସମିସ): ଜାତୀୟସ୍ତରୀୟ ୨୩ ବର୍ଷରୁ କମ୍ ମହିଳା କିକେଟ୍ ପ୍ରତିଯୋଗିତା ନିମନ୍ତେ ଓଡିଶା ମହିଳା ଦଳରେ ଭଦ୍ରକରୁ ନମ୍ରତା ସ୍ୱାଇଁ ମନୋନୀତ ହୋଇଛନ୍ତି। ପଣ୍ଡିଚେରୀରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟସ୍ତରୀୟ ୨୩ ବର୍ଷରୁ କମ୍ ମହିଳା କ୍ରିକେଟ୍ ପ୍ରତିଯୋଗିତାଟି ୫ ମାର୍ଚ୍ଚରୁ ଆରମ୍ଭ ହୋଇ ୧୩ ମାର୍ଚ୍ଚ ୨୦୨୫ରେ ସମାପ୍ତ ହେବ। ଓଡ଼ିଶା ମହିଳା ଦଳରେ ଭଦ୍ରକ ଜିଲ୍ଲାରରୁ ନମ୍ରତା ସ୍ଥାନ ପାଇଲା ପରେ ଅନ୍ୟ ଖେଳାଳିଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ସେ ଭଦ୍ରକ ଜିଲ୍ଲା ହାଉସିଂ ବୋର୍ଡ କଲୋନୀସ୍ଥିତ ସଞ୍ଜୀବ ସ୍ୱାଇଁ ଓ ସବିତା ସ୍ୱାଇଁଙ୍କ ଏକମାତ୍ର କନ୍ୟା ଅଟନ୍ତି। ନମ୍ରତା ୨୦୧୭ରୁ ନିଜର କ୍ରିକେଟ କ୍ୟାରିୟର୍ ଜଗନ୍ନାଥପୁର କ୍ରିକେଟ୍ କ୍ଲବରେ ପ୍ରଜ୍ଞା ପାରମିତା ସାମଲଙ୍କ ତତ୍ତ୍ୱାବଧାନରେ ଓ ମନୋଜ ସାହୁଙ୍କ ଅଧୀନରେ ନିଜର ଅଭ୍ୟାସ ଜାରି ରଖିଥିଲେ। ପରେ ପରେ ଭଦ୍ରକ ଜିଲ୍ଲାର କ୍ରିକେଟ କୋଚ ତଥା ଜେସିସି କୋଚ ଅସିତ ଦାସଙ୍କ ମାର୍ଗଦର୍ଶନରେ ଅଭ୍ୟାସ କରୁଛନ୍ତି। ଏଥିପାଇଁ ଭଦ୍ରକ ଜିଲ୍ଲା କ୍ରିକେଟ ସଂଘର ସଂପାଦକ ଧିରେନ୍ ପଲାଇ, ସଭାପତି ଉପେନ୍ଦ୍ର ବାରିକ ଶୁଭେଚ୍ଛା ଜଣାଇବା ସହ କ୍ରୀଡା ଶିକ୍ଷକ ରବିନାରାୟଣ ଓଝା ଓ ଷ୍ଟ୍ରେଙ୍ଗଦେନିଙ୍ଗ୍ କୋଚ୍ ପୂର୍ଣ୍ଣେନ୍ଦୁ ଜେନା, ଅସିତ୍ ଦାସ, କ୍ରୀଡ଼ା ଶିକ୍ଷକ ମନୋଜ ସାହୁ, ଦେବବ୍ରତ ଜେନା, କ୍ଷିତିଶ୍ ମହାନ୍ତି ଓ ଜେସିସି କ୍ଲବର ସଦସ୍ୟ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# କଳାକାରଙ୍କ ସ୍ମୃତିସଭା

ଅସୁରାଳି, ୩।୩(ସମିସ): ଧାମନଗର ବ୍ଲକ ନଦୀଗାଁର ଶାସ୍ତ୍ରୀୟ ସଙ୍ଗୀତଜ୍ଞ ତଥା ତବଲା ବାଦକ ଗୁରୁ ବିଦ୍ୟାଧର ନାୟକଙ୍କ ଏକାଦଶାହ ଅବସରରେ ଅଧ୍ୟାପକ ରବିନ୍ଦ୍ର ବେହୁରିଆଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ତାଙ୍କ ପୈତୃକ ଗାଁରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଶିକ୍ଷାବିତ ରାଜକିଶୋର ନାୟକ, ଧୂଷୁରୀ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ଅର୍ଜୁନପୁର ସମିତିସଭ୍ୟ ବିଦ୍ୟାଧର ରାଉତ, ପଣ୍ଡିତ ଦୟାନିଧି ମିଶ୍ର, ହରିହର ବେହେରା, ଗୀତିକାର ଭାରତୀ ସାହୁ, ସଙ୍ଗୀତଜ୍ଞ ରମେଶଚନ୍ଦ୍ର ମାଝୀ, ସମାଜସେବୀ ଚନ୍ଦ୍ରଶେଖର ଓଝା, ସନ୍ତୋଷ ରାୟ, ସାମ୍ବାଦିକ ରତିକାନ୍ତ ନାୟକ, ନିରଞ୍ଜନ ମାଝୀ, ଦିଗମ୍ବର ମିଶ୍ର, ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ଉମାକାନ୍ତ ସାହୁ, ଦିଲ୍ଲୀପ ରାଉତ, ବାବୁଲାଲ ସାହୁ, ସ୍ୱର୍ଗତ ନାୟକଙ୍କ ଭ୍ରାତା ଜଗନ୍ନାଥ ନାୟକ, ପୁତ୍ର ଭାରତଭୂଷଣ ଓ ବିଶ୍ୱଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ମାନସ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବ୍ରିଜ୍ ଉପରେ ଜଳିଗଲା ବାଇକ୍

ବନ୍ତ/ଆଗରପଡ଼ା, ୩।୩(ସମିସ): କାନପୁର ଗ୍ରାମର ଜଣେ ବ୍ୟକ୍ତି ନିଜ ବାଇକ୍ ଚଳାଇ କୁପାରୀ ଆଡ଼କୁ ଯାଉଥିଲା ବେଳେ ଆଗରପଡ଼ାସ୍ଥିତ କାଣ୍ଡବା ସାଳନ୍ଦୀ ନଦୀ ବ୍ରିଜ୍ ଉପରେ କୌଣସି ଯାନ୍ତ୍ରିକ ତ୍ରୁଟିରୁ ହଠାତ୍ ଇଞ୍ଜିନ୍‌ରୁ ଧୂଆଁ ବାହାରିଥିଲା। ଚାଳକ ବାଇକ୍ ଛାଡ଼ି ଡେଇଁ ପଡ଼ିଥିଲେ। ତା'ପରେ ଆଖି ପିଛୁଳାକେ ବାଇକ୍ ଜଳିବାକୁ ଆରମ୍ଭ କରିଥିଲା। ବ୍ରିଜ୍ ମଝିରାସ୍ତାରେ ବାଇକ୍ ଜଳୁଥିବାରୁ କିଛିସମୟ ପାଇଁ କୌଣସି ଯାନବାହନ ଚଳାଚଳ କରି ନ ପାରି ଉଭୟ ପାର୍ଶ୍ୱରେ ଅଟକି ରହିଥିଲା।

ଏମିତିକି ପୁଲିସ୍ ଗାଡ଼ି ମଧ୍ୟ ଏହି ଭିଡ଼ ଭିତରେ ଅଟକି ରହିଥିଲା। ଅଗ୍ନିଶମ ବାହିନୀ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ବାଇକ୍ ଅର୍ଦ୍ଧାଧିକ ଅଂଶ ଜଳିଯାଇଥିଲା।

# ନୂତନ ତହସିଲଦାରଙ୍କ ଯୋଗଦାନ



ବାରିକପୁର, ୩।୩(ସମିସ): ଭଣ୍ଡାରିପୋଖରୀ ତହସିଲଦାର ଭାବେ ରୋଜାଲିନ ବେହେରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଠାରେ ଥିବା ତହସିଲଦାର ସରୋଜକାନ୍ତ ନାୟକଙ୍କ ବଦଳି ପରେ ଆଜି ବିଧିବଦ୍ଧ ଭାବେ ନୂତନ ତହସିଲଦାର ଯୋଗଦେଇଛନ୍ତି। ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ତହସିଲ କାର୍ଯ୍ୟାଳୟର କିରାଣି ଖଗେନ୍ଦ୍ର ମଢେଇ, ସୁରେନ୍ଦ୍ର ଗୋଛାୟତ, ଦିଗବିଜୟ ସୋରେନ, ନରେନ୍ଦ୍ର ପିଙ୍ଗୁଆ, ରଣଜିତ କୁଣ୍ଡୁଙ୍କ ସମେତ ରାଜସ୍ୱ ନିରୀକ୍ଷକମାନେ ମଧ୍ୟ ସ୍ୱାଗତ ଜଣାଇଛନ୍ତି। ତହସିଲ ଅଧୀନ ବୈତରଣୀ ନଦୀରୁ ବର୍ଷକ ୧୨ମାସ ଦୈନିକ ବେଆଇନ ବାଲି ଚାଲାଣ ହେଉଥିବା ବେଳେ ଏହାର କୂଳେ କୂଳେ ଶହ ଶହ ଇଟାଭାଟି ମଧ୍ୟ ଗଢି ଉଠିଛି। ବାଲିପୋଖରୀ, ଜଗନ୍ନାଥପ୍ରସାଦ, ବଳିପୁର, ବିନ୍ଧାଣ, ଝୁଟୁଣା, ଦାଦେଶ୍ୱର, ବନସ୍ତା, ଦାଣ୍ଡକୁଳ, ମୁଡ଼ାପଦା ପ୍ରମୁଖ ସ୍ଥାନରୁ ଦିନ ଓ ରାତିବେଳା ଶହ ଶହ ଟ୍ରିପ ବାଲି ଚାଲାଣ ହେଉଛି। ସେହିଭଳି ଉକ୍ତ ସ୍ଥାନ ସମେତ ଏହା ସଂଲଗ୍ନ ଆଖପାଖ ଅଞ୍ଚଳରେ ବେଆଇନ ଭାବେ ଇଟା ବ୍ୟବସାୟ ହେଉଛି। ନୂତନ ତହସିଲଦାରଙ୍କ ପାଇଁ ଏହା ପ୍ରାଥମିକ ଭାବେ ବଡ଼ ଚାଲେଞ୍ଜ ହେବ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

# ଡାଲିଜାତୀୟ ଫସଲ ପାଇଁ ସଚେତନତା



ଦୋବଲ, ୩।୩(ସମିସ): ଧାମନଗର କୃଷି ବିଭାଗ ପକ୍ଷରୁ ଦୋବଲ ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ସୋମବା ଧାନ ଚାଷ ପରେ ଉକ୍ତ ଚାଷ କିଆରିରେ ଚାଷୀମାନେ କେମିତି ଡାଲିଜାତୀୟ କରିବେ ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡାଙ୍କ ସଂଯୋଜନାରେ ଭଦ୍ରକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ସହକାରୀ କୃଷି ଅଧିକାରୀ ଗଣେଶଚନ୍ଦ୍ର ମାଝୀ, ସରପଞ୍ଚ ଅଶୋକ ପଣ୍ଡା, ବ୍ଲକ ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ଏଡିଆଇର ବ୍ଲକ ସଂଯୋଜକ ସୁଶାନ୍ତ ଲେଙ୍କା, ଗ୍ରାମ କୃଷି କର୍ମଚାରୀ ଗୋରାଚାନ୍ଦ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଚାଷୀଙ୍କୁ ମୁଗ ବିହନ ବଣ୍ଟନ କରାଯାଇଛି।

# ଶାସନ କଳରେ କର୍ମଚାରୀ ମରୁଡ଼ି

## ତିହିଡ଼ି ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ










ତିହିଡ଼ି, ୩।୩(ସମିସ)

ତିହିଡିରେ ବିଭିନ୍ନ ପ୍ରଶାସନିକ ବିଭାଗର ଅଧିକାରୀ ନାହାନ୍ତି। ଫଳରେ ସାଧାରଣ ଲୋକଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତିହିଡି ଥାନାରେ ଅଧିକାରୀଙ୍କ ମାସେ ହେବ ବଦଳି ହେଇସାରିଥିଲେ ବି ନୂଆ ଅଧିକାରୀ ଆସି ଯୋଗ ଦାନ କରିପାରିନାହାନ୍ତି। ସେହିପରି ପୀରାହାଟ ଥାନାରେ ବି ଅଧିକାରୀ ନାହାନ୍ତି। ଫଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ସାଧାରଣ ଲୋକେ ନାନାଦି ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଘରୋଇ ହିଂସା, କୋଇଲା ଚୋରି, ଗୋରୁଚାଲାଣ ଟ୍ରାଫିକ ସମସ୍ୟା ରାଜନୈତିକ ଗୋଷ୍ଠୀ ସଂଘର୍ଷ, ଜୁଆଖେଳ ବଢ଼ିଚାଲିଛି। ଆଗକୁ ତିହିଡିର ବଡ଼ ପର୍ବ ହୋଲି ଆସୁଛି। ଏହି ପର୍ବକୁ ଓଡ଼ିଶା ବାହାରୁ ଦେଖିବାକୁ ମଧ୍ୟ ଲୋକଙ୍କ ସମାଗମ ହୁଏ। କେମିତି ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିବ ପ୍ରଶାସନ ପାଇଁ ବଡ଼ ସମସ୍ୟା ଉପୁଜିପାରେ।

ସେହିପରି ତିହିଡି ବ୍ଲକରେ ଶିଶୁ ବିକାଶ ଅଧିକାରିଣୀ ନାହାନ୍ତି। ପୁଣି ଆବାସ ଯୋଜନାରେ ଜିଓଟେଗ କରୁଥିବା ୬ ଜଣ ଜିଆରଏସଙ୍କ ବଦଳି କରାଯାଇଛି। କେତେକ ପଞ୍ଚାୟତରେ କାର୍ଯ୍ୟ ଅଟକି ରହିଛି। ଅନୁରୂପ ଭାବେ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗରେ ଡାକ୍ତର ନ ଥିବା ହେତୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ସେହିପରି ତିହିଡି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ଗତ ତିନି ବର୍ଷ ହେବ କେହି କର୍ମଚାରୀ ଆସୁନାହାନ୍ତି। କେବଳ ଜଣେ ରୋଲର ଡ୍ରାଇଭର ଅଫିସରେ ବସି ରହିଛନ୍ତି। ସାଧାରଣ ଲୋକଙ୍କ କାମ ହେଇ ପାରୁନାହିଁ। ସେହିପରି ବ୍ଲକ ଶିକ୍ଷାଧିକାରୀଙ୍କ ପଦଟି ସବୁବେଳେ ଅସ୍ଥାୟୀ ଭାବରେ ରହୁଛି। ଅବକାରୀ ବିଭାଗ କଥା ନ କହିବା ଭଲ। ଚୋରା ମଦ ବେପାର ଦିନ ଦିନ ବଢ଼ି ଚାଲିଛି କାଁ ଭାଁ କେତେ ଜଣକୁ ଧରି ହାତ ବାନ୍ଧି ବସିଛି ଅବକାରୀ ବିଭାଗ। ତିହିଡିର ଏହି ଅବସ୍ଥା ଦେଖି ସାଧାରଣ ଲୋକ କହୁଛନ୍ତି ତିହିଡି ଯେମିତି ମୁରବିଶୂନ୍ୟ ହେଇଯାଇଛି। ଦେଖିବାକୁ ବାକି ରହିଲା ସରକାର କେବେ ଏହି ପଦଗୁଡିକ କେବେ ପୂରଣ କରୁଛନ୍ତି। ସାଧାରଣ ଲୋକଙ୍କ ସମସ୍ୟା କେବେ ସମାଧାନ ହେଉଛି।

# ପୃଥକ ସ୍ଥାନରେ ଅଗ୍ନିକାଣ୍ଡ

## ୫ ବଖରା ଘର ଭସ୍ମୀଭୂତ

ଦୋବଲ, ୩।୩(ସମିସ): ଧାମନଗର ବ୍ଲକର କରଦା ପଞ୍ଚାୟତ କରଦା ଗ୍ରାମ ସୂତାର ସାହିରେ ବାସୁଦେବ ସୂତାର ଓ ମହେନ୍ଦ୍ର ସୂତାରଙ୍କ ୩ ବଖରା ବାସଗୃହ ସୋମବାର ଦିନ ୨ଟା ସମୟରେ ସମ୍ପୂର୍ଣ୍ଣ ଭାବରେ ନିଆ ଲାଗି ଭସ୍ମୀଭୂତ ହୋଇଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ବାସଗୃହ ଭିତରେ ଲକ୍ଷାଧିକ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ଗ୍ରାମବାସୀ ଓ ଦମକଳବାହିନୀ ଆସି ନିଆଁକୁ ଲିଭାଇଥିଲେ। ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ବନ୍ତ/ଆଗରପଡ଼ା: ବନ୍ତ ବ୍ଲକ୍ ପଧାନପଡ଼ା ପଞ୍ଚାୟତ ଅନ୍ତର୍ଗତ ପଧାନପଡ଼ା ଗ୍ରାମର ରବୀନ୍ଦ୍ର ସାହୁଙ୍କ ସ୍ତ୍ରୀ ପାଞ୍ଚାଳି ରୋଷେଇ କରୁଥିବା ସମୟରେ ଚୁଲିରୁ ନିଆଁ ଲାଗି ୨ ବଖରା ଘର ସହ ଧାନ, ଚାଉଳ, ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଦେଖି ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଥିବା ବେଳେ ଖବର ପାଇ ଆଗରପଡ଼ା ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ସବୁ କିଛି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ସେ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

# ରେଳ ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ/ବାରିକପୁର/ମଞ୍ଜୁରୀ ରୋଡ, ୩।୩(ସମିସ): ମଞ୍ଜୁରୀରୋଡ ରେଳ ଷ୍ଟେସନର ଲେବୁଲ କ୍ରସିଂଠାରୁ ଅନତି ଦୂରରେ ଡାଉନ ରେଳଧାରଣା ପାଶ୍ୱର୍ରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ସୋମବାର ଅପରାହ୍ନରେ ଠାବ କରାଯାଇଛି। କୌଣସି ଦ୍ରୁତଗାମୀ ରେଳ ଧକ୍କାରେ ସଂପୃକ୍ତ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥାଇପାରେ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ମଞ୍ଜୁରୀରୋଡ ଷ୍ଟେସନ ମାଷ୍ଟରଙ୍କ ନିକଟରେ ଏଭଳି କୌଣସି ଖବର ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।









### ବିଶ୍ୱ ବନ୍ୟଜନ୍ତୁ ଦିବସରେ ଅଘଟଣ

## ପରସ୍ପର ସଂଘର୍ଷରେ ଦନ୍ତାର ଜୀବନ ଗଲା

**କାମାକ୍ଷାନଗର,୩।୩(ସମିସ):** ବିଶ୍ୱ ବନ୍ୟଜନ୍ତୁ ଦିବସରେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଁଳାବେରେଣୀ ଫରେଷ୍ଟ ସେକ୍ସନ ଜାମୁଝରା ଗାଁରେ ଏକ ଅଘଟଣ ଘଟିଛି। ଫରେଷ୍ଟ ବିଟ୍‌ଠାରୁ ମାତ୍ର ତିନି କିଲୋମିଟର ଦୂରରେ ଦୁଇ ଦନ୍ତାଙ୍କ



ଘମାଘୋଟ ଲଢ଼େଇରେ ଗୋଟିଏ ଦନ୍ତାର ଜୀବନ ଯାଇଛି। ରବିବାର ସନ୍ଧ୍ୟାରେ ଗାଁ ନିକଟ ଜଙ୍ଗଲରେ ଦୁଇ ଦନ୍ତାଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥିଲା। ଲଢ଼େଇ ଏତେ ଭୟଙ୍କର ଥିଲା ଯେ ଦନ୍ତାଦ୍ୱୟଙ୍କ ଗର୍ଜନରେ ଜାମୁଝରା ଗାଁ ଥରି ଉଠିଥିଲା। ଏନେଇ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଦୁଇ ଦନ୍ତାଙ୍କ ସଂଘର୍ଷକୁ ରୋକିବାରେ ଅସମର୍ଥ ହୋଇଥିଲେ। ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ଲଢ଼େଇ ରାତିତମାମ ଜାରି ରହିଥିଲା। ଏଥିରେ ଗୋଟିଏ ଦନ୍ତାର ମୃତ୍ୟୁ ହୋଇଯାଇଥିଲା।

ଆଜି ସକାଳେ ଗାଁ ନିକଟ ବିଲରେ ଦନ୍ତାର ମୃତଦେହ ପଡ଼ିଥିବା ଦେଖି କିଛି ଲୋକ ବନ ବିଭାଗକୁ ଖବର ଦେଇଥିଲେ। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁ, ଅଁଳାବେରେଣୀ ଫରେଷ୍ଟର୍ ରମେଶ ପାଣିଗ୍ରାହୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚାରିପାଖରେ ବ୍ୟାରିକେଡ୍ କରି ଉଚ୍ଚ ଅଧିକାରୀଙ୍କୁ ଖବର ଦେଇଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୧ଟାରେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ, ପ୍ରାଣୀ ଚିକିତ୍ସକ ଦଳ ଓ ଅନ୍ୟ ଅଧିକାରୀ ପହଞ୍ଚି ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ଦନ୍ତାର ମୃତଦେହ ସେଠାରେ ପୋତି ଦିଆଯାଇଛି।

### ଓଡ଼ିଶା-ପଶ୍ଚିମବଙ୍ଗ ସୀମା ବିବାଦ

## ସୁବର୍ଣ୍ଣରେଖା ନଦୀ ସୀମା ନିର୍ଦ୍ଧାରଣ ପାଇଁ ମାପଚୁପ ଆରମ୍ଭ

**ଜଳେଶ୍ୱର ବ୍ଲକ, ୩।୩ (ସମିସ):** ସୁବର୍ଣ୍ଣରେଖା ନଦୀରୁ ବାଲି ଚାଲାଣକୁ ନେଇ ବିଭିନ୍ନ ସମୟରେ ଉପୁଜି ଆସୁଥିବା ବିବାଦର ସମାଧାନ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଆଜି ଦୁଇ ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ନଦୀ ସୀମା ନିର୍ଦ୍ଧାରଣ ପାଇଁ ମାପଚୁପ ଆରମ୍ଭ ହୋଇଛି। ସାଟେଲାଇଟ୍ ମାଧ୍ୟମରେ ନଦୀର ୪ଟି ଜାଗାରୁ ଫଟୋ ନିଆଯାଇ ରିପୋର୍ଟ ପାଇଁ ପଠାଯାଇଛି। ଓଡ଼ିଶାର ଚାରୋଟି ଗାଁ ମାକିଡ଼ିଆ, କୁଆଁରପୁର, ବିଳାସପୁର, ଗୋପାଳପୁରରେ ମାପଚୁପ କରାଯାଇଛି। ଆସନ୍ତାକାଲି ମଧ୍ୟ ବିଳାସପୁରଠାରୁ ମକ୍ରମପୁର ପର୍ଯ୍ୟନ୍ତ ମାପଚୁପ ହେବ ବୋଲି ଜଣାଯାଇଛି।



ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ସୀମା ବିବାଦ ଲାଗି ରହିଛି। ବାଲେଶ୍ୱର ଜିଲ୍ଲା ସୀମାନ୍ତବର୍ତ୍ତୀ ଭୋଗରାଇ ଓ ଜଳେଶ୍ୱର ବ୍ଲକ୍‌ରେ ଉଭୟ ରାଜ୍ୟ ମଧ୍ୟରେ ମଝିରେମଝିରେ ଏ ନେଇ ବିବାଦ ଉପୁଜୁଛି। ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ୍ ସୀମାକୁ ପଶ୍ଚିମ ମେଦିନୀପୁରର ଅଞ୍ଚଳ ମଝିରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରୁ ବିଗତ ଦିନରେ ବାଲି ଚୋରିକୁ ନେଇ ଅନ୍ତଃରାଜ୍ୟ ସମସ୍ୟା ବୃଦ୍ଧି ପାଇଥିଲା। ସୁବର୍ଣ୍ଣରେଖା ନଦୀ ବାଲି ଚାଲାଣ ପାଇଁ ସୁଯୋଗ ନେଇ ବଙ୍ଗମାଫିଆ ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳ ସୋନକୋଣିଆରୁ ଶହଶହ ଟ୍ରିପ୍ ବାଲି ଚୋରାଚାଲାଣ କରୁଛନ୍ତି। ଏନେଇ ବାରମ୍ବାର ଖବର ପ୍ରସାରଣ ପରେ ଓଡ଼ିଶା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଦକ୍ଷିଣ ପ୍ରହରାଜପୁରର ଗୁଆଗଡ଼ିଆଠାରେ ସୋମବାର ସୁବର୍ଣ୍ଣରେଖା ନଦୀ ମଧ୍ୟରେ ପଶ୍ଚିମବଙ୍ଗର ସୋନାକଣିଆ-ଓଡ଼ିଶାର ଦକ୍ଷିଣ ପ୍ରହରାଜପୁରରେ ସୀମା ନିର୍ଦ୍ଧାରଣ ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଓସାକ ସଂସ୍ଥା ପକ୍ଷରୁ ନଳିନୀ କାନ୍ତ ଜେନା ଏବଂ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଉପସ୍ଥିତ ରହି ପଶ୍ଚିମବଙ୍ଗ ପ୍ରଶାସନ ସହ ଆଲୋଚନା କରିଛନ୍ତି।

■ କୋମନାରେ ବାଘ ଆତଙ୍କ

## ପୁଣି ଗୋଟିଏ ଗାଈ ମାରି ଖାଇଲା

**ନୂଆପଡ଼ା, ୩।୩ (ସମିସ):** ନୂଆପଡ଼ାରେ ବାଘ ଆତଙ୍କ ଦେଖାଦେଇଛି। ଜିଲ୍ଲାର କୋମନା ରେଞ୍ଜ ଅନ୍ତର୍ଗତ ଝରଣାମାଳ ଗାଁରେ କିଛି ଦିନ ହେବ ଗୋଟିଏ କଲରାପତରିଆ ବାଘ ଉତ୍ପାତ କରୁଛି। ରବିବାର ବିଳମ୍ବିତ ରାତିରେ ଝରଣାମାଳ-ବୋଲଧା ଗାଁ ରାସ୍ତାରେ ବାଘ ବୁଲୁଥିବା କିଛି ଲୋକ ଦେଖିବାକୁ ପାଇଥିବା ବେଳେ ଆଜି ଗାଁର କ୍ଷୀରସିନ୍ଧୁ ମାଝୀଙ୍କ ଗୋଟିଏ ଗାଈକୁ ଶିକାର କରି ଖାଇ ଦେଇଛି। ଖାଲି ସେତିକି ନୁହେଁ, ଗତ ରବିବାର ଗାଁର ନରସିଂହ କଟାଙ୍କର ଗୋଟିଏ ଗାଈ ଏବଂ ୧୦ଦିନ ତଳେ ଗାଁର ଧନୀରାମ କଟାଙ୍କ ଗୋଟିଏ ଛେଳି ଶିକାର କରିଥିଲା ବୋଲି ଗାଁ ଲୋକ କହିଛନ୍ତି। ଏଯାଏ ବାଘଟି ୨ଟି ଗାଈ ଓ ଗୋଟିଏ ଛେଳିକୁ ଶିକାର କରିଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ସୂଚନା ପାଇ କୋମନା ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ବାଘର ଉପସ୍ଥିତି ଯୋଗୁଁ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି। ସଂଧ୍ୟା ହେଲେ ଆଖପାଖ ଗାଁଗୁଡ଼ିକରେ ତାଟିକବାଟ ପଡ଼ି ଯାଉଛି।

## ମହିଳା ହତ୍ୟାକାରୀକୁ ଆଜୀବନ

**ବୌଦ୍ଧ, ୩।୩ (ସମିସ):** ବୌଦ୍ଧ ଜିଲ୍ଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ଆଜି ଜଣେ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଆସାମୀଜଣଙ୍କ ହେଲା, ବାଉଁଶୁଣୀ ଥାନା କଙ୍କଲା ଗ୍ରାମର ଉଗ୍ରେସନ ସେଠୀ। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୩୦ଜଣ ସାକ୍ଷୀ ଓ ପୁଲିସର ଦସ୍ତାବିଜ୍‌କୁ ବିଚାରକୁ ନେଇ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସୂଚନାନୁଯାୟୀ, ଗତ ୨୦୨୩ ମସିହା ଏପ୍ରିଲ ୭ ତାରିଖରେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଅନ୍ତର୍ଗତ ପଲସପାଟ ଗ୍ରାମରେ ଦଣ୍ଡନୃତ୍ୟ ଚାଲିଥିବା ବେଳେ ଉଗ୍ରେସନ୍ ଜଣେ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ମାରିବାକୁ ଗୋଡ଼ାଇଥିଲା। ଭୟରେ ମହିଳାଜଣଙ୍କ ଜଣେ ବ୍ୟକ୍ତିଙ୍କ ଘରକୁ ପଶି ଯାଇଥିଲେ। କିନ୍ତୁ ଉଗ୍ରସେନ ସେଠାରେ ପହଞ୍ଚି ଏକ ପନିକିରେ ତାଙ୍କୁ ହାଣି ହତ୍ୟା କରିଥିଲା। ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ଏହି ମାମଲା ପରିଚାଳନା କରିଥିଲେ।

■ ନବ ଦାସ ହତ୍ୟା ଘଟଣା

## କ୍ରାଇମବ୍ରାଞ୍ଚରେ ହାଜର ପାଇଁ ସମୟ ନେଲେ ଦୀପାଳି ଓ ବିଶାଳ

**କଟକ, ୩।୩ (ସମିସ):** ପ୍ରାକ୍ତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚରେ ହାଜର ହେବା ପାଇଁ ନବଙ୍କ ଝିଅ ଦୀପାଳି ଓ ପୁଅ ବିଶାଳଙ୍କୁ ନୋଟିସ୍ ଜାରି କରାଯାଇଥିଲେ ସୁଦ୍ଧା ସେମାନେ ବ୍ୟକ୍ତିଗତ କାରଣ ଦର୍ଶାଇ ଆଜି ହାଜର ହୋଇନାହାନ୍ତି। କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀଙ୍କୁ ଫୋନ୍ ଯୋଗେ ଦୀପାଳି ସମୟ ମାଗିଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ କେବେ କେଉଁଠି ଉଭୟ ହାଜର ହେବାକୁ ଚାହୁଁଛନ୍ତି, ତାହା ସେମାନେ ଜଣାଇବେ ବୋଲି କହିଛନ୍ତି। ଦୀପାଳି ଜଣେ ମହିଳା ହୋଇଥିବାରୁ ସେ ଚାହିଁଲେ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ମଧ୍ୟ ଝାରସୁଗୁଡ଼ା ଯାଇ ତଥ୍ୟ ସଂଗ୍ରହ କରିପାରିବେ। ତେବେ ଏହା ଆଗାମୀ ଦିନରେ ସ୍ପଷ୍ଟ ହେବ। ପ୍ରକାଶଥାଉକି ପିତାଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ପାଇଁ ଝିଅ ଦୀପାଳି କିଛି ମାସ ତଳେ ଗଣମାଧ୍ୟମ ସମ୍ମୁଖରେ ଦାବି ଜଣାଇଥିଲେ। ହେଲେ କ୍ରାଇମବ୍ରାଞ୍ଚରେ ସେମାନେ ତଦନ୍ତ ନେଇ ଲିଖିତ ଆପତ୍ତି ଅଭିଯୋଗ କରିନଥିଲେ। ଏଣୁ ସେମାନଙ୍କୁ ମାର୍ଚ୍ଚ ପ୍ରଥମ ସପ୍ତାହରେ କ୍ରାଇମବ୍ରାଞ୍ଚରେ ହାଜର ହୋଇ ତଦନ୍ତରେ ଆପତ୍ତି ଅଭିଯୋଗ ସମ୍ପର୍କରେ ପକ୍ଷ ରଖିବାକୁ କୁହାଯାଇଥିଲା। ଏହି ହତ୍ୟା ଘଟଣାରେ ଚୂଡ଼ାନ୍ତ ଚାର୍ଜସିଟ୍ ଅଦ୍ୟାବଧି ଦାଖଲ ହୋଇନାହିଁ ଓ ତଦନ୍ତ ଖୋଲା ରହିଥିବା କ୍ରାଇମବ୍ରାଞ୍ଚ ଅଧିକାରୀ କହିଛନ୍ତି। ଏଣୁ ଦୀପାଳି ଓ ବିଶାଳ ତଦନ୍ତ ସମ୍ପର୍କିତ ପକ୍ଷ ରଖିବା ଆଧାରରେ ମାମଲାର ଚୂଡ଼ାନ୍ତ ଫର୍ମ ଦାଖଲ କରାଯିବ।

## ୮ରେ କଳାଧନ ସଂପର୍କିତ ଏସଆଇଟି ବୈଠକ

**କଟକ, ୩।୩(ସମିସ):** କଳାଧନ କାରବାର ସଂକ୍ରାନ୍ତରେ ତଦନ୍ତ କରୁଥିବା ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ (ଏସଆଇଟି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ମାର୍ଚ୍ଚ ୮ତାରିଖ ଦିନ କଟକଠାରେ ଅନୁଷ୍ଠିତ ହେବ। ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ। ଏଥିରେ ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ସିବିଡିଟି, ଆୟକର ବିଭାଗ, ସେବି, ରାଜ୍ୟ ପୁଲିସ ବିଭାଗ, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ, ଖଣି ବିଭାଗ, ବାଣିଜ୍ୟକର ବିଭାଗ ଓ ଅନ୍ୟ ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ରାଜ୍ୟ ତଥା ଦେଶରେ କଳାଧନ, ବେଆଇନ ଖଣି କାରବାର, ଚିଟଫଣ୍ଡ, ରିଅଲ-ଇଷ୍ଟେଟ୍, ନିଶାଦ୍ରବ୍ୟ କାରବାର ଉପରେ ଆଲୋଚନା କରାଯିବ। ସାଧାରଣ ନିର୍ବାଚନ ପରେ ପ୍ରଥମ କରି ଏହି ବୈଠକ ବସୁଥିବାରୁ ନିର୍ବାଚନ ସମୟରେ ଜବତ କଳା ଟଙ୍କା, ଭୋଟର୍‌ଙ୍କୁ ପ୍ରଭାବିତ କରିବା ପାଇଁ ସିଧାସଳଖ ନଗଦ ଅର୍ଥ ବଦଳରେ ଦିଆଯାଇଥିବା ବିଭିନ୍ନ ଉପହାର ଓ ମୂଲ୍ୟବାନ ସମାଗ୍ରୀ ପ୍ରସଙ୍ଗରେ ରହିଥିବା ଅଭିଯୋଗର ତଦନ୍ତ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ଏସ୍ଆଇଟି ପକ୍ଷରୁ ସୁପ୍ରିମକୋର୍ଟରେ ଇତିମଧ୍ୟରେ ୯ଗୋଟି ଅନ୍ତରୀଣ ରିପୋର୍ଟ ଦିଆସରିଛି।

## ୬ ବର୍ଷର ଶିଶୁକନ୍ୟାକୁ ଚେଙ୍କ

**ନବରଙ୍ଗପୁର, ୩।୩ (ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ପରେ ସୋମବାର ରାଇଘର ବ୍ଲକ୍‌ର ଜଣେ ୬ବର୍ଷର ଶିଶୁକୁ ଚେଙ୍କ ଦିଆଯିବା ଘଟଣା ପଦାକୁ ଆସିଛି। ବ୍ଲକ୍‌ର ନାକଟିସିମିଡ଼ା ଗ୍ରାମର ରାମଲୁ ଗଣ୍ଡଙ୍କ ଝିଅ କମଳେଶ୍ୱରୀ ଗଣ୍ଡଙ୍କୁ ଚେଙ୍କ ଦିଆଯାଇଥିବା



ଅଭିଯୋଗ ହୋଇଛି। ଶିଶୁକୁ ଦୀର୍ଘ ଦିନ ଧରି ଥଣ୍ଡା, କାଶ, ଜ୍ୱର ଲାଗି ରହିବା ସହ ପେଟରେ ଯନ୍ତ୍ରଣା ହେଉଥିଲା। ପରିବାରଲୋକ ସ୍ଥାନୀୟ ମେଡ଼ିକାଲ ସହ ପଡୋଶୀ ଛତିଶଗଡ଼ ଅଞ୍ଚଳର କୋଣ୍ଡାଗାଁକୁ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ୧୫ଦିନ ତଳେ ଶିଶୁକୁ ଚେଙ୍କ ଦିଆଯାଇଥିଲା। ତେବେ ଏଥିଯୋଗୁଁ ଶିଶୁଟି ଗୁରୁତର ହୋଇପଡ଼ିବାରୁ ପରିବାରଲୋକେ ତାକୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ପରେ ତାକୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ତେବେ ଶିଶୁକୁ କିଏ ଚେଙ୍କ ଦେଇଛି, ସେ ସଂପର୍କରେ ପରିବାରଲୋକେ ମୁହଁ ଖୋଲୁନାହାନ୍ତି। ଅପରପକ୍ଷେ, ଶିଶୁଟିର ଅବସ୍ଥା ଗୁରୁତର ରହିଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସନ୍ତୋଷ କୁମାର ପଣ୍ଡା ସୂଚନା ଦେଇଛନ୍ତି।

■ ମାସକର ଛୁଆକୁ ୪୦ ଚେଙ୍କ ଘଟଣା

## ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମଓ

**ଉମରକୋଟ, ୩।୩(ସମିସ):** ମାସକର ଶିଶୁକୁ ଚେଙ୍କ ଦିଆଯିବା ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଘଟଣାର ତଦନ୍ତ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍ଓ) ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, ଚନ୍ଦାହାଣ୍ଡି ବ୍ଲକ୍‌ର ଗମ୍ଭାରୀଗୁଡ଼ା ପଞ୍ଚାୟତର ଫୁଣ୍ଡେଲପଡ଼ା ଗ୍ରାମର ସରୋଜ କୁମାର ନାୟକଙ୍କ ୧ ମାସର ପୁଅର ପେଟ ଓ ମୁଣ୍ଡରେ ୪୦ରୁ ଊର୍ଦ୍ଧ୍ୱ ଚେଙ୍କ ଦିଆଯାଇଥିଲା। ପରିବାରଲୋକ ଶିଶୁକୁ ଗୁରୁତର ଅବସ୍ଥାରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଘଟଣା ପଦାକୁ ଆସିଥିଲା। ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ ପଣ୍ଡା ଏଭଳି ଅଭାବନୀୟ ଘଟଣା କେଉଁ ପରିସ୍ଥିତିରେ ଘଟିଛି, କିଏ କରିଛି; ତାହାର ତଦନ୍ତ ପାଇଁ ଏକ ଟିମ ଗଠନ କରି ତଦନ୍ତ କରିବାକୁ ଚନ୍ଦାହାଣ୍ଡି ସ୍ୱାସ୍ଥ୍ୟ ବିଭାଗ ଓ ସମ୍ବନ୍ଧିତ ଶିଶୁ ବିକାଶ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଘଟଣାକୁ ସମାଜସେବୀ କାଦମ୍ବିନୀ ତ୍ରିପାଠୀ ନିନ୍ଦା କରିବା ସହ ଆଗାମୀ ଦିନରେ ଏଭଳି ଘଟଣା ଯେମିତି ନ ଘଟିବ ଓ ଲୋକଙ୍କ ମଧ୍ୟରେ ସଚେତନତା ଅଣାଯାଇ ପାରିବ, ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ପରିତ୍ୟକ୍ତ ଢାବାରେ ବୃଦ୍ଧଙ୍କୁ ହତ୍ୟା

**ଦାନଗଦି/ଦଶରଥପୁର, ୩।୩(ସମିସ):** ଯାଜପୁରରୋଡ୍ ଥାନା ଅନ୍ତର୍ଗତ ମିଲିଟାରୀ ଛକ ନିକଟରେ ଏକ ପରିତ୍ୟକ୍ତ ଢାବାରୁ ଜଣେ ବୃଦ୍ଧଙ୍କ ରକ୍ତାକ୍ତ ମୃତଦେହ ଦାନଗଦି ଫାଣ୍ଡି ପୁଲିସ ଉଦ୍ଧାର କରିଛି। ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଦାନଗଦି ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ନୂଆଗାଁର ସଞ୍ଜୟ ନାଥ(୩୨)କୁ ପୁଲିସ୍ ଥାନାରେ ଅଟକ ରଖିଛି। ମୃତ ବୃଦ୍ଧଙ୍କ ଘର ଦଶରଥପୁର ଥାନା ଗୋପାଳପୁର ପଞ୍ଚାୟତ କୁଆଁସ ବିଭୂତିପୁର ଗ୍ରାମର ଷଡ଼ଙ୍ଗୀ ସାହିରେ। ତାଙ୍କ ନାଁ ବିଘ୍ନରାଜ ଷଡ଼ଙ୍ଗୀ (୭୦) ବୋଲି ପୁଲିସ ଜାଣିବାକୁ ପାଇଛି। ତାଙ୍କର ୨ ପୁଅ ଅଛନ୍ତି। ବଡ଼ପୁଅ ଓ ସ୍ତ୍ରୀ ଷଡ଼ଙ୍ଗୀ ସାହିରେ ରହୁଥିବା ବେଳେ ସାନପୁଅ ରାଜ୍ୟ ବାହାରେ କାମ କରନ୍ତି। ତେବେ ଅଭିଯୁକ୍ତ ସଞ୍ଜୟ ଓ ତା'ର ଗୋଟିଏ ୧୨ ବର୍ଷର ଝିଅ ଏହି ପରିତ୍ୟକ୍ତ ଢାବା ଘରେ ରହିଆସୁଥିଲେ। ବୃଦ୍ଧ ବ୍ରାହ୍ମଣଜଣଙ୍କ କିଛି ଦିନ ହେବ, ସେମାନଙ୍କ ପାଖରେ ଆସି ରହୁଥିଲେ। ଗତ ରାତିରେ ସଞ୍ଜୟ ତାଙ୍କ ପିଲାକୁ ପଢ଼ାଉଥିବା ବେଳେ ବିଘ୍ନରାଜ ହଇରାଣ କରିଥିଲେ।



ଏହାକୁ ନେଇ ସଞ୍ଜୟ ଓ ବିଘ୍ନରାଜଙ୍କ ମଧ୍ୟରେ ବଚସା ହେବାରୁ ସଞ୍ଜୟ ତାଙ୍କୁ ଏକ ପଥରରେ ଛେଚି ଦେଇଥିଲା। ପରେ ଗଳା କାଟି ହତ୍ୟା କରିଥିବା ପୁଲିସ୍ ପାଖରେ ସ୍ୱୀକାର କରିଛି। ଖବର ପାଇ ଯାଜପୁରରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଦାନଗଦି ଫାଣ୍ଡି ଅଧିକାରୀ ସବ୍-ଇନସ୍ପେକ୍ଟର୍ ଅମୂଲ୍ୟ ମିଶ୍ର ଓ ସାଇଣ୍ଟିଫିକ ଟମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହକୁ ଦାନଗଦି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଥିବା ବେଳେ ପୁଲିସ୍ ନମ୍ବର ୧୧୫/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସାମାଜିକ ବିଜ୍ଞାନରେ କପି କରି ଧରାପଡ଼ିଲେ ୭ଜଣ

**କଟକ,୩।୩(ସମିସ):** ଆଜି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ସାମାଜିକ ବିଜ୍ଞାନ ବିଷୟରେ କପିକରି ମୋଟ ୭ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ପରୀକ୍ଷାରେ କପି କରୁଥିବା ବେଳେ ଏଆଇ କ୍ୟାମେରା ମାଧ୍ୟମରେ ମାଧ୍ୟମିକ ଶିକ୍ଷା ପରିଷଦର କମାଣ୍ଡ କଣ୍ଟ୍ରୋଲ ରୁମ ଉପରୋକ୍ତ ପରୀକ୍ଷାର୍ଥୀମାନଙ୍କୁ ଧରିଥିଲା। ଆସନ୍ତା ୬ ତାରିଖରେ ମାଟ୍ରିକ୍ ପରୀକ୍ଷା ଶେଷ ହେଉଥିବା ବେଳେ ଶେଷ ଦିନ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବ। କପି କରି ଧରାପଡିଥିବା ପରୀକ୍ଷାର୍ଥୀଙ୍କୁ ମଧ୍ୟ କାର୍ଯ୍ୟାନୁଷ୍ଠାନ କମିଟି ସମ୍ମୁଖରେ ପକ୍ଷ ରଖିବାକୁ ସୁଯୋଗ ଦିଆଯିବ। ଯଦି ପରୀକ୍ଷାର୍ଥୀଙ୍କ ଉତ୍ତର ସନ୍ତୋଷଜନକ ଥାଏ, ତାହେଲେ ସେହି ପରୀକ୍ଷାର୍ଥୀଙ୍କୁ ମାଲପ୍ରାକ୍ଟିସ୍‌ରେ ବୁକ୍ କରାଯିବ ନାହିଁ ବୋଲି ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ବାରମ୍ବାର ଝିଅ ଜନ୍ମ କରୁଥିବାରୁ ମହିଳାଙ୍କୁ ମାରିଦେଲେ !

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଢେଙ୍କାନାଳ/କାମାକ୍ଷାନଗର, ୩।୩(ସମିସ):** କାମାକ୍ଷାନଗର ଥାନା ବିଜାଡିହି ଗାଁ ଗୋଡ଼ିସାହିରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ, ଗାଁର ରାଜେଶ ଅମାନ ରାଉତଙ୍କ ସ୍ତ୍ରୀ ତନୁଜା ରାଉତ(୨୮)। ତନୁଜା ବାରମ୍ବାର ଝିଅ ଜନ୍ମ କରୁଥିବା ତଥା ଅଧିକ ଯୌତୁକ ଦାବି ନେଇ ଶାଶୂଘର ଲୋକେ ତାଙ୍କୁ ହତ୍ୟା କରିଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି।



ପରଜଙ୍ଗ ଥାନା ବସୁଲେଇ ଗାଁର ନିତ୍ୟାନନ୍ଦ ଭୂତିଆଙ୍କ ଝିଅ ତନୁଜା ୨୦୧୮ରେ କାମାକ୍ଷାନଗର ଥାନା ବିଜାଡିହି ଗାଁ ଗୋଡ଼ିସାହିର ବିକଳ ରାଉତଙ୍କ ପୁଅ ରାଜେଶ ଅମାନଙ୍କୁ ବିବାହ କରିଥିଲେ। ବାପଘର ଲୋକଙ୍କ କହିବା ଅନୁଯାୟୀ, ବିବାହ ସମୟରେ ଶାଶୂଘର ଲୋକଙ୍କ ଦାବି ମୁତାବକ ଏକ ଲକ୍ଷ ଟଙ୍କା ସହ ବିଭିନ୍ନ ସୁନା ଅଳଙ୍କାର, ଟିଭି, ଫ୍ରିଜ୍, କୁଲର ଓ ଅନ୍ୟାନ୍ୟ ଆସବାବପତ୍ର ଯୌତୁକ ଆକାରରେ ଦିଆଯାଇଥିଲା। ରାଜେଶ ଓ ତନୁଜଙ୍କର ଗୋଟିଏ ଝିଅ ଥିବା ବେଳେ କିଛି ମାସ ତଳେ ତନୁଜା ପୁନର୍ବାର ଗର୍ଭବତୀ ହୋଇଥିଲେ। ତେବେ ଗର୍ଭସ୍ଥ ସନ୍ତାନ ମଧ୍ୟ ଝିଅ ବୋଲି ରାଜେଶ ଅଲଟ୍ରାସାଉଣ୍ଡ ରିପୋର୍ଟରୁ ସୂଚନା ପାଇଥିଲେ। ବାରମ୍ବାର ଝିଅ ଜନ୍ମ କରୁଥିବାରୁ ଶାଶୂଘର ଲୋକଙ୍କ ସହ ତନୁଜାଙ୍କ ଝଗଡ଼ା ହେଉଥିଲା। ଅନ୍ୟପଟେ ବାପଘରୁ ଏକ ସୁନା ହାର ଆଣିବା ପାଇଁ ଶାଶୂଘର ଲୋକେ ତନୁଜାଙ୍କୁ ବାରମ୍ବାର କହୁଥିଲେ। ଏଥିରେ ତନୁଜା ଅସମର୍ଥ ହେବାରୁ ତାଙ୍କୁ ବାରମ୍ବାର ନିର୍ଯାତନା ଦିଆଯାଉଥିଲା। ତେବେ ଗ୍ରାମବାସୀ ଓ କିଛି ଭଦ୍ରବ୍ୟକ୍ତିଙ୍କ ସହାୟତାରେ ବୁଝାସୁଝା କରାଯାଇଥିଲା। ମାତ୍ର ସୋମବାର ପୂର୍ବାହ୍ନ ୧୦ଟାରେ ତନୁଜାଙ୍କ ମୃତଦେହ ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଦେଖିବା ପରେ ଝିଅକୁ ହତ୍ୟା କରାଯାଇଥିବା କହିଛନ୍ତି। ଏନେଇ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତନୁଜାଙ୍କ ସ୍ୱାମୀ ରାଜେଶ ଅମାନଙ୍କୁ ପୁଲିସ ଅଟକ ରଖି ପଚରାଉଚରା ଜାରି ରଖିଛି।

■ ସାମାଜିକ ଗଣମାଧ୍ୟମରେ ଚରିତ୍ର ସଂହାର

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ମୀରା ପରିଡ଼ା

**କଟକ,୩।୩(ସମିସ):** ସାମାଜିକ ଗଣମାଧ୍ୟମ ଯଥା ଫେସବୁକ୍, ହ୍ୱାଟସଆପ୍ ଓ ଇନଷ୍ଟାଗ୍ରାମରେ ଚରିତ୍ର ସଂହାରକୁ ବିରୋଧ କରି ବିଶିଷ୍ଟ ସମାଜସେବୀ ମୀରା ପରିଡ଼ା ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଜଣେ କର୍କଟ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ସହାୟତା ଯୋଗାଇବା ସହ ଆଶ୍ରୟ ଦେଇଥିବା ବେଳେ ତାଙ୍କ ବିରୋଧରେ କେତେକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଚରିତ୍ରକୁ ଆକ୍ଷେପ କରି ବିଭିନ୍ନ ପୋଷ୍ଟମାନ କରୁଛନ୍ତି। ସେହିପରି ସମ୍ପୃକ୍ତ କର୍କଟ ଆକ୍ରାନ୍ତ ବ୍ୟକ୍ତିଙ୍କ ସହ ଜଣେ ମହିଳାଙ୍କ ବିବାହ ବିଚ୍ଛେଦ ହୋଇସାରିଥିବା ବେଳେ ସେହି ମହିଳାଜଣଙ୍କ ତାଙ୍କୁ ଅଶ୍ଳୀଳ ଗାଳିଗୁଲଜ କରୁଛନ୍ତି। ଏହାକୁ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରାଯାଉଥିବାରୁ ସମାଜରେ ତାଙ୍କ ପ୍ରତିଷ୍ଠା କ୍ଷୁଣ୍ଣ ହେଉଛି। ଏହା ବିରୋଧରେ ମୀରା ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ମୀରାଙ୍କ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ କହିଛନ୍ତି ଯେ କେବଳ ମୀରାଙ୍କ କ୍ଷେତ୍ରରେ ନୁହେଁ, ସାମାଜିକ ଗଣମାଧ୍ୟମରେ ମନଇଚ୍ଛା ମନ୍ତବ୍ୟ ଦିଆଯାଉଥିବାରୁ ଏହା ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସମ୍ମାନ ହାନି କରୁଛି। ଏଣୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାର୍ଥନା କରାଯାଇଛି। ଗୃହ ବିଭାଗ, ଡିଜିପି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ପକ୍ଷଭୁକ୍ତ କରାଯାଇ ଏହି ଆବେଦନ ରୁଜୁ ହୋଇଛି।

■ ଶିମିଳିପାଳରେ ଚଢ଼ଉ

## ୭୦ ଲକ୍ଷର ଅଫିମ ଚାଷ ନଷ୍ଟ

**ବାରିପଦା,୩।୩(ସମିସ):** ବାରମ୍ବାର ଚଢ଼ଉ, ସଚେତନତା ଓ ବିକଳ୍ପ ଚାଷ ପାଇଁ ଶିମିଳିପାଳ ସଂଲଗ୍ନ ବନବାସୀଙ୍କୁ ସରକାର ସହାୟତା କରିବା ପରେ ବି ବେଆଇନ



ଅଫିମ ଚାଷରେ ଅଙ୍କୁଶ ଲାଗିପାରୁନାହିଁ। ସୋମବାର ପୁଲିସ, ଅବକାରୀ ଓ ବନ ବିଭାଗ ପକ୍ଷରୁ ଶିମିଳିପାଳ ଅଭୟାରଣ୍ୟରେ ଚଢ଼ଉ କରାଯାଇଛି। ଯଶିପୁର ଥାନା ଅଧୀନ ଅସନବଣି ଗ୍ରାମ ନିକଟରେ ଚାଷ ହୋଇଥିବା ୩୫ହଜାରରୁ ଊର୍ଦ୍ଧ୍ୱ ଅଫିମ ଗଛକୁ ନଷ୍ଟ କରିଛି ମିଳିତ ଟିମ୍। ଏହାର ଆନୁମାନିକ ମୂଲ୍ୟ ୭୦ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଇନ୍ସପେକ୍ଟର ସଞ୍ଜୟ କୁମାର କାନ୍ଧି ସୂଚନା ଦେଇଛନ୍ତି।

ଗତ ୨ବର୍ଷ ହେଲା କ୍ରମାଗତ ଚଢ଼ଉ କରାଯାଇ ବନବାସୀଙ୍କୁ ଚାଷରୁ ନିବୃତ୍ତ ରହିବାକୁ ସଚେତନ କରାଯାଉଛି। ବାହାର ରାଜ୍ୟର ମାଫିଆଙ୍କ ଇଙ୍ଗିତରେ ଏହି ଚାଷ କରାଯାଉଛି; ଯାହାର ଦାବିଦାର କେହି ରହୁନାହାନ୍ତି। ଏଣୁ ୩ଟି ବିଭାଗ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ। ସୂଚନାଯୋଗ୍ୟ ଯେ ଅତୀତରେ ବନବାସୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କରଞ୍ଜିଆ ଆଇଟିଡିଏ, କୃଷି ଏବଂ ଉଦ୍ୟାନ ବିଭାଗ ପକ୍ଷରୁ ସେମାନଙ୍କୁ ଲାଭଜନକ ବିକଳ୍ପ ଚାଷରେ ନିୟୋଜିତ କରାଯାଇଥିଲା। କିନ୍ତୁ ସେମାନେ ପୁଣି ଅଫିମ ଚାଷ ମୁହାଁ ହୋଇଛନ୍ତି।

### ଦିଗପହଣ୍ଡି ପଞ୍ଚାୟତ ସମିତି ବୈଠକ

## ସାଂସଦ ଓ ବିଧାୟକ ସମର୍ଥକଙ୍କ ମଧ୍ୟରେ ପାଟିତୁଣ୍ଡ, ଠେଲାପେଲା

**ଦିଗପହଣ୍ଡି,୩।୩(ସମିସ):** ସୋମବାର ଦିଗପହଣ୍ଡି ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ସାଂସଦ ଓ ବିଧାୟକଙ୍କ ସମର୍ଥକଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଘମାଘୋଟ ପାଟିତୁଣ୍ଡ ହୋଇଛି। ସଭାଗୃହ ଭିତରେ ଦଳୀୟ କର୍ମୀ ତଥା ଦୁଇଗୋଷ୍ଠୀ ମଧ୍ୟରେ ଗୋଷ୍ଠୀକନ୍ଦଳ ନେଇ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଉଛି।

ବୈଠକରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇଥିଲେ। ସାଂସଦ ପହଞ୍ଚିବା ପରେ ତାଙ୍କ ସମର୍ଥକମାନେ ତାଙ୍କୁ ପ୍ରଥମେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରକୋଷ୍ଠକୁ ପାଛୋଟି ନେଇଥିଲେ। ପରେ ବିଧାୟକ ପହଞ୍ଚିବା ପରେ ଉଭୟଙ୍କ ସମର୍ଥକ ବୃନ୍ଦ ପରସ୍ପରକୁ ଆକ୍ଷେପ କରିବା ସହ ପାଟିତୁଣ୍ଡ କରିଥିଲେ। ଯାହାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଦିଗପହଣ୍ଡି ଥାନା ଏସ୍ଆଇ ଜ୍ୟୋତିରଞ୍ଜନ ବେହେରା ଏବଂ ସୋଫିଆ ମିଶ୍ର ସଦଳବଳେ ଉଭୟ ଗୋଷ୍ଠୀର ସମର୍ଥକଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ପରେ ଥାନାରୁ ବହୁସଂଖ୍ୟକ ସଶସ୍ତ୍ର ଫୋର୍ସ ବ୍ଲକ୍ ଅଫିସ୍‌ରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ ମଧ୍ୟ ଉତ୍ତେଜନା ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଗି ରହିଥିଲା।

### ବିଜେପିରେ ଗୋଷ୍ଠୀ କନ୍ଦଳକୁ ନେଇ ଚର୍ଚ୍ଚା

ବିଗତ ଦିନରେ ବିଭିନ୍ନ ପ୍ରସଙ୍ଗ ନେଇ ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ବିଜେପି ଦୁଇଭାଗ ହୋଇଯାଇଛି। ସାଂସଦଙ୍କ ଅନୁଗାମୀ ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ବିଧାୟକଙ୍କୁ ବିରୋଧ କରୁଥିବାରୁ ପରିସ୍ଥିତି ପ୍ରତି ଏବେଠାରୁ ଦୃଷ୍ଟି ନ ଦେଲେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ସ୍ଥିତି ବିସ୍ଫୋରକ ନେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଗାମୀ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳର ବିକାଶକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ ଅଧ୍ୟକ୍ଷତା କରିଥିଲେ। ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ.ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ମଧ୍ୟ ସ୍ୱଳ୍ପ ସମୟ ରହି ବୈଠକରୁ ଚାଲିଯାଇଥିଲେ। ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜୀବ ପ୍ରଧାନ, ଜିପିଓ ଉମେଶ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ରହି ଆଲୋଚନାରେ ଭାଗ ନେଇଥିଲେ।

ବୈଠକରେ ବ୍ଲକ ଅଧୀନ ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ, ଜିଲ୍ଲା ପରିଷଦ ବିପିନ ଚନ୍ଦ୍ର ପ୍ରଧାନ, ରାଧାକାନ୍ତ ମହାକୁଡ, ଏମ୍ . ଅନସୂୟା ରେଡ୍ଡୀ, ସଂଯୁକ୍ତା କବିଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ସକାଳ
THE SAKALA



## ମହେଶ୍ୱରପୁର ଗ୍ରାମରେ ପୋଡ଼ିଗଲା ୨ ବଖରା

**ଯାଜପୁର, ୩।୩(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ମହେଶ୍ୱରପୁର (ପଦନା) ଗ୍ରାମରେ ଅଗ୍ନିକାଣ୍ଡ ଘଟି ନାରାୟଣ ମଲିକଙ୍କ ଦୁଇ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ନାରାୟଣଙ୍କ ପରିବାର ଲୋକେ ଅପରାହ୍ନରେ ଖଳାରେ କୋଳଥ ଅମଳରେ ବ୍ୟସ୍ତ ଥିବାବେଳେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିବାବେଳେ ଖବର ପାଇ ବରୁଆଁ ଅଗ୍ନିଶମ ସେବା ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଘରେ ଥିବା ବିରି, କୋଳଥ, ମୁଗ, ଧାନ, ଚାଉଳ, ୧୪୫୦୦ ଟଙ୍କା, ଲୁଗା, ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ସରପଞ୍ଚ ସୁଜିତ୍ ରାୟଙ୍କ ସମେତ ଲୋକ ପ୍ରତିନିଧି ପହଞ୍ଚି ନାରାୟଣଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ପ୍ରଦାନ ପାଇଁ ରାଜସ୍ୱ ବିଭାଗ ସହ ଯୋଗାଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ତହସିଲ ଅଫିସ୍ ପରିସରରୁ ସାପ ଉଦ୍ଧାର



**ବ୍ୟାସନଗର, ୩।୩(ସମିସ):** ବ୍ୟାସନଗର ତହସିଲ ଅଫିସ ପରିସରରୁ ସୋମବାର ଏକ ୫ ଫୁଟ ଲମ୍ବର ନାଗସାପ ଉଦ୍ଧାର କରାଯାଇଛି। ବ୍ୟାସନଗର ତହସିଲ ଅଫିସ କ୍ୟାମ୍ପସ ମଧ୍ୟରେ ଥିବା ଜଗୁଆଳିଙ୍କ ପ୍ରକୋଷ୍ଠରେ ସୋମବାର ଜଗୁଆଳିମାନେ ମଧ୍ୟାହ୍ନଭୋଜନ ଖାଇବାକୁ ଯାଇ ଫେରିବା ସମୟରେ ସେଠାରେ ଏକ ବୃହତକାୟ ନାଗସାପକୁ ଦେଖି ସ୍ଥାନୀୟ ସ୍ନେକ ହେଲ୍ପଲାଇନ ସଦସ୍ୟ ମଣିଭଦ୍ର ମଲିକଙ୍କୁ ଫୋନ କରିଥିଲେ। ମଣିଭଦ୍ର ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଥିବା ଜଣାପଡ଼ିଛି।

## ସିଆରପିଙ୍କ ଘରୁ ଚୋରି

**ଧର୍ମଶାଳା, ୩।୩(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତର ଜଣେ ସିଆରପିଙ୍କ ଘରୁ ଦିନ ଦ୍ୱିପ୍ରହରରେ ଘରର ଗ୍ରିଲ୍ ଭାଙ୍ଗି ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରତାପ ପଞ୍ଚାୟତର ସସ୍ମିତା ଭଦ୍ର କିଛିଦିନ ହେବ ମିଶନ ଶକ୍ତିର ସିଆରପି ହୋଇଥିବାବେଳେ ପଞ୍ଚାୟତର ଏମବିକେ ନ ଥିବା କାରଣରୁ ସେ ଏହି ଦାୟିତ୍ୱରେ ଅଛନ୍ତି। ସୋମବାର ୧୦ଟା ସମୟରେ ଘର ଗ୍ରିଲ୍ ଚାବି ପକାଇ ଅଫିସିଆଲ୍ କାର୍ଯ୍ୟରେ ବ୍ୟାଙ୍କ ଯାଇଥିଲେ। ବ୍ୟାଙ୍କରେ ଥିବା ସମୟରେ ତାଙ୍କ ଗାଁ ଘରେ ରହୁଥିବା ଶଶୁର ଘର ପାଖକୁ ଆସି ଘର ଚାବି ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ଗଡ଼ରେଜର ସମସ୍ତ ଜିନିଷ ପତ୍ର ବାହାରେ ପଡ଼ିଥିବାବେଳେ ସୁନା ଗହଣା ଖୋଳ ଓ କାଗଜପତ୍ର ପଡ଼ି ରହିଥିବା ଦେଖିବାକୁ ପାଇଥିଲେ। ୩୦ ହଜାର ଟଙ୍କା ଓ ଦୁଇରୁ ତିନି ଭରି ସୁନା ଗହଣା ଅଳଙ୍କାର ଚୋରି ହୋଇଥିବା ସସ୍ମିତା କହିଛନ୍ତି। ଧର୍ମଶାଳା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରାଧାକୃଷ୍ଣଜୀଉଙ୍କ ମେଳଣ ପ୍ରସ୍ତୁତି ବୈଠକ

**ଜେନାପୁର, ୩।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବାଲିସାହି ପଡ଼ିଆରେ ଆସନ୍ତା ୨୧ ତାରିଖ ଦିନ ପ୍ରସିଦ୍ଧ ରାଧାକୃଷ୍ଣଜୀଉ ମେଳଣ ଆୟୋଜିତ ହେବ। ଏହି ମେଳଣ ୫୩ ବର୍ଷ ପୂର୍ଣ୍ଣ କରିଥିବାବେଳେ ଏ ନେଇ ଆଜି ମା' ବାଘୁଆ ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ମେଳଣ କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବ ବିବରଣୀ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ଦୁଇ ପଞ୍ଚାୟତର ଯୁବଗୋଷ୍ଠୀଙ୍କୁ ନେଇ କମିଟି ଗଠନ କରାଯାଇଛି। ମେଳଣ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। କମିଟି ପକ୍ଷରୁ ପାନୀୟଜଳ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ବାହିନୀ ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସମସ୍ତ ବ୍ୟବସ୍ଥା କରାଯିବ ପାଇଁ ଆଲୋଚନା ହୋଇଥିଲା। ମେଳଣ ଉତ୍ସବକୁ ସୂଚାରୁରୂପେ ପରିଚାଳନା ନିମନ୍ତେ ସମସ୍ତ ସଦସ୍ୟ ଓ ସମ୍ପୃକ୍ତ ଗ୍ରାମବାସୀ ସହଯୋଗ କାମନା କରିଥିଲେ। ଏହି ବୈଠକରେ କମିଟିର ସଭାପତି ବଟକୃଷ୍ଣ ପଣ୍ଡା, ପାଣ୍ଡବ ଚରଣ ବେହେରା, କୈଳାସ ରାଉତ, ଅକ୍ଷୟ ପ୍ରଧାନ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ସାହୁ, ଗଙ୍ଗାଧର ପଣ୍ଡା, ରଘୁନାଥ ପ୍ରଧାନ, ସୁଶାନ୍ତ ପ୍ରଧାନ, ରବୀନ୍ଦ୍ର ସ୍ୱାଇଁ, ଦୁଷ୍ମନ୍ତ ବଳ, ବଂଶୀଧର ମହାରଣା, କାଙ୍ଗାଳି ଚରଣ ସେଠୀ, ସଦାଶିବ ପ୍ରଧାନ, ପ୍ରମୋଦ ଧିରଙ୍କ ସମେତ ଆଞ୍ଚଳିକ ମିଳନ ଉତ୍ସବ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଧ୍ରୁବାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସନ୍ତୋଷୀ ମା' ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ମଇଁଦା, ୩।୩(ସମିସ):** ବିଂଝାରପୁର ବ୍ଲକ ଚିକଣା ପଞ୍ଚାୟତର ମଣିତାପୁର ଗ୍ରାମରେ ଥିବା ସନ୍ତୋଷୀମା' ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ପ୍ରଥମେ କଳସ ଯାତ୍ରା, ଘଟ ନିମର୍ଜନ ହେବା ସହିତ କନ୍ତିଆ ଘାଟ ଖରସ୍ରୋତା ନଦୀରୁ ପ୍ରଥମେ ଜଳ ଆଣି ଶହ ଶହ ମହିଳା ସନ୍ତୋଷୀମା' ମନ୍ଦିରକୁ ଆସିଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା, ସଂକଳ୍ପ, ବରଣ, ମଣ୍ଡଳପୂଜା, ଉପଚାର ପୂଜା ପରେ ନୀତିକାନ୍ତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ ହୋଇଛି। ଅପରାହ୍ନରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ଏହା ତିନିଦିନ ଯାଏ ଚାଲିବ। ପ୍ରତିଷ୍ଠା ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ସ୍ଥାନୀୟ ଗ୍ରାମର ଶିଳ୍ପପତି ସ୍ୱାମୀ କ୍ଷେତ୍ରବାସୀ ଲେଙ୍କା ପତ୍ନୀଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ଏହି ମନ୍ଦିର ନିର୍ମାଣ କରିବା ଘଟଣାକୁ ନେଇ ଗତବର୍ଷ ବେଶ୍ ଚର୍ଚ୍ଚା ହୋଇଥିଲା।

### ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ସୁପରିଚାଳନା ପ୍ରସ୍ତୁତି ବୈଠକ

# ଯୁଦ୍ଧକାଳୀନ ଭିତ୍ତିରେ ପାନୀୟଜଳ ସମସ୍ୟାର ସମାଧାନ ନିର୍ଦ୍ଦେଶ

**ଯାଜପୁର, ୩।୩(ସମିସ)**



ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବା ସହିତ ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ୱାଟର ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରାମ୍ୟ ଜଳଯୋଗାଣ ବିଭାଗ, ବ୍ଲକ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍‌କୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଉଁଳି କୌଣସି ଅଭିଯୋଗ ନ ଆସେ, ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ବ୍ଲକରୁ ଆସିଥିବା ନୂତନ ପ୍ରସ୍ତାବ ଅନୁଯାୟୀ ନଳକୂଅ ଚଳିତ ମାସ ୧୫ ତାରିଖ ସୁଦ୍ଧା ବସାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଇବାକୁ ପାନୀୟ ଜଳଯୋଗଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଲୋକଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା, ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନ ହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଜଳଛତ୍ରରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା, ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ରଖିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଓ ବ୍ଲକ ସ୍ତରରେ ସେବା ଉପଲବ୍ଧ କରାଇ ନିୟମିତ ଭାବେ ଯାଞ୍ଚ କରି ପଦକ୍ଷେପ ନେବା, ବିଭିନ୍ନ ଜନଗହଳି ସ୍ଥାନରେ ବିଗତ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା, ବ୍ଲକ, ତହସିଲ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟ ଅନୁରୂପ ଭାବେ ଭାବେ ନିୟନ୍ତ୍ରଣ କକ୍ଷ ଖୋଲିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ପ୍ୟାକେଟ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, କୁଲର୍ ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁଙ୍କ ପାଇଁ ଗାଁର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନରେ ଜଳକୁଣ୍ଡର ବ୍ୟବସ୍ଥା କରିବା, ଶ୍ରମିକମାନେ ଦିନ ୧୧ଟାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ କାମ ବନ୍ଦ ରଖିବା, କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟଜଳ, ଓଆରଏସ ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଶିଳ୍ପ ସଂସ୍ଥା ଏହି ସମୟରେ ବିଭିନ୍ନ ସ୍ଥାନରେ ଜଳଯୋଗାଣ ଓ ପାନୀୟଜଳ ସେବା ଖୋଲିବା ନିମନ୍ତେ ଅନୁରୋଧ କରାଯାଇଥିଲା। ଅଂଶୁଘାତଜନିତ ମୃତ୍ୟୁ ହେଲେ ତହସିଲଦାର ଓ ମେଡିକାଲ ଅଫିସରଙ୍କ ଦ୍ୱାରା ୨୪ ଘଣ୍ଟା ମଧ୍ୟରେ ଯୁଗ୍ମ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ। ଉକ୍ତ ବୈଠକରେ ଜିଲ୍ଲା ଜରୁରୀ ଅଧିକାରୀ ଅଶୋକ ବେହେରା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ କ୍ଷେତ୍ରୀୟ ଅଧିକାରୀ ଓ ସମସ୍ତ ବିଡିଓ ଓ ତହସିଲଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଟାଟାଙ୍କ ୧୮ ୬ତମ ଜୟନ୍ତୀ ପାଳିତ

## ରେମାଳ ଡ୍ୟାମ୍‌ରେ ପ୍ଲାଷ୍ଟିକ୍ ସଫେଇ ଅଭିଯାନ



**ଦାନଗଦି, ୩।୩(ସମିସ):** ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ) ଓ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନଏଲ୍) ମିଳିତ ଭାବେ ଟାଟା ଗ୍ରୁପର ପ୍ରତିଷ୍ଠାତା ଜାମସେତଜୀ ନୁସରୱାନଜୀ ଟାଟାଙ୍କ ୧୮୬ତମ ଜୟନ୍ତୀ ସୋମବାର ପାଳନ କରିଛନ୍ତି। କଳିଙ୍ଗନଗରଠାରେ ପ୍ରକଳ୍ପ କାର୍ଯ୍ୟାଳୟରୁ ଟିଏସକେ ସେଣ୍ଟରର କର୍ମଚାରୀ ପରେଡ କରିଥିଲେ। ବରିଷ୍ଠ ନେତୃବୃନ୍ଦ, କର୍ମଚାରୀ ସଂଘ ପ୍ରତିନିଧି ଓ କର୍ମଚାରୀ ଟାଟାଙ୍କ ପରମ୍ପରାକୁ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏ ଅବସରରେ ପୁନର୍ବାସ ଓ ଥଇଥାନ କଲୋନୀ, କମ୍ପାନୀର ହାଉସିଂ କଲୋନୀରେ ସପ୍ତାହ ବ୍ୟାପୀ ଆୟୋଜିତ ଉତ୍ସବରେ ଟାଟା ପରିବାର ସଦସ୍ୟ ଓ କର୍ମଚାରୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ସମେତ ଅନେକ କ୍ରୀଡ଼ା ପ୍ରତିଯୋଗିତା ଓ ସ୍ଥାନୀୟ ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗୋବରଘାଟି, ତ୍ରିଜଙ୍ଗା ଓ ସନସାଇଲୋର ୧୦୦୦ରୁ ଅଧିକ ଟାଟା ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ, ଟାଟା ଷ୍ଟିଲ କଳିଙ୍ଗନଗର ଓ ଫେରୋ ଆଲଏଜ୍ ପ୍ଲାଣ୍ଟ ବ୍ରାହ୍ମଣୀପାଳର ମିଳିତ ସହଯୋଗରେ ରେମାଳ ଡ୍ୟାମରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୭୦ରୁ ଅଧିକ କର୍ମଚାରୀ ବୃହତ ସଫେଇ ଅଭିଯାନରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଓ ଅଣ-ବାୟୋଡିଗ୍ରେଡେବଲ୍ ବର୍ଜ୍ୟବସ୍ତୁ ବ୍ୟବହାର ନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି ସଫଳ ପ୍ରୟାସ ଫଳରେ ପାଖାପାଖି ଏକ କ୍ୱିଣ୍ଟାଲ ବର୍ଜ୍ୟବସ୍ତୁ ସଂଗ୍ରହ ହୋଇଥିଲା, ଯାହା ଡ୍ୟାମ୍ ଓ ଏହାର ଆଖପାଖ ପରିବେଶ ପରିଚାଳନାରେ ଉଲ୍ଲେଖନୀୟ ଭୂମିକା ପ୍ରଦର୍ଶନ କରିଥିଲା। ନୀଳାଚଳ ଇସ୍ପାତ ନିଗମର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଜେଏନ୍ ଟାଟାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏନଆଇଏନଏଲ୍ ଟାଉନସିପରେ ଆୟୋଜିତ କୁଇଜ୍ ପ୍ରତିଯୋଗିତା ଓ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଏଥିରେ ଅଂଶଗ୍ରହଣ କରିଥିଲେ।

## 'ଆମ ସଂସ୍କୃତି, ଆମ ଖେଳଣା' କାର୍ଯ୍ୟକ୍ରମ

**କୟାଁଗୋଲା, ୩।୩ (ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଟ୍ୟ କଳାକାର କାର୍ତ୍ତିକ ଚନ୍ଦ୍ର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ କିଶନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସିଆରସିସି ପ୍ରିୟରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଏବିଓ ନୃସିଂହ ଚରଣ ମହାନ୍ତି, ଧରମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ମଲ୍ଲିକ ପ୍ରମୁଖ ଯୋଗଦେଇ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଇଥିବା ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆମ ସଂସ୍କୃତି ଓ ଆମ ଖେଳଣା ଉପରେ ବିଭିନ୍ନ ପ୍ରକାର କଳାକୃତି ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷକ ସୁରେନ୍ଦ୍ର ପଣ୍ଡା, ଖଗେଶ୍ୱର ସାହୁ, ଉତ୍ପଳ ବିଶ୍ୱାଳ, ସ୍ନେହାଞ୍ଜଳି ଜେନା, ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



## ପାଣିକୋଇଲି ଦୋଳ ମେଳଣ ପ୍ରସ୍ତୁତି ବୈଠକ

**ପାଣିକୋଇଲି, ୩।୩(ସମିସ):** ପାଣିକୋଇଲିର ୪୦ତମ ଦୋଳ ମେଳଣ ଚଳିତ ମାସ ୨୧ ତାରିଖ ରାତି ଓ ୨୨ ତାରିଖ ଦିନ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ କମିଟି ସଭାପତି ଘନଶ୍ୟାମ ପଣ୍ଡାଙ୍କ ଆବାହକତ୍ୱରେ ସ୍ଥାନୀୟ ମା' ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମେଳଣକୁ କିପରି ସରସ ସୁନ୍ଦର ଭାବେ ଆୟୋଜିତ କରିହେବ, ସେଥିନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା ଉକ୍ତ ବୈଠକରେ ସଭାପତି ଘନଶ୍ୟାମ ପଣ୍ଡା, ସମ୍ପାଦକ ଅଜୟ ମଲ୍ଲିକଙ୍କ ସମେତ ଅଦୈତ ଦାଶ, ରଘୁନାଥ ମାଝୀ, ଶ୍ୟାମସୁନ୍ଦର ସାମଲ, ମଧୁସୂଦନ ସାହୁ, ପୀତବାସ ବେହେରା, ସୂର୍ଯ୍ୟମଣି ପଣ୍ଡା, କାର୍ତ୍ତିକ ମଲ୍ଲିକ, ଅଶୋକ ପଣ୍ଡା, ଗଣେଶ ମଲ୍ଲିକ, ରମେଶ ସାହୁ, ବୃନ୍ଦାବନ ମହାକୁଡ଼, ଦଶରଥ ଦଳାଇ, ପଙ୍କଜ ଧଳ, ନାରାୟଣ ଦଳାଇ, ଶ୍ରୀଧର ବେହେରା ପ୍ରମୁଖ ଯୋଗ ଦେଇଥିବାବେଳେ ପ୍ରଭାକର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଠାକୁରବାଡ଼ି ମହାସଂଘର ସ୍ୱତନ୍ତ୍ର ବୈଠକ



**କୁଆଖିଆ, ୩।୩(ସମିସ):** ଯାଜପୁର ଜିଲ୍ଲା ରାଧାକୃଷ୍ଣଜୀଉ ଠାକୁରବାଡି ମହାସଂଘର ସ୍ୱତନ୍ତ୍ର ବୈଠକ ମଧୁବନ ହାଟସ୍ଥ ହିଙ୍ଗୁଳା ମନ୍ଦିର ପରିସରରେ ସ୍ଥାୟୀ ସଭାପତି ସୁରେନ୍ଦ୍ର ନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି କରୁଣାକର ବରାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସମ୍ପାଦକ ଜୟନାରାୟଣ ଶତପଥୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଆଗାମୀ ଦୋଳ ମେଳଣକୁ ଦୃଷ୍ଟିରେ ରଖି ଆହୂତ ଏହି ବୈଠକରେ ମେଳଣକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ମହାସଂଘ ପକ୍ଷରୁ ସମସ୍ତ ଠାକୁରବାଡିଙ୍କୁ ନିବେଦନ କରାଯାଇଥିଲା। ମେଳଣରେ ଶବ୍ଦ ପ୍ରଦୁଷଣ କମ୍ କରିବା ପାଇଁ ସମସ୍ତ ଠାକୁରବାଡି ଓ ମେଳଣ କମିଟିଙ୍କୁ ଅନୁରୋଧ କରାଯାଇଥିଲା। ପ୍ରତି ଠାକୁରବାଡି ସେମାନଙ୍କ ବିମାନ ନିକଟରେ ଅତ୍ୟୁଚ ଶବ୍ଦ ନ କରିବା ଦିଗରେ ପଦକ୍ଷେପ ନେଲେ ମେଳଣରେ ଶବ୍ଦ ପ୍ରଦୂଷଣ କମ୍ ହେବ ବୋଲି କୁହାଯାଇଥିଲା। ମେଳଣ ଅତିବେଶୀରେ ଦିନ ଗୋଟାଏ ପର୍ଯ୍ୟନ୍ତ ଚାଲିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଖରାରେ ବିମାନ ସମ୍ମୁଖରେ ଖାଲି ପାଦରେ କୀର୍ତ୍ତନ କରିବା କଷ୍ଟକର ହୋଇଥିବାରୁ ଯଥାସମ୍ଭବ ସମସ୍ତଙ୍କ ସହଯୋଗରେ ଏହାକୁ ଶୀଘ୍ର ସାରିବାକୁ ସମସ୍ତେ ସହଯୋଗ କରିବା ଦରକାର ବୋଲି ଆଲୋଚନା ହୋଇଥିଲା। ଠାକୁରବାଡିଙ୍କ ମଧ୍ୟରେ ଭାଇଚାରା ରକ୍ଷା କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଅମୂଲ୍ୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଯତୀନ୍ଦ୍ରନାଥ ମହାନ୍ତି, ଦୀନବନ୍ଧୁ ନାୟକ, ଅରୁଣ ଦାସ, ନିହାର ରଞ୍ଜନ ଜେନା, ବାବାଜୀ ଦେହୁରି, କୁଳମଣି ପଣ୍ଡିତ, ଅନୀଲ ସାହୁ, ସୁବାସ ରାଉତରାୟ, ବ୍ରଜମୋହନ ମହାନ୍ତି, ପଦ୍ମନାଭ ସାହୁ, କୈଳାସ ପ୍ରଧାନ, ବଳରାମ ସାହୁ, ଭାଗ୍ୟଧର ବରାଳ, ସୁଧାକର ସ୍ୱାଇଁ, ଅଲେଖ ସାମଲ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

### ଅର୍ଥନୈତିକ ଗଣତନ୍ତ୍ର, ସାମାଜିକ ପରିବର୍ତ୍ତନର ନୂତନ ବିଚାରଧାରା ଶୀର୍ଷକ ଆଲୋଚନାଚକ୍ର

# ଛାତ୍ର ଓ ଯୁବ ଗୋଷ୍ଠୀ ଅପସଂସ୍କୃତିରୁ ମୁକ୍ତ ରହିବାକୁ ପରାମର୍ଶ

**ବରୀ, ୩।୩(ସମିସ)**




ଆଜି ସ୍ଥାନୀୟ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ 'ଅର୍ଥନୈତିକ ଗଣତନ୍ତ୍ର, ସାମାଜିକ ପରିବର୍ତ୍ତନର ନୂତନ ବିଚାରାଧାରା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରବୋଧ କୁମାର ସାମଲଙ୍କ ଅଧ୍ୟକ୍ଷତା ଓ ପୃଷ୍ଠପୋଷକତାରେ ଆୟୋଜିତ ଉକ୍ତ ଆଲୋଚନାଚକ୍ରରେ ସମାଜର ବର୍ତ୍ତମାନର ବାସ୍ତବ ଦୁର୍ଭାଗ୍ୟପୂର୍ଣ୍ଣ ସ୍ଥିତି ବିଷୟରେ ବିସ୍ତୃତ ଆଲୋଚନା କରି କହିଥିଲେ, ଆଜି ସମାଜ କିପରି ପୁଞ୍ଜିବାଦୀ ବ୍ୟବସ୍ଥା ଦ୍ୱାରା ପରିପୁଷ୍ଟ ଖରାପ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇ ଏହାର ମୂଳ ମହାନ୍ ସଂସ୍କୃତିରୁ ଦୂରେଇ ଯାଉଛି। ଏହାର କୁପ୍ରଭାବରୁ ସମାଜର ନୂତନ ପିଢି ଛାତ୍ର ଓ ଯୁବ ଗୋଷ୍ଠୀ ମୁକ୍ତ ରହିବାକୁ ସର୍ବଦା ସତର୍କ ଓ ସଞ୍ଜମତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ବକ୍ତା କାର୍ଯ୍ୟକ୍ରମର ସହ-ଆୟୋଜକ ଉତ୍କଳ ସମାଜର ବରିଷ୍ଠ ଅଧିକାରୀ ଇଞ୍ଜିନିୟର କାହ୍ନୁଚରଣ ବେହୁରା ରାଜନୈତିକ ଗଣତନ୍ତ୍ରର ତ୍ରୁଟିବିଚ୍ୟୁତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସେ ଛାତ୍ର ଓ ଯୁବପିଢ଼ିଙ୍କ ବେକାରୀ ସମସ୍ୟା ପାଇଁ ବର୍ତ୍ତମାନର ପ୍ରଚଳିତ ସାମାଜିକ, ଅର୍ଥନୈତିକ ବ୍ୟବସ୍ଥାକୁ ଦାୟୀ କରିବା ସହିତ ୧୦୦ ପ୍ରତିଶତ ନିଯୁକ୍ତି ଓ ସାମାଜିକ ପ୍ରଗତି ପାଇଁ ପ୍ରାଉଟ୍ ଦର୍ଶନର ଅର୍ଥନୈତିକ ଗଣତନ୍ତ୍ରର ପ୍ରାସଙ୍ଗିକତାକୁ ଦୃଢ଼ ଭାବେ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଭାରତର ବିଶିଷ୍ଟ ସମାଜ ଚିନ୍ତକ, ଅର୍ଥନୀତି ବିଶେଷଜ୍ଞ, ଡେନମାର୍କ କୋପେନହେଗେନସ୍ଥ ପ୍ରାଉଟିଷ୍ଟ ୟୁନିଭର୍ସାଲର ଗ୍ଲୋବାଲ ଆଡଭାଇଜରୀ କମିଟି ସଦସ୍ୟ ରାଜେଶ ସିଂହ ଯୋଗ ଦେଇଥିଲେ। ସେ ରାଜନୈତିକ ଗଣତନ୍ତ୍ର ଓ ଅର୍ଥନୈତିକ ଗଣତନ୍ତ୍ର ମଧ୍ୟରେ ପାର୍ଥକ୍ୟ ବ୍ୟାଖ୍ୟା କରିଥିଲେ। ପରିସଂଖ୍ୟାନ ମାଧ୍ୟମରେ ବର୍ତ୍ତମାନ ବ୍ୟବସ୍ଥାର ବିଫଳତାକୁ ଆଲୋକପାତ କରିବା ସହିତ ପ୍ରଭାତ ରଞ୍ଜନ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସାମାଜିକ, ଅର୍ଥନୈତିକ ଦର୍ଶନ 'ପ୍ରଗତିଶୀଳ ଉପଯୋଗ ତତ୍ତ୍ୱ'ର ଅର୍ଥନୈତିକ ଗଣତନ୍ତ୍ର ବ୍ୟବସ୍ଥାକୁ ତୁରନ୍ତ ଗ୍ରହଣ କରିବା ପାଇଁ ଦୃଢ଼ ମତପୋଷଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ପ୍ରସିଦ୍ଧ ଶିକ୍ଷାବିତ୍ ଓ ସମାଜସେବୀ କୁଳମଣି ଶୁକ୍ଳ ଅର୍ଥନୈତିକ ଗଣତନ୍ତ୍ରର ଧାରଣା ସହିତ ତାଙ୍କର ସମ୍ପୂର୍ଣ୍ଣ ସହମତ ପ୍ରକାଶ କରିଥିଲେ। ସେ କେବଳ ଏହାର ଶୀଘ୍ର କାର୍ଯ୍ୟକାରିତା ପାଇଁ ଦୃଢ଼ ଦାବି କରି ନ ଥିଲେ, ବରଂ ଯୁବପିଢ଼ିଙ୍କୁ ଅର୍ଥନୈତିକ ଗଣତନ୍ତ୍ରର ଏହି ଆନ୍ଦୋଳନରେ ଯୋଗଦେଇ ବ୍ୟାପକ କରାଇବାକୁ ଆହ୍ୱାନ ଦେଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ମିଳନ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ କୁଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥଲେ। ଯୁବ ସାମାଜିକ କର୍ମୀ କେଶର କଳ୍ପବୃକ୍ଷ, ସରୋଜ ମହାପାତ୍ର, ବନ୍ଦିତା ଦାସ, ତାରାକାନ୍ତ ଆଚାର୍ଯ୍ୟ, ପ୍ରଶାନ୍ତ ପଡ଼ିହାରି, ଅରକ୍ଷିତ ମଲ୍ଲିକ, ମୋହନ ଜେନା, ତିଳୋତ୍ତମା ସେଠୀ, ଜୟରାମ ନାୟକ, ପ୍ରଶାନ୍ତ ବେହୁରା, ସୁଧୀର ବିଶ୍ୱାଳ ଓ ସଞ୍ଜୟରାଜ ମହାପାତ୍ର ଉପସ୍ଥିତ ଥିଲେ।

## କନିକାପଡ଼ା ପଞ୍ଚାୟତରେ ଜନଶୁଣାଣି



**ମଙ୍ଗଳପୁର, ୩।୩ (ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତରେ ଆଜି ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଅତିରିକ୍ତ ବିଡିଓ ତ୍ରିଲୋଚନ ସେଠୀ ଶିବିରକୁ ଉଦଘାଟନ କରିଥିବାବେଳେ ଅଙ୍ଗନବାଡି କର୍ମୀ ଅତିରିକ୍ତ ବିଡିଓ, ଅତିରିକ୍ତ ତହସିଲଦାରଙ୍କୁ ସ୍ୱାଗତ କରିଥିଲେ। ଶିବିରରେ ଦଶରଥପୁର ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ରାସବିହାରୀ ଜେନା, ସିଡିପିଓ ଶାନ୍ତିଲତା ସେଠୀ, ଆରଡବ୍ଲ୍ୟୁଏସଏସ ଏଇ ମନୋଜ ବେହେରା, ଏଡିଓ ଦୀପ୍ତିମୟୀ ଦେଓ, ବିଏସଏସଓ ସ୍ୱାଧୀନ କ୍ରିଷ୍ଣାବାଳା, ଆରସିଏମ ଡିଇଓ ପ୍ରକାଶ ବେହେରା, ବିଆରଏସ ଏସବିଏମ ମାନସ ଦାସ, କନିକାପଡ଼ା ଗ୍ରାମ୍ୟ କୃଷି ଅଧିକାରିଣୀ ଗୀତାଞ୍ଜଳି କର, କନିକାପଡ଼ା ପଞ୍ଚାୟତ ଅଧିକାରୀ ରବିନାରାୟଣ ସାମଲ ଯୋଗଦେଇ ଅଭିଯୋଗ ଗ୍ରହଣ କରିଥିଲେ। ୪୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ଏଥିରେ ୨ଟି ସାମୂହିକ ଓ ୩୮ ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ରେସନ କାର୍ଡ ପାଇଁ ସର୍ବାଧିକ ୨୨ଟି ଅଭିଯୋଗ ହସ୍ତଗତ ହୋଇଥିବା ଆରସିଏମ ଡିଇଓ ପ୍ରକାଶ ବେହେରା ସୂଚନା ଦେଇଛନ୍ତି। ଶିବିରକୁ ସରପଞ୍ଚ ପ୍ରଦୀପ ଜେନା, ନାଏବ ସରପଞ୍ଚ ଅର୍ଚ୍ଚନା ସାହୁ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ୱାର୍ଡ ସଭ୍ୟସଭ୍ୟା ପରିଚାଳନା କରିଥିଲେ।

# ଦୁଇ ବାଇକ୍ ଧକ୍କା; ୩ ମୃତ

**ମୁନିଗୁଡ଼ା, ୩ା୩ (ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଓ ହୁକୁମତୋଳା ମୁଖ୍ୟରାସ୍ତାରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଲିଟିଗୁଡା ଗ୍ରାମର ରିତିକ ଡଙ୍ଗରି, ରାହୁଲ କୁସୁଲିଆ ଓ ଅନ୍ୟଜଣେ ରାମନାକୁପୁଲି ଗ୍ରାମର ସଦାନନ୍ଦ ମୁଣ୍ଡିକା।

ସୂଚନାନୁଯାୟୀ, ମୁନିଗୁଡ଼ା ଓ ହୁକୁମତୋଳା ମୁଖ୍ୟ ରାସ୍ତାରେ ରାତି ପ୍ରାୟ ସାଢ଼େ ୮ଟାରେ ଦ୍ରୁତ ଗତିରେ ଆସିଥିବା ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଥିଲେ। ମୁନିଗୁଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୨ଜଣଙ୍କୁ ବିଷମକଟକ ଖ୍ରୀଷ୍ଟିଆନ୍ ହସ୍ପିଟାଲକୁ ପଠାଯାଇଥିବା ବେଳେ ଅନ୍ୟଜଣକୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବିଷମକଟକ ଖ୍ରୀଷ୍ଟିଆନ୍ ହସ୍ପିଟାଲରେ ଲିଟିଗୁଡ଼ା ଗ୍ରାମର ରିତିକ ଡ଼ଙ୍ଗରିଙ୍କ ମୃତ୍ୟୁ ହୋଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ୨ଜଣ ଯୁବକ ହେଲେ, ଲିଟିଗୁଡା ଗ୍ରାମର ରାହୁଲ କୁସୁଲିଆ ଓ ଅନ୍ୟଜଣେ ରାମନାକୁପୁଲି ଗ୍ରାମର ସଦାନନ୍ଦ ମୁଣ୍ଡିକା।

# ମୋକିମଙ୍କୁ ମିଳିବ ବଡ଼ ଦାୟିତ୍ୱ: ଭକ୍ତ ଦାସ

**ଭୁବନେଶ୍ୱର,୩ା୩(ସମିସ):** ମହମ୍ମଦ ମୋକିମ କଂଗ୍ରେସର ଜଣେ ଦକ୍ଷ ନେତା। ଆଗାମୀ ଦିନରେ ତାଙ୍କୁ ବଡ଼ ଦାୟିତ୍ୱ ଦିଆଯିବ ବୋଲି କଟକ ଗସ୍ତ ସମୟରେ ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତ ଦାସ। ପିସିସି ସଭାପତି ଦାୟିତ୍ୱ ନେବା ପରେ ଭକ୍ତ ଦାସ ପ୍ରଥମ ଥର ପାଇଁ କଟକ ଗସ୍ତରେ ଯାଇ ସ୍ୱରାଜ ଆଶ୍ରମ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ସେ କଂଗ୍ରେସ ବରିଷ୍ଠ ନେତା ମହମ୍ମଦ ମୋକିମ୍‌ଙ୍କ ବାସଭବନରେ ମଧ୍ୟାହ୍ନ ଭୋଜନ ମଧ କରିଛନ୍ତି। କିଛି ଦିନ ପୂର୍ବରୁ ପିସିସି ସଭାପତି ରେସ୍‌ରେ ମହମ୍ମଦ ମୋକିମ୍‌ଙ୍କ ନାଁ ମଧ୍ୟ ରହିଥିଲା। ତେଣୁ ଭକ୍ତଙ୍କୁ ପିସିସି ଦାୟିତ୍ୱ ମିଳିବା ପରେ ଉଭୟଙ୍କ ମଧ୍ୟରେ ସୁବୁ ଠିକ୍ ନ ଥିବା ନେଇ ଚର୍ଚ୍ଚା ହେଉଥିଲା। ମାତ୍ର ଦୁଇ ନେତା ଆଜି ଏକାଠି ସାମନାକୁ ଆସିବା ସହ ସେମାନଙ୍କ ମଧ୍ୟରେ କୌଣସି ମତଦ୍ୱୈଧ ନ ଥିବା ବାର୍ତ୍ତା ଦେଇଛନ୍ତି।

ଭକ୍ତଚରଣ ଆଜି ସ୍ୱରାଜ ଆଶ୍ରମରେ ସ୍ୱାଧୀନତା ସଂଗ୍ରାମର ମହାନାୟକ ମାନଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ସେହିପରି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଓଡ଼ିଆବଜାର ସ୍ଥିତ ଜନ୍ମସ୍ଥାନରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କଟକର ଆରାଧ୍ୟା ଦେବୀ ମା' କଟକଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ସେ କଟକରୁ ପ୍ରକାଶିତ ଦୁଇଟି ସମ୍ବାଦପତ୍ର କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ପ୍ରେସଛକ ଠାରେ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପିସିସି ସଭାପତି ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଗସ୍ତ କରିବାସମୟରେ ଜଗତପୁର ଗୋଲେଇ ଛକ, ପୀରବଜାର ସ୍ଥିତ ସାଲେପୁର କଂଗ୍ରେସ କାର୍ଯ୍ୟାଳୟ ଓ ପାଗାଛକ ଠାରେ ତାଙ୍କୁ କଂଗ୍ରେସ କର୍ମୀମାନେ ସମ୍ବର୍ଦ୍ଧନା ଦେଇଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମରେ ମହମ୍ମଦ ମୋକିମ, ସୁରେଶ ମହାପାତ୍ର, ନବଜ୍ୟୋତି ପଟ୍ଟନାୟକ, ସୋଫିଆ ଫିର୍ଦ୍ଦୋଶ, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ଡ. ଦେବାଶିଷ ପଟ୍ଟନାୟକଙ୍କ ସହ ବହୁ କଂଗ୍ରେସ ନେତା ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫଗୁଣରୁ ଶୁଖିଲାଣି...

ମୋଟ ୪୩୮୩ କ୍ୟୁସେକ୍ ଏବଂ ଶିଳ୍ପସଂସ୍ଥା ଗୁଡ଼ିକୁ ୨୬୮ କ୍ୟୁସେକ ଜଳ ଦିଆଯାଉଛି। ପ୍ରାୟ ୮୮୩ କ୍ୟୁସେକ ଜଳ ବାଷ୍ପୀଭୂତ ହେଉଥିବା ଜଣାପଡ଼ିଛି। ଅନୁରୂପ ଭାବରେ ବୁର୍ଲା ପାୱାର ହାଉସ୍‌ରେ ୨୩.୭୫୦ ମେଗାୱାଟ୍ ଓ ଚିପିଲିମା ପାୱାର ହାଉସ୍‌ରେ ୧୫.୨୫୦ ମେଗାୱାଟ୍ ଏହିଭଳି ମୋଟ ୩୯ ମେଗାୱାଟ୍ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଛି।

ମହାନଦୀ ଉପରେ ଅବବାହିକାରେ ଥିବା ସମ୍ବଲପୁର ସମେତ ୧୪ଟି ଜିଲ୍ଲାର ଲକ୍ଷ ଲକ୍ଷ ଅଧିବାସୀ ନିର୍ଭର କରନ୍ତି। ମାତ୍ର ଉପରମୁଣ୍ଡରୁ ହୀରାକୁଦ ନଦୀବନ୍ଧକୁ ଜଳପ୍ରବାହ କମୁଥିବାରୁ ଜଳସ୍ତର ମଧ୍ୟ ଅହେତୁକ ଭାବେ ହ୍ରାସ ପାଉଛି। ଏହାସହିତ ଚଳିତବର୍ଷ ଫେବୃଆରୀ ଶେଷ ସପ୍ତାହରୁ ପାରଦ ଚଢ଼ୁଛି। ଏଥର ପ୍ରବଳ ଗ୍ରୀଷ୍ମପ୍ରବାହ ହେବା ପୂର୍ବାନୁମାନ କରାଯାଉଛି। ଏଭଳି ସ୍ଥିତିରେ ଗୋଟିଏ ଦିଂ'ଟା ଛୋଟ ଧାରରେ ମହାନଦୀର ସ୍ଥିତି ସୀମିତ ହୋଇଛି। ଏବେ ରବି ଋତୁରେ ଫସଲ ପାଇଁ ଜଳସେଚନ ଏକ ବଡ଼ ଆହ୍ୱାନ ହୋଇଛି। ଜଳପ୍ରବାହରେ ହ୍ରାସ ଯୋଗୁଁ ହୀରାକୁଦ ଓ ଚିପିଲିମା ଜଳବିଦ୍ୟୁତ କେନ୍ଦ୍ରରେ ଉତ୍ପାଦନ ମଧ୍ୟ ହ୍ରାସ ପାଇବ। ଏଭଳି ସ୍ଥିତିରେ ରାଜ୍ୟ ସରକାର ନିରବତା ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି ।

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଜଳବିବାଦକୁ ନେଇ ମହାନଦୀ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। କିନ୍ତୁ ତାହାର ବୈଠକ ମଧ ବସୁନାହିଁ। ବର୍ଷା ଋତୁରେ ମହାନଦୀ ପୂର୍ଣ୍ଣଗର୍ଭା ହୋଇ ପ୍ରବାହିତ ହେଉଥିବାବେଳେ ଛତିଶଗଡ଼ ଅଚାନକ ଜଳ ନିଷ୍କାସନ କରିବା ନଜିର ରହିଛି। ହୀରାକୁଦ ନଦୀବନ୍ଧରେ ମଧ ଜଳସ୍ତର ନିମ୍ନରେ ରହିଛି। ଛତିଶଗଡ଼ରେ ନଦୀବନ୍ଧ ଓ ବ୍ୟାରେଜ ପରେ ମହାନଦୀରେ ଜଳପ୍ରବାହ ବର୍ଷାଋତୁ ବ୍ୟତୀତ ଅନ୍ୟ ସମୟରେ କେବଳ ଛୋଟ ଧାରରେ ହୋଇଥାଏ। ଗତ ନିର୍ବାଚନରେ ମହାନଦୀର ଜଳ ସମସ୍ୟା ଏକ ପ୍ରସଙ୍ଗ ହୋଇଥିଲା। ଏବେ ଛତିଶଗଡ଼ ଓ ଓଡ଼ିଶା ସମେତ କେନ୍ଦ୍ରରେ ବିଜେପି ସରକାର ଥିବାରୁ ଟ୍ରିପଲ୍ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ମହାନଦୀ ଜଳସଙ୍କଟ ଓଡ଼ିଶାବାସୀଙ୍କୁ ନିରାଶ କରିଛି।

ପରିବେଶବିତ୍ ରଞ୍ଜନ ପଣ୍ଡା କହିଛନ୍ତି ଯେ ଉଭୟ ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର ସହ କେନ୍ଦ୍ରରେ ବିଜେପି ସରକାର ଗଠନ ହେବାପରେ ଏହି ଜଳସମସ୍ୟା ସମାଧାନ ହେବ ବୋଲି ଲୋକେ ଆଶା କରୁଥିଲେ। ଏହି ଜଳବିବାଦକୁ ନେଇ ଏକ ଆନ୍ତଃରାଜ୍ୟ ଯୁଗ୍ମ କମିଟି ଗଠନ କରାଯାଇ ମହାନଦୀରେ ଜଳପ୍ରବାହଠାରୁ ଆରମ୍ଭ କରି ସମସ୍ତ ତଥ୍ୟ ଉଭୟ ରାଜ୍ୟ ନିଜ ନିଜ ଭିତରେ ଦିଆନିଆ କରିବା କଥା। ଜଳସମସ୍ୟାକୁ ନେଇ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ଠୋସ ପଦକ୍ଷେପ ଗ୍ରହଣ କରାନଗଲେ, ମହାନଦୀ କେବଳ ଏକ ରାଜନୈତିକ ପ୍ରସଙ୍ଗ ହୋଇ ରହିଯିବ। ମହାନଦୀ ଉପରେ ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ନିର୍ଭର କରୁଥିବାରୁ ଆଗାମୀ ଦିନରେ ଏହା ସାମଗ୍ରିକ ଭାବେ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରିବା ଆଶଙ୍କା ରହିଛି।

ସେହିପରି ସାମାଜିକ କର୍ମୀ ସରୋଜ କହିଛନ୍ତି ଯେ ମହାନଦୀର ଉପରମୁଣ୍ଡରେ ବ୍ୟାପକ ନଦୀବନ୍ଧ ଓ ବ୍ୟାରେଜ ନିର୍ମାଣ ପରେ ଜଳପ୍ରବାହ ସ୍ୱାଭାବିକ ଭାବେ କମିଯାଇଛି। ଯାହା ଆଗରୁ ଆଶଙ୍କା କରାଯାଉଥିଲା ତାହା ସତ୍ୟ ପ୍ରମାଣିତ ହୋଇଛି। ବର୍ତ୍ତମାନ ଯେହେତୁ ରାଜ୍ୟ, କେନ୍ଦ୍ର ଓ ଛତିଶଗଡ଼ରେ ଗୋଟିଏ ସରକାର ଅଛି ତେଣୁ ରାଜନୈତିକ ଇଚ୍ଛାଶକ୍ତି ଦେଖାଇଲେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମୌସୁମୀ ଓ ଅଣମୌସୁମୀ ଋତୁରେ ଦେଖାଦେଇଥିବା ଜଳବିବାଦକୁ ସମାଧାନ କରାଯାଇପାରିବ ବୋଲି ସେ କହିଛନ୍ତି।

### ଶୀଘ୍ର ଶୀଘ୍ର ପିଲା...

ସଂସଦରେ ଅଧିକ ଆସନ କେବଳ ତାମିଲନାଡୁର ଅଧିକାର ନୁହେଁ, ଏହା ଆମ ରାଜ୍ୟର ସ୍ୱାର୍ଥର ସୁରକ୍ଷା ପାଇଁ ମଧ ଜରୁରୀ। ସେ ଆହୁରି କହିଲେ ଯେ କେବଳ ପିଲା ଜନ୍ମ କରିଦେଲେ ହେବନି, ସେମାନଙ୍କର ନାମକରଣ ତାମିଲରେ ମଧ କରାଯାଉ। ହିନ୍ଦୀକୁ ନେଇ କେନ୍ଦ୍ର ସରକାର ସହିତ ମୁହାଁମୁହିଁ ଅବସ୍ଥାରେ ଥିବା ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କ ଏହି ମନ୍ତବ୍ୟ ଦକ୍ଷିଣ ଭାରତରେ ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କ ପୂର୍ବରୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ମଧ ଅଧିକ ସନ୍ତାନ ପାଇଁ ପ୍ରୋତ୍ସାହନ ଘୋଷଣା କରିସାରିଛନ୍ତି।

ଦକ୍ଷିଣ ଭାରତୀୟ ରାଜ୍ୟମାନେ କହୁଛନ୍ତି ଯେ ୨୦୨୬ରେ ଭାରତର ଲୋକସଂଖ୍ୟା ୧୪୧ କୋଟି ଟପିଯିବ। ଏହାକୁ ଆଧାର କରି ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଧାରଣ ହେଲେ ଲୋକସଭା ଆସନ ସଂଖ୍ୟା ୫୪୩ରୁ ୭୫୩କୁ ବୃଦ୍ଧି ପାଇବ। କିନ୍ତୁ ଦକ୍ଷିଣ ଭାରତ ରାଜ୍ୟମାନଙ୍କୁ ସେହି ଅନୁପାତରେ ଅଧିକ ଆସନ ମିଳିବ ନାହିଁ। ଅନ୍ୟପକ୍ଷରେ ଏହାର ବେଶି ଫାଇଦା ମିଳିବ ଉତ୍ତର ଭାରତ ଏବଂ ମଧ ଭାରତ ରାଜ୍ୟମାନଙ୍କୁ। ତେଲେଙ୍ଗାନା ଲୋକସଭା ଆସନ ସଂଖ୍ୟା ୧୭ରୁ ୨୦କୁ ବୃଦ୍ଧି ପାଇବ, ଆନ୍ଧ୍ର ପ୍ରଦେଶରେ ୨୫ରୁ ୨୮, ତାମିଲନାଡୁରେ ୩୯ରୁ ୪୧ ଏବଂ କର୍ଣ୍ଣାଟକରେ ୨୮ ରୁ ୩୬କୁ ବୃଦ୍ଧି ପାଇବ। କେରଳରେ ୨୦ରୁ ୧୯କୁ ହ୍ରାସ ପାଇବ। ଅନ୍ୟପକ୍ଷରେ ୟୁପିରେ ଆସନ ସଂଖ୍ୟା ୮୦ରୁ ୧୨୮କୁ ବୃଦ୍ଧି ପାଇବ। ସେହିଭଳି ବିହାର ଲୋକସଭା ଆସନ ସଂଖ୍ୟା ୪୦ରୁ ୭୦କୁ ବୃଦ୍ଧି ପାଇବାକୁ ଥିବା ବେଳେ ମଧ ପ୍ରଦେଶର ୨୯ରୁ ୪୭, ମହାରାଷ୍ଟ୍ରର ୪୮ରୁ ୬୮ ଏବଂ ରାଜସ୍ଥାନର ଲୋକସଭା ଆସନ ସଂଖ୍ୟା ୨୫ରୁ ୪୪କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଦକ୍ଷିଣ ଭାରତ ରାଜ୍ୟର ଲୋକସଭା ଆସନ ସଂଖ୍ୟାରେ ମାତ୍ର ୧୫ବୃଦ୍ଧି ହେବାକୁ ଯାଉଥିବା ବେଳେ ଉତ୍ତର ଓ ମଧ ଭାରତ ରାଜ୍ୟମାନଙ୍କୁ ସର୍ବାଧିକ ୧୩୫ ଆସନର ଫାଇଦା ମିଳିବ।

### ଏମିତି ଆସିବ...

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କ୍ରୀଡ଼ା ବିଭାଗ ୧୩୧୯ କୋଟି ୭୯ ଲକ୍ଷ ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରଖିଥିବା ବେଳେ ସେଥିରୁ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୧୨୦ କୋଟି ଟଙ୍କା ଖର୍ଚ୍ଚ ପାଇଁ ପ୍ରସ୍ତାବ ରହିଛି। ସରକାର ଅର୍ଥ ଦେବାରେ ପଛଘୁଞ୍ଚା ଦେଉ ନ ଥିବା ବେଳେ କାମ କରିବା ପାଇଁ ବିଭାଗ କାହିଁକି ତତ୍ପରତା ପ୍ରକାଶ କରୁ ନାହିଁ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ।

ସପ୍ତାହକ ତଳେ ଫେବୃଆରୀ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଚ୍ଚସ୍ତରୀୟ ବୈଠକରେ ବିଜେଟ ଖର୍ଚ୍ଚରେ ବିଳମ୍ବକୁ ନେଇ ଚିନ୍ତା ପ୍ରକଟ କରିବା ସହିତ ମାର୍ଚ୍ଚ ସୁଦ୍ଧା ଅନ୍ୟୁନ ୮୫% ଖର୍ଚ୍ଚ କରିବା ପାଇଁ ମନ୍ତ୍ରୀ ଏବଂ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବଜେଟ ବ୍ୟୟରେ ଶେଷ ଆଡୁ ୫ ବିଭାଗ ମଧ୍ୟରେ ଥିବା କ୍ରୀଡ଼ା ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଆଦେଶ ପାଳନ କରିବାରେ କେତେଦୂର ସମର୍ଥ ହେବ ତାହା ଏବେ କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ସନ୍ଦେହ ଜାଗ୍ରତ କରିଛି। କ୍ରୀଡ଼ା ପ୍ରତି ପୂର୍ବ ସରକାରଙ୍କ ପ୍ରତିବଦ୍ଧତା ହିଁ ଓଡ଼ିଶାକୁ ସାରା ବିଶ୍ୱରେ ନୂଆ ପରିଚୟ ଦେଇଥିଲା। ରାଉରକେଲାରେ ସର୍ବବୃହତ ହକି ଷ୍ଟାଡିୟମ୍ ନିର୍ମାଣ ଠାରୁ ଆରମ୍ଭ କରି କଳିଙ୍ଗ ଷ୍ଟାଡିୟମ୍‌ରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ, ହକି ବିଶ୍ୱକପ୍, ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍, ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍, ହକି ପ୍ରୋ-ଲିଗ୍, ହକି ଇଣ୍ଡିଆ ଲିଗ୍ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତା ସଫଳତା ସହ ଆୟୋଜନ କରି ନିଜର ଦକ୍ଷତା ପ୍ରମାଣିତ କରିଛି ଓଡିଶା। ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ଜିଲ୍ଲାସ୍ତରରେ ଇଣ୍ଡୋର ଷ୍ଟାଡିୟମ୍, ଆଥଲେଟିକ୍ ଗ୍ରାଉଣ୍ଡ, ଜିମନାଷ୍ଟ ସେଣ୍ଟର, ସନ୍ତରଣାଗାର, ହକି ଷ୍ଟାଡିୟମ୍ ଆଦି ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। କିନ୍ତୁ ଏଥିରୁ ସିଂହଭାଗ ପ୍ରକଳ୍ପ ଏବେ ଅଧାପନ୍ତରିଆ ପଡି ରହିଛି। କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ପିଲାମାନେ ଚାହିଁ ରହିଛନ୍ତି। ସେମାନଙ୍କୁ ଅଭ୍ୟାସ ପାଇଁ ସର୍ବୋତ୍ତମ ସୁବିଧା ସୁଯୋଗ ମିଳିପାରୁ ନାହିଁ। କ୍ରୀଡ଼ା ବିଭାଗ ହାତରେ ପର୍ଯ୍ୟାପ୍ତ ଅର୍ଥ ଥିଲେ ମଧ ତାହାର ସଦୁପଯୋଗ ହୋଇପାରୁନାହିଁ। ଗୋଟିଏ ପଟେ ଚଳିତ ବର୍ଷ ୮୦% ଅର୍ଥ ଖର୍ଚ୍ଚ ହୋଇପାରି ନାହିଁ ଅନ୍ୟ ପଟେ ଆଗାମୀ ଆର୍ଥିକ ବର୍ଷରେ ଦେବାକୁ ଥିବା ୧୩୧୯ କୋଟି ଟଙ୍କା କାମରେ ଲାଗି ପାରିବ କି ନାହିଁ, ତାକୁ ନେଇ ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି।

ନୂଆ ସରକାର ଆସିବା ପରଠାରୁ ଜାରି ରହିଥିବା କାମ ବନ୍ଦ ହୋଇଯାଇଥିବା ବେଳେ ବଜେଟ ବ୍ୟୟବରାଦ ଅର୍ଥରୁ ପ୍ରାୟ ୮୦ ପ୍ରତିଶତ ବିଭାଗର ବ୍ୟାଙ୍କ ଆକାଉଣ୍ଟରେ ପଡି ରହିଛି। କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏକ ନିରନ୍ତର ପ୍ରକ୍ରିୟା ହୋଇଥିବା ବେଳେ ବର୍ଷକ ପାଇଁ କାମ ଅଟକି ଯିବା ଭବିଷ୍ୟତ କାର୍ଯ୍ୟପନ୍ଥାକୁ ପ୍ରଭାବିତ କରିବ ବୋଲି କ୍ରୀଡ଼ାବିତ୍ ପ୍ରକାଶ କରିଛନ୍ତି।

### ୩୮ ଡିଗ୍ରୀ...

ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ ୩୮, ବୌଦ୍ଧରେ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏହାସହିତ ସମ୍ବଲପୁର ତାପମାତ୍ରା ୩୭.୮, ସୁନ୍ଦରଗଡ଼ ୩୭.୩, ହୀରାକୁଦ ୩୭.୧, ଅନୁଗୁଳ ୩୭.୧ ଓ ଭବାନୀପାଟଣାରେ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଛି। ରାଜ୍ୟରେ ବର୍ତ୍ତମାନ ଶୁଖିଲା ଓ ଖରାଟିଆ ପାଗ ଲାଗି ରହିଛି। ଖରାଟିଆ ପାଗ ଯୋଗୁଁ ଅନେକ ସ୍ଥାନରେ ତାପମାତ୍ରା ଉପର ମୁହାଁ ହୋଇଛି। ଏମିତି କି ରାଜ୍ୟରେ ବର୍ତ୍ତମାନ କିଛି ସ୍ଥାନରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ୩-୪ ଡିଗ୍ରୀ ଉପରେ ରହୁଥିବା ନେଇ ପାଣିପାଗ କେନ୍ଦ୍ର କହିଛି। ଏହି ସ୍ଥିତି ଆହୁରି ୨ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ପୁରୀ, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗିର, ବୌଦ୍ଧ ଜିଲ୍ଲାରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ମାଟି ଖୋଳି ଶବ...

ଫଂସାଇଲୋ ପଞ୍ଚାୟତର ଡୁବିଖାଲ ଗ୍ରାମରେ। ଅପରପକ୍ଷେ, ପୁଲିସ୍ ଆଜି ମାଟି ଖୋଳି ବାବୁଲିଙ୍କ ଶବକୁ ଉଦ୍ଧାର କରିଛି। ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇଥିଲା। ଆବଶ୍ୟକ ପ୍ରମାଣ ସଂଗ୍ରହ କରିବା ପରେ ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏନେଇ ଥାନାରେ ନମ୍ବର ୪୮/୨୫ରେ ଏକ ମାମଲା ରୁଜୁ ହୋଇଛି।

ସୂଚନାନୁଯାୟୀ, ଡୁବିଖାଲ ଗ୍ରାମର ବାବୁଲି ମୁଣ୍ଡାଙ୍କୁ ମୋରା ଦେଓଗମଙ୍କ ଝିଅ ଗୁମାରୀ ମୁଣ୍ଡା ବିବାହ କରିଥିଲେ। ବିବାହର କିଛି ଦିନ ପରେ ସେମାନଙ୍କ ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ କଳି ଝଗଡ଼ା ଲାଗି ରହୁଥିଲା। ତେବେ ରବିବାର ଗୁମାରୀ ତାଙ୍କ ବାପଘର ଲୋକଙ୍କ ସହ ମିଶି ବାବୁଲିଙ୍କୁ ହତ୍ୟା କରିବା ପରେ ଘର ପଛ ବାଡ଼ିରେ ପୋତି ଦେଇଥିଲେ। ପରେ ଗୁମାରୀ ଥାନାରେ ଆତ୍ମସମର୍ପଣ କରି ନିଜେ ହତ୍ୟା କରିଥିବା କହିଥିଲେ। ସ୍ଥାନୀୟ ସରପଞ୍ଚ ମଧ ରବିବାର ରାତିରେ ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ। ତେବେ ଏକା ଗୁମାରୀଙ୍କ ପକ୍ଷେ ଏହା ସମ୍ଭବ ନୁହେଁ ବୋଲି ସନ୍ଦେହ କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ନିଜେ ତଦନ୍ତ କରି ଏହା ଏକ ସଂଘବଦ୍ଧ ଆକ୍ରମଣଜନିତ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲେ।

### ତାଜା ତଳେ...

ବେହେରାଙ୍କ ନୂତନ ଘରର ତାଜା ନିର୍ମାଣ ହୋଇଥିଲା। ସୋମବାର ଉକ୍ତ ଘରର ତାଜା ସେଣ୍ଟ୍ରିଙ୍ଗ୍ ଖୋଲିବା ପାଇଁ ନିରଞ୍ଜନ, ଖଦାଳ ଓ ଠିକାଦାର ସନ୍ତୋଷ ସେଠୀ ଯାଇଥିଲେ।

ଦୁଇ ମହଲା କୋଠାର ବାହାରପଟ ତାଜାର ସେଣ୍ଟ୍ରିଂ ଖୋଲିଲା ବେଳେ ତଳେ ଥିବା ଖଦାଳ ଓ ନିରଞ୍ଜନ ଉପରେ ୧୫ଫୁଟ୍ ଉପରୁ ସିଧାସଳଖ ଖସି ପଡ଼ିଥିଲା। ଫଳରେ ଏଥିରେ ଚାପି ହୋଇ ଘଟଣାସ୍ଥଳରେ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଖଦାଳଙ୍କୁ ଗୁରୁତର ଅବସ୍ଥାରେ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଉଭୟଙ୍କ ପାଖରେ ଠିଆ ହୋଇଥିବା ସନ୍ତୋଷ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ରାତି ହୋଇଯିବାରୁ ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

ଉଭୟ ଶ୍ରମିକ ସେମାନଙ୍କ ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଉଭୟଙ୍କ ମୃତ୍ୟୁ ପରେ ଏବେ ସେମାନଙ୍କ ପରିବାର ବେସାହାରା ହୋଇପଡ଼ିଛି। ତେଣୁ ତୁରନ୍ତ ଉଭୟଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ରେଡକ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି।

# ଲକ୍ଷ୍ମୀପୁରରେ ଡେଙ୍ଗୁ ରୋଗୀ ଚିହ୍ନଟ

**ଲକ୍ଷ୍ମୀପୁର, ୩ା୩(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍‌ରେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। କୁଟିଙ୍ଗା ପଞ୍ଚାୟତର କାର୍ଲି ଗାଁର ୫୫ବର୍ଷୀୟା ଜଣେ ମହିଳା ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଶନିବାର ମହିଳାଜଣଙ୍କ ନିଜ ସାନପୁଅ ଘର ଲକ୍ଷ୍ମୀପୁରକୁ ଆସିଥିଲେ।

**AFFIDAVIT**

By virtue of an affidavit C.F.No – 06, dtd 13.01.2025 before the Executive Magistrat, Udala Mayurbhanj, I, Nirmal Kumar Sahu have changed my son's name from Bishal Kumar Sahu to Bisal Sahu. Henceforth he will be known as Bisal Sahu for all purposes.
Sd /- Nirmal Kumar Sahu

**AFFIDAVIT**

I, **Alimuddin Ahmed,** father of Afroz Ahmed who is resident of Farhan, N-3/422, IRC Village, Nayapalli, Bhubaneswar, declare that my full legal name is and always has been Mohammed Alimuddin Ahmed, as per Affidavit No.: 56923, dated 12/12/2024. Any variation on my son, Afroz Ahmed's CBSE 10th certificate is inadvertent and should be read as **Mohammed Alimuddin Ahmed** only.

**AFFIDAVIT**

By an affidavit vide no. 6231, dated 24.12.2024, before notary public Jeypore, Odisha, I Anand Pandey, S/o- Vishnu Prasad Pandey, resident of indira chowk, NKT Road, Po- P.R.Peta,Ps - Jeypore, ,Dist - Koraput has change my name to BALAJI ANAND PANDEY Hence forth I shall be known as **BALAJI ANAND PANDEY** for all purpose .

**AFFIDAVIT**

I, Mohammad Arif, S/o- Mohammed Hanif, resident of Vill- Daryapur (Jairampur), Via- Sungrah, Po- Kood, Ps- Salipur, Dist- Cuttack, Pin- 754221, Odisha declared by this affidavit No. 240, dtd- 06/02/2025 that now onwards I shall be known as **MOHAMMED ARIF** for all future purposes.

**AFFIDAVIT**

By virtue of affidavit C.F. No – 805, dtd 03.03.2025 in the court of Executive Magistrate, Kaptipada, Udala Mayurbhanj, I, Gauranga Charan Behera have changed my daughter's name from M. Krishna Kumari Behera to Krishna Kumari Behera. Henceforth she will be known as Krishna Kumari Behera for all purposes.
Sd /- Gauranga Charan Behera

**AFFIDAVIT**

**By virtue of an Affidavit sworn before the Executive Magistrate, Bhubaneswar, CF No: 98, on dated 10.01.2025, I Sasmita Nayak, W/o Sovan Nayak resident At- Plot No : 1444/45, New Forest park, Near Jhadeswari Temple, Bapuji Nagar, Po- Ashok Nagar, Bhubaneswar, Dist- Khordha, Odisha: 751009 declare that Kalpana Sahoo & Sasmita Nayak is one and same a person. Henceforth, I shall be known as Sasmita Nayak for all future purposes.**
**Sd- SASMITA NAYAK**

**AFFIDAVIT**

I, Nebedita Barik, D/o- Gokul Chandra Dehuri, resident of At- MQ 81, Durganagar, Brajarajnagar, Dist- Jharsuguda, PIN- 768216, Odisha declared by this affidavit No. 517, dtd- 02/03/2025 that now onwards I shall be known as **NIBEDITA BARIK** for all future purposes.

**AFFIDAVIT**

I, M Tripathy, S/o- Rama Krishan Tripathy, resident of Raghunath Bihar, Bhanja Marg Near Bhanja Sahitya, Parishad, Bhanjanagar, Pin- 761126, Odisha declared by this affidavit No. 516, dtd- 01/03/2025 that now onwards I shall be known as **Mrutunjaya Tripathy** for all future purposes.

**AFFIDAVIT**

I SAFINA ABDUL WAHAB, AGE ABOUT 34 YEARS ,D/O - WAHAB MOHAMMED RAHMATHULLA ABDUL ,RESIDENT OF WARD NO.09, BADAPADA PADAMPUR,DIST- BARGARH, PIN-768036,ODISHA .DECLARED BY THIS AFFIDAVIT NO.-5249 DATED 01-03-2025 ,THAT NOW ONWARDS I SHALL BE KNOWN AS SAFINA WAHAB A FOR ALL FUTURE PURPOSES..

**AFFIDAVIT**

By virtue of an affidavit before the executive magistrate Udala, Mayurbhanj, Odisha No. 754 on dt 25-02-2025, I LAUKI MARANDI, age about 53, W/O- Khetramohan Marndi, village Malharpada, Po- Badamamudia, PS-Khunta, Dist- Mayurbhanj declare that my actual and correct name is LAUKI MARNDI as per my Voter ID & Ration Card. But in Aadhar card my name is wrongly mentioned as BUDHUNI MARNDI. **LAUKI MARNDI** and **BUDHUNI MARNDI** is one and same person. Henceforth I shall be known as **LAUKI MARANDI** for all purposes.

**AFFIDAVIT**

I, Sameer Kumar Pradhan, S/o- Sudarsan Pradhan, resident of At/Po- Mundula, New Street, Po- Beguniapada, Dist- Ganjam, Pin Code- 761032, Odisha declared by this affidavit No. 518, dtd- 02/03/2025 that now onwards I shall be known as **SAMEERA KUMAR PRADHAN** for all future purposes.

**AFFIDAVIT**

**By virtue of an Affidavit sworn before the Executive Magistrate, Khordha, on dated 27.02.2025, I Rasmita Patalasingh, W/o Surendra Patalasingh Address At- Bhatapada, Po- Bangida, PS- Khordha Sadara, Dist- Khordha, Pin: 752020 declare that I have changed my minor daughters name Sushrira Patalasingh to Sushrita Patalasingh. Henceforth, she shall be known as Sushrita Patalasingh for all future purposes.**
**Sd- RASMITA PATALASINGH**

**AFFIDAVIT**

I, Sai Sudha Bhuyan, W/o- Hemanta Kumar Bhuyan, resident of Vill: Badamallipur, Po/Ps- Binjharpur, Dist- Jajpur, Pin- 755004, Odisha declared by this affidavit No. 566, dtd- 21/02/2025 that now onwards I shall be known as **MINATI BHUYAN** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate Baripada , Vide Affidavit No-1252, dated 03/03/2025. I Supriti Das W/o Sukendu Kumar Jena, Address At-Kusumashol, PO- Kusumashol, P.S: Chandua, Mayurbhanj, Odisha, Pin Code: 757014 declare that, I have changed my name from **Supriti Jena** (old name) to **SUPRITI DAS** (new name). Henceforth, I shall be known as **SUPRITI DAS** (new name) for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 01.03.2025 I, **Rojalin Jhagara**, Address: **Flat No- B-202, Akruti Arcade, Plot No-1676/2725, Kalarahanga Road, Patia, Bhubaneswar, Dist-Khordha, Pin-751024, Odisha** declare that I have changed my name from **Rojalin Roul to Rojalin Jhagara.** Henceforth, I shall be known as **Rojalin Jhagara** for all purposes.
**Rojalin Jhagara**

**NOTICE**

**By virtue of an affidavit sworn before The Notary Public, Bhubaneswar No: 7426, on dated 28.02.2025 I, Sandeep Shekhar Behera, S/o Duryadhan Behera resident of Beherasahi, Harachandi Sahi, PO: Oldtown, PS: Shree Lingaraj, Bhubaneswar, Dist: Khordha, Odisha, Pin-751002 do hereby declare that my actual name Sandeep Shekhar Behera but in all educational certificates my name has been mentioned as Sandeep Sekhar Behera instead of Sandeep Shekhar Behera as per my Aadhaar Card No: 8961 3262 2539. I do hereby declare that Sandeep Sekhar Behera & Sandeep Shekhar Behera is one and same person for all purposes.**

**DISTRICT PROJECT OFFICE: SS, SAMBALPUR**
F-137 No.451/Estt Dt._28.02.2025

**QUOTATION CALL NOTICE**

Sealed Quotations/tenders are invited from reputed Travel Agents/Tour Operators /Private Individuals having valid GST Registration & PAN for providing two Petrol driven vehicles Tiago/ Bolt/ Celerio/ Swift/ Swift Dezire/ Bolero in the prescribed format for use in the office of DPO, SS, Sambalpur. The details of quotation, terms and conditions, etc can be downloaded from www.sambalpur.odisha.gov.in and www.osepa.odisha.gov.in.

By the order of Collector-cum-Chairman
District Project Coordinator, SS, Sambalpur
OIPR - 24408/11/0010/2425

B-1060 **GOVERNMENT OF ODISHA**
E-procurement notice
OFFICE OF THE SUPERINTENDING ENGINEER:
SONEPUR (R&B) DIVISION, SONEPUR
**E-mail - eepwdsnpr@gmail.com Phone -06654-221081**
**BID IDENTIFICATION No. SE/R&B/SNPR/17/2024-25**
**No. 753//** **Dt. 01.03.2025**

1. The Superintending Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Single cover system in Online Mode for Electrical works detailed in the DTCN from the eligible Class of Contractors.
2. No. of work : 01 (One)
3. Tender Cost : Rs.6,000/- for Serial No.1
4. Class of Contractor : "MV" & "HT" Class Contractor for Serial No.1
5. Date and time Available in Web site & receipt of Bids: From **10.00 A.M. of 06.03.2025 to 5.00 P.M. of 12.03.2025**
6. Date of Opening of Tender: **13.03.2025 at 11.00 A.M.**
7. The Bidders have to participate in Online bidding only further details can be seen from the Web Site.
8. Any Corrigendum / Addendum will be displayed in the website www.tendersodisha.gov.in only.

Superintending Engineer
Sonepur (R&B) Division, Sonepur
OIPR - 34081/11/0015/2425

## "ସ୍ୱଚ୍ଛ ସୁନାବେଡ଼ା ସୁସ୍ଥ ସୁନାବେଡ଼ା"
### ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡା

ଦୈନିକ ଓଡିଆ ଖବର କାଗଜ ସକାଳ ଜୟପୁର ସଂସ୍କରଣ ଆନୁକୂଲ୍ୟରେ ତା-୦୪.୦୩.୨୦୨୫ ରିଖରେ ଇଞ୍ଜିନିୟର୍ସ ଦିବସ ନିମନ୍ତେ ସ୍ୱତନ୍ତ୍ର ଇସୁ ପ୍ରକାଶିତ ହେଉଥିବାରୁ ସୁନାବେଡ଼ା ପୌରପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜିବୀ ଓ ଅନ୍ୟାନ୍ୟ ସମସ୍ତ ଭାଇ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି ।

ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣାବେକ୍ଷଣ ନିମନ୍ତେ ସହଯୋଗର ହାତ ବଢ଼ାନ୍ତୁ । ଆସନ୍ତୁ , ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା ।

**ଅନୁରୋଧ**

୧. ଅଳିଆ ଆବର୍ଜନା ଏଣେତେଣେ ନପକାଇ ସବୁଜ ଏବଂ ନୀଳ ରଙ୍ଗର ଡଷ୍ଟବିନ ବ୍ୟବହାର କରନ୍ତୁ ।
୨. ପ୍ରତିଦିନ ସଫେଇ କର୍ମଚାରୀ ମାନଙ୍କୁ ଓଦା ଏବଂ ଶୁଖିଲା ଅଳିଆ ପୃଥକ ଭାବରେ ହସ୍ତାନ୍ତର କରନ୍ତୁ ।
୩. ଖାଲିଥିବା ସରକାରୀ ଜମିକୁ ଜବର ଦଖଲ କରନ୍ତୁ ନାହିଁ ।
୪. ଗୃହ ନିର୍ମାଣ ସାମଗ୍ରୀ ଜମାକରି ରାସ୍ତାଘାଟ ଅବରୋଧ କରନ୍ତୁ ନାହିଁ ।
୫. ଗୃହ ପାଳିତ ପଶୁଙ୍କୁ ରାସ୍ତା ଘାଟରେ ବୁଲିବାକୁ ଛାଡନ୍ତୁ ନାହିଁ ।
୬. ପରିଷଦଦ୍ୱାରା ନିର୍ମିତ ପାର୍କ , ଜିମ , ଗୋଷ୍ଠୀ କେନ୍ଦ୍ର ଆଦିର ରକ୍ଷଣାବେକ୍ଷଣରେ ସାହାଯ୍ୟ କରନ୍ତୁ ।
୭. ପରିଷଦ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ଟିକସ ଠିକ ସମୟରେ ପ୍ରଦାନ କରନ୍ତୁ ଏବଂ ପରିଷଦର ଉନ୍ନୟନ ନିମନ୍ତେ ସହାୟ ହୁଅନ୍ତୁ ।
୮. ଖୋଲା ସ୍ଥାନରେ ମଳତ୍ୟାଗ ନକରି , ପାଇଖାନା ବ୍ୟବହାର କରନ୍ତୁ ।
୯. ପରିଷଦ ଦ୍ୱାରା ନିର୍ମିତ ଡ୍ରେନ ମାନଙ୍କରେ ଅଳିଆ ଆବର୍ଜନା ପକାଇ ଡ୍ରେନ ଅବରୋଧ କରନ୍ତୁ ନାହିଁ ।
୧୦. ଏହି ସହରର ସବୁଜ ଏବଂ ସୌନ୍ଦର୍ଯ୍ୟ କରଣ ନିମନ୍ତେ ବୃକ୍ଷ ରୋପଣ କରନ୍ତୁ ।

ଶ୍ରୀଯୁକ୍ତ ନାରାୟଣ ନାୟକ , ଓ.ଆ.ସେ
ନିର୍ବାହୀ ଅଧିକାରୀ
ପୌରପରିଷଦ , ସୁନାବେଡା

ଡ. ରାଜେନ୍ଦ୍ର କୁମାର ପାତ୍ର
ନଗରପାଳ
ପୌରପରିଷଦ , ସୁନାବେଡା

ଶ୍ରୀମତୀ ଭିତୁ ଜକ୍ଷା
ଉପନଗର ପାଳ
ପୌରପରିଷଦ, ସୁନାବେଡା

ସମସ୍ତ ପାରିଷଦ ବୃନ୍ଦ
ପୌରପରିଷଦ, ସୁନାବେଡ

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/112, ତା.27.02.2025ରିଖ
ଟେଣ୍ଡର ସଂ. e-Tender-ESTATEKUR-319-24 ତା.20.02.2025ରିଖ

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/ରେଳଡ଼ବା ମରାମତି କାରଖାନା/ମଞ୍ଚେଶ୍ୱର, ଭୁବନେଶ୍ୱର ଅଧିନସ୍ଥ ମଞ୍ଚେଶ୍ୱର ରେଳୱେ କଲୋନୀରେ କ୍ଷତିଗ୍ରସ୍ତ କଲୋନୀ ସଡ଼କ ଯେପରିକି ବିଟୁମିନସ୍ (Bituminous) ପୃଷ୍ଠଭାଗ, ସାଇଡ଼ ଡ୍ରେନ୍ ଏବଂ କଲଭର୍ଟ ଇତ୍ୟାଦିର ବିବିଧ ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 298.73 ଲକ୍ଷ, **EMD :** ₹ 2,99,400/-, ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.03.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିପରି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଦ୍ଧଙ୍କ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା ବିକ୍ରେତାମାନଙ୍କ ପାଖରେ ନିର୍ଦ୍ଦିଷ୍ଟ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-1036/P/24-25

ସକାଳ THE SAKALA

# ସମ୍ପାଦକୀୟ



ଗତକାଲି ଯାହା ଘଟିଯାଇଛି ତାହାକୁ ନେଇ ଚିନ୍ତା କରିବା ଅପେକ୍ଷା ଆଗାମୀ କାଲିର ଉଦ୍‌ଭାବନ ବିଷୟରେ ଧ୍ୟାନ ଦେବା ଉଚିତ ।
-ଷ୍ଟିଭ୍ ଜବ୍‌ସ

## ଖସି ଯାଉଥିବା ଗୋଡ଼

ପ୍ରତିଭୂତି ବଜାର ଯେକୌଣସି ଦେଶର ଅର୍ଥନୀତି(ମାକ୍ରୋ ଇକୋନୋମି)ର ବାହକ ଓ ପ୍ରତୀକ। ଏହାର ସୂଚକାଙ୍କରେ ବୃଦ୍ଧି ଘଟିଲେ ଦେଶର ଅର୍ଥନୀତି ପ୍ରତି ନିବେଶକଙ୍କ ଆସ୍ଥା ଓ ଆଶା ପ୍ରତିଫଳିତ ହୁଏ। ପୁଞ୍ଜିର ଅନ୍ତଃସ୍ରୋତରେ ଶିଳ୍ପାୟନର ପ୍ରସାର ଓ ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ ହେବା ସହିତ ନିଯୁକ୍ତି ବଜାର ସମ୍ପ୍ରସାରିତ ହୋଇ ମୁଣ୍ଡପିଛା ଆୟ ବଢ଼େ ଓ ବଜାର ଅର୍ଥନୀତି ଚଳଚଞ୍ଚଳ ହୁଏ। ପ୍ରତିଭୂତି ବଜାର ସୂଚକାଙ୍କରେ ଯଦି ହ୍ରାସ ଘଟେ ତେବେ ଅର୍ଥନୀତିରେ ଏହାର ପ୍ରତିକୂଳ ପ୍ରଭାବ ପରିଲକ୍ଷିତ ହୁଏ। ସମ୍ପ୍ରତି ଭାରତୀୟ ପ୍ରତିଭୂତି ବଜାରରେ ଲାଗି ରହିଥିବା ଅନିଶ୍ଚିତତା ଓ ସୂଚକାଙ୍କ ହ୍ରାସର ଧାରାରୁ ଦେଶର ଅର୍ଥନୀତି ଯେ ଠିକ୍‌ଠାକ୍ ନାହିଁ ତାହା ସୂଚାଇ ଦେଉଛି। ଗତ ଶୁକ୍ରବାର ତଥା ମାସର ଶେଷଦିନରେ ନିଫ୍ଟିରେ ୧.୮ % ହ୍ରାସ ଘଟି ଗତ ୨୯ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବା ବେଳେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧.୯% ହ୍ରାସ ଘଟି ଗତ ୮ ମାସର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଏହି ବଡ଼ଧରଣର ସ୍ଖଳନ ଯୋଗୁଁ ନିବେଶକମାନେ ଗୋଟିଏ ଦିନରେ ୯.୮ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି। ସେହିପରି ଗତ ପାଞ୍ଚ ମାସ ଭିତରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସରେ ୧୪.୭ ପ୍ରତିଶତ ହ୍ରାସ ଘଟିଥିବା ବେଳେ ନିଫ୍ଟିରେ ୧୬% ହ୍ରାସ ଘଟିଛି ଏବଂ ନିବେଶକମାନେ ଏହି ପାଞ୍ଚମାସ ଭିତରେ ପ୍ରାୟ ୯୪ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

ପ୍ରତିଭୂତି ବଜାରରେ ସ୍ଖଳନ ବାହ୍ୟ ଓ ଆଭ୍ୟନ୍ତରୀଣ ଦୁଇଟି କାରଣ ଯୋଗୁଁ ହୋଇଥାଏ। ଉଲ୍ଲେଖନୀୟ ଯେ ଭାରତୀୟ ପ୍ରତିଭୂତି ବଜାର ଉପରୋକ୍ତ ଦୁଇଟିଯାକ କାରକ ଦ୍ୱାରା ଆକ୍ରାନ୍ତ। ବିଶେଷକରି ବୈଦେଶିକ ପୁଞ୍ଜି ନିବେଶକମାନେ ଅଧିକରୁ ଅଧିକ ପରିମାଣରେ ଭାରତୀୟ କମ୍ପାନୀମାନଙ୍କରୁ ପୁଞ୍ଜି ପ୍ରତ୍ୟାହାର କରିନେବାରୁ ଏହି ସ୍ଥିତି ଉପୁଜିଛି। ପ୍ରଥମତଃ, ଆମେରିକା ରାଷ୍ଟ୍ରପତିଙ୍କ ନୂଆ ତାରିଫ୍ ନୀତି ଘୋଷଣା ପରେ ଭାରତର ରପ୍ତାନୀ ବାଣିଜ୍ୟ ଉତ୍କଟ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ଯାଉଥିବା ଏବଂ ଭାରତର ଶିଳ୍ପ ଓ କୃଷି ଅର୍ଥନୀତି ଗୁରୁତର ପ୍ରଭାବିତ ହେଉଥିବା ଆଶଙ୍କା କରି ବୈଦେଶିକ ପୁଞ୍ଜି ନିବେଶକମାନେ ଭାରତୀୟ ଶିଳ୍ପ ଅଂଶଧନରୁ ପ୍ରାୟ ୨.୧୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଅପରପକ୍ଷରେ ଇତିମଧ୍ୟରେ ଆମେରିକୀୟ ଡଲାର ଅଧିକରୁ ଅଧିକ ଶକ୍ତିଶାଳୀ ହେଉଥିବାରୁ ସେମାନେ ଆମେରିକାର ଟ୍ରେଜେରି ବଣ୍ଡରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ସ୍ୱାଭାବିକ ଧାରାର ପ୍ରଭାବ ଭାରତୀୟ ପ୍ରତିଭୂତି ବଜାରରେ ପଡ଼ିଛି। ଏହା କିନ୍ତୁ ଏକମାତ୍ର କାରଣ ନୁହେଁ। ଇତିମଧ୍ୟରେ ଭାରତୀୟ ଶିଳ୍ପ ଆଭ୍ୟନ୍ତରୀଣ ବଜାରରେ ହିଁ ଚୀନ୍ ଶିଳ୍ପ ତୁଳନାରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେଉଛି ଏବଂ ବଜାରରେ ତିଷ୍ଠି ରହିବା ପାଇଁ ସରକାରୀ ସହାୟତା ଉପରେ ନିର୍ଭର କରୁଛି। ଇତିମଧ୍ୟରେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ରେକର୍ଡ ଅବନତି ଘଟୁଥିବାରୁ ଆଗାମୀ ଦିନରେ ସରକାର ଆଉ ଅଧିକ ପ୍ରୋତ୍ସାହନ ଦେବାର ସମ୍ଭାବନା କ୍ଷୀଣ। ଏହାଦ୍ୱାରା ଭାରତୀୟ ଶିଳ୍ପ ବଜାର କ୍ଷତି ସହିବା ଏକପ୍ରକାର ନିଶ୍ଚିତ। ତେଣୁ ଲାଭାଂଶ କମିବା ଭୟରେ ବୈଦେଶିକ ପୁଞ୍ଜି ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିନେବାକୁ ଉଚିତ ମଣିଛନ୍ତି।

ଭାରତୀୟ ଅର୍ଥନୀତିର ମୌଳିକ ଭିତ୍ତିଭୂମି ସୁଦୃଢ଼ ଥିବାରୁ ଭୟ କରିବାର କୌଣସି ନାହିଁ ବୋଲି ସରକାରୀ ଭାବେ କୁହାଯାଉଛି। କେବଳ ବଡ଼ବଡ଼ କମ୍ପାନୀର ଅଂଶଧନର ବଜାର ମୂଲ୍ୟ ହ୍ରାସ ପାଇଥିଲେ ମଧ୍ୟ ମଧ୍ୟମ ଓ କ୍ଷୁଦ୍ର ପ୍ରତିଭୂତି ବିଶେଷ ପ୍ରଭାବିତ ହୋଇନାହିଁ। ତେଣୁ ନିବେଶକମାନେ ଅଧୈର୍ଯ୍ୟ ଓ ଅଯଥା ଆତଙ୍କିତ ହୋଇ ଅଂଶଧନ ବିକ୍ରି କରିବା ଅନୁଚିତ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। କିନ୍ତୁ ବଜାର କାରବାର ମୌଳିକ ଭିତ୍ତିଭୂମି ନୁହେଁ, ବରଂ ଚାହିଦା-ଭିତ୍ତିକ ହୋଇଥାଏ। ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ଗତ ଦଶବର୍ଷ ଧରି ହାରାହାରି ୬%ରୁ କମ୍ ରହିଛି। ବିଶ୍ୱ ବାଣିଜ୍ୟ ଯୁଦ୍ଧ ଉତ୍କଟ ହେବାକୁ ଯାଉଥିବାରୁ ଏହାର ପ୍ରଭାବରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ଆହୁରି ହ୍ରାସ ପାଇପାରେ। ଅପରପକ୍ଷରେ ଦରଦାମ୍‌ର ଉତ୍କଟ ବୃଦ୍ଧି ଯୋଗୁଁ ଘରୋଇ ବଜାର ମଧ୍ୟ ମାନ୍ଦା ହେବାରେ ଲାଗିଛି। ଅର୍ଥନୀତି ଉପରେ ବାହ୍ୟ ପ୍ରଭାବକୁ ନିଷ୍ପ୍ରଭ କରିବାରେ ଆଭ୍ୟନ୍ତରୀଣ ବା ଉପଭୋକ୍ତା ଅର୍ଥନୀତି(ମାଇକ୍ରୋ ଇକୋନୋମି) ଏକ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଅସ୍ତ୍ର ରୂପେ କାର୍ଯ୍ୟ କରେ। ସୁଦୃଢ଼ ମାଇକ୍ରୋ ଇକୋନୋମି ବଳରେ ହିଁ ୨୦୦୮ରେ ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥାକୁ ଭାରତ ଏକମାତ୍ର ଦେଶ ଭାବେ ସଫଳତାର ସହ ମୁକାବିଲା କରିପାରିଥିଲା। ପଡ଼ୋଶୀ ଚୀନ୍‌ର ଏକ ସୁଦୃଢ଼ ଆଭ୍ୟନ୍ତରୀଣ ଗତିଶୀଳ ବଜାର ଥିବାରୁ ବାହ୍ୟ ପ୍ରଭାବ କିମ୍ବା ବର୍ତ୍ତମାନ ଆମେରିକାର ତାରିଫ୍ ବୃଦ୍ଧି ଘୋଷଣା ସେହି ଦେଶର ଅର୍ଥନୀତିକୁ ସେତେଟା ପ୍ରଭାବିତ କରିପାରୁନାହିଁ। ଭାରତରେ ଗତ କିଛିବର୍ଷ ହେଲା ଉପଭୋକ୍ତା ବଜାରର ମୂଳଦୁଆ ଦୋହଲିବାକୁ ଆରମ୍ଭ କରିଛି।

ଭାରତର ଆଭ୍ୟନ୍ତରୀଣ ବଜାର ସ୍ଥିତି, ଗତି, ପ୍ରକୃତିକୁ ନିବେଶକମାନେ ପରଖିବାରେ ଭୁଲ କରିନାହାନ୍ତି। ଏକପକ୍ଷରେ ନିଯୁକ୍ତି ସଂକୋଚନ ଯୋଗୁଁ ଉପଭୋକ୍ତାଙ୍କର କ୍ରୟଶକ୍ତି ହ୍ରାସ ପାଇ ଚାଲିଥିବା ବେଳେ ଜିଏସ୍‌ଟି ଜୁଲମ୍ ବଢ଼ିବାରେ ଲାଗିଛି। ଯେଉଁ ବିପୁଳ ରାଜସ୍ୱକୁ ନେଇ ସରକାର ପାଞ୍ଚ ଟ୍ରିଲିୟନ୍ ଡଲାର ଅର୍ଥନୀତିର ସ୍ୱପ୍ନ ଦେଖୁଛନ୍ତି, ତାହାର ମୂଳାଧାର ହେଉଛି ଜିଏସ୍‌ଟି। ସାଧାରଣ ଖାଉଟି ଜିଏସ୍‌ଟି ଜରିଆରେ ନିଜ ଆୟରୁ ସିଂହଭାଗ ସରକାରୀ ରାଜକୋଷକୁ ଦେଇସାରିବା ପରେ ଯାହା ବଳକା ରହୁଛି ସେଥିରେ ଜୀବନର ମାନ ରକ୍ଷା ଓ ସାମାଜିକ ଚଳଣି କଷ୍ଟକର ହୋଇପଡୁଛି। ଏଭଳି ସ୍ଥିତିରେ ସଞ୍ଚୟ ସାତସପନ ହୋଇଛି। ପୂର୍ବରୁ ସରକାରୀ ପୁଞ୍ଜି ନିବେଶରେ ଘରୋଇ ସଞ୍ଚୟର ଏକ ବଡ଼ ଅଂଶ ରହୁଥିଲା। ଏବେ କିନ୍ତୁ ସଞ୍ଚୟ ଜମା ପାଣ୍ଠି ଧୀରେ ଧୀରେ ହ୍ରାସ ପାଇ ଚାଲିଥିବାରୁ ସରକାର ବାଧ୍ୟ ହୋଇ ସମ୍ବଳ ଯୋଗାଡ଼ ପାଇଁ ଖୋଲା ବଜାର ଋଣ ଓ ବାହ୍ୟ ପୁଞ୍ଜି ଉପରେ ନିର୍ଭର କରୁଛନ୍ତି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ପାଇ ଚାଲିଥିବାରୁ ଋଣ ମହଙ୍ଗା ହୋଇଚାଲିଛି। ସ୍ଥିତିରେ ସାମାନ୍ୟ ଓଲମବିଲୋମ ହେଲେ ତାହାର ପ୍ରତିଫଳନ ପ୍ରତିଭୂତି ବଜାରରେ ଦେଖାଯାଉଛି।

ତଥ୍ୟ ଓ ପରିସଂଖ୍ୟାନକୁ ବିଭ୍ରାନ୍ତ କରି ଜନମତ ହାସଲ କରାଯାଇପାରେ, କିନ୍ତୁ ତାହା ଦେଶର ସମାବେଶୀ ଓ ଦୀର୍ଘକାଳୀନ ବିକାଶର ପରିପନ୍ଥୀ। ଦୀର୍ଘଦଶବର୍ଷ ଧରି ତଥ୍ୟବିଭ୍ରାଟ ବଳରେ ବିକାଶର ବାହୁସ୍ଫୋଟର ଅସଲ ପ୍ରଭାବ ଏବେ ଅନୁଭୂତ ହେଲାଣି। କଥାରେ ଅଛି ଖସିଗଲା ଗୋଡ଼ ତଳକୁ ତଳକୁ। ଏବେ ଭାରତୀୟ ଅର୍ଥନୀତିରେ ସେହି ଆପ୍ତବାକ୍ୟର ପ୍ରତିଫଳନ ଘଟିଛି। ତେଣୁ ସରକାର ଅର୍ଥନୀତିକୁ ରାଜନୀତିର ପୁଟ ଦେଇ ରଙ୍ଗୀନ କରିବାର ମାନସିକତା ପରିହାର କରି ଏହାକୁ ଉଦ୍ଧାର କରିବାର ଉଦ୍ୟମ ଏବେଠାରୁ କରନ୍ତୁ।

## ଗ୍ରାମବିକାଶରେ ପଞ୍ଚାୟତର ଭୂମିକା

**ବିଦ୍ୟାଧର ମହାରଣା**

ଗ୍ରାମବହୁଳ ଦେଶ ଭାରତରେ ଗ୍ରାମସଂଖ୍ୟା ପ୍ରାୟ ୬, ୪୦, ୦୦୦। ଅତୀତରେ ଗ୍ରାମ ବିକାଶ ପାଇଁ କେତେକ ଯୋଜନା କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଆଶାନୁରୂପ ସଫଳତା ମିଳିପାରି ନ ଥିଲା। ୧୯୫୭ ମସିହାରେ ବଳବନ୍ତରାୟ ମେହେଟା କମିଟି ତ୍ରିସ୍ତରୀୟ ପଞ୍ଚାୟତ ପାଇଁ ଅନୁମୋଦନ କଲେ। ଏହି ଅନୁମୋଦନକ୍ରମେ ଗ୍ରାମ, ବ୍ଲକ ଓ ଜିଲ୍ଲା ସ୍ତରରେ ପଞ୍ଚାୟତ ଗଠନ ହେଲା ଏବଂ ରାଜ୍ୟମାନେ ନିଜନିଜର ପଞ୍ଚାୟତ ଆଇନ୍ ପ୍ରଣୟନ କଲେ। ଓଡ଼ିଶାରେ ୧୯୪୮ ମସିହାରେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ପ୍ରଣୀତ ହୋଇଥିଲା। ପରବର୍ତ୍ତୀ ସମୟରେ ଏଥିରେ କିଛି ସଂଶୋଧନ କରାଯାଇଥିଲା। ୧୯୬୧ ମସିହାରେ ତ୍ରିସ୍ତରୀୟ ପଦ୍ଧତିରେ ପରିଷଦ, ସମିତି ଏବଂ ଗ୍ରାମ ପଞ୍ଚାୟତ ମଧ୍ୟରେ ସହଯୋଗ ରକ୍ଷା କରି କାର୍ଯ୍ୟ କରିବା ଲାଗି ସ୍ଥିର କରାଗଲା।

ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪ରେ ପ୍ରଣୀତ ହେଲା। ପଞ୍ଚାୟତକୁ ପରାମର୍ଶ ଏବଂ କାର୍ଯ୍ୟକ୍ରମଗୁଡ଼ିକର ଅନୁମୋଦନ ନିମନ୍ତେ ପଲ୍ଲୀସଭା ଓ ଗ୍ରାମସଭା ଗଠନ କରାଗଲା। ଗ୍ରାମସଭା ବର୍ଷରେ ଅନ୍ତତଃ ଫେବୃୟାରୀ ଓ ଜୁନ ମାସରେ ଦୁଇଥର ବୈଠକ ବସାଇ ଗ୍ରାମ ଶାସନ ବ୍ୟବସ୍ଥା କରାଗଲା। ପଞ୍ଚାୟତ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଯୋଜନା ପ୍ରଣୟନ, ପ୍ରକଳ୍ପ ପ୍ରସ୍ତୁତି ଏବଂ କାର୍ଯ୍ୟକ୍ରମ ସ୍ଥିର କରି ଏଗୁଡ଼ିକ ଗ୍ରାମସଭା ଦ୍ୱାରା ମଞ୍ଜୁର କରାଇବା ବ୍ୟବସ୍ଥା ରହିଲା। ମୌଳିକ ଭାବରେ ଗ୍ରାମ ପଞ୍ଚାୟତ ହାତରେ ୨୯ ଗୋଟି ବିଷୟ ସମ୍ବଳିତ କ୍ଷମତା ରଖାଯାଇଛି। ସେଥିମଧ୍ୟରେ ମୁଖ୍ୟ ବିକାଶମୂଳକ ବିଷୟଗୁଡ଼ିକ ହେଲା ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, କୃଷି ବିକାଶ, ପ୍ରାଣୀ ସମ୍ପଦ ବିକାଶ, ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗୃହ ନିର୍ମାଣ, ଦାରିଦ୍ର୍ୟ ଦୂରୀକରଣ, ସର୍ବସାଧାରଣ ବଣ୍ଟନ, ମହିଳା ଓ ଶିଶୁ ବିକାଶ। ଜଳସେଚନ କ୍ଷେତ୍ରରେ ୪୦ ହେକ୍ଟର ସେଚନର ସୁବିଧା ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପଞ୍ଚାୟତ କାର୍ଯ୍ୟକାରୀ କରିବେ ବୋଲି ନିୟମ ପ୍ରଣୟନ କରାଗଲା।

ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମାବଳୀ ୧୯୬୮ ନିୟମ ୩ ଓ ୨୦ ଅନୁଯାୟୀ ଗ୍ରାମସଭା ଓ ପଲ୍ଲୀସଭା ବୈଠକ ଅନୁଷ୍ଠିତ ହେବାର ଉଲ୍ଲେଖ କରାଯାଇଛି। ନିୟମ ୩୧ ଓ ୩୨ ଅନୁସାରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ନିଷ୍ପାଦନ କରାଯିବା ପାଇଁ ଉଲ୍ଲେଖ ରହିଛି। ନିୟମ ୬୯ ଅନୁସାରେ କୃଷିଜାତ ଦ୍ରବ୍ୟର ବିକ୍ରିବଟା ବ୍ୟବସ୍ଥା ରହିଥିବା ବେଳେ ନିୟମ ୮୦ ଅନୁଯାୟୀ କୃଷି ଫସଲରେ ରୋଗ ପୋକ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରାଯିବ। ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ସାତୋଟି ଲେଖାଏଁ ସ୍ଥାୟୀ କମିଟି ଗଠନ କରିବେ। ଏହି କମିଟିଗୁଡ଼ିକ ହେଲା (କ) ଯୋଜନା, ଅର୍ଥ, ଦାରିଦ୍ର୍ୟ ନିରାକରଣ ଓ ସମନ୍ୱୟ; (ଖ) କୃଷି, ପଶୁପାଳନ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି, ଜଳବିଭାଜିକା ଓ ମାଛ ଚାଷ; (ଗ) ନିର୍ମାଣ, ଜଳସେଚନ, ବିଦ୍ୟୁତ, ପାନୀୟଜଳ ଯୋଗାଣ ଓ ଗ୍ରାମ୍ୟ ସ୍ୱାସ୍ଥ୍ୟ; (ଘ) ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ସାମାଜିକ କଲ୍ୟାଣ; (ଙ) ସାଧାରଣ ବଣ୍ଟନ ବ୍ୟବସ୍ଥା, ଦୁର୍ବଳ ଶ୍ରେଣୀ କଲ୍ୟାଣ, ଜଙ୍ଗଲ, ଜାଳେଣି ଓ ଗୋଖାଦ୍ୟ; (ଚ) ହସ୍ତ କର୍ମ, କୁଟୀର ଶିଳ୍ପ, ଗ୍ରାମ ଉଦ୍ୟୋଗ ଓ ଗ୍ରାମ୍ୟ ଗୃହ ନିର୍ମାଣ, ଏବଂ (ଛ) ଶିକ୍ଷା, କ୍ରୀଡ଼ା ଓ ସଂସ୍କୃତି ସ୍ଥାୟୀ କମିଟି। ପ୍ରତି ସ୍ଥାୟୀ କମିଟିର କାର୍ଯ୍ୟ କାଳ ଦୁଇ ବର୍ଷ। ସମ୍ପୃକ୍ତ ବିଷୟରେ ଯୋଜନା ଓ ପ୍ରକଳ୍ପ ସ୍ଥାୟୀ କମିଟି ପ୍ରସ୍ତୁତ କରି ପଞ୍ଚାୟତକୁ ଅନୁମୋଦନ କରିବେ। ଏହି କମିଟିଗୁଡ଼ିକରେ ନିର୍ବାଚିତ ଓ ମନୋନୀତ ସଦସ୍ୟ ୭ ରୁ ୯ ପର୍ଯ୍ୟନ୍ତ ରହି ପାରିବେ।

ନିର୍ବାଚିତ ପଞ୍ଚାୟତଗୁଡ଼ିକର ବିକେନ୍ଦ୍ରୀକରଣ ଯୋଜନା ନିମନ୍ତେ ୧୯୯୨ ମସିହାରେ ୭୩ ତମ ସମ୍ବିଧାନ ସଂଶୋଧନ କରାଗଲା। ଏହି ସାମ୍ବିଧାନିକ କ୍ଷମତା ବଳରେ ପଞ୍ଚାୟତ ନିଜର ଯୋଜନା ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକାରୀ କରିପାରିବେ। ଧାରା ୨୪୩ ଏ ଅନୁସାରେ ରାଜ୍ୟ ସରକାର ପଞ୍ଚାୟତଗୁଡ଼ିକୁ ବହୁକ୍ଷମତା ଓ ଦାୟିତ୍ୱ ଦେବାର ବ୍ୟବସ୍ଥା ରହିଲା। ଗ୍ରାମ, ବ୍ଲକ ଓ ଜିଲ୍ଲା ପଞ୍ଚାୟତ ନିଜ ଇଲାକାର ସାମାଜିକ ଏବଂ ଅର୍ଥନୈତିକ ଯୋଜନା ପ୍ରସ୍ତୁତ ସହିତ ଏହାର କାର୍ଯ୍ୟକାରିତା ପାଇଁ ଉତ୍ତରଦାୟୀ। ସମ୍ବିଧାନର ଧାରା ୨୪୩(ଗ) ଅନୁଯାୟୀ ପଞ୍ଚାୟତ ସମ୍ପ୍ରସାରଣ ପଞ୍ଚମ ସୂଚୀ ଅନ୍ତର୍ଭୁକ୍ତ ରାଜ୍ୟରେ ଆଦିବାସୀଙ୍କ ନିମନ୍ତେ ପେସା ଆଇନ୍ ୧୯୯୬ ରେ ପ୍ରଣୟନ କରାଯାଇଛି। ଏଯାଏଁ ସାତଗୋଟି ରାଜ୍ୟ ପେସା ନିୟମ ପ୍ରଣୟନ କରିଥିଲେ ମଧ୍ୟ ଓଡ଼ିଶା ଓ ଝାଡ଼ଖଣ୍ଡ ଏହି ନିୟମ ପ୍ରଣୟନ କରି ନାହାନ୍ତି। ସୂଚନା ମିଳିଛି ଯେ ବର୍ତ୍ତମାନର ଓଡ଼ିଶା ସରକାର ଶୀଘ୍ର ପେସା ଆଇନ୍ ପ୍ରଣୟନ କରିବେ। ନିକଟରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଯୋଜନା କ୍ୟାବିନେଟ ଅନୁମୋଦନ ଲାଭ କରିଛି। ଏଥିରେ ଦେଶର ୬୩୦୦୦ ଜନଜାତି ଗ୍ରାମର ସାମୂହିକ ବିକାଶ ପାଇଁ ୭୯୧୫୭ କୋଟି ଟଙ୍କାର ବ୍ୟୟ ଲକ୍ଷ୍ୟ ରଖାଯାଇଛି। ଏକଦା ଦେବଗଡ଼ ଜିଲ୍ଲାର ୭୦ ପଞ୍ଚାୟତ ପାଇଁ ପରୀକ୍ଷାମୂଳକ ଭାବରେ ୟୁନିସେଫ ସହାୟତାରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଯୋଜନା କମିଟି ଓ ସ୍ଥାୟୀ କମିଟି ପଞ୍ଚାୟତ ଦ୍ୱାରା ଗଠନ କରାଇ ପ୍ରତି ଗ୍ରାମରେ ଅଣୁ ଯୋଜନା ପ୍ରସ୍ତୁତ କରି ଏହାକୁ ପଲ୍ଲୀସଭାରେ ଅନୁମୋଦନ କରିବା ପରେ ଏହାକୁ ଗ୍ରାମସଭା ସ୍ୱତନ୍ତ୍ର ବୈଠକରେ ମଞ୍ଜୁର କରାଗଲା। ଏହାପରେ ପଞ୍ଚାୟତ ସମିତି ଯୋଜନା ଓ ନଗରାଞ୍ଚଳ ଯୋଜନା ପ୍ରସ୍ତୁତ କରିବା ପରେ ଜିଲ୍ଲା ପରିଷଦ ଯୋଜନା ସହିତ ଏଗୁଡ଼ିକୁ ଏକୀଭୂତ କରି ସମନ୍ୱିତ ଜିଲ୍ଲା ଯୋଜନା ପ୍ରସ୍ତୁତ କରାଗଲା। ଏହି ସମସ୍ତ କାର୍ଯ୍ୟ ପାଇଁ ବୈଷୟିକ ଦଳକୁ ପ୍ରାୟ ୬ ମାସ ସମୟ ଲାଗିଥିଲା। ଏହା ଉପରେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଥିଲା।

ସାଧାରଣତଃ ଗୋଟିଏ ଗ୍ରାମର ଅଣୁ ଯୋଜନା ପ୍ରସ୍ତୁତ କରିବା ପାଇଁ ଏକ ଯୋଜନାଦଳକୁ ୫ ଦିନ ସମୟ ଲାଗେ। କାରଣ ଏଥିରେ ବହୁ ସହଭାଗୀ ଗ୍ରାମ୍ୟ ଅବଧାରଣା କୌଶଳ ବ୍ୟବହାର କରିବାକୁ ପଡ଼େ। କେନ୍ଦ୍ର ସରକାର ୨୦୦୮ ମସିହାରେ ସମନ୍ୱିତ ଜିଲ୍ଲା ଯୋଜନା ପ୍ରସ୍ତୁତି ପାଇଁ ୧୭୩ ପୃଷ୍ଠାର ମାର୍ଗଦର୍ଶିକା ପ୍ରସ୍ତୁତ କରିଥିଲେ। ଯେହେତୁ ଗ୍ରାମ ପଞ୍ଚାୟତ ସମ୍ବିଧାନର ଏକାଦଶ ସୂଚୀ ଅନୁଯାୟୀ ୨୯ ବିଷୟ ଉପରେ ନିଜର ବିକାଶ ଯୋଜନା ପ୍ରଣୟନ କରିବା ସହିତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଯୋଜନା ସହିତ ସଂଯୋଜନା କରିବାର ଆବଶ୍ୟକତା ଅଛି, ସେହି ହିସାବରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରଣୟନ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାର୍ଗଦର୍ଶିକା ଜାରି କଲେ। ଆମ ଓଡ଼ିଶାରେ ଏହି ୨୯ ବିଷୟ ମଧ୍ୟରୁ ୧୧ ଗୋଟି ବିଭାଗର ୨୧ ବିଷୟ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି।

ପ୍ରତି ପଞ୍ଚାୟତ ନିଜସ୍ୱ ଆୟ ସହିତ କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ରାଜ୍ୟ ଅର୍ଥ ଆୟୋଗ ଅନୁଦାନ ଏବଂ ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ ରୋଜଗାର ଯୋଜନା ଇତ୍ୟାଦିରୁ ବର୍ଷକୁ ପ୍ରାୟ ଏକ କୋଟି ଟଙ୍କା ପାଏ। ପଞ୍ଚାୟତ କାର୍ଯ୍ୟକାରୀ କରୁଥିବା କେତେକ ମୁଖ୍ୟ ଯୋଜନା ହେଲା - ମନରେଗା, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଇତ୍ୟାଦି। କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ରାଜ୍ୟ ଅର୍ଥ ଆୟୋଗ ଅନୁଦାନ ପାନୀୟ ଜଳଯୋଗାଣ, ରାସ୍ତା ଆଲୋକୀକରଣ ଏବଂ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ପାଇଁ ଉଦ୍ଦିଷ୍ଟ। ଆମର ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଏ ବିଷୟରେ ସଚେତନ ହୋଇ ଜନସହଭାଗିତା ସହ ନିଜସ୍ୱ ଅର୍ଥନୈତିକ ଯୋଜନା ଓ ସାମାଜିକ ନ୍ୟାୟ ଯୋଜନା ପ୍ରଣୟନ କରି ଏହାର କାର୍ଯ୍ୟକାରିତା କଲେ ପଞ୍ଚାୟତଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ହେବା ସହିତ ଲୋକଙ୍କର ଆଶା ପୂରଣ ହେବ। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଓ ସାଂସଦ ଆଦର୍ଶ ଗ୍ରାମ ଯୋଜନା ଏହି ବାବଦରେ କିଛିଟା ପଥପ୍ରଦର୍ଶକ ହେବାର ଆଶା କରାଯାଏ।

ଆମ ରାଜ୍ୟର ୫୦୯୨୬ ଗ୍ରାମ, ୬୭୯୪ ପଞ୍ଚାୟତ, ୩୧୪ ପଞ୍ଚାୟତ ସମିତି, ୩୦ ଜିଲ୍ଲା ପରିଷଦ ଏବଂ ୧୦୬୪୮୭ ନିର୍ବାଚିତ ପ୍ରତିନିଧି ଚାହିଁଲେ ପଞ୍ଚାୟତଗୁଡ଼ିକର ସାମୂହିକ ବିକାଶ ହୋଇ ପାରିବ। ଅତୀତରେ କେତେକ ନିର୍ବାଚିତ ପ୍ରତିନିଧିଙ୍କୁ କେରଳର କିଲ୍ଲା ଓ ଗୁଜରାଟକୁ ପ୍ରଶିକ୍ଷଣ ନିମନ୍ତେ ପଠା ଯାଇଥିଲା। ବର୍ତ୍ତମାନ ଏହି ନିର୍ବାଚିତ ପ୍ରତିନିଧିଙ୍କୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଅନୁଷ୍ଠାନ ଭୁବନେଶ୍ୱର, କେନ୍ଦୁଝର ଓ ଭବାନୀପାଟଣାଠାରେ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦେବାର ସମୟ ଆସିଛି।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ମାଆର ମରଣ ନାହିଁ

**ଜ୍ୟୋତି ନନ୍ଦ**

ଆଇଜାକ୍ ବାସେଭିସ୍ ସିଙ୍ଗର ଜଣେ ପ୍ରସିଦ୍ଧ ପୋଲିସ୍-ଆମେରିକୀୟ କଥାଶିଳ୍ପୀ। ସାହିତ୍ୟ ପାଇଁ ସେ ସର୍ବୋଚ୍ଚ ସମ୍ମାନ ନୋବେଲ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ୧୯୭୮ ମସିହାରେ। ସେ ଯେଉଁ ଭାଷାରେ ଲେଖାଲେଖି କରନ୍ତି, ତାହାକୁ 'ୟିଡିସ୍' ବୋଲି କୁହାଯାଏ। ଅନେକଙ୍କ ଧାରଣା 'ୟିଡିସ୍' ଏକ ମୁମୂର୍ଷୁ ଭାଷା। ନୋବେଲ ପୁରସ୍କାର ଗ୍ରହଣ ସମୟରେ ନିଜ ଭାଷା ସମ୍ପର୍କରେ ନିମ୍ନଲିଖିତ ବକ୍ତବ୍ୟ ପ୍ରଦାନ କରିଥିଲେ ସିଙ୍ଗର୍।

ସେ କହିଥିଲେ - କେହିକେହି ଅଧିକାଂଶ ସମୟରେ ଏମିତି ଗୋଟିଏ ମୃତ ଭାଷାରେ କାହିଁକି ଲେଖାଲେଖି କରୁଛ ବୋଲି ମୋତେ ପଚାରିଥା'ନ୍ତି। ମୁଁ ସଂକ୍ଷିପ୍ତରେ ଆଉ ସରଳରେ ସେମାନଙ୍କୁ ଏହି କଥାକୁ ବୁଝାଇଥାଏ। ପ୍ରଥମରେ, ମୁଁ ଭୂତଗପ ଲେଖିବାକୁ ଭାରି ଭଲ ପାଏ ଆଉ ଭୂତଗପ ପାଇଁ ଶ୍ରେଷ୍ଠ ଜୋଡ଼ିଦାର ତ ଗୋଟିଏ ମରଣଶୀଳ ଭାଷା, ଆପଣ ଜାଣନ୍ତି। ଭାଷାଟି ଯେତିକି ଯେତିକି ମରଣଆଡ଼କୁ ଆଗେଇ ଯାଉଥିବ ଆମ ଭୂତର ଦିହ ସେତିକି ସେତିକି ସବଳ ହେଉଥିବ। ଭୂତମାନେ 'ୟିଡିସ୍' ଭାଷାକୁ ଭାରି ଭଲ ପାଆନ୍ତି ଆଉ ମୁଁ ଯେତିକି ଜାଣେ ସେମାନେ ସବୁ ସେଇ ଭାଷାରେ ହିଁ କଥାବାର୍ତ୍ତା କରୁଥା'ନ୍ତି।

ଦ୍ୱିତୀୟରେ, ମୁଁ ଖାଲି ଭୂତରେ ନୁହଁ, ପୁନର୍ଜନ୍ମରେ ବି ବିଶ୍ୱାସ କରେ। ମୁଁ ନିଶ୍ଚିତ ଯେ ଦିନେ ଏକଦା ଶତସହସ୍ର 'ୟିଡିସ୍' ଭାଷାରେ କଥା କହୁଥିବା ଶବମାନେ ନିଜନିଜ କବରରୁ ଉଠିଆସିବେ ଆଉ ସେଇଠୁ ଉଠିଆସିବା ପରେ ତାଙ୍କର ପ୍ରଥମ ପ୍ରଶ୍ନ ହେବ - 'ୟିଡିସ୍'ରେ ପଢ଼ିବା ପାଇଁ ନୂଆ କ'ଣ ବହି ବାହାରିଛି? ସେମାନଙ୍କ ପାଇଁ 'ୟିଡିସ୍' ଭାଷାର ମରଣ ନାହିଁ। ତୃତୀୟରେ, ଗତ ୨୦୦୦ ବର୍ଷ ଧରି 'ହିବ୍ରୁ' ଭାଷାକୁ ଏକ ମୃତଭାଷା ବୋଲି



କୁହାଯାଉଥିଲା। ହଠାତ୍ ଏଇ ଭାଷାଟି ଢେର୍ ସକ୍ରିୟ ହୋଇ ଉଠିଲା। 'ହିବ୍ରୁ' ଭାଷା କ୍ଷେତ୍ରରେ ଯାହା ହୋଇଛି 'ୟିଡିସ୍' କ୍ଷେତ୍ରରେ ସେମିତି ଦିନେ ହେବ ବୋଲି ମୋର ଧାରଣା।(ଯଦିଓ ଏ ପ୍ରକାର ଅଲୌକିକତାଟି କ'ଣ ଏବଂ ତାହା କେମିତି ଘଟିଗଲା ତାହା ବିଷୟରେ ମୋର ସାମାନ୍ୟତମ ଧାରଣା ନାହିଁ)। ଏହାସହିତ 'ୟିଡିସ୍' ଭାଷାକୁ ପରିତ୍ୟାଗ ନ କରିବା ପଛରେ ଗୋଟିଏ ଚତୁର୍ଥ ଆଉ ଗୌଣ କାରଣ ରହିଛି। ସେଇଟି ହେଉଛି ଏଇଟି ଗୋଟିଏ ବୋଲି ଭାଷା, ଯାହାକୁ ମୁଁ ଭଲଭାବରେ ଜାଣିଛି। 'ୟିଡିସ୍' ମୋର ମାଆର ଭାଷା ଆଉ ମାଆର ତ କେବେହେଲେ ମରଣ ନାହିଁ।

'ମାଆର ତ କେବେହେଲେ ମରଣ ନାହିଁ।' ଏଇ ଉପରର ଧାଡ଼ିଟିକୁ ଅନୁବାଦ କଲା ବେଳେ ଜାଣେ ନାହିଁ କାହିଁକି ଉପସ୍ଥିତ ଲେଖକର ଆଖି ଦୁଇଟି ଛଳଛଳ ହୋଇଗଲା। ଆଇଜାକ୍ ବାସେଭିସ୍ ସିଙ୍ଗର ଯେଉଁଟି ଚତୁର୍ଥ ଓ ଗୌଣକାରଣ ବୋଲି କହିଛନ୍ତି ସେଇଟି ହିଁ ଆମ ଭଳି କିଛି ସାଧାରଣ ଲୋକଙ୍କ ମାଆକୋଳରେ ରହି ଚିର ବଳବାନ ସାଜିବା ଭଳି ଏକମାତ୍ର ପାରିବାପଣ। ଆମେ ଭୁଲ୍ କରୁ କି ଠିକ୍ କରୁ ସେହି ନିରାପଦ ଆଶ୍ରୟରେ ରହି ଆମେ ଆମ ଭାଷାକୁ ନେଇ ଯାହାଯାହା କରୁ, ତାହା ହିଁ ଯଥେଷ୍ଟ। 'ୟିଡିସ୍' ଜାଗାରେ ଓଡ଼ିଆକୁ ଥୋଇ ପୂରା ଲେଖାଟିକୁ ପଢ଼ିବାକୁ ଅନୁରୋଧ। ଆନ୍ତର୍ଜାତିକ ମାତୃଭାଷା ଦିବସକୁ ଏମିତି ଗୋଟିଏ ଦୃଷ୍ଟିରେ ଦେଖିବାକୁ ଗଲା ବେଳେ ଉପସ୍ଥିତ ଲେଖକ ନିଜର ଭାଷା ଭାବନାଟିକୁ ନିଜ ପାଖରେ ନିଶ୍ଚୟ ଏମିତି ରଖିବ, ଠିକ୍ ଆଇଜାକ ବାସେଭିସ୍ ସିଙ୍ଗରଙ୍କ ଭଳି - ମୋ ମାଆ କୋଳରେ ମୁଁ ସବୁଠୁ ବଳଶାଳୀ, ପାରିବାର ପୁଅ। କାରଣ ମୋ ଭାଷା ମୋ ମାଆ ପରି ମୋର ସମସ୍ତେ ନପାରିଲା ପଣକୁ ଅତି ସହଜରେ ଘୋଡ଼ାଇ ରଖିବ ଯେ!

କାମନା କରୁଛି ମାଆର ଅନ୍ୟ ସମସ୍ତ ସନ୍ତାନମାନେ ଅଧିକରୁ ଅଧିକ ବଳଶାଳୀ ହୁଅନ୍ତୁ। ଭାଷାନ୍ତରରେ ବିଶ୍ୱବନ୍ଦିତ ହେବାର ସମସ୍ତ ଶିରୋପା ଯଦି ସେମାନେ ଅର୍ଜନ କରୁଛନ୍ତି, ତା'ହାଲେ ଆମ ପାଇଁ ତାହା ଅତ୍ୟନ୍ତ ଆନନ୍ଦର କଥା। ଅନେକଙ୍କର ଯେପରି ମଞ୍ଚ ଆରୋହଣ କରିବା ଭଳି ତିଳାର୍ଦ୍ଧ ଅଭିଳାଷ ନ ଥାଏ, ଠିକ୍ ସେହିଭଳି ଉପସ୍ଥିତ ଲେଖକ ତଳେ ରହି ସମସ୍ତ ମଞ୍ଚ ପର ଦୃଶ୍ୟରେ ସର୍ବଦା ଆହ୍ଲାଦିତ ହେଉଥିବ। ଉପସ୍ଥିତ ଲେଖକ କହିବା ବାହୁଲ୍ୟ ଆଇଜାକ୍ ବାସେଭିସ୍ ସିଙ୍ଗର୍‌ଙ୍କର ଦ୍ୱାରା ବିଶେଷ ଭାବରେ ପ୍ରଭାବିତ। କିନ୍ତୁ ଯେତେ ପ୍ରଭାବିତ ହେଲେ କ'ଣ ହେବ? ମୁଣ୍ଡରେ ଆସ୍ଥାନ ଜମେଇ ବସିଥିବା ଚରିତ୍ରମାନ ତଳକୁ ଓହ୍ଲାଇଲେ ତ! ସେମାନେ ତାଙ୍କର ପାଦ କାଳେ ମଇଳା ହୋଇଯିବ ବୋଲି ତଳକୁ ଓହ୍ଲାଇବା ପାଇଁ ସବୁବେଳେ ଏତେ କୁନ୍ଥୁକୁନ୍ଥୁ ହେଉଛନ୍ତି ଯେ, ଅପେକ୍ଷା କରିବା ଛଡ଼ା ଆଉ କ'ଣ କରାଯାଇପାରେ! ସେଇସବୁ ନାରାଜ ଚରିତ୍ରମାନେ ଅର୍ଥାତ୍ ଭୂତମାନଙ୍କର କଥା ତ ଏଠାରେ କୁହାଯାଉଛି। ବିଶ୍ୱାସ ଅଛି କେତେବେଳେ ସେଇ ଭୂତମାନେ ତଳକୁ ଆସି ହଠାତ୍ ଚମକାଇ ଦେବା ଭଳି ବଡ଼ପାଟିରେ କାନପାଖରେ କହିବେ।

ଭୁବନେଶ୍ୱର, ମୋ: ୯୮୬୧୦୮ ୬୩୧୧

## ପୃଥିବୀର ଆଭ୍ୟନ୍ତର ଅନ୍ତଃସ୍ଥଳ ବଦଳୁଛି

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ପ୍ରାୟତଃ ପେଣ୍ଡୁ ଆକାରର ପୃଥିବୀର କଠିନ ଭୂପୃଷ୍ଠ ତଳକୁ ରହିଛି ତିନୋଟି ସ୍ତର। ତନ୍ମଧ୍ୟରୁ ଗଭୀରତମ ପ୍ରଦେଶରେ ଅବସ୍ଥିତ ଆଭ୍ୟନ୍ତର ଅନ୍ତଃସ୍ଥଳ। ତା' ଉପରିଭାଗକୁ ରହିଛି ବାହ୍ୟ ଅନ୍ତଃସ୍ଥଳ ଏବଂ ଭୂପୃଷ୍ଠର ଠିକ୍ ତଳକୁ 'ମେଣ୍ଟାଲ୍'। ଆଭ୍ୟନ୍ତର ଅନ୍ତଃସ୍ଥଳଟି ମୁଖ୍ୟତଃ ଏକ କଠିନ ପେଣ୍ଡୁ। ଏହାର ବ୍ୟାସାର୍ଦ୍ଧ ପ୍ରାୟ ୧୩୦୦ କିଲୋମିଟର ଏବଂ ତାପମାତ୍ରା ପ୍ରାୟ ୫୫୦୦ ଡିଗ୍ରୀ ସେଲ୍‌ସିୟସ। ଲୌହ ଓ ନିକେଲ୍ ତଥା ଅନ୍ୟାନ୍ୟ ଧାତୁରେ ଗଢ଼ା ହେଲେ ହେଁ ଏଠାର ଚାପ ଅତି ପ୍ରବଳ ହୋଇଥିବାରୁ ଏ ଉଚ୍ଚ ତାପମାତ୍ରାରେ ମଧ୍ୟ ତାହା କଠିନ ଆକାରରେ ଥାଏ। ଏହା ଉପରକୁ ଥିବା ବାହ୍ୟ ଅନ୍ତଃସ୍ଥଳ ମଧ୍ୟ ସେହି ଏକାଭଳି ଧାତୁମାନଙ୍କର ଏକ ଉତ୍ତପ୍ତ ପେଣ୍ଡୁ। ତେବେ ଏଠାର ପ୍ରାୟ ୯୦୦୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ତାହା ତରଳ ଆକାରରେ ଥାଏ। ଏହାର ସ୍ଥୂଳତ୍ୱ ପ୍ରାୟ ୧୫୦୦ କିଲୋମିଟର ଏବଂ ବ୍ୟାସାର୍ଦ୍ଧ ପ୍ରାୟ ୨୨୩୦ କିଲୋମିଟର। ତା'ଉପରବର୍ତ୍ତୀ ସ୍ତର ଅର୍ଥାତ 'ମେଣ୍ଟାଲ୍' ହେଲା ସବୁଠାରୁ ଚଉଡ଼ା ଏବଂ ଏହାର ସ୍ଥୂଳତ୍ୱ ପ୍ରାୟ ୨୯୦୦ କିଲୋମିଟର। ଭୂପୃଷ୍ଠର ତଳକୁ ଥିବା ଏହି ସ୍ତରଟି 'ମାଗ୍‌ମା' ବୋଲି କୁହାଯାଉଥିବା ଅର୍ଦ୍ଧତରଳ ଶିଳାରେ ଗଠିତ। ଏହାର ଉପରିଭାଗର ତାପମାତ୍ରା ପ୍ରାୟ ୧୬୦୦ ଡିଗ୍ରୀ ହେଲା ବେଳକୁ ତଳଭାଗ ପ୍ରାୟ ୪୦୦୦ ଡିଗ୍ରୀ। ସେଥିପାଇଁ ଏହା ପ୍ରବାହିତ ହେଉଥାଏ। ଏହାର ଉପରେ ଥାଏ ଗତିଶୀଳ ମହାଦେଶୀୟ ଫଳକ। ପୃଥିବୀର ପୃଷ୍ଠଭାଗ ବା ଭୂପୃଷ୍ଠ ତା'ଉପରେ ଆଶ୍ରୟ କରିଥାଏ। ଏହାକୁ ଦୁଇଭାଗରେ ବିଭକ୍ତ କରାଯାଏ- ଭୂଭାଗ ଏବଂ ଜଳଭାଗ।

ପୃଥିବୀର ଆଭ୍ୟନ୍ତର ଅନ୍ତଃସ୍ଥଳୀର ସୁଉଚ୍ଚ ତାପମାତ୍ରା ହେତୁ ତାହାକୁ ଏହାର 'ଇଂଜିନ୍ ରୁମ୍' ବୋଲି କୁହାଯାଏ। ପ୍ରଥମେ ଏହାକୁ ଏକ ସମ୍ପୂର୍ଣ୍ଣ କଠିନ ପଦାର୍ଥ ବୋଲି ମନେ କରାଯାଉଥିଲା। ତେବେ ବର୍ତ୍ତମାନ ତାହା ନିହାତି କଠିନ ହୋଇ ନପାରେ ବୋଲି ମନେ କରାଯାଉଛି ୟୁନିଭରସିଟି ଅଫ୍ ସଦର୍ଣ୍ଣ କାଲିଫର୍ଣ୍ଣିଆର ଭୂ-ବିଜ୍ଞାନ ପ୍ରଫେସର ଜନ୍ ଭିଡାଲେ ଏବଂ ତାଙ୍କ ସହଯୋଗୀମାନଙ୍କ ଅଧ୍ୟୟନରୁ। ଏହାର ଏବଂ ବାହ୍ୟ-ଅନ୍ତଃସ୍ଥଳୀର ସୀମାରେଖା ବିଗତ କେତେ ଦଶକ ଧରି ବଦଳିବାରେ ଲାଗିଛି। ୧୭, ଫେବୃଆରୀ ୨୦୨୫ ସଂଖ୍ୟା 'ନେଚର ଜିଓ ସାଇନ୍‌ସ' ପତ୍ରିକାରେ ପ୍ରକାଶିତ ଏକ ନିବନ୍ଧରେ ସେମାନେ ମତ ଦେଇଛନ୍ତି ଯେ ଏହାଦ୍ୱାରା ଆମ ଗ୍ରହର କେନ୍ଦ୍ର ସମ୍ପର୍କୀୟ ରହସ୍ୟ ଅଧିକ ଘନୀଭୂତ ହୋଇଛି।

ଆଗରୁ ଭୂ-ପଦାର୍ଥ ବିଜ୍ଞାନୀମାନେ ମତ ଦେଉଥିଲେ ଯେ ପୃଥିବୀର ଆଭ୍ୟନ୍ତର ଅନ୍ତଃସ୍ଥଳୀ ଏହାର ଅବଶିଷ୍ଟାଂଶ ସହିତ ସମାନ ହାରରେ ଘୂରେନାହିଁ। ଘୂର୍ଣ୍ଣନ ପ୍ରକ୍ରିୟାର ବେଗ ସମୟକ୍ରମେ ବଦଳିଥାଏ। ଅତଏବ ତାହାର ବାହ୍ୟସ୍ତରଗୁଡ଼ିକ ଘୂର୍ଣ୍ଣନ ବେଗ ହ୍ରାସ ପାଉଛି। ମେଣ୍ଟାଲର ଉପର ଓ ତଳଭାଗ ମଧ୍ୟରେ ଥିବା ତାପର ପ୍ରଭେଦତା ହେତୁ ତହିଁରେ ଉପର ତଳ ହୋଇ ପ୍ରବାହିତ ହେଉଥିବା ଅର୍ଦ୍ଧତରଳ 'ମାଗ୍‌ମା'ର ସମ୍ଭବତଃ ଏହା ଉପରେ ପ୍ରଭାବ ରହିଛି।

ଭିଡାଲେ ଏବଂ ତାଙ୍କ ସହଗବେଷକଗଣ ଦକ୍ଷିଣ ଆଟ୍‌ଲାଣ୍ଟିକ୍ ମହାସାଗରର ଏକ ଆଗ୍ନେୟଗିରି ଶୃଙ୍ଖଳ ଉପରେ ଅବସ୍ଥିତ ସାଉଥ୍ ସ୍ୟାଣ୍ଡଉଇଚ ଦ୍ୱୀପପୁଞ୍ଜରେ ଘଟୁଥିବା ଭୂମିକମ୍ପଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ସେମାନେ ୧୯୯୧ ମସିହାରୁ ୨୦୦୪ ମସିହା ମଧ୍ୟରେ ଏଠାରୁ ପ୍ରାୟ ୮୦୦୦ ମାଇଲ ଦୂରରେ ଆଲକ୍‌ସାର ଫେୟାର ବ୍ୟାଙ୍କ୍‌ସଠାରେ ଏବଂ କାନାଡ଼ାର ନର୍ଥୱେଷ୍ଟ ଟେରିଟୋରୀର ୟେଲୋନାଇଫ୍‌ଠାରେ ଭୂକମ୍ପନ ପରିମାପକ ଯନ୍ତ୍ରମାନ ସ୍ଥାପନ କରି ଘଟୁଥିବା ୧୦୦ରୁ ଊର୍ଦ୍ଧ୍ୱ ଭୂମିକମ୍ପକୁ ତାଙ୍କ ଅଧ୍ୟୟନ ପରିସରଭୁକ୍ତ କରିଥିଲେ।

ସାଧାରଣତଃ ପୃଥିବୀର ଏକାଭଳି ଅଞ୍ଚଳ ଦେଇ ଗତି କରୁଥିବା ଏକାଭଳି ଭୂ କମ୍ପନ ପରିମାପକ ଯନ୍ତ୍ରରେ ଏକାପ୍ରକାର ସଂକେତ ଉତ୍ପନ୍ନ କରିବା କଥା। ତେବେ ଫେୟାର ବ୍ୟାଙ୍କସ ଓ ୟେଲୋନାଇଫ୍‌ଠାରେ ଏହା ଅଲଗା ଥିବାରୁ ଭିଡାଲେଙ୍କ ଦଳ ମନେ କଲେ ଯେ ବାହ୍ୟ ଅନ୍ତଃସ୍ଥଳର ବିକ୍ଷୁବ୍ଧ ପ୍ରବାହ କିମ୍ବା ଅଧିକ ସାନ୍ଦ୍ର ହୋଇଥିବା ମେଣ୍ଟାଲର ମାଧ୍ୟାକର୍ଷଣୀୟ ଆକର୍ଷଣ ଏହି ପ୍ରାଚୀରକୁ ବିକୃତ କରିଦେଉଥିବାରୁ ଉକ୍ତ ଭୂକମ୍ପନୀୟ ସଂକେତରେ ପରିବର୍ତ୍ତନ ଆଣୁଛି। ଆଭ୍ୟନ୍ତରୀଣ ଅନ୍ତଃସ୍ଥଳୀର ଘୂର୍ଣ୍ଣନରେ ପରିବର୍ତ୍ତନର ଆମ ଗ୍ରହ ଉପରେ କେତେକ ପ୍ରଭାବ ରହିଛି। ଏହା ତା'ର ଚୁମ୍ବକୀୟ ସୂର୍ଯ୍ୟ ତଥା ଅନ୍ୟାନ୍ୟ ନକ୍ଷତ୍ରମାନଙ୍କରୁ ଆସୁଥିବା ଶକ୍ତିଶାଳୀ କଣିକାଗୁଡ଼ିକରୁ ସୁରକ୍ଷା ପ୍ରଦାନ କରିଥାଏ। ସେଥିରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଲେ, ଭୂପୃଷ୍ଠର ଜୀବଜଗତ ପ୍ରଭାବିତ ହେବାର ସମ୍ଭାବନା ରହିଛି।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏନ୍‌ସି କଲେଜରେ ଜାତୀୟ ବିଜ୍ଞାନ ଦିବସ ପାଳିତ

**ଯାଜପୁର,୩।୩(ସମିସ):** ଯାଜପୁର ଜିଲ୍ଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟୋରିୟମ୍‌ରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡକ୍ଟର ରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଆଇଆର ଓ ୟୁଓପିର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ନଚିକେତା ଖମାରୀ ଶର୍ମା ଯୋଗଦେଇ କହିଥିଲେ, ପ୍ରଯୁକ୍ତି ବିଦ୍ୟା ସହିତ ଭାଗବତ ଓ ଆଧ୍ୟାତ୍ମିକତାର ସମନ୍ୱୟ ଘଟିଲେ ବିଜ୍ଞାନ ଜଗତର ମଙ୍ଗଳକାରୀ କାର୍ଯ୍ୟରେ ବିନିଯୋଗ ହୋଇପାରିବ। ଅନ୍ୟତମ ବିଶେଷଜ୍ଞ ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ପ୍ରଫେସର ଡକ୍ଟର ସତ୍ୟପ୍ରକାଶ ସାହୁ କହିଥିଲେ, ମଣିଷର ମସ୍ତିଷ୍କରେ ଥିବା ସ୍ନାୟୁର କାର୍ଯ୍ୟ ସଂପ୍ରତି କମ୍ପ୍ୟୁଟରରେ ଉପଯୋଗ କରାଯାଇ କୃତ୍ରିମ ବୌଦ୍ଧିକ କ୍ଷମତା ବଢ଼ାଯାଇପାରୁଛି। ଏହାର କାର୍ଯ୍ୟକ୍ଷମତା ସୁଦୂରପ୍ରସାରୀ ହୋଇପାରିବ। ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡକ୍ଟର ଗୁରୁପ୍ରସାଦ ସାହୁ ବିକଶିତ ଭାରତ ଗଠନ କରିବାରେ ଯୁବଗୋଷ୍ଠୀର ଭୂମିକା ଓ ବିଜ୍ଞାନର ନୂତନ ଚିନ୍ତାଧାରା ପ୍ରୟୋଗ କରିପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ଡକ୍ଟର ଅମ୍ରିତା ପ୍ରୀତମ୍ ମିଶ୍ର ସଭା ପରିଚାଳନା କରିଥିବାବେଳେ ଡକ୍ଟର ଶାଶ୍ୱତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ପ୍ରାଚୀପ୍ରଭା ମହାପାତ୍ର, ପ୍ରଫେସର ସୁରେଶ ଗୋଇ, ଡକ୍ଟର ସୁମତି ପତି, ଡକ୍ଟର ଦିବ୍ୟଲୋଚନ ସିଂହ, ଡକ୍ଟର ସପର୍ଯ୍ୟା ସମର୍ପିତା ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତଙ୍କୁ ସମ୍ବର୍ଦ୍ଧନା

**କୁଆଖିଆ,୩।୩(ସମିସ):** ରସୁଲପୁର ବ୍ଲକ୍ ବାରବାଟୀସ୍ଥ ଜଳସେଚନ ବିଭାଗ ଡାକ ବଙ୍ଗଳାରେ ଧର୍ମଶାଳାର ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ସୁଧୀର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶ୍ରୀ ଟିକାୟତ ଯୋଗଦେଇ ନିଜ ରାଜନୀତି କାର୍ଯ୍ୟ ସମୟରେ କରିଥିବା ବିକାଶମୂଳକ କାର୍ଯ୍ୟକୁ କର୍ମୀଙ୍କ ନିକଟରେ ବଖାଣିଥିଲେ।




ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ର ମୋହନ ଦାଶ ଯୋଗଦେଇ ବର୍ତ୍ତମାନ ବୟସ୍କ ଓ ଅଭିଜ୍ଞଙ୍କୁ କିପରି ଉପେକ୍ଷା କରାଯାଉଛି, ସେ ସମ୍ପର୍କରେ କହିଥିଲେ। କଂଗ୍ରେସ ନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, କୃଷକ ନେତା ପ୍ରଭାକର ନାୟକ, ନକୁଳ ରାଉତ, ବରିଷ୍ଠ ନାଗରିକ ନଟବର ପଣ୍ଡା, ସମାଜସେବୀ ମନ୍ଦାକିନୀ ଜେମା, ରାଜନେତା ଜଳଧର ସାହୁ, ନିର୍ମଳ ସାମଲ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ମହାଲିକ, ବାବୁଲି ପୃଷ୍ଟି, ରବି ସାହୁ, ପୂର୍ବତନ ସମିତି ସଭ୍ୟ ବଟକୃଷ୍ଣ ସାହୁ, କବିତା ବିଶ୍ୱାଳ, ସମବାୟ ନେତା ଶ୍ରୀଧର ବେହେରା, ଅଭୟ ଦାସ, ବରିଷ୍ଠ ନେତା ଅବୁଲ କାଲାମ, ମିହିର ମିଶ୍ର, ନାରାୟଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ, ଶିକ୍ଷାବିତ୍, ରାଜନେତା ଉପସ୍ଥିତ ଥିଲେ। ଅଲେଖ ପଲେଇ, ରଶ୍ମିରଞ୍ଜନ ରଥ, ଅଜୟ ସାହୁ, କାର୍ତ୍ତିକ ପଣ୍ଡା, ଦଧି ମହାପାତ୍ର, ପ୍ରମୋଦ ପ୍ରଧାନ, ତପନ ପଣ୍ଡା, ଲକ୍ଷ୍ମୀଧର ମହାପାତ୍ର, ଦିଲ୍ଲୀପ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିରଳ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

## ଶୈକ୍ଷିକ କ୍ଷେତ୍ର ପରିଦର୍ଶନରେ ସାମିଲ ହେଲେ ୬୦୮ ଛାତ୍ରଛାତ୍ରୀ

**ଯାଜପୁର, ୩।୩(ସମିସ):** ଯାଜପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶୈକ୍ଷିକ କ୍ଷେତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୧୦ଟି ବ୍ଲକରୁ ୬୦୮ ଜଣ ଛାତ୍ରଛାତ୍ରୀଙ୍କ ସହ ୩୦ ଜଣ ସହାୟକ ଶିକ୍ଷକ ୧୫ଟି ବସ ଦ୍ୱାରା ଭୁବନେଶ୍ୱରସ୍ଥ ନାଇଜର ଶିକ୍ଷାନୁଷ୍ଠାନକୁ ଭ୍ରମଣରେ ଯାଇଥିଲେ। ଛାତ୍ରଛାତ୍ରୀ ନିଜ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରୁ ବସ ଦ୍ୱାରା ଛତିଆରେ ଏକତ୍ରିତ ହୋଇଥିଲେ। ସେଠାରୁ ନାଇଜରରେ ପହଞ୍ଚିଥିଲେ। ସେଠାରେ ଥିବା ପଠାଣି ସାମନ୍ତ ସମ୍ମିଳନୀ ଗୃହରେ ସମସ୍ତେ ଏକତ୍ରିତ ହୋଇଥିଲେ। ନାଇଜରର ନିର୍ଦ୍ଦେଶକ ପ୍ରଫେସର ଏଚ୍‌ଏନ ଘୋଷ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜାତୀୟ ବିଜ୍ଞାନ ଦିବସ ଓ ତା'ର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

ସେଠାରେ ନିଯୁକ୍ତ ବରିଷ୍ଠ ପ୍ରାଧ୍ୟାପକଙ୍କ ଦ୍ୱାରା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ଉପରେ ପ୍ରମାଣଭିତ୍ତିକ ତଥ୍ୟ ପ୍ରଦାନ କରାଯାଇଥିଲା। ଉକ୍ତ କଲେଜ ପରିସରରେ ମାଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ଯାଜପୁର ତରଫରୁ କରାଯାଇଥିଲା। ପରେ ପିଲାମାନେ ସେଠାରେ ଥିବା ବିଭିନ୍ନ ପ୍ରୟୋଗଶାଳା ବୁଲି ଦେଖିବା ସହ କିଛି ଜିଜ୍ଞାସା ପ୍ରଶ୍ନର ସମାଧାନ ପାଇଲେ। ନିଜ ଖାତାରେ ନୋଟ କରି ଅପରାହ୍ନରେ ନାଇଜରରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏ କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ କୁମାରସେନ ସେନାପତି, ପେଡାଗୋଜି ସଂଯୋଜକ ରାଜେଶ କରମହାପାତ୍ର, ପଞ୍ଚସଖା ଶିକ୍ଷା ସେତୁର ସଂଯୋଜକ ରାଜେନ୍ଦ୍ର ଶତପଥି ଓ ଦିବ୍ୟଲୋଚନ ମହାପାତ୍ର, ପ୍ରୋଗାମ ଆସିଷ୍ଟାଣ୍ଟ ପ୍ରିୟମ୍ବଦା ମିଶ୍ର, ଅମ୍ବିକା ପ୍ରସାଦ ନାୟକ, ପ୍ଲାନିଂ ସଂଯୋଜକ ତ୍ରିଲୋଚନ ସାହୁ, ଶିକ୍ଷକ ପ୍ରତିନିଧି ଚିନ୍ମୟ କୁମାର ରଥ ସମ୍ପାଦନ କରିଥିଲେ। ୧୦ ଜଣ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତି ବ୍ଲକର ମୁଖ୍ୟ ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରିଥିଲେ।

### ଅବ୍ୟବସ୍ଥା ମଧ୍ୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ଖରାରେ ସିଝୁଛନ୍ତି ଅଭିଯୋଗକାରୀ, ପାଣି ପାଇଁ ଡହଳବିକଳ

**ଯାଜପୁର, ୩।୩(ସମିସ):**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରଭାବ ଦେଖିବାକୁ ମିଳିଲାଣି। ବର୍ତ୍ତମାନ ସୁଦ୍ଧା ସରକାରୀ ଅଫିସ ସକାଳୁଆ ହୋଇନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜନଶୁଣାଣି ଶିବିରକୁ ଆସୁଥିବା ଲୋକଙ୍କ ପାଇଁ କୌଣସି ବନ୍ଦୋବସ୍ତ ହୋଇନାହିଁ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ପ୍ରବଳ ଖରାରେ କଲବଲ ହେଉଛନ୍ତି। ଯାଜପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ଆଜି ଆୟୋଜିତ ଜନଶୁଣାଣି ଶିବିରରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କ ପାଇଁ ନାଁ ବସିବା ପାଇଁ ଜାଗା ଅଛି, ନାଁ ଖରା ତାତରୁ ରକ୍ଷା ପାଇବା ପାଇଁ କୌଣସି ଛାଉଣୀର ବ୍ୟବସ୍ଥା ରହିଛି। ଏପରିକି ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ନାହିଁ। ଅଭିଯୋଗକାରୀ ଅଭିଯୋଗ କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିରହୁଛନ୍ତି। ସେମାନଙ୍କୁ ପାଣିର ବ୍ୟବସ୍ଥା ନାହିଁ। ପାଣି ମାଗିଲେ ମଧ୍ୟ ଏଥିପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ ବୋଲି ସେଠାରେ ନିୟୋଜିତ ପିଅନଙ୍କଠାରୁ ଆରମ୍ଭ କରି



ଅଧିକାରୀ ଲୋକଙ୍କୁ ଜବାବ ଦେଉଛନ୍ତି।

ସେହିପରି ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆସୁଥିବା ରୋଗୀ ଆର୍ଥିକ ସହାୟତା ପାଇବା ପାଇଁ ଜଣେ ଡାକ୍ତରଙ୍କ ଦ୍ୱାରା ପ୍ରମାଣ ପତ୍ର ହାସଲ କରୁଛନ୍ତି। ଏତେ ସଂଖ୍ୟକ ରୋଗୀଙ୍କୁ ଦେଖିବା ପାଇଁ ଜଣେ ମାତ୍ର ଡାକ୍ତର ଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବସିବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଗାଡି ଗ୍ୟାରେଜରେ ବସି ଅଭିଯୋଗକାରୀ ଅପେକ୍ଷା କରୁଛନ୍ତି। ପ୍ରତ୍ୟେକ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବା ପାଇଁ ନିୟମ ଥିବାବେଳେ ଖୋଦ ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳ ଉପସ୍ଥିତ ରହୁଥିଲେ ମଧ୍ୟ ପାଣି ମୁନ୍ଦେ ନ ମିଳିବା ଦୁଃଖର ବିଷୟ ବୋଲି ଚର୍ଚ୍ଚା ହେଉଛି। ଅନେକ ଦିବ୍ୟାଙ୍ଗ ବ୍ୟକ୍ତି ଅଭିଯୋଗ ଜଣାଇବା ପାଇଁ ଆସୁଥିଲେ ମଧ୍ୟ ସେମାନଙ୍କୁ ନେବା ଆଣିବା ପାଇଁ କୌଣସି ପ୍ରକାର ହୁଇଲଚେୟାରର ବ୍ୟବସ୍ଥା ନ ଥିବାରୁ ସମ୍ପର୍କୀୟ ଟେକି ଟେକି ନେଉଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ ମାସର ପ୍ରଥମ ସୋମବାର ଜିଲ୍ଲା ସଦର ମହକୁମାରେ ହେଉଥିବା ଏହି ଜନଶୁଣାଣି ଶିବିରରେ ଖୋଦ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ସମସ୍ତ ପଦାଧିକାରୀ ଉପସ୍ଥିତ ରହୁଥିଲେ ମଧ୍ୟ ଏଭଳି ଅବ୍ୟବସ୍ଥା ନିଶ୍ଚିତ ଚିନ୍ତାଜନକ।

ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ରେ ୨୭୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୫ଟି, ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୨୭ଟି ଓ ରେଡ୍‌କ୍ରସ୍ ପାଣ୍ଠିରୁ ୧ଟି ଅଭିଯୋଗ ଥିଲା। ଏଥିରୁ ୧୪୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।

### ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

## ମନ୍ଦିର ବେଢ଼ାରେ ଛାତ୍ରଛାତ୍ରୀଙ୍କୁ ପଢ଼ାଇଲେ ସରପଞ୍ଚ

**ଦଶରଥପୁର,୩।୩ (ସମିସ):** ଦଶରଥପୁର ବ୍ଲକ୍ ଚିତାଲୋ ପଞ୍ଚାୟତର ଝାଡ଼ଙ୍ଗା ଗ୍ରାମରେ ଥିବା ରାମେଶ୍ୱର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୋଲାପୀ ଜେନାଙ୍କ ବଦଳି ଦାବିରେ ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇବା ଯୋଗୁଁ ବିଳମ୍ବରେ ଆସିଥିବା ପ୍ରଧାନଶିକ୍ଷୟିତ୍ରୀଙ୍କୁ ଫେରିଯିବାକୁ ପଡ଼ିଛି। ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତ୍ୟେକ ଦିନ ସଠିକ୍ ସମୟରେ ଆସୁନାହାନ୍ତି। ପାଠ ପଢ଼ାଇବା ପରିବର୍ତ୍ତେ ଶ୍ରେଣୀ ଗୃହରେ ଶୋଇବା ଓ ମୋବାଇଲ୍ ଦେଖିବାରେ ବହୁ ସମୟ ଅତିବାହିତ କରନ୍ତି। ଏ ସମ୍ପର୍କରେ ଅଭିଭାବକ ପ୍ରଧାନଶିକ୍ଷୟିତ୍ରୀଙ୍କୁ କାହିଁକି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବାରେ ଅବହେଳା କରୁଥିବା ଅଭିଯୋଗ କଲେ ମଧ୍ୟ ସେ କର୍ଣ୍ଣପାତ କରନ୍ତି ନାହିଁ। ପ୍ରଧାନଶିକ୍ଷୟିତ୍ରୀଙ୍କ ଅବହେଳାରୁ ପ୍ରତିବର୍ଷ ଏହି ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଅନ୍ୟତ୍ର ନାମ ଲେଖାଉଛନ୍ତି। ଏହି ସମସ୍ତ ଘଟଣା ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କିଛିଦିନ ତଳେ ଅଭିଭାବକ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବି ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ବାଧ୍ୟ ହୋଇ ଅଭିଭାବକ, ଛାତ୍ରଛାତ୍ରୀ, ପରି.ଳନା କମିଟି କର୍ମକର୍ତ୍ତା ମିଳିତ ଭାବେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରି ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ବିଦ୍ୟାଳୟରେ ତାଲା ପଡ଼ିଥିବାରୁ ସହକାରୀ ଶିକ୍ଷକ ମଧ୍ୟ ବିଦ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ଗୋପୀନାଥଜୀଉ କ୍ଲଷ୍ଟର ସିଆର୍‌ସିସି ଦେବେନ୍ଦ୍ର ନାଥ ଧାରଣାରତ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ଧାରଣାରୁ ଓହରିବାକୁ ବୁଝାସୁଝା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ପରେ ସ୍ଥାନୀୟ ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ ନିକଟସ୍ଥ ରକ୍ଷାକାଳୀ ମନ୍ଦିର ବେଢ଼ାକୁ ଡାକି



ନେଇ ପାନୀୟଜଳ ଓ ବିସ୍କୁଟ ପ୍ରଦାନ କରିବା ସହ କିଛି ସମୟ ପାଇଁ ପାଠ ପଢ଼ାଇଥିଲେ। ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ ମଧ୍ୟ ମାଟ୍ରିକ ପରୀକ୍ଷା କାର୍ଯ୍ୟରେ ବ୍ୟସ୍ତଥିବା କହି ଶିକ୍ଷା କାର୍ଯ୍ୟାଳୟର ଅଧିକାରୀ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଏଡାଇ ଯିବାକୁ ନେଇ ଗ୍ରାମରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏ ନେଇ ବିଦ୍ୟାଳୟ ସମ୍ମୁଖରେ ଏକ ଜରୁରି ବୈଠକ ବସିଥିଲା। ବୈଠକରେ ମଙ୍ଗଳବାର ୧୦ ଘଟିକା ସୁଦ୍ଧା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟର ସମସ୍ୟାକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସମସ୍ତ ଛାତ୍ରଛାତ୍ରୀ ଚାଲି ଚାଲି ଯାଇ ଜିଲ୍ଲାପାଳଙ୍କୁ ଭେଟି ଗୁହାରି କରିବାକୁ ନିଷ୍ପତ୍ତି ହୋଇଛି।

## ବାପା ମୃତ୍ୟୁର ୧୬ ଦିନ ପରେ ପୁଅର ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିଚନ୍ଦ୍ରପୁର,୩।୩(ସମିସ):** ବାପା ମୃତ୍ୟୁର ମାତ୍ର ୧୬ ଦିନ ପରେ ଝୁଲନ୍ତା ଅବସ୍ଥାରେ ଏକମାତ୍ର ପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି। ଏଭଳି ଏକ ଦୁଃଖଦ ଘଟଣା ବଡ଼ଚଣା ବ୍ଲକ୍ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁରପଟଣା ଗ୍ରାମରେ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ବିଦ୍ୟାଧର ପ୍ରଧାନଙ୍କ ୧୬ ଦିନ ପୂର୍ବରୁ ମୃତ୍ୟୁ ଘଟିଥିଲା। ପୁତ୍ର ପ୍ରଦୀପ ପ୍ରଧାନ (୪୦) ବାପାଙ୍କ ଶୁଦ୍ଧିକ୍ରିୟା ଶେଷ କରିଥିଲେ। ତେବେ କୌଣସି କାରଣରୁ ଘରର ଏକ କୋଠରୀରେ ଝଲନ୍ତା ଅବସ୍ଥାରେ ପ୍ରଦୀପଙ୍କ ମୃତଦେହକୁ ଆଜି ସକାଳେ ଦେଖିବାକୁ ମିଳିଥିଲା। ବାଲିଚନ୍ଦ୍ରପୁର ପୁଲିସ ପହଞ୍ଚି ପ୍ରଦୀପଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡଚଣା ମେଡ଼ିକାଲକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଘରୋଇ କଳିରୁ ଏଭଳି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

### ଶବ୍ଦ ପ୍ରଦୂଷଣ ରୋକିବାକୁ ପଦକ୍ଷେପ

## ଡିଜେ ଜବତ କଲା ଯାଜପୁର ପୁଲିସ

**ଯାଜପୁର, ୩।୩ (ସମିସ):** ଏବେ ବିବାହ ଋତୁରେ ଡିଜେ ମାଲିକ ମନଇଚ୍ଛା ଯାଜପୁର ସହରରେ ଡିଜେ ବଜାଉଥିବା ଦେଖିବାକୁ ମିଳିଛି। ଏହାକୁ ଲକ୍ଷ୍ୟ ରଖି ଯାଜପୁର ପୁଲିସ ଡିଜେ ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗତକାଲି ରାତି ୧୦ଟା ପରେ ବାଜୁଥିବା ଏକ ଡିଜେ ଗାଡ଼ିକୁ ଥାନାରେ ଅଟକ ରଖିବା ସହିତ ଉକ୍ତ ଡିଜେ ମାଲିକଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ ହୋଇଛି। ଏଥିସହିତ ସହରରେ ଥିବା ସମସ୍ତ ଡିଜେ ମାଲିକଙ୍କୁ ଡାକି ଏକ ବୈଠକ କରି ନୋଟିସ ମଧ୍ୟ ଦିଆଯାଇଛି। ଜବତ ଡିଜେ ମାଲିକଙ୍କ ବିରୋଧରେ ୫ ଓଡ଼ିଶା ଫାୟାର ୱାର୍କ୍ସ ଏଣ୍ଡ ଲାଉଡ୍‌ସ୍ପିକର ରେଗୁଲେସନ୍ ଆକ୍ଟ ୧୯୮୫ ମୁତାବକ ୨୭/୨୦୨୫ରେ ଏକ ମାମଲା ରୁଜୁ ହୋଇଛି।

### ଦୁଧୁଯୋରି ସମବାୟ ସମିତିରେ ପଡ଼ିରହିଛି ଧାନ

## ଜିଲ୍ଲାପାଳଙ୍କୁ ଭେଟି ଗୁହାରି କଲେ ଚାଷୀ

**ସୁକିନ୍ଦା,୩।୩(ସମିସ):** ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଦୁଧୁଯୋରି ସମବାୟ ସମିତି ଅଧୀନରେ ଥିବା ଶତାଧିକ ଚାଷୀଙ୍କ ଧାନ ସରକାର ନେଉ ନ ଥିବା ଅଭିଯୋଗରେ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଦୁଧୁଯୋରି ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ଚାଷୀଙ୍କ ଶହଶହ ବସ୍ତା ଧାନ ପଡ଼ିରହିଛି। ଧାନ କିଣାରେ ସରକାର ବିଫଳ ହୋଇଥିବା ଦର୍ଶାଇ ସ୍ଥାନୀୟ ପିମ୍ପୁଡିଆ, କୁହିକା, ଦୁଧୁଯୋରି ପଞ୍ଚାୟତର ଅନେକ ଚାଷୀ ସ୍ଥାନୀୟ ସରପଞ୍ଚ ତପନ ନାୟକଙ୍କ ନେତୃତ୍ୱରେ ସୋମବାର ଜିଲ୍ଲାପାଳଙ୍କ ନିକଟରେ ଦୁଃଖ ଜଣାଇବା ସହ ସରକାର ସେମାନଙ୍କ ଧାନ କିଣିବା ପାଇଁ ଦାବି କରିଛନ୍ତି।

## ବଳରାମପୁର ଜଙ୍ଗଲରେ ହରିଣଙ୍କ ସୁରକ୍ଷା ଦାବି

**କବାଟବନ୍ଧ,୩।୩ (ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବଳରାମପୁର ସଂରକ୍ଷିତ ଜଙ୍ଗଲରେ ରହିଥିବା ବିଭିନ୍ନ ବନ୍ୟଜନ୍ତୁଙ୍କ ସହ ହରିଣଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଗଡ଼ମଧୁପୁର ଫରେଷ୍ଟ ଅଧୀନରେ ରହିଥିବା ବିଭିନ୍ନ ବନାଞ୍ଚଳ ଓ ପାହାଡ଼ରେ ରହିଥିବା ଭାଲୁ, ବାରହା, ମାଙ୍କଡ଼, ବାଘ, ହରିଣ, ଠେକୁଆ ଆଦି ବନ୍ୟଜନ୍ତୁ ରହିଛନ୍ତି। ପୂର୍ବରୁ ଭାଲୁ ଓ ବାରହା ଗାଁ ମୁହାଁ ହୋଇ ଲୋକଙ୍କୁ ଆକ୍ରମଣ କରିବା ଯୋଗୁଁ ଅନେକ ମୃତାହତ ହୋଇଛନ୍ତି। ଗତ ଜାନୁଆରୀ ୨୭ ତାରିଖରେ ରେଖିଦେଇପୁର ପଞ୍ଚାୟତର ଜଣେ ବୃଦ୍ଧାଙ୍କ ବାର୍‌ହା ଆକ୍ରମଣରେ ମୃତ୍ୟୁ ହୋଇଥିଲା। ସେହିପରି ଗତ ଜାନୁଆରୀ ୩୧ ତାରିଖରେ ଏକକାଳୀନ ୪ଟି ହାତୀ ଏଣ୍ଡଲବା ଓ ଏହା ଆଖପାଖ ଅଞ୍ଚଳରେ ବିଭିନ୍ନ ପନିପରିବା ନଷ୍ଟ କରିବା ସହିତ ଗାଁ ମୁହାଁ ହୋଇଥିଲେ। ପାହାଡ଼ ବ୍ଲାଷ୍ଟିଂ କାରଣରୁ ଅନେକ ସମୟରେ ବନ୍ୟଜନ୍ତୁ ଭୟଭୀତ ହୋଇ ଜନବସତି ମୁହାଁ ହେଉଛନ୍ତି। ସୋମବାର ବଳରାମପୁର ଉପରଗଡ଼ ଅଞ୍ଚଳରେ ରାଜାଙ୍କ ବଗିଚା ନିକଟରେ ଏକ ହରିଣ ଛୁଆ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏହାକୁ ଦେଖିଥିଲେ। ତେବେ ଏହି ଅଞ୍ଚଳରେ ଥିବା ବିଭିନ୍ନ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଧର୍ମଶାଳା ବ୍ଲକ୍‌ରେ ପାନୀୟଜଳ ସଙ୍କଟ, ଟ୍ୟାଙ୍କର ଯୋଗେ ଜଳଯୋଗାଣର ଶୁଭାରମ୍ଭ

# ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷଙ୍କୁ ଅଣଦେଖା

**ଯାଜପୁର/ଧର୍ମଶାଳା,୩।୩(ସମିସ):**

ଧର୍ମଶାଳା ବ୍ଲକ୍‌ରେ ପାନୀୟଜଳ ସଂକଟ ଦେଖାଦେଇଛି। ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବାକୁ ଟ୍ୟାଙ୍କରର ବ୍ୟବସ୍ଥା ହୋଇଛି। ଆଜି ଧର୍ମଶାଳା ବିଧାୟକ ଏହାର ଶୁଭାରମ୍ଭ କରିଛନ୍ତି। ତେବେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି।



ଧର୍ମଶାଳା ଅଞ୍ଚଳରେ ହେଉଥିବା ବ୍ୟାପକ ମାତ୍ରାରେ ବେଆଇନ ପଥର ବ୍ଲାଷ୍ଟିଂ ଯୋଗୁଁ ଦିନକୁ ଦିନ ଏଠାରେ ଜଳସଂକଟ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସେଥିପାଇଁ ଖରାଦିନ ଆରମ୍ଭରୁ ଏହି ସମସ୍ୟା ଅଧିକ ଦେଖାଦେଇଛି। ଜଳସଙ୍କଟ ସମସ୍ୟାର ସମାଧାନ ପାଇଁ ବ୍ଲକ୍‌ରେ ମେଗା ପାନୀୟଜଳ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। କିନ୍ତୁ ଏହାର ଶୁଭାରମ୍ଭ ହୋଇପାରିନି। ଫଳରେ ଲୋକେ ପାଣି ଟୋପେ ପାଇବା ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି। ଏଭଳି ଗୁରୁତର ସମସ୍ୟା ସମ୍ପର୍କରେ ନିକଟରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତ ସମିତି ବୈଠକରେ ଜୋରସୋରରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ପଞ୍ଚାୟତକୁ ପାଣି ଟ୍ୟାଙ୍କର ସହାୟତାରେ ପାଣି ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ପଞ୍ଚାୟତିରାଜ ପାଣ୍ଠିରୁ ଏହି ପାଣି ଟ୍ୟାଙ୍କର ଅଣାଯାଇ ଘରେ ଘରେ ପାଣି ଯୋଗାଇ ଦିଆଯିବ ବୋଲି ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଥିଲା। ଖୋଦ ଧର୍ମଶାଳାର ବିଧାୟକ ହିମାଂଶୁ ସାହୁ ଧର୍ମଶାଳାର ବିକାଶରେ ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟଙ୍କ ସହଯୋଗ କାମନା କରିଥିଲେ। ଫଳରେ ସୁରୁଖୁରରେ ପଞ୍ଚାୟତ ସମିତି ବୈଠକ ଶେଷ ହୋଇଥିଲା।

ସେହି ନିଷ୍ପତ୍ତି ମୁତାବକ ଆଜି ଧର୍ମଶାଳା ମହୋତ୍ସବ ପଡ଼ିଆରେ ପାଣି ଟାଙ୍କି ଯୋଗେ ଜଳଯୋଗାଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷଙ୍କୁ ନିମନ୍ତ୍ରଣ କରାଯାଇନାହିଁ। କେବଳ ବିଧାୟକ ଓ ସରକାରୀ ଅଧିକାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହା ସମ୍ପୂର୍ଣ୍ଣ ଭାବେ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ଏଠାକୁ ବ୍ଲକ୍ ଅଧ୍ୟକ୍ଷଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାବେଳେ ବିଜେପିର କେତେକ କର୍ମୀ ଓ କୁଜି ନେତା ମଞ୍ଚ ଉପରେ ବୁଲୁଥିବା ଦେଖିବାକୁ ମିଳିଥିଲା। ବିଧାୟକଙ୍କ ଏଭଳି କାର୍ଯ୍ୟ ପ୍ରକୃତରେ ତୃଷାର୍ତ୍ତଙ୍କୁ ପାଣି ଯୋଗାଇବା ପାଇଁ ଥିଲା ନାଁ ରାଜନୈତିକ ଫାଇଦା ପାଇଁ ଉଦ୍ଦିଷ୍ଟ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଧର୍ମଶାଳା ବ୍ଲକ୍‌ର ଉତ୍ତରପ୍ରତାପ, ସୁହୁରିଆ, ପଟୁଣିଆ, ଅରାବଳ, ମଙ୍ଗଳପୁର, କୋଟପୁର, ଜାରକା, କୁମାରୀ, ଗଙ୍ଗାଧରପୁର, ଥାନୁଆଳ, ଆରୁହା, ପାଖର, ଅଭୟପୁର, ନେଉଳପୁର, ମଧୁପୁରଗଡ, ହରିଦାସପୁର, ନେଉଳପୁର, ସାହାଣିଡିହ, ତାଳଜଙ୍ଗା, ମହିଶରା, ତରଞ୍ଜିଆ, ବୃନ୍ଦାଦେଇପୁର, ଏଣ୍ଡଳବା, ଅଞ୍ଜିରା, ପୁରୁଣାବଉଳମାଳ, ଚକ୍ରଧରପୁର ଆଦି ୨୬ଟି ପଞ୍ଚାୟତ ପାଇଁ ପ୍ରଥମ ଦଫାରେ ୭୨ଟି ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇ ଦେବା ବ୍ୟବସ୍ଥା କରାଯାଇଥିବା ବିଧାୟକ ଶ୍ରୀ ସାହୁ ସୂଚନା ଦେଇଥିଲେ।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ବ୍ରଜବାସୀ ବଳଭଦ୍ର ମିଶ୍ର
ଆବିର୍ଭାବ : ୨୪.୧୨.୧୯୪୭ । ତିରୋଧାନ : ୨୩.୦୨.୨୦୨୫
ପ୍ରତିଷ୍ଠାତା ଅମ୍ବିକା ମାର୍କେଟ କମ୍ପ୍ଲେକ୍ସ
(ଶ୍ରୀ ମନ୍ଦିର ବୀଣାକାର ସେବକ)

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗକୁ ଆମେ ପାଥେୟ କରି ଚାଲିଥିଲୁ ଓ ଆଗକୁ ଚାଲିବୁ । ଆଜି ଦଶାହ ଅବସରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ ।

ଶୋକସନ୍ତପ୍ତ:
ପୁତ୍ର- ଅଭିଜିତ୍ , ପୁତ୍ରବଧୂ -ସୁନୀତା ନାତୁଣୀ- ବୈଶାଖୀ, ପୁତ୍ର- ଅମିତାଭ , ପୁତ୍ରବଧୂ ସୁଜାତା ନାତି- ଅଭିମନ୍ୟୁ ଫାଲଗୁନୀ, ଏବଂ ବ୍ରଜବାସୀ ପରିବାର ବର୍ଗ

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୪୧ ● ପାଉଣ୍ଡ ୧୧୦.୩୭
- ୟୁରୋ ୯୧.୮୪ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୭୯,୪୦୦ (ଭୁବନେଶ୍ୱର)
- ରୁପା : ୯୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୩,୦୮୫.୦୦
- ନିଫ୍ଟି ୨୨,୧୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ବୈଶ୍ୱିକ ଆର୍ଥିକ ଅନିଶ୍ଚିତତାର ପ୍ରଭାବ
# କମୁଛି ବିଦେଶୀ ନିବେଶ

ନୂଆଦିଲ୍ଲୀ,୩।୩(ଏଜେନ୍ସି)




ପରିବର୍ତ୍ତିତ ବୈଶ୍ୱିକ ପରିସ୍ଥିତିରେ ଭାରତକୁ ଆସୁଥିବା ବିଦେଶୀ ନିବେଶରେ ବୃହତ୍ ହ୍ରାସ ଘଟିଛି। ଦେଶକୁ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ଚଳିତ ଆର୍ଥିକବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ୫.୬ ପ୍ରତିଶତ ହ୍ରାସ ଘଟି ୧୦.୯ ବିଲିୟନ ଡଲାରରେ ପହଞ୍ଚିଛି। ଏହାର ମୁଖ୍ୟ କାରଣ ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ବୋଲି କୁହାଯାଉଛି। ଗତ ବର୍ଷର ସମାନ ତ୍ରୈମାସିକରେ ଏହି ନିବେଶ ପରିମାଣ ୧୧.୫୫ ବିଲିୟନ ଡଲାର ରହିଥିଲା।

ଅପରପକ୍ଷେ ସମ୍ପୂର୍ଣ୍ଣ ଆର୍ଥିକବର୍ଷ ୨୦୨୪-୨୫ (ଏପ୍ରିଲ-ଡିସେମ୍ବର)ରେ ଏଫ୍‌ଡିଆଇ ପ୍ରବାହ ୨୭% ବୃଦ୍ଧି ପାଇ ୪୦.୬୭ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଗତ ବର୍ଷର ସମାନ ଅବଧିରେ ୩୨ ବିଲିୟନ ଡଲାର ଥିଲା। ମୋଟ ଏଫ୍‌ଡିଆଇ (ଏଥିରେ ଇକ୍ୱିଟି ନିବେଶ, ପୁନଃନିବେଶିତ ଆୟ ଏବଂ ଅନ୍ୟାନ୍ୟ ପୁଞ୍ଜି ଅନ୍ତର୍ଭୁକ୍ତ) ମଧ୍ୟ ୨୧.୩% ବୃଦ୍ଧି ପାଇ ୬୨.୪୮ ବିଲିୟନ ଡଲାର ହୋଇଛି। ସୂଚନାଯୋଗ୍ୟ ଯେ, ଏପ୍ରିଲ-ଡିସେମ୍ବର ୨୦୨୪-୨୫ ମଧ୍ୟରେ ଦେଶକୁ ମୋଟ ବିଦେଶୀ ନିବେଶରେ ୨୭% ବୃଦ୍ଧି ଘଟି ୪୦.୬୭ ବିଲିୟନ ଡଲାରରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ସିଙ୍ଗାପୁର, ଆମେରିକା, ନେଦରଲ୍ୟାଣ୍ଡ ଏବଂ ୟୁଏଇ ଭଳି ଦେଶରୁ ଭାରତକୁ ନିବେଶ ବୃଦ୍ଧି ପାଇଥିଲା, କିନ୍ତୁ ମରିସସ୍, ଜାପାନ, ୟୁକେ ଏବଂ ଜର୍ମାନୀରୁ ନିବେଶ ହ୍ରାସ ପାଇଛି। ପ୍ରମୁଖ କ୍ଷେତ୍ର ବିଷୟରେ କହିବାକୁ ଗଲେ ସେବା, କମ୍ପ୍ୟୁଟର ସଫ୍ଟୱେର୍, ଟେଲିକମ୍, ଅଟୋମୋବାଇଲ୍ ଏବଂ ରାସାୟନିକ କ୍ଷେତ୍ରରେ ନିବେଶ ବୃଦ୍ଧି ପାଇଛି। ଭାରତକୁ ସର୍ବାଧିକ ନିବେଶ ଆସିଥିବା ଦେଶଗୁଡିକ ହେଉଛି ସିଙ୍ଗାପୁରରୁ ୧୨ ବିଲିୟନ ଡଲାର (ଗତ ବର୍ଷ ୭.୪୪ ବିଲିୟନ ଡଲାର) ଏବଂ ଆମେରିକାରୁ ୩.୭୩ ବିଲିୟନ ଡଲାର(ଗତ ବର୍ଷ ୨.୮୩ ବିଲିୟନ ଡଲାର)ର ନିବେଶ ଆସିଛି। ତେବେ ନେଦରଲ୍ୟାଣ୍ଡ, ୟୁଏଇ, ସାଇପ୍ରସ ଏବଂ ସାଇମନ ଦ୍ୱୀପପୁଞ୍ଜରୁ ମଧ୍ୟ ନିବେଶ ବୃଦ୍ଧି ପାଇଛି। ଦେଶରେ ନିବେଶ ବୃଦ୍ଧି ପାଇଥିବା କ୍ଷେତ୍ର ହେଉଛି ସେବା କ୍ଷେତ୍ର ୭.୨୨ ବିଲିୟନ ଡଲାର(ଗତ ବର୍ଷ ୫.୧୮ ବିଲିୟନ ଡଲାର), କମ୍ପ୍ୟୁଟର ସଫ୍ଟୱେର୍, ହାର୍ଡୱେର୍, ବାଣିଜ୍ୟ, ଟେଲିକମ୍, ଅଟୋମୋବାଇଲ୍ ଏବଂ ରାସାୟନିକ କ୍ଷେତ୍ର, ନବୀକରଣୀୟ ଯୋଗ୍ୟ ଶକ୍ତି କ୍ଷେତ୍ରକୁ ୩.୫ ବିଲିୟନ ଡଲାର ନିବେଶ ଆଗମନରେ ବୃଦ୍ଧି ହୋଇଛି। ତେବେ ଏଫ୍‌ଡିଆଇ ଆକର୍ଷିତ କରିବାରେ ରାଜ୍ୟଗୁଡିକ ମଧ୍ୟରେ ମହାରାଷ୍ଟ୍ର ସବୁଠାରୁ ଆଗରେ ରହିଛି। ମହାରାଷ୍ଟ୍ରକୁ ଯେଉଁଠାରେ ୧୬.୬୫ ବିଲିୟନ ଡଲାରର ନିବେଶ ଆସିଥିଲା। ଏହା ପଛକୁ ଗୁଜରାଟ ୫.୫୬ ବିଲିୟନ ଡଲାର ଏବଂ କର୍ଣ୍ଣାଟକ ୪.୫ ବିଲିୟନ ଡଲାର ରହିଛି।

**ତୃତୀୟ ତ୍ରୈମାସିକରେ ୫.୬% ହ୍ରାସ**

ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ବିଶ୍ୱ ମାନ୍ଦାବସ୍ଥାର ଭୟ, ଆମେରିକାର ବଣ୍ଡ ଇଲ୍ଡରେ ବୃଦ୍ଧି ଏବଂ କିଛି ଦେଶର କଠୋର ନୀତି ଭାରତରେ ଏଫ୍‌ଡିଆଇ ପ୍ରବାହକୁ ପ୍ରଭାବିତ କରିଛି। ତଥାପି, ନିବେଶକମାନଙ୍କୁ ଆକର୍ଷିତ କରିବା ପାଇଁ ସରକାରଙ୍କ ଦ୍ୱାରା ନିରନ୍ତର ନୀତିଗତ ସଂସ୍କାର ପଦକ୍ଷେପ ନିଆଯାଉଛି। ଯାହା ଆଗାମୀ ମାସଗୁଡ଼ିକରେ ପରିସ୍ଥିତିରେ ଉନ୍ନତି ଆଣିପାରେ। ଯଦିଓ ଏହି ତ୍ରୈମାସିକରେ ଏଫ୍‌ଡିଆଇ ଆଗମନରେ ସାମାନ୍ୟ ହ୍ରାସ ପାଇଛି, ତଥାପି ସାମଗ୍ରିକ ନିବେଶ ବୃଦ୍ଧି ପାଉଛି। ବିଦେଶୀ ନିବେଶକମାନେ ଭାରତରେ ବିଶେଷକରି ପ୍ରଯୁକ୍ତିବିଦ୍ୟା ଏବଂ ସେବା କ୍ଷେତ୍ରରେ ଆଗ୍ରହୀ ଅଛନ୍ତି, କିନ୍ତୁ କିଛି ଦେଶରୁ ନିବେଶ ହ୍ରାସ ଚିନ୍ତାର ବିଷୟ ହୋଇପାରେ। ସରକାରୀ ନୀତି ଏବଂ ବିଶ୍ୱ ପରିସ୍ଥିତି ଆଗାମୀ ମାସଗୁଡ଼ିକରେ ଏଥିରେ ବଡ଼ ପରିବର୍ତ୍ତନ ଆଣିପାରେ।

## ପୂର୍ବତନ ସେବି ମୁଖ୍ୟଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି
# କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇଲେ କୋର୍ଟ



ନୂଆଦିଲ୍ଲୀ,୩।୩(ଏଜେନ୍ସି): ପୂର୍ବତନ ସେବି ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ ମାମଲା ରୁଜୁ ନିର୍ଦ୍ଦେଶ ସହିତ ଜଡିତ ମାମଲାର ଶୁଣାଣି ମଙ୍ଗଳବାର ବମ୍ବେ ହାଇକୋର୍ଟରେ ହୋଇଛି। ତେବେ ଏଥିରେ ମାଧବୀଙ୍କୁ ଆଜି ବଡ଼ ଆଶ୍ୱସ୍ତି ମିଳିଛି। ମଙ୍ଗଳବାର ପର୍ଯ୍ୟନ୍ତ ପୂର୍ବତନ ସେବି ଅଧ୍ୟକ୍ଷାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ କୋର୍ଟ ମହାରାଷ୍ଟ୍ର ଦୁର୍ନୀତି ନିବାରଣ ବ୍ୟୁରୋ(ଏସିବି)କୁ ନିର୍ଦ୍ଦେଶ ଦେଇଛି। ନିକଟରେ ମୁମ୍ବାଇର ଏକ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ସେୟାର ଠକେଇ ସହ ଜଡିତ ଏକ ମାମଲାରେ ମାଧବୀ ବୁଚ୍‌ଙ୍କ ସମେତ ୬ ଜଣଙ୍କ ବିରୁଦ୍ଧରେ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଥାନେର ସାମ୍ବାଦିକ ସପନ ଶ୍ରୀବାସ୍ତବଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ ସ୍ୱତନ୍ତ୍ର ବିଚାରପତି ଏସ୍ ଇ ବାଙ୍ଗର ଏହି ନିର୍ଦ୍ଦେଶ ଦେଇଛନ୍ତି। ସପନ ଷ୍ଟକ୍ ଏକ୍ସଚେଞ୍ଜରେ କମ୍ପାନୀର ତାଲିକାଭୁକ୍ତୀକରଣରେ ବଡ଼ ଧରଣର ଆର୍ଥିକ ଠକେଇ ଏବଂ ଦୁର୍ନୀତି ଅଭିଯୋଗ କରିଛନ୍ତି। ତଥାପି, ସେବି କୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରିଛି, ଯାହାର ଶୁଣାଣି ମାର୍ଚ୍ଚ ୪ରେ ଜଷ୍ଟିସ୍ ଏସଜି ଡିଗେଙ୍କ ସମ୍ମୁଖରେ ହେବ। ଆବେଦନରେ ମୁମ୍ବାଇ କୋର୍ଟ ଦ୍ୱାରା ଏଫଆଇଆର ପଞ୍ଜିକରଣ ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ରଦ୍ଦ କରିବାକୁ ଦାବି କରାଯାଇଥିଲା। ଶ୍ରୀବାସ୍ତବ ଦାବି କରିଥିଲେ ଯେ ସେ ଏବଂ ତାଙ୍କ ପରିବାର ୧୯୯୪ ଡିସେମ୍ବର ୧୩ରେ କାଲସ୍ ରିଫାଇନାରୀ ଲିମିଟେଡର ସେୟାରରେ ନିବେଶ କରିଥିଲେ, ଯେଉଁଥିରେ ସେମାନଙ୍କୁ ବହୁତ କ୍ଷତି ସହିବାକୁ ପଡିଲା। ସେ ଅଭିଯୋଗ କରିଥିଲେ ଯେ ସେବି ଏବଂ ବିଏସ୍‌ଇ କମ୍ପାନୀର ଅପରାଧକୁ ଅଣଦେଖା କରିଛନ୍ତି।

# ଅର୍ଥନୀତିକୁ ବଡ଼ ଝଟ୍‌କା; ଥମିଲା ବିନିର୍ମାଣ ଗତି

ନୂଆଦିଲ୍ଲୀ,୩।୩(ଏଜେନ୍ସି)




ଦେଶର ଅର୍ଥନୀତିକୁ ପୁଣି ଥରେ ଲାଗିଛି ବଡ଼ ଝଟ୍‌କା। କାରଣ ଫେବୃଆରୀ ମାସରେ ଭାରତୀୟ ବିନିର୍ମାଣ ବା ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ମନ୍ଥର ରହିଥିଲା। ଦେଶର ଉତ୍ପାଦନ କ୍ରୟ ପରିଚାଳକ ସୂଚକାଙ୍କ (ପିଏମ୍ଆଇ) ଜାନୁଆରୀରେ ୫୭.୭ ରୁ ହ୍ରାସ ପାଇ ଫେବୃଆରୀରେ ୧୪ ମାସର ସର୍ବନିମ୍ନ ୫୬.୩ ସ୍ତରରେ ପହଞ୍ଚିଛି। ବିନିର୍ମାଣରେ ଏହା ୨୦୨୩ ଡିସେମ୍ବର ପରଠାରୁ ସବୁଠାରୁ ମନ୍ଥର ଅଭିବୃଦ୍ଧି ବୋଲି କୁହାଯାଉଛି। ଏଚ୍‌ଏସ୍‌ବିସି ଦ୍ୱାରା ପ୍ରକାଶିତ ଏବଂ ଏସ୍‌ଆଣ୍ଡପି ଗ୍ଲୋବାଲ ଦ୍ୱାରା ସଂକଳିତ ଏହି ରିପୋର୍ଟ ଅନୁସାରେ, ଉତ୍ପାଦନ ଏବଂ ବିକ୍ରିରେ ମାନ୍ଦା ହେବା ଯୋଗୁ ପିଏମ୍ଆଇ ୧୪ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଫଳରେ ବିନିର୍ମାଣ କ୍ଷେତ୍ରର ଅଭିବୃଦ୍ଧିରେ ଏହି ହ୍ରାସ ଘଟିଛି। ଯଦିଓ ବଜାରରେ ଚାହିଦା ଜାରି ରହିଛି, ତଥାପି ମୁଦ୍ରାସ୍ଫୀତି ଚାପ ଯୋଗୁଁ କମ୍ପାନୀଗୁଡ଼ିକ ବର୍ଦ୍ଧିତ ଶ୍ରମ ମୂଲ୍ୟର ବୋଝ ଗ୍ରାହକଙ୍କ ଉପରେ ଲଦିବା ଆରମ୍ଭ କରିଦେଇଛନ୍ତି।

ଭାରତର ଉତ୍ପାଦନ ପିଏମ୍ଆଇ ଫେବୃଆରୀରେ ୫୬.୩ ରହିଥିଲା, ଯାହା ପୂର୍ବ ମାସର ୫୭.୭ ତୁଳନାରେ ସାମାନ୍ୟ ହ୍ରାସ ପାଇଛି, କିନ୍ତୁ ଏବେ ବି ବିସ୍ତାର କ୍ଷେତ୍ର ସୀମା ମଧ୍ୟରେ ରହିଥିବା ଏଚ୍‌ଏସ୍‌ବିସିର ମୁଖ୍ୟ ଭାରତ ଅର୍ଥନୀତିଜ୍ଞ ପ୍ରାଞ୍ଜୁଲ ଭଣ୍ଡାରୀ କହିଛନ୍ତି। ସେ କହିଛନ୍ତି ଯେ, ବିଶ୍ୱସ୍ତରରେ ଦୃଢ଼ ଚାହିଦା ଭାରତୀୟ ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧିକୁ ବାହ୍ୟ କରୁଛି, କମ୍ପାନୀଗୁଡ଼ିକ କ୍ରୟ କାର୍ଯ୍ୟକଳାପ ଏବଂ ନିଯୁକ୍ତି ବୃଦ୍ଧି କରୁଛନ୍ତି। ବ୍ୟବସାୟିକ ଭାବନା ମଧ୍ୟ ଦୃଢ଼ ରହିଛି, ପ୍ରାୟ ଏକ ତୃତୀୟାଂଶ କମ୍ପାନୀ ଆସନ୍ତା ବର୍ଷ ଉତ୍ପାଦନରେ ଆହୁରି ବୃଦ୍ଧି ଆଶା କରିଛନ୍ତି। ଯଦିଓ ଉତ୍ପାଦନ ଅଭିବୃଦ୍ଧିର ଗତି ଡିସେମ୍ବର ୨୦୨୩ ପରଠାରୁ ସବୁଠାରୁ ଧୀର ହୋଇଯାଇଥିଲା, ତଥାପି ଫେବୃଆରୀରେ ଭାରତର ଉତ୍ପାଦନ କ୍ଷେତ୍ର ସାମଗ୍ରିକ ଭାବରେ ସକାରାତ୍ମକ କ୍ଷେତ୍ରରେ ରହିଛି।

## ଇପିଏଫ୍‌ଓ ୟୁଏଏନ୍ ଆକ୍ଟିଭେସନ୍, ଆଧାର ସିଡିଂ ଅବଧି ୧୫ ଯାଏ ବଢ଼ିଲା




ନୂଆଦିଲ୍ଲୀ,୩।୩(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ୟୁଏଏନ୍ ଆକ୍ଟିଭେସନ୍ ଏବଂ ଆଧାର ସିଡିଂ ସମୟସୀମାରେ ବୃଦ୍ଧି ଘଟାଇଛି। ଇପିଏଫ୍‌ଓ ପକ୍ଷରୁ ବ୍ୟାଙ୍କରେ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ଆକ୍ଟିଭେସନ୍ ଏବଂ ଆଧାର ସିଡିଂ ଅବଧିକୁ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିଭିନ୍ନ ଯୋଜନାର ଲାଭ ପାଇବା ପାଇଁ ଇପିଏଫ୍‌ଓ ଏହାକୁ ଶୀଘ୍ର ସକ୍ରିୟ କରିବାକୁ କହିଥିଲା। ବିଭିନ୍ନ ଯୋଜନାର ଲାଭ ପାଇବା ପାଇଁ ଇପିଏଫ୍‌ଓ ଏହାକୁ ଶୀଘ୍ର ସକ୍ରିୟ କରିବାକୁ କହିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ୟୁଏଏନ୍ ନମ୍ବର ହେଉଛି ୧୨ ଅଙ୍କ ବିଶିଷ୍ଟ। ଏହା ମାଧ୍ୟମରେ କର୍ମଚାରୀମାନେ ସେମାନଙ୍କର ପିଏଫ୍ ଆକାଉଣ୍ଟ ସହ ଜଡିତ ସମସ୍ତ ସୂଚନା ଟ୍ରାକ୍ କରିପାରିବେ। ପିଏଫ୍ ଆକାଉଣ୍ଟ ସୂଚନା ଠାରୁ ଆରମ୍ଭ କରି ପାସବୁକ୍ ଡାଉନଲୋଡ୍ କରିବା ପର୍ଯ୍ୟନ୍ତ ଏଥିରେ ଅନ୍ତର୍ଭୁକ୍ତ। ଏହା ଜରିଆରେ ଆପଣ ପିଏଫ୍ ଅର୍ଥ ମଧ୍ୟ ଉଠାଇପାରିବେ କିମ୍ବା ସ୍ଥାନାନ୍ତର କରିପାରିବେ। କର୍ମଚାରୀ ଜମା-ସଂଯୁକ୍ତ ବୀମା ଯୋଜନା ଅଧୀନରେ ବୀମା କଭରେଜ୍ ପାଇବା ପାଇଁ ୟୁଏଏନ୍ ଆକ୍ଟିଭେସନ୍ ମଧ୍ୟ ଆବଶ୍ୟକ।

## ଇପିଏଫ୍‌ଓ ଦେଲା ବଡ଼ ଝଟ୍‌କା
# ଅଧିକ ପେନ୍‌ସନ୍ ପାଇଁ ୭.୩୫ ଲକ୍ଷ ଲୋକ ଅଯୋଗ୍ୟ

ନୂଆଦିଲ୍ଲୀ,୩।୩(ଏଜେନ୍ସି)




- ଆବେଦନପତ୍ରକୁ ରଦ୍ଦ କଲା ଇପିଏଫ୍‌ଓ
- ମୋଟ ୧୭.୪୯ ଲକ୍ଷ ସଦସ୍ୟ କରିଥିଲେ ଆବେଦନ
- ନିଯୁକ୍ତିଦାତାଙ୍କୁ ଫେରାଇ ଦିଆଯାଇଛି ୩.୯୨ ଲକ୍ଷ ଆବେଦନପତ୍ର

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ରୁ ଏହାର ସଦସ୍ୟଙ୍କୁ ମିଳିଛି ବଡ଼ ଝଟ୍‌କା ଝଟକା ଦେଇଛି। କାରଣ ଅଧିକ ପେନ୍‌ସନ୍ ପାଇଁ ସଂଗଠନ ନିକଟରେ ହୋଇଥିବା ୭.୩୫ ଲକ୍ଷ ଆବେଦନକୁ ଇପିଏଫ୍‌ଓ ରଦ୍ଦ କରିଛି। ଏଥିରେ ଇପିଏଫ୍‌ଓ ସେମାନଙ୍କ ଦରମା ଅନୁପାତରେ ଉଚ୍ଚ ପିଏଫ୍ ପେନସନ ଦାବି କରୁଥିବା ୧୭.୪୯ ଲକ୍ଷ ଆବେଦନକାରୀଙ୍କ ମଧ୍ୟରୁ ୭.୩୫ ଲକ୍ଷ ଆବେଦନକାରୀଙ୍କୁ ବାଦ ଦେଇଛି, ଅର୍ଥାତ୍ ଏହି ୭.୩୫ ଲକ୍ଷ ଲୋକଙ୍କୁ ଉଚ୍ଚ ପେନସନ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି।

ସେହିପରି, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିର ଦୁଇ ବର୍ଷ ପରେ ମଧ୍ୟ ଏପର୍ଯ୍ୟନ୍ତ କେବଳ ୨୪,୦୦୬ ସଦସ୍ୟଙ୍କୁ ଉଚ୍ଚ ପେନସନର ଲାଭ ମିଳିଛି। ଏହି ସମୟରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଏବେ ବି ଅଧିକ ପେନସନ ପାଇଁ ୨.୧୪ ଲକ୍ଷ ଆବେଦନପତ୍ର ଯାଞ୍ଚ କରୁଛି, ଯେତେବେଳେ କି ନିଯୁକ୍ତିଦାତାମାନେ ୨.୨୪ ଲକ୍ଷ ଆବେଦନ ପେନସନ ସଂସ୍ଥାକୁ ପଠାଇବାକୁ ବାକି ରଖିଛନ୍ତି। ଏହି ସମୟରେ, ଅସମ୍ପୂର୍ଣ୍ଣ ସୂଚନା ଯୋଗୁଁ ଇପିଏଫ୍‌ଓ ନିଯୁକ୍ତିଦାତାଙ୍କୁ ୩.୯୨ ଲକ୍ଷ ଆବେଦନ ଫେରାଇଦେଇଛି। ଅପରପକ୍ଷେ ୨.୧୯ ଲକ୍ଷ ଆବେଦନକାରୀଙ୍କୁ ଅତିରିକ୍ତ ଦେୟ ପାଇଁ ଦାବି ପତ୍ର ପ୍ରଦାନ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ସାରା ଦେଶରେ ଏହି ମାମଲାର ସମାଧାନ ହାର ୫୮.୯୫ ପ୍ରତିଶତ।

ଏକ ରିପୋର୍ଟ ଅନୁଯାୟୀ, ଇପିଏଫ୍‌ଓ ଭୟ କରୁଛି ଯେ ଅଧିକ ପେନସନ ପାଇଁ ମୋଟ ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ୫୦%ଙ୍କୁ ପେମେଣ୍ଟ କରିବା ପାଇଁ ସଂଗଠନକୁ ୧,୮୬,୯୨୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ। ସମ୍ପ୍ରତି କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି)କୁ ପଠାଯାଇଥିବା ଏକ ଚିଠାରେ ଇପିଏଫ୍‌ଓ ବର୍ତ୍ତମାନର ପରିସ୍ଥିତିର ଏକ ବାସ୍ତବ ବିଶ୍ଳେଷଣ ଉପସ୍ଥାପନ କରିଥିଲା, କିନ୍ତୁ କର୍ମଚାରୀ ପ୍ରତିନିଧିମାନେ ଏହାକୁ ଅସମ୍ପୂର୍ଣ୍ଣ ବୋଲି କହିଥିଲେ। ସେମାନେ ସଂଗଠନ ନିକଟରୁ ଏକ ବିସ୍ତୃତ ବିଶ୍ଳେଷଣ ରିପୋର୍ଟ ଦାବି କରିଥିଲେ। ପ୍ରକୃତରେ, ଇପିଏଫ୍‌ଓ ଦ୍ୱାରା ପ୍ରସ୍ତୁତ ଚିଠାରେ ସିବିଟିକୁ ଜଣାଇଛି ଯେ ସମସ୍ତ ଉଚ୍ଚ ପେନସନ ଆବେଦନ ଉପରେ ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ହିଁ ବିସ୍ତୃତ ଅଧ୍ୟୟନ ସମାପ୍ତ ହୋଇପାରିବ। ଏହାର ଚିଠାରେ, ସଂଗଠନ ଆହୁରି କହିଛି ଯେ କର୍ମଚାରୀ ପେନସନ ଯୋଜନାର ସଦସ୍ୟ ଯେଉଁମାନେ ସେମାନଙ୍କ ନିଯୁକ୍ତିଦାତାଙ୍କ ସହିତ ମିଳିତ ବିକଳ୍ପ ବ୍ୟବହାର କରିଥିଲେ, ସେମାନଙ୍କୁ ଜାରି କରାଯାଇଥିବା ପ୍ରତି ୫୦,୦୦୦ ଡିମାଣ୍ଡ ଲେଟର ପାଇଁ ମଧ୍ୟବର୍ତ୍ତୀକାଳୀନ ବାସ୍ତବତା ରିପୋର୍ଟର ମୂଲ୍ୟାଙ୍କନ ଜାରି ରହିବ। ଉଚ୍ଚ ଦରମା ଉପରେ ପେନସନ ପାଇଁ ପ୍ରାୟ ୩୮,୦୦୦ ଆବେଦନକାରୀଙ୍କ ନମୁନା ତଥ୍ୟର ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ ବ୍ୟକ୍ତି ପିଛା ପ୍ରାୟ ୯୫୦୦ କୋଟି ଟଙ୍କା କିମ୍ବା ପ୍ରାୟ ୨୫ ଲକ୍ଷ ଟଙ୍କା ହ୍ରାସ ପାଇଛି। ଏକ ପ୍ରାରମ୍ଭିକ ଆକଳନରୁ ଜଣାପଡିଛି ଯେ ୫୦% ରୁ କମ୍ ଯୁଗ୍ମ ବିକଳ୍ପ (୨୦୧୪ ପରବର୍ତ୍ତୀ ମାମଲା) ସମାଧାନ ଫଳରେ ପାଣ୍ଠିରୁ ପ୍ରାୟ ୧,୮୬,୯୨୦ କୋଟି ଟଙ୍କା ଅଭାବ ପଡିବ ଇପିଏଫ୍‌ଓ ତାର ଚିଠାରେ ସିବିଟି ସଦସ୍ୟମାନଙ୍କୁ ଅବଗତ କରାଇଛି।

# ହଜାରେ କର୍ମଚାରୀଙ୍କୁ ଛଟେଇ କରିବ ଓଲା




ନୂଆଦିଲ୍ଲୀ,୩।୩(ଏଜେନ୍ସି)

ଦେଶର ବଡ଼ ଇଭି କମ୍ପାନୀ ଓଲା ଇଲେକ୍ଟ୍ରିକ୍ ପୁଣି ଥରେ ଏହାର କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଥିବା ଖବର ସାମ୍ନାକୁ ଆସିଛି। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁଯାୟୀ, ଓଲା ଇଲେକ୍ଟ୍ରିକ୍ ୧୦୦୦ ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରୁଛି। କୁହାଯାଉଛି ଯେ, କ୍ଷତି କମାଇବାକୁ ଓ ମୂଲ୍ୟ ନିୟନ୍ତ୍ରଣ କରିବାକୁ କମ୍ପାନୀ ଏହି ପଦକ୍ଷେପ ନେଉଛି। ତେବେ ଲଗାତାର ଭାବରେ କମ୍ପାନୀର କ୍ଷତି ବଢ଼ିବାରେ ଲାଗିଛି। ଯଦିଓ କମ୍ପାନୀର ରାଜସ୍ୱ ବଢ଼ୁଛି, କିନ୍ତୁ ଲାଭ କମୁଛି। ଏହାକୁ ନଜରରେ ରଖି କମ୍ପାନୀ ଏପରି ପଦକ୍ଷେପ ନେଉଛି। ଓଲା ଇଲେକ୍ଟ୍ରିକ୍ ଏହାର ୧୦୦୦ରୁ ଅଧିକ କର୍ମଚାରୀଙ୍କୁ ଚାକିରିରୁ ବିଦା କରିବାକୁ ଥିବାବେଳେ, ଏଥିରେ ଗ୍ରାହକ ସେବା ଓ ସେଲ୍ସ ସହ ଜଡ଼ିତ ଅଧିକ କର୍ମଚାରୀ ପ୍ରଭାବିତ ହେବେ। ବର୍ତ୍ତମାନ କମ୍ପାନୀ କ୍ଷତିକୁ ହ୍ରାସ କରିବା ପାଇଁ ଛଟେଇ ରାସ୍ତା ଗ୍ରହଣ କରୁଥିବା କୁହାଯାଉଛି।

# ଆଇଆର୍‌ସିଟିସି, ଆଇଆର୍‌ଏଫ୍‌ସିକୁ ନବରତ୍ନ ମାନ୍ୟତା

## ବଢ଼ିଲା ନିଷ୍ପତ୍ତି ନେବାର କ୍ଷମତା | ସରକାରଙ୍କ ବିନା ଅନୁମତିରେ କରିପାରିବେ ୧୦୦୦ କୋଟି ଯାଏ ନିବେଶ

ନୂଆଦିଲ୍ଲୀ,୩।୩(ଏଜେନ୍ସି)




ଦେଶରେ ନବରତ୍ନ କମ୍ପାନୀଙ୍କ ସଂଖ୍ୟା ବଢ଼ିଛି। ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ ଲିମିଟେଡ୍ (ଆଇଆର୍‌ସିଟିସି) ୨୫ତମ ଏବଂ ଇଣ୍ଡିଆନ୍ ରେଲୱେ ଫାଇନାନ୍ସ କର୍ପୋରେସନ ଲିମିଟେଡ୍ (ଆଇଆର୍‌ଏଫ୍‌ସି)କୁ ୨୬ତମ ନବରତ୍ନ କମ୍ପାନୀ ମାନ୍ୟତା ମିଳିଛି। ସୋମବାର କେନ୍ଦ୍ର ସରକାର ଏହି ଦୁଇଟି କମ୍ପାନୀକୁ ନବରତ୍ନ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାବେ ଉନ୍ନୀତ କରିଛନ୍ତି। ନବରତ୍ନ ମାନ୍ୟତା ପାଇବା ଦ୍ୱାରା, ଏହି ଦୁଇଟି ରେଳ କ୍ଷେତ୍ର ସହିତ ଜଡିତ କମ୍ପାନୀ ଅଧିକ ଆର୍ଥିକ ସ୍ୱାୟତ୍ତତା ପାଇବେ। ଏବେ ଏହି କମ୍ପାନୀଗୁଡ଼ିକ ସରକାରଙ୍କ ଅନୁମୋଦନ ବିନା ୧୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ କରିପାରିବେ। ଏହା ମଧ୍ୟ ମାନଙ୍କର ନିଷ୍ପତ୍ତି ନେବାର କ୍ଷମତାକୁ ବୃଦ୍ଧି କରିବ।

ପୂର୍ବରୁ ୨୦୨୪ ଜୁଲାଇରେ ମାଜାଗାଓଁ ଡକ୍ ସିପ୍ ବିଲ୍ଡର୍ସକୁ ନବରତ୍ନ ଦିଆଯାଇଥିଲା। ଯେତେବେଳେ କି ସେପ୍ଟେମ୍ବରରେ, ସତଲୁଜ ଜଳ ବିଦ୍ୟୁତ ନିଗମ, ଜାତୀୟ ଜଳବିଦ୍ୟୁତ ବିଦ୍ୟୁତ ନିଗମ, ସୌର ଶକ୍ତି ନିଗମ ଏବଂ ରେଳଟେଲ୍ କର୍ପୋରେସନକୁ 'ନବରତ୍ନ'ର ମାନ୍ୟତା ମିଳସାରିଛି। ଏଠାରେ ସୂଚନାଯୋଗ୍ୟ ଯେ, ଭାରତ ସରକାର କମ୍ପାନୀଗୁଡ଼ିକୁ ତିନୋଟି ଗୋଷ୍ଠୀରେ ବର୍ଗୀକୃତ କରନ୍ତି: ମହାରତ୍ନ, ନବରତ୍ନ ଏବଂ ମିନିରତ୍ନ। ସରକାର କିଛି ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡ଼ିକୁ ସେମାନଙ୍କର ଆର୍ଥିକ ପ୍ରଦର୍ଶନ, ପରିଚାଳନା ଏବଂ ଜାତୀୟ ଗୁରୁତ୍ୱ ଆଧାରରେ ନବରତ୍ନ ଏବଂ ମହାରତ୍ନ ମାନ୍ୟତା ପ୍ରଦାନ କରୁଛନ୍ତି।

କେବଳ ନବରତ୍ନ କମ୍ପାନୀଗୁଡ଼ିକୁ ଉନ୍ନତିକରଣ ଆଧାରରେ ମହାରତ୍ନ ମାନ୍ୟତା ମିଳିଥାଏ। ଏଥିପାଇଁ ଗତ ତିନି ବର୍ଷର ହାରାହାରି କାରବାର ୨୫ ହଜାର କୋଟି ଟଙ୍କାରୁ ଅଧିକ ହେବା ଉଚିତ ଏବଂ ହାରାହାରି ଲାଭ ୨୫୦୦ କୋଟି ଟଙ୍କା ହେବା ଉଚିତ। ଏହି କମ୍ପାନୀଗୁଡ଼ିକର ବିଶ୍ୱବ୍ୟାପୀ ଉପସ୍ଥିତି ରହିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆଇଆର୍‌ଏଫ୍‌ସି ଭାରତୀୟ ରେଳବାଇକୁ ପାଣ୍ଠି ଯୋଗାଇଥାଏ। ଭାରତୀୟ ରେଳବାଇର ଅତିରିକ୍ତ ବଜେଟ୍ ସମ୍ବଳ ଆବଶ୍ୟକତାର ଏକ ପ୍ରମୁଖ ଅଂଶ ପୂରଣ କରିବା ପାଇଁ ଘରୋଇ ଏବଂ ବିଦେଶୀ ବଜାରରୁ ପାଣ୍ଠି ସଂଗ୍ରହ କରିବା ପାଇଁ ଡିସେମ୍ବର ୧୯୮୬ରେ ଏହି କମ୍ପାନୀ ପ୍ରତିଷ୍ଠା ହୋଇଥିଲା।

ଅପରପକ୍ଷେ ଇଣ୍ଡିଆନ ରେଳବାଇ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ (ଆଇଆର୍‌ସିଟିସି) ହେଉଛି ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ ଅଧୀନରେ ଏକ 'ମିନି ରତ୍ନ (ବର୍ଗ-I)' କେନ୍ଦ୍ରୀୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ। ଆଇଆର୍‌ସିଟିସିକୁ ୧୯୯୯ ସେପ୍ଟେମ୍ବରରେ ଭାରତୀୟ ରେଳବାଇର ଏକ ଶାଖା ଭାବରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଷ୍ଟେସନ, ଟ୍ରେନ ଏବଂ ଅନ୍ୟାନ୍ୟ ସ୍ଥାନରେ କ୍ୟାଟରିଂ ଏବଂ ଆତିଥ୍ୟ ପରିଚାଳନା କରିବା। ଏହା ସହିତ, ବଜେଟ୍ ହୋଟେଲ୍, ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍, ସୂଚନା ଏବଂ ବାଣିଜ୍ୟିକ ପ୍ରଚାର ଏବଂ ବିଶ୍ୱବ୍ୟାପୀ ସଂରକ୍ଷଣ ବ୍ୟବସ୍ଥାର ବିକାଶ ମାଧ୍ୟମରେ ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ଯୋଗାଇବା।

## ମା' କାଳିତ୍ରାଙ୍କ ବାର୍ଷିକ ଉତ୍ସବ

**ବାରିକପୁର, ୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ନିକଟସ୍ଥ ଅନ୍ୟତମ ଶକ୍ତିକ୍ଷେତ୍ର ମା' କାଳିତ୍ରାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଶିବରାତ୍ରୀ ଦିନ ପୀଠରେ ବାର୍ଷିକ ଉତ୍ସବ ପାଇଁ ଘଟ ସ୍ଥାପନା ହେବା ପରେ ପୂଜକ ପ୍ରଶାନ୍ତ ମିଶ୍ର, ପ୍ରସନ୍ନ ମିଶ୍ର, ନିରଞ୍ଜନ ପଣ୍ଡା, ରାଜକିଶୋର ପଣ୍ଡା, ଲୋକନାଥ ପଣ୍ଡା ପ୍ରମୁଖ ୫ଦିନ ବ୍ୟାପୀ ବାର୍ଷିକ ପୂଜା ଉତ୍ସବକୁ ସମ୍ପନ୍ନ କରିଥିଲେ। ସଂକଳ୍ପ କର୍ତ୍ତା ଭାବେ ଯଯାତିକେଶରୀ ବିଶ୍ୱାଳ, ବିଷ୍ଣୁମୋହନ ଖିଲାର, ଅଚ୍ୟୁତାନନ୍ଦ ଓଝା ଦାୟିତ୍ୱ ତୁଲାଇଥିଲେ। ବିଧାୟକ ସଂଜୀବ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ରାଜନୈତିକ ନେତୃମଣ୍ଡଳୀ ଓ ଆଖପାଖ ୨୦ ଗ୍ରାମର ଜନସାଧାରଣ ଯୋଗ ଦେଇଥିଲେ। ଟ୍ରଷ୍ଟି ଅନିରୁଦ୍ଧ ଜେନା, ସୁବାସଚନ୍ଦ୍ର ମହାପାତ୍ର, ବିକାଶ ସାମଲ, ମୁକୁନ୍ଦଦେବ ସାମଲ, ମାନସ ସାମଲ, ଗୟାଧର ସାମଲ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ସାହୁ ପରିଚାଳନା କରିଥିଲେ।

## ଉତ୍ତମ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଭଦ୍ରକ, ୩।୩(ସମିସ):** ଓଡ଼ିଆ ଫିଲ୍ମ ଜଗତର ସୁପରଷ୍ଟାର୍ ଦିବଙ୍ଗତ ଉତ୍ତମ କୁମାର ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅଧିବକ୍ତା ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଗରଦପୁର ମା' ସୁବର୍ଣ୍ଣମୁଖୀ ମନ୍ଦିର ମୁଖଶାଳାରେ ଏକ ଶୋକାକୁଳ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତେ ପ୍ରଥମେ ଦୁଇ ମିନିଟ୍ ନିରବ ପ୍ରାର୍ଥନା ପରେ ପଣ୍ଡିତ ମଧୁସୂଦନ ତ୍ରିପାଠୀ ବେଦପାଠ କରିଥିଲେ। ୧୯୯୫ ମସିହାରେ ଏକ ନାଟକ ମହୋତ୍ସବରେ ଉତ୍ତମ ମହାନ୍ତି ଗରଦପୁରସ୍ଥ 'ଶ୍ରୀକୃଷ୍ଣ କଳାମଣ୍ଡପ'ରେ ମୁଖ୍ୟ ଅତିଥି ଭାବରେ ପଦାର୍ପଣ କରି କିଭଳି ଭଦ୍ରକର ଯୁବକଳାକାରମାନଙ୍କୁ ପ୍ରେରଣା ଯୋଗାଇଥିଲେ, ସମସ୍ତେ ତାଙ୍କର ଭୁରିଭୁରି ପ୍ରଶଂସା କରିଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ କଳାକାର ରମାକାନ୍ତ ସାହୁ, ରବିନାରାୟଣ ଯେନା, ମୋଗଲତାମ୍‌ସାର ନିର୍ଦ୍ଦେଶକ ପ୍ରଦ୍ୟୋତନ ସୁଆର, ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର, ଅଶୋକ ଦାସ, ମୀନକେତନ ମିଶ୍ର, ରଞ୍ଜନ କୁମାର ମହାନ୍ତି, ଯୁବସମାଜସେବୀ ସୁବାସ ଦାସ, ହରିହର ମହାନ୍ତିଙ୍କ ସହ ଅନ୍ୟ କଳାକାର ଉପସ୍ଥିତ ଥିଲେ। ମାତ୍ର ୬୭ ବର୍ଷରେ ପ୍ରିୟ କଳାକାର ଉତ୍ତମ ମହାନ୍ତିଙ୍କ ଦେହାନ୍ତ ହୋଇଥିବାରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ



**ଭଦ୍ରକ, ୩।୩(ସମିସ):** ଭଦ୍ରକ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ମାର୍ଚ୍ଚ ୫ ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଏବଂ ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ବିଜେଡି କାର୍ଯ୍ୟାଳୟ (ବିଜୁ ଭବନ)ଠାରେ ବରିଷ୍ଠ ନେତା ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସ୍ତରରେ ସକାଳ ୮ଟାରେ ଏବଂ ଭଦ୍ରକ ନିର୍ବାଚନମଣ୍ଡଳୀ ତରଫରୁ ପୂର୍ବାହ୍ନ ୧୦ଟାରେ ସହୀଦ ସ୍ମୃତି ଭବନଠାରେ ପଞ୍ଚାୟତିରାଜ ଦିବସ ଏବଂ ବିଜୁ ଜୟନ୍ତୀ ପାଳିତ ହେବ। ଉକ୍ତ ବୈଠକରେ ପୂର୍ବତନ ମନ୍ତ୍ରୀ ଶ୍ରୀ ସାମଲଙ୍କ ସହ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ନିର୍ବାଚନମଣ୍ଡଳୀର ସରପଞ୍ଚ, ସମିତିସଭ୍ୟବୃନ୍ଦ ତଥା ପାରିଷଦବୃନ୍ଦ ଏବଂ ବିଜୁ ଜନତା ଦଳ ଭଦ୍ରକ ନିର୍ବାଚନମଣ୍ଡଳୀର ସମସ୍ତ ପଦାଧିକାରୀ ଓ ସକ୍ରିୟ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ବରିଷ୍ଠନେତା ଯୋଗେନ୍ଦ୍ର ଘଡେଇ, ଦିଲ୍ଲୀପ ନାୟକ, ଅକ୍ଷୟ କୁମାର ମହାନ୍ତି, ପଦ୍ମାବତୀ ପୃଷ୍ଟି, ଦେବିଦତ୍ତା ମହାନ୍ତି, ଶୁଚିସ୍ମିତା ଜେନା, ପ୍ରଣୟ ଦାସ, ପଙ୍କଜ ବଳ, ସୁଧାକର ମହାଳିକ, ନିରୋଧ ରାଉତ, ବଟକୃଷ୍ଣ ଜେନା, ମହମ୍ମଦ ଫରହାତ୍ ଆଲାମ ଖାନ, ଆଶିଷ ମହାନ୍ତି, ଖଗେଶ୍ୱର ବାରିକ, ଇଂ ପ୍ରିୟବ୍ରତ ନାୟକ, ରଘୁନାଥ ପଣ୍ଡା, ଟୁଲୁ ପାଣିଗ୍ରାହୀ, ବିକାଶ ଶ୍ରେଷ୍ଠା ଓ ଦେବାଶିଷ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ।

## ସମଗ୍ର ଶିକ୍ଷା ସାମାଜିକ ସମୀକ୍ଷା



**ଧାମନଗର,୩।୩(ସମିସ):** ଧାମନଗର ଏନଏସି ଶାମପୁରସ୍ଥିତ ଧାମନଗର ସରକାରୀ ଫିଡର ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନାର ସାମାଜିକ ସମୀକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଶିକ୍ଷାମଣ୍ଡଳ ଆନୁକୂଲ୍ୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟବହାର ହୋଇଥିବା ମଧ୍ୟାହ୍ନ ଭୋଜନ ଓ ସାମାଜିକ ସମୀକ୍ଷା ଅବଧି ଆର୍ଥିକ ବର୍ଷ-୨୦୨୩-୨୪ର ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ୩ ଦିନ ଧରି ଚାଲିଥିବା ବେଳେ ସୋମବାର ଅପରାହ୍ନରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ସମୀକ୍ଷକ ଭାବେ ଭିଆରପି ଏବଂ ଏକ ପ୍ରତିନିଧି ଦଳ ଯୋଗ ଦେଇଥିଲେ। ସମଗ୍ର ଶିକ୍ଷା ଯୋଜନାରେ ବିଦ୍ୟାଳୟରେ ଶ୍ରେଣୀଗୃହ, ପାଇଖାନା, ପାଚେରି ସହ ବିଭିନ୍ନ ସମସ୍ୟା ରହିଛି। ତା'ର ସମାଧାନ ସମ୍ପର୍କରେ ଆଲୋଚନା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରଧାନ ଶିକ୍ଷକ ଦାବି ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଭିମନ୍ୟୁ ସେଠୀ, ପୂର୍ବତନ ସଭାପତି ସେକ ଜାଫର ଅଲ୍ଲୀ, ବିଜୟ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଅରୁଣ ଜେନା, ଅଭିଭାବକ ବିଶ୍ୱଭୂଷଣ ସାହୁ, ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରମୁଖ ଭାଗ ନେଇଥିଲେ।

# ଭଦ୍ରକ ମୁସଲିମ ଜମାତ ସଭାପତି ହାଜି ମହମ୍ମଦ ଅବଦୁଲ ବାରୀଙ୍କ ପରଲୋକ

## ଭାଇଚାରା ଓ ସଦ୍‌ଭାବନା ପାଇଁ ଜାତୀୟ ପୁରସ୍କାର ପାଇଥିଲେ

ଭଦ୍ରକ, ୩।୩(ସମିସ)





ଭଦ୍ରକ ମୁସଲିମ ଜମାତର ଆଜୀବନ ସଭାପତି, ଜାତୀୟ ସଦଭାବନା ପୁରସ୍କାରପ୍ରାପ୍ତ ହାଜି ମହମ୍ମଦ ଅବଦୁଲ ବାରୀଙ୍କ ସୋମବମାର ୮୬ ବର୍ଷ ବୟସରେ ତାଙ୍କ ନୀଳକଣ୍ଠପୁର କାଜିସାହିସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ଭଦ୍ରକ ଜଣେ ମୁରବୀଙ୍କୁ ହରାଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ତାଙ୍କ ବାସଭବନରେ ପ୍ରବଳ ଭିଡ଼ ଜମିଥିଲା। ନିକଟ ଅତୀତରେ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ସକାଳ ୯ଟା ବେଳେ ତାଙ୍କ ବିୟୋଗ ଘଟିଛି।

୧୫ମାର୍ଚ୍ଚ ୧୯୩୯ରେ ଭଦ୍ରକରେ ଜନ୍ମଗ୍ରହଣ କରିଥିଲେ। ଶାନ୍ତ, ସରଳ ସ୍ୱଭାବର ମଣିଷ ଥିଲେ। ତାଙ୍କ ମିଷ୍ଟଭାଷା ସମସ୍ତଙ୍କୁ ଆପଣାଇ ନେଉଥିଲା।୧୯୬୬ରେ ଭଦ୍ରକ ଏନଏସିର ଉପନଗରପାଳ ଭାବେ ନିର୍ବାଚିତ ହେବା ସହ ୧୯୭୩, ୧୯୭୯ ଓ ୧୯୮୫ରେ ୩ ଥର କାଉନସିଲର ନିର୍ବାଚିତ ହୋଇଥିଲେ। ୧୯୯୪ରେ ୱାକଫ୍‌ବୋର୍ଡର ସଦସ୍ୟ ରହିବା ସହ ୧୯୯୩ରେ ରାଜ୍ୟ ହଜ୍ କମିଟି ସଭ୍ୟ, ୧୯୯୦ରେ ଭଦ୍ରକ ମହିଳା କଲେଜ ଗଭର୍ଣ୍ଣିଂ କମିଟି ସଭ୍ୟ ଥିଲେ। ୧୯୯୩ରୁ ଶେଷ ନିଶ୍ୱାସ ତ୍ୟାଗ କରିବା ଯାଏଁ ସେ ଭଦ୍ରକ ମୁସଲିମ ଜମାତର ସଭାପତି ଭାବେ ଦୀର୍ଘ ୨୮ ବର୍ଷ ନିରବଚ୍ଛିନ୍ନ ଭାବେ ନିଜର ଦାୟିତ୍ୱ ସମ୍ଭାଳି ଜିଲ୍ଲା ତଥା ରାଜ୍ୟରେ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେହିଭଳି ସେ ରାଜ୍ୟ ଉର୍ଦ୍ଦୁ ଏକାଡେମୀର ସଭ୍ୟ ଭାବେ ମନୋନୀତ ହୋଇଥିଲେ। ସେ ଦୀର୍ଘଦିନ ହେବ କଚେରି ବଜାର ବଣିକ ସଂଘ ସଭାପତି ପଦ ସହ ଜିଲ୍ଲା ସ୍ୱେଚ୍ଛାକୃତ ରକ୍ତଦାତା ସଂଘର ସଭାପତି, ରୋଗୀକଲ୍ୟାଣ ସମିତି ସଭ୍ୟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦ ମଣ୍ଡନ କରିଥିଲେ।

ଉଭୟ ହିନ୍ଦୁ ଓ ମୁସଲିମ ସଂପ୍ରଦାୟ ମଧ୍ୟରେ ଶାନ୍ତି ଓ ସଦଭାବନା ପ୍ରତିଷ୍ଠା ପାଇଁ ତାଙ୍କର ଅତୁଳନୀୟ ଅବଦାନ ଲାଗି ୨୦୧୩ ସେପଟେମ୍ବର ୨୦ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କଠାରୁ ଜାତୀୟ ସଦଭାବନା ପୁରସ୍କାର ପାଇ ଜିଲ୍ଲା ତଥା ରାଜ୍ୟର ଗୌରବ ଆଣିଥିଲେ। ଭଦ୍ରକରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ବିବାଦ ଉପୁଜିଥିଲେ ବାରୀ ବାବୁଙ୍କ ହସ୍ତକ୍ଷେପରେ ଏହା ଶାନ୍ତ ହେଉଥିଲା।

ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ନସିରା ଖାତୁନ, ୪ ପୁଅ ନିଆଜ, ଇମତିଆଜ, ନୟିମ ଓ ସମିମ ବାରୀଙ୍କ ସମେତ ଝିଅ ନସିମା ଓ ନାହିଦଙ୍କ ସମେତ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରି ବିଧାୟକ ସଞ୍ଜୀବ ମଲ୍ଲିକ, ଭଦ୍ରକ ବିଧାୟକ ସୀତାଂଶୁଶେଖର ମହାପାତ୍ର, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍ମକୀ ଦଲାୱାଜି ହବିବ, ରୋଟାରି କ୍ଲବ ସମ୍ପାଦକ ହରି ନନ୍ଦୀ, ସମାଜସେବୀ ଏସ୍‌ଏମ୍ ଫାରୁକ, ମୁସଲିମ ଜମାତ ର ଉପସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜି ଇନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁକିତ ଖାଁନ, ସମ୍ପାଦକ ସେଖ ସିରାଜୁଦ୍ଦିନ, ହାଜି ଅନୱାର ହୋସେନ, ଆଇନଜୀବୀ ତାହେର ମହମ୍ମଦ, ପ୍ରାକ୍ତନ କାଉନସିଲର ବିଦ୍ୟାଧର ସାହୁ, ମିଡିଆ ସେଲ୍ ସଂଯୋଜକ ଶେଖ ଅନୱାର(ବାବୁ)ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏ, ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମକେଶରୀ ଖୁଣ୍ଟିଆଙ୍କ ସହ ବହୁ ପୁଲିସ ପଦାଧିକାରୀ ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଅପରାହ୍ଣ ୨ଟାରେ ଏକ ସୁସଜ୍ଜିତ ଗାଡ଼ିରେ ସ୍ୱର୍ଗତ ବାରୀ ବାବୁଙ୍କ ମରଶରୀରକୁ ତାଙ୍କ ବାସଭବନରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ନିଆଯାଇ ସହର ପରିକ୍ରମା କରାଯାଇଥିଲା। ବିଭିନ୍ନ ସ୍ଥାନରେ ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ବରିଷ୍ଠ କଂଗ୍ରେସନେତା ନିରଞ୍ଜନ ପଟ୍ଟନାୟକ, କଂଗ୍ରେସନେତା ଅସିତ ପଟ୍ଟନାୟକ, ନଳିନୀକାନ୍ତ ମହାନ୍ତି, ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ ଓ ସମାଜସେବୀ ସୁଧାକର ରାଉତ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ। ରାତି ସାଢ଼େ ୧୧ଟାରେ ଟ୍ରେନିଂ ସ୍କୁଲ ପଡ଼ିଆରେ ଜନାଜା ନମାଜ ପାଠ କରାଯାଇ ବାସଭବନ ପରିସରରେ କବର ଦିଆଯାଇଛି।

## ଟୋକନ୍ ଦିଅ, କୁଇଣ୍ଟାଲ ପିଛା ୩୦୦ ଟଙ୍କା ନିଅ'

# ଚାଷୀଙ୍କଠାରୁ ଧାନ ନୁହେଁ ଟୋକନ୍ କିଣୁଛନ୍ତି ସମବାୟ ସମିତିର ସମ୍ପାଦକ





**ଭଦ୍ରକ,୩।୩(ସମିସ):** ଭଦ୍ରକ ଜିଲ୍ଲାରେ ଚଳିତ ଖରିଫ ଧାନକିଣାରେ ଚାଷୀଙ୍କୁ ଶୋଷଣ କରିବାର ଆଉ ଏକ ନୂଆ ତରିକା ଆପଣାଇଛନ୍ତି ଧାନ ମଣ୍ଡିର ସମବାୟ ସମ୍ପାଦକ। ପ୍ରଥମେ ଟୋକାନ ତାରିଖ ମାସେ ଅଛି ବ୍ୟସ୍ତ ହୁଅନି ବୋଲି ବିକ୍ରି ଅପେକ୍ଷାରେ ଥିବା ଚାଷୀଙ୍କୁ କହୁଛନ୍ତି। ଆଉ ତା' ପରେ ମଣ୍ଡିରେ ଧାନ ବହୁତ ଷ୍ଟକ ଅଛି ଆଉ ଶେଷରେ ଧାନ କିଣିବା ଆଉ ସମ୍ଭବ ନୁହେଁ ବୋଲି କହି ନିରାଶ କରିବାକୁ ପଛାଉ ନାହାନ୍ତି। 'ଆଇ ସ୍କାନ କରି ଟୋକାନ ମତେ ବିକ୍ରି କରି ଦିଅ ଆଉ କୁଇଣ୍ଟାଲ ପିଛା ୩୦୦ ଟଙ୍କା ନିଅ'। ଏମିତି କିଛି ସଙ୍ଗୀନ ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପ୍ରାଥମିକ କୃଷି ସମବାୟ ସମିତିରୁ। ଉକ୍ତ ପଞ୍ଚାୟତର ଚାଷୀ ମିନତୀ ବଳ ଓ ସଞ୍ଜୁଲତା ବଳଙ୍କ ଅଭିଯୋଗ ମୁତାବକ, ସେମାନଙ୍କ ଟୋକାନ ତାରିଖ ଥିଲା ଜାନୁଆରୀ ୨୭ ତାରିଖ। ଧାନ ବିକ୍ରି କରିବା ପାଇଁ ପ୍ରଥମେ ସମବାୟ ସମିତିର ସମ୍ପାଦକଙ୍କୁ ସେମାନେ ଦେଖା କରିଥିଲେ। ଧାନ ବସ୍ତା କରି ରଖ ତୁମ ସିରିଏଲ ପଡିଲେ ତୁମକୁ କଲ୍ ଯିବ, ତା'ପରେ ଧାନ ଦେବ ବୋଲି ସଂପୃକ୍ତ ସମ୍ପାଦକ କହିଥିଲେ। ପୁଣି କିଛି ଦିନ ଗଲା ପରେ ମଣ୍ଡିରେ ଧାନ ଷ୍ଟକ ଅଛି ସମୟ ହେଲେ କଲ୍ ଯିବ ବୋଲି କୁହାଯାଇଥିଲା। ବାରମ୍ବାର ଦୌଡ଼ି ଦୌଡ଼ି ଥକି ପଡ଼ିଲେ ଦୁଇ ମହିଳା। ଶେଷରେ ଟୋକାନ କାଟିବାର ଦୁଇ ଦିନ ପୂର୍ବରୁ କଲ ଆସିଲା ଅଫିସକୁ ଆସି ଦେଖା କର। ଅଫିସ ଗଲା ପରେ ଏଥର ସମ୍ପାଦକ କହିଲେ ଆଉ ଧାନ ଦେବା ସମ୍ଭବ ନୁହେଁ ତୁମେ ଆଇ ସ୍କାନ କରି କୁଇଣ୍ଟାଲ ପିଛା ୩୦୦ଟଙ୍କା କରି ନେଇଯାଅ। ଆଉ ରଖିଥିବା ଧାନକୁ ବାହାରେ ବିକ୍ରି କରିଦିଅ ବୋଲି ୨ ଜଣ ମହିଳା ଚାଷୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଜଣେ କି ଦୁଇ ଜଣ ନୁହେଁ ଏମିତି ବହୁ ଚାଷୀଙ୍କଠାରୁ ଟୋକାନ କିଣି ବାହାରୁ ଧାନ ସଂଗ୍ରହ କରି ମିଲକୁ ପଠାଉଛନ୍ତି ସଂପୃକ୍ତ ସମ୍ପାଦକ। କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୦୦ଟଙ୍କା ଦେଇ ଚାଷୀଙ୍କ ବୋନସ ଟଙ୍କା ହଡ଼ପ କରି ମାଲେ ମାଲ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ସରକାରୀ ସ୍ତରରେ ଏହାର ତଦନ୍ତ ଆବଶ୍ୟକତା ହେବା ସହ ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ଯୁବ ଚାଷୀ ଅଭୟ ଭୋଳ। ଏ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେବାକୁ ଚାଷୀ ମହଲରୁ ଦାବି ହୋଇଛି।

## ଟିପିଏନ୍‌ଓଡିଏଲ ପକ୍ଷରୁ 'ଫେମ୍ ଫିଏଷ୍ଟା'

**ଭଦ୍ରକ, ୩।୩(ସମିସ):** ପ୍ରଥମ ଫେମ୍ ଫିଏଷ୍ଟା କାର୍ଯ୍ୟକ୍ରମର ସଫଳତା ପରେ, ଏହି ବର୍ଷ ମଧ୍ୟ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଟିପିଏନ୍‌ଓଡିଏଲ ଭଦ୍ରକ ସର୍କଲ୍ ଦ୍ୱାରା 'ଫେମ୍ ଫିଏଷ୍ଟା ୨.୦' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୨ ମାର୍ଚ୍ଚ ୨୦୨୫ରେ ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୧୫୦ରୁ ଅଧିକ କାର୍ଯ୍ୟରତ ମହିଳା ଅଂଶଗ୍ରହଣ କରିଥିଲେ। ବିବିଧତା, ଅନ୍ତର୍ଭୁକ୍ତୀକରଣ ଏବଂ ଗ୍ରାହକ ସନ୍ତୁଷ୍ଟି ଆଧାରିତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ନୂତନତ୍ୱ ଏବଂ ପ୍ରାୟୋଗିକତାକୁ ଆଗେଇ ନେଇ ଏକ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗ ଦେଇଥିଲେ। ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ ପାଢ଼ୀ, ଭଦ୍ରକ ଉତ୍ତର ନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ନାୟକ, ଦକ୍ଷିଣ ନିର୍ବାହୀ ଯନ୍ତ୍ରୀ ମନସ୍ୱିନୀ ସ୍ୱାଇଁ ଏବଂ ଗ୍ରାହକ ସେବା ଶାଖାର ଅନ୍ୟାନ୍ୟ ଅଧିକାରୀ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା, ଅର୍ଥନୈତିକ ସ୍ୱାଧୀନତା ଏବଂ ନିଜେ ନିଜକୁ ସ୍ୱାଧୀନ ଭାବେ ଦୃଢ଼ କରିବା ବିଷୟରେ ଚର୍ଚ୍ଚା ହୋଇଥିଲା। ସେହିପରି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଡିଜିଟାଲ ସଂଗ୍ରହ ପରି ଅନେକ ଗ୍ରାହକମୁଖୀ ପ୍ରାୟୋଜନ ଉପସ୍ଥାପନ କରାଯାଇଥିଲା। ମହିଳାମାନଙ୍କୁ ସଶକ୍ତିକରଣ କରିବା ଏବଂ ଅଂଶଗ୍ରହଣ ପାଇଁ ପ୍ରେରିତ କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ଅଭିନନ୍ଦନୀୟ ହୋଇଥିଲା।

## ମିଶନ ବାତ୍ସଲ୍ୟ ଓ ପୃଷ୍ଠପୋଷକତା ଯୋଜନାର ପରାମର୍ଶ ସଭା





**ଭଦ୍ରକ, ୩।୩(ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଭଦ୍ରକ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଆୟୋଜିତ ମିଶନ ବାତ୍ସଲ୍ୟ ଅନ୍ତର୍ଗତ ପୃଷ୍ଠପୋଷକତା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ ଶିଶୁଙ୍କ ନିମନ୍ତେ ଉଚିତ୍ ଶିକ୍ଷା ଓ ସହାୟତା ରାଶିର ବିନିଯୋଗ ସମ୍ବନ୍ଧୀୟ ସଭା ଭଦ୍ରକ ପୌରପାଳିକା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଜିଲ୍ଲା କର୍ମନିଯୋଜନ ଅଧିକାରିଣୀ ଅନିତା ନାୟକ ଯୋଗଦାନ କରିଥିଲେ। ଶିଶୁ ସୁରକ୍ଷା ଶାଖାର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଂଯୋଜନା ସଭାରେ ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ ପ୍ରାରମ୍ଭିକ ସୂଚନା ଦେଇ ପିତୃମାତୃହୀନ ଶିଶୁ ବା ଅବହେଳିତ, ଅସୁରକ୍ଷିତ ଓ ଆର୍ଥିକ ଅନଗ୍ରସର ୮୪ ଜଣ ଶିଶୁଙ୍କୁ ମିଶନ ବାତ୍ସଲ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରି ପୃଷ୍ଠପୋଷକତା ସହାୟତା ରାଶି ୟୁନିଟ ତରଫରୁ ଯୋଗାଇ ଦିଆଯାଉଥିବା କହିଥିଲେ। ଜିଲ୍ଲା କର୍ମନିଯୋଜନ ଅଧିକାରିଣୀ ଅନିତା ନାୟକ ହିତାଧିକାରୀ ଶିଶୁଙ୍କ ନିମନ୍ତେ ବିଭିନ୍ନ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ତାଲିମ ସମ୍ବନ୍ଧରେ ଦର୍ଶାଇଥିଲେ। ପ୍ରତ୍ୟେକ ଶିଶୁ ଓ ଅଭିଭାବକମାନେ ସରକାରଙ୍କ ଯୋଜନାକୁ ଫଳପ୍ରଦ କରିବା ସହ ଶିଶୁଙ୍କ ଭବିଷ୍ୟତ ଉଜ୍ଜଳମୟ କରିବା ପାଇଁ ଶିଶୁ ସୁରକ୍ଷା ବିଭାଗର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପରାମର୍ଶ ଦେଇଥିଲେ। ସଭାରେ ସମସ୍ତ ହିତାଧିକାରୀ ଶିଶୁ ଓ ଅଭିଭାବକ ସମେତ ଶିଶୁ ବିକାଶ ବିଭାଗର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଆସିୟାନାର ସଂଯୋଜକ ରିୟାଜ ଅହମଦ, ଚାଇଲ୍ଡ ଲାଇନର ନବୀନଚନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ଗୋଛାୟତ, ଲକ୍ଷ୍ମଣ ଜେନା, ଲକ୍ଷ୍ମୀକାନ୍ତ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରିଣୀ ସ୍ୱାଗତିକା ବାରିକ ଧନ୍ୟବାଦ ଦେଇଥିଲେ।

# ସରକାରୀ ଖେଳପଡ଼ିଆ ବାଲି ଓ ଚିପ୍ସ ବେପାରୀଙ୍କ କବ୍‌ଜାରେ

ଧାମନଗର, ୩।୩(ସମିସ)



ଧାମନଗର ତହସିଲ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ହନୁମାନ ଛକ ନିକଟସ୍ଥ ସରକାରୀ ଖେଳ ପଡିଆ ଏବେ ବାଲି ଓ ଚିପ୍ସ ବେପାରୀଙ୍କ କବଜାରେ। ଏହା ଖେଳାଳିଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ପ୍ରତିଦିନ ବଡ ବଡ ହାଇୱାରେ ବେଆଇନ ଚୋରା ବାଲି ଓ ଚିପ୍ସ ଆଣି ଖେଳ ପଡିଆ ରଖି ବେପାର କରାଯାଉଛି। ୩ ଏକରରୁ ଉର୍ଦ୍ଧ୍ୱ ଏହି ପଡିଆ କିକେଟ୍ ଖେଳ ପାଇଁ ବେଶ୍ ପରିଚିତ ଥିଲା। ଜିଲ୍ଲା ଓ ଜିଲ୍ଲା ବାହାରୁ ଖେଳାଳି ଆସି ଏଠାରେ ଟୁର୍ଣ୍ଣାମେଣ୍ଟରେ ଖେଳିଥାନ୍ତି। ଏବେ ବାଲି ଓ ଚିପ୍ସ ବେପାରୀଙ୍କ ପାଇଁ ଖେଳ ପଡ଼ିଆଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଧାମନଗର-କୋଠାର ମୁଖ୍ୟ ରାସ୍ତାକଡ଼ରେ ରହିଥିବା ଖେଳ ପଡ଼ିଆଟିରେ ରାଧାବଲ୍ଲଭପୁର, ବନ୍ଧଟିଆ, ଛତ୍ରପଦା, ଝାଟିଆସାହି, ମିର୍ଜାପୁର ଓ ଗୁମୁଗଡ ଆଦି ଗ୍ରାମର ଯୁବକମାନେ କ୍ରିକେଟ ଖେଳିଥାନ୍ତି। ଏହି ପଡିଆର ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ବ୍ୟୟ ବରାଦ କରାଯାଇ ଉନ୍ନତିକରଣ କରାଯାଇଛି। ଏବେ ବଡ ବଡ ହାଇୱାରେ ଟନ ମାଲ ଲୋଡ୍ କରି ପୁରାଇବା ଦ୍ୱାରା ପଡ଼ିଆ ଖାଲଖମା ହୋଇ ଖେଳ ହେବା ସମ୍ଭାବପର ହେଉନାହିଁ। ନିକଟରେ ତହସିଲ୍ ରହିଥିଲେ ସୁଦ୍ଧା ପ୍ରତିଦିନ ଅଧିକାରୀମାନେ ଯିବାଆସିବା କରିଥାନ୍ତି। ହେଲେ ସେମାନେ ନଜର ଅନ୍ଦାଜ କରି ପଳାଇଯାଆନ୍ତି। କ୍ରୀଡାପ୍ରେମୀମାନେ ଖେଳ ପଡ଼ିଆରେ ଚୋରା ବାଲି ଚିପ୍ସ ବେବାର ନେଇ ବାରମ୍ବାର ତହସିଲ୍ ଓ ଖଣି ବିଭାଗ ପାଖରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଥିପାଇଁ ଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

**ବାରିକପୁର, ୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉଦ୍ୟାନ କୃଷି ଅଧିକାରିଣୀ ଶୁଭଦର୍ଶିନୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କର୍ମଶାଳାକୁ ମୁଖ୍ୟଅତିଥି ସରପଞ୍ଚ ସାଧନାଞ୍ଜଳି ମହାପାତ୍ର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବ୍ଲକ ଉଦ୍ୟାନ କୃଷି ଅଧିକାରିଣୀ ସାଧନା ପଣ୍ଡା, ତିହିଡି ବ୍ଲକ ଅଧିକାରିଣୀ ନିହାରିକା ଜ୍ୟୋତିରେଖା ନାୟକ, ବ୍ଲକ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପ୍ରତି ଚାଷୀମାନେ ଉଦ୍ୟାନ କୃଷିରେ ମନୋନିବେଶ କରିବାକୁ ବିଭାଗୀୟ ଅଧିକାରୀମାନେ ଆହ୍ୱାନ ଦେଇଥିଲେ। ଏଥିରେ କୁରିଗାଁ ସମେତ ରହଣିଆ, ସରସଦା, ମାଳଦା, ଷୋଳମପୁର ପଞ୍ଚାୟତର ମହିଳା ଓ ପୁରୁଷ ଚାଷୀମାନେ ଯୋଗ ଦେଇଥିଲେ। ଉଦ୍ୟାନ କୃଷି ପରିଦର୍ଶକ କଲ୍ୟାଣ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ପ୍ରସାରଣ କର୍ମଚାରୀ ଅବକାଶ ନାୟକ ଆଭିମୁଖ୍ୟ ପ୍ରଦାନ ଓ ଚିତରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ।






ସକାଳ
THE SAKALA
www.sakalaepaper.com

# ଖରିଫ ଚାଷ ପାଇଁ ମୃତ୍ତିକା ପ୍ରସ୍ତୁତି



**ଖରିଫ ଚାଷ ପାଇଁ ଗ୍ରୀଷ୍ମଋତୁରେ ହିଁ ଜମି ପ୍ରସ୍ତୁତ କରାଯାଇଥାଏ । ଖରିଫ ଋତୁରେ ଚାଷ କାର୍ଯ୍ୟ ଅଧିକ ସହଜ, ଅମଳକ୍ଷମ ହେବା ସହିତ ଖର୍ଚ୍ଚବହୁଳ ହୋଇ ନ ଥାଏ । ଏହି ଚାଷ ପାଇଁ ଜଳସେଚନର ଆବଶ୍ୟକତା କମ୍ ପଡ଼ିଥାଏ । ତେଣୁ କିପରି ମାଟି ପ୍ରସ୍ତୁତ କରିବେ ଜାଣନ୍ତୁ ।**



ଚାଷ ପାଇଁ ମାର୍ଚ୍ଚ ଓ ଏପ୍ରିଲ ମାସରେ ଜମିକୁ ଓଡ଼ ବା କର୍ଷଣ କରାଯାଇ ପରବର୍ତ୍ତୀ ଫସଲ ପାଇଁ ପ୍ରସ୍ତୁତ କରାଯାଇଥାଏ । କାରଣ ଖରାଦିନରେ ଜମି ଓଡ଼ କଲେ ଅଧିକ ଫାଇଦା ମିଳିଥାଏ । ତଳମାଟି ଉପରକୁ ଆସେ ଓ ଉପରମାଟି ତଳକୁ ଚାଲିଯାଏ । ଏହାଦ୍ୱାରା ତଳମାଟି ଭଲଭାବେ ଖରା ଖାଏ । ଅନାବନା ଘାସ ନଷ୍ଟ ହୁଏ । ଅଦରକାରୀ ପୋକଜୋକ ନଷ୍ଟ ହେବା ସହ ମାଟି ଫସ୍‌ଫସିଆ ହୁଏ । ଉର୍ବରତା ମଧ୍ୟ ବୃଦ୍ଧି ପାଏ । ଚାଷ ପୂର୍ବରୁ ମାଟି କୀଟମୁକ୍ତ ଏବଂ ଉର୍ବର ହେଉଥିବାରୁ ଅଧିକ ସାର ଏବଂ କୀଟନାଶକର ଆବଶ୍ୟକତା ମଧ୍ୟ ପଡ଼େ ନାହିଁ । ମାଟିର ଜଳଧାରଣ କ୍ଷମତା ବଢ଼େ । ତେଣୁ ମାର୍ଚ୍ଚ ମାସ ମଝିରୁ ଏପ୍ରିଲ ଭିତରେ ଜମି ପ୍ରସ୍ତୁତ କରାଗଲେ ମଇ ମାସର ବର୍ଷା ଜଳ ଅଧିକ ଲାଭ ଯୋଗାଏ । ଏହାଦ୍ୱାରା ଜଳଧାରଣ ଶକ୍ତି ବୃଦ୍ଧିପାଇ ପରବର୍ତ୍ତୀ ସମୟରେ ଜଳସେଚନର ଆବଶ୍ୟକତା କମ୍ ପଡ଼ିଥାଏ । ତେବେ ଜମି ଓଡ଼ ପାଇଁ ମୋଡ଼ପତ୍ର ଲଙ୍ଗଳ ବ୍ୟବହାର କରାଯାଏ । ପାୱାରଟିଲର ଚାଳିତ ମୋଡ଼ପତ୍ର ଲଙ୍ଗଳ ଦ୍ୱାରା ଗୋଟିଏ ଦିନରେ ଜଣେ ଲୋକ ଗୋଟିଏ ଏକର ଜମି ଚାଷ କରିପାରିବ । ସେହିପରି ଟ୍ରାକ୍ଟର ଚାଳିତ ମୋଡ଼ପତ୍ର ଲଙ୍ଗଳ ଦ୍ୱାରା ଜଣେ ଚାରି ଘଣ୍ଟାରେ ଗୋଟିଏ ହେକ୍ଟର ଜମି ଚାଷ କରିପାରିବ । ଜାଣିରଖନ୍ତୁ ଯେ, ମୋଡ଼ପତ୍ର ଲଙ୍ଗଳ ଖରାଟିଆ ଜମି ଓଡ଼ ପାଇଁ ସର୍ବୋତ୍କୃଷ୍ଟ ।

# ଅଦରକାରୀ ନୁହେଁ ଛତୁ ବର୍ଜ୍ୟ



**ବର୍ତ୍ତମାନ ଆମ ରାଜ୍ୟର ବହୁଲୋକ ଛତୁଚାଷ କରି ଜୀବିକା ନିର୍ବାହ କରୁଛନ୍ତି । ସାଧାରଣତଃ ଛତୁଚାଷ ପରେ ଏହାର ବର୍ଜ୍ୟକୁ ଚାଷୀମାନେ ଫିଙ୍ଗିଦେଇଥାନ୍ତି । ହେଲେ ଏହି ବର୍ଜ୍ୟକୁ ଖତ ଭାବେ ବ୍ୟବହାର କରି ଚାଷୀମାନେ ଅଧିକ ଲାଭ ପାରିବେ ।**

ଛତୁ ଚାଷ ପାଇଁ ଚାଷୀମାନେ କୁଟା ବା ନଡ଼ାକୁ ସାଇଜ୍ କରି ସ୍ୱତନ୍ତ୍ର ଶଯ୍ୟା କରନ୍ତି । ଏଥିରେ ପାଣି ଛିଞ୍ଚାଯାଇ ଓଦା ରଖାଯାଇଥାଏ । ପ୍ରତିଥର ଚାଷ ପାଇଁ ନୂଆ କୁଟାରୁ ଶଯ୍ୟା ପ୍ରସ୍ତୁତ କରାଯାଉଥିବାରୁ ଛତୁ ଅମଳ ପରେ ବ୍ୟବହୃତ କୁଟାକୁ ଚାଷୀମାନେ ଫିଙ୍ଗି ଦିଅନ୍ତି । ହେଲେ ଛତୁରେ ୨୦ରୁ ୩୦ ଭାଗ ପୁଷ୍ଟିସାର, ତନ୍ତୁଜାତୀୟ ପଦାର୍ଥ, ଭିଟାମିନ୍ 'ଘ', ତମ୍ବା, ପଟାସିୟମ ଓ ସେଲେନିୟମ ଆଦି ଖଣିଜଲବଣ ଥିବାବେଳେ ଛତୁ ଅମଳ ପରେ ବ୍ୟବହୃତ ବର୍ଜ୍ୟରେ ଏହାର ଛୋଟ ଖଣ୍ଡ ରହିଥାଏ । ଏଥିରେ ନାଇଟ୍ରୋଜେନ୍, ଫସ୍‌ଫରସ୍, ପଟାସିୟମ୍ ଆଦି ପ୍ରଚୁର ମାତ୍ରାରେ ରହିଥାଏ । ତେଣୁ ଏହି ଛତୁ ବର୍ଜ୍ୟକୁ ଏଣେତେଣେ ନ ଫିଙ୍ଗି ଏହାକୁ କମ୍ପୋଷ୍ଟ ବିନ୍‌ରେ ରଖି ଏଥିରେ ଗୋବର ଓ ଗୋମୂତ୍ର ମିଶାଇଲେ ଏହା ଖୁବ୍ ଶୀଘ୍ର ଜୈବିକ ଖତରେ ପରିଣତ ହୁଏ । କମ୍ପୋଷ୍ଟ ବିନ୍ ନ ଥିଲେ ଜମିରେ ଗାତ କରି ଏହାରି ଭିତରେ ଛତୁ ବର୍ଜ୍ୟକୁ ଭଲଭାବେ ଶଢ଼ିବାକୁ ଛାଡ଼ିପାରିବେ । ଫସଲରେ ଏହି ଖତ ବ୍ୟବହାର କଲେ, ମାଟିର ଉର୍ବରତା ବୃଦ୍ଧିପାଏ । ଗଛକୁ ଜୈବିକ ଅଙ୍ଗାର ଯୋଗାଇଥାଏ । ଜମିରେ ପଟାସିୟମ, ଫସ୍‌ଫରସ୍ ଅଭାବ ପୂରଣ ହୁଏ । ଏଥିରେ ଜଳ ଶୋଷିବାର କ୍ଷମତା ଅଧିକ ଥିବାରୁ ଚାଷ ଜମି ଅଧିକ ସମୟ ପର୍ଯ୍ୟନ୍ତ ଆର୍ଦ୍ରତା ରହିଥାଏ ।

## କିଟ୍ ଜଣାଇବ ଗାଈର ଗର୍ଭଧାରଣ



**ଗ୍ରାମାଞ୍ଚଳର ବହୁ ଲୋକ ଗୋ-ପାଳନ ଉପରେ ନିର୍ଭର କରନ୍ତି । ତେବେ ଗୋପାଳନରେ ଗାଈ ଗର୍ଭବତୀ ସମୟକୁ ବିଶେଷ ଗୁରୁତ୍ୱ ଦିଆଯାଏ । ଯଦିଓ ଗାଈଙ୍କର କୃତ୍ରିମ ପ୍ରଜନନ କରାଗଲେ, ପ୍ରାୟ ୬୦ଦିନ ପରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ଗାଈ ଗର୍ଭବତୀ ଅଛି କି ନାହିଁ ଜଣାପଡ଼ିଥାଏ । ଏହା ଏକ ଦୀର୍ଘକାଳୀନ ପ୍ରକ୍ରିୟା ହୋଇଥିବାରୁ ଡାକ୍ତର ସାବଧାନତା ସହିତ ନିର୍ଦ୍ଦିଷ୍ଟ କୌଶଳରେ ପରୀକ୍ଷା କରନ୍ତି । ହେଲେ ଏବେ ଗୋପାଳକମାନେ ବଜାରରେ ମିଳୁଥିବା ସ୍ୱତନ୍ତ୍ର କିଟ୍ ଦ୍ୱାରା ଗାଈ ଗର୍ଭବତୀ ଅଛି କି ନାହିଁ ମାତ୍ର ୨୮ ଦିନରେ ଜାଣିପାରିବେ । ତେବେ ଏହାକୁ କେମିତି ବ୍ୟବହାର କରିବେ ଜାଣିରଖନ୍ତୁ ।**

ଅନେକ ସମୟରେ ଗାଈ ଗର୍ଭବତୀ ଥାଇ ବି ୨୧ ଦିନ ପରେ ଗରମ ଲକ୍ଷଣ ପ୍ରକାଶ ପାଇଥାଏ । ଯାହାଫଳରେ ଗୋପାଳକ ଦ୍ୱନ୍ଦ୍ୱରେ ପୁନର୍ବାର କୃତ୍ରିମ ପ୍ରଜନନ କରିଥାନ୍ତି । ହେଲେ ଏହି ନୂତନ କିଟ୍‌ରେ ୨୧ରୁ ୨୮ ଦିନ ମଧ୍ୟରେ ଗାଈ ଗର୍ଭବତୀ ଅଛି କି ନାହିଁ ଜଣାପଡ଼ିବ । ଏଥିପାଇଁ ୬୦ ଦିନ ଅପେକ୍ଷା କରିବାକୁ ପଡ଼ୁନାହିଁ । ଏହାଦ୍ୱାରା ଗାଈ ଗର୍ଭ ନଷ୍ଟ ହେବା ମାମଲା ମଧ୍ୟ ହ୍ରାସ ପାଇବ । ତେବେ ଏହି କିଟ୍‌ରେ ପରୀକ୍ଷା ପାଇଁ ଗାଈର କାନ, ଲାଞ୍ଜ କିମ୍ବା ବେକ ଶିରାରୁ ୨ରୁ ୩ବୁନ୍ଦା ରକ୍ତ ନେଇ କିଟ୍ ୱାଲ୍‌ରେ ପକାଇବାକୁ ହୁଏ । ଏହି ପିଏଜି ଟେଷ୍ଟ କିଟ୍‌ରେ ଥିବା ତରଳକୁ ୨ରୁ ୩ ଠୋପା ପକାଇ ୧୦ରୁ ୨୦ ମିନିଟ୍ ଜଗିବାକୁ ହୁଏ । ତେବେ କିଟ୍ ଖୋଳ ଉପରେ ବର୍ଣ୍ଣିତ ଥିବା କଥାକୁ ଦୃଷ୍ଟି ଦେଇ ଯଥା- ଟେଷ୍ଟ ଲାଇନ୍‌ଟି କଣ୍ଟ୍ରୋଲ ଲାଇନ୍‌ଠୁ ଗାଢ଼ ଆସିଲେ ଗାଈ ଗର୍ଭବତୀ ବୋଲି ସ୍ପଷ୍ଟ ହୋଇଥାଏ । ଏହି କିଟ୍‌ର ଆଉ ଏକ ସ୍ୱତନ୍ତ୍ରତା ହେଉଛି, ୬୦ ଦିନ ପରେ ଯେଉଁ ପ୍ରଣାଳୀରେ ଗାଈର ଗର୍ଭ ଅଛି କି ପରୀକ୍ଷା କରାଯାଉଥିଲା ସେଥିରେ ଗର୍ଭ ନଷ୍ଟର ଆଶଙ୍କା ଅଧିକ ରହୁଥିଲା, ଯାହାକି ଏହି କିଟ୍‌ରେ କମ୍ ରହିଛି । ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ଏସୁବ କରିବା ଆବଶ୍ୟକ ବୋଲି ଡା ରବି ପଟ୍ଟନାୟକ କୁହନ୍ତି ।

## କୃଷି ପାଣିପାଗ



### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ତ୍ତମାନ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି କଦଳୀ ବଗିଚାରେ ଜଳସେଚନ କରନ୍ତୁ ।
- ଫେବୃୟାରୀ –ମାର୍ଚ୍ଚ ହେଉଛି ଝୁଡ଼ଙ୍ଗ, ଗୁଆଁର, କଖାରୁ, କାକୁଡ଼ି ଓ ତରଭୁଜ ଲଗାଇବାର ଉପଯୁକ୍ତ ସମୟ ।
- ପରିବା ଚାରାକୁ ଅଧିକ ତାପମାତ୍ରାରୁ ରକ୍ଷା କରିବା ପାଇଁ ଏହାକୁ ସନ୍ଧ୍ୟା ସମୟରେ ଲଗାନ୍ତୁ ।
- ଜମିରେ ଜଳ ସଂରକ୍ଷଣ ପାଇଁ ହୁଡ଼ା ଓ ସିଆର ପ୍ରଣାଳୀ ଜଳସେଚନକୁ ପ୍ରାଧାନ୍ୟ ଦିଅନ୍ତୁ ।
- ତାପମାତ୍ରା ବୃଦ୍ଧିର ସମ୍ଭାବନା ଥିବାରୁ ମୁଖ୍ୟ କିଆରିରେ କାଣ୍ଡବିନ୍ଧା ପୋକର ପ୍ରଜାପତି ଅଣ୍ଡା ଦେବା ଆରମ୍ଭ କରିବେ । ତେଣୁ ପୋକ ସର୍ବେକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୫ ଗୋଟି ଫେରୋମନ ଯନ୍ତା ବସାନ୍ତୁ ।
- ବର୍ତ୍ତମାନର ଶୁଷ୍କ ଓ ଉଷ୍ମ ପାଗ ତରଭୁଜ ଚାଷ ପାଇଁ ଉପଯୁକ୍ତ ସମୟ ।

# ଫସଲକୁ ସୁରକ୍ଷା ଦେବ ସ୍ମାର୍ଟ ସ୍ପ୍ରିଙ୍କଲର୍

**ପଶୁପକ୍ଷୀଙ୍କ ଦାଉରୁ ଫସଲର ସୁରକ୍ଷା ପାଇଁ ଚାଷୀମାନେ ପାରମ୍ପରିକ ପଦ୍ଧତି ଆପଣାଇଥାନ୍ତି । କିଏ କ୍ଷେତରେ ମଞ୍ଚାକରି ଜଗିଥାଏ ତ କିଏ କିଆରିରେ ପାଳଭୂତ ରଖିଥାନ୍ତି । ଚାଷୀମାନେ ଦେଶୀ ଉପାୟରେ ଜମି ଚାରିପାଖେ କଣ୍ଟାଯୁକ୍ତ ତାର ଏବଂ ରଶିରେ ବାଡ଼ କରୁଛନ୍ତି । ଫସଲକୁ ସୁରକ୍ଷା ଦେବାକୁ ଏବେ ବଜାରରେ ଜାଲି ମଧ୍ୟ ଉପଲବ୍ଧ ରହିଛି । ହେଲେ ଏବେ ଏଥିପାଇଁ ଆଧୁନିକ କୌଶଳ ବିକଶିତ ହେଲାଣି । ଏହା ଜରିଆରେ ଜୀବଜନ୍ତୁଙ୍କ କବଳରୁ ଗଛକୁ ସୁରକ୍ଷା ଦେଇହେବ ।**



**ମୋସନ୍ ଆକ୍ଟିଭେଟେଡ ସ୍ପ୍ରିଙ୍କଲର:** ଫସଲକୁ ସୁରକ୍ଷା ଦେବାକୁ ଅତ୍ୟାଧୁନିକ ସ୍ପ୍ରିଙ୍କଲର ବା ସିଞ୍ଚନ ବ୍ୟବହାର କରିପାରିବେ । ମୋସନ୍ ଆକ୍ଟିଭେଟେଡ ସ୍ପ୍ରିଙ୍କଲର ମେସିନ୍ ଫସଲକୁ ପାଣି ସିଞ୍ଚିବା ସହ ବୁଲା ଜୀବଜନ୍ତୁଙ୍କ କବଳରୁ ଫସଲକୁ ସୁରକ୍ଷା ଦେବାକୁ କାମ କରେ । ଏହି ମେସିନ୍‌ର ସ୍ୱତନ୍ତ୍ରତା ହେଉଛି, ଏହା ଫସଲ ଦୂରରେ ଜୀବଜନ୍ତୁଙ୍କୁ ଚିହ୍ନଟ କରି ସେମାନଙ୍କ ଉପରକୁ ଜୋର୍‌ରେ ପାଣି ଛାଟିବା ଆରମ୍ଭ କରିଦିଏ । ଫଳରେ ବୁଲା ଗାଈଗୋରୁ ଜମିଠୁ ଦୂରକୁ ଚାଲିଯାଆନ୍ତି ।

**ଅଲଟ୍ରାସୋନିକ୍ ରିପେଲେଣ୍ଟ ଉପକରଣ:** ଏହି ମେସିନ୍‌ଟି ଅଲ୍‌ଟ୍ରାସାଉଣ୍ଡ କୌଶଳ ଉପରେ କାମ କରେ । ଏହି ମେସିନ୍‌କୁ ଜମିରେ ଲଗାଇବା ଦ୍ୱାରା ଜମିରେ ଜୀବଜନ୍ତୁଙ୍କ ଉପସ୍ଥିତିରେ ଏହା ଅଲ୍‌ଟ୍ରାସୋନିକ୍ ସାଉଣ୍ଡ ବାହାର କରିଥାଏ । ଏଥିରୁ ଆସୁଥିବା ଶବ୍ଦ ବୁଲା ଜୀବଜନ୍ତୁଙ୍କୁ ବିରକ୍ତି କରିଥାଏ । ସେହିପରି ଲାଇଟ୍ , ଟେପ୍ ରେକର୍ଡ଼ ବ୍ୟବହାର ଦ୍ୱାରା ଫସଲ ସୁରକ୍ଷିତ ରହିଥାଏ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜମି ଚତୁଃପାର୍ଶ୍ୱରେ କଣ୍ଟାଯୁକ୍ତ ଗଛ ଯଥା- ନାଗଫେଣି କିମ୍ବା ପାଇରାକେନ୍ଥା ଆଦି ଗଛ ଲଗାଇବା ଦ୍ୱାରା ଫସଲ ସୁରକ୍ଷିତ ରହିପାରେ ।



# ଫସଲ ଅନୁଯାୟୀ ଜିଆଖତ

**ଜୈବିକ ପ୍ରଣାଳୀରେ ଉତ୍ପାଦିତ ଫସଲ ସ୍ୱାସ୍ଥ୍ୟ ପାଇଁ ହିତକର । ତେଣୁ ଅଧିକାଂଶ ଏବେ ଜୈବିକ ଚାଷକୁ ଗୁରୁତ୍ୱ ଦେଉଛନ୍ତି । ତେବେ ସଅଳ ଓ ସହଜରେ ପ୍ରସ୍ତୁତ ହେଉଥିବା ଜୈବିକ ଓ ଉନ୍ନତ ପୋଷକତତ୍ତ୍ୱଯୁକ୍ତ ଖତ ହେଉଛି ଜିଆଖତ (ଭର୍ମିକମ୍ପୋଷ୍ଟ) । ଏହାକୁ ଜମିରେ ପ୍ରୟୋଗ କରିବାର ଅନେକ ବିଧି ରହିଛି ।**



ଜିଆଖତରେ ନାଇଟ୍ରୋଜେନ୍, ଫସ୍‌ଫରସ୍, ପଟାସିୟମ, କ୍ୟାଲ୍‌ସିୟମ, ଆଦି ଖାଦ୍ୟ ଉପାଦାନ ଥାଏ । ଜିଆଖତ ମାଟିର ଜଳଧାରଣ, ବାୟୁଚଳାଚଳ ଓ ମାଟିର ଉର୍ବରତା ବୃଦ୍ଧି କରି ଗଛ ବୃଦ୍ଧିରେ ସହାୟକ ହୁଏ । ମାଟିକୁ ହାଲୁକା କରିଥାଏ । ତେଣୁ ଅନ୍ୟ କମ୍ପୋଷ୍ଟ ପରି ଜିଆଖତକୁ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରି ଭଲ ଭାବରେ ମିଶାଇବାକୁ ହୁଏ । ତେବେ ଶସ୍ୟଜାତୀୟ ଫସଲ ପାଇଁ ଏକର ପିଛା ୨ ଟନ୍, ଡାଲି ଜାତୀୟ ଫସଲ ପାଇଁ ଏକର ପିଛା ୪ରୁ ୫ ଟନ୍, ସେହିପରି ମସଲା ଜାତୀୟ ଫସଲ ପାଇଁ ୨ରୁ ୧୦ ଟନ୍, ପନିପରିବା ଫସଲ ପାଇଁ ୪ ରୁ ୬ ଟନ୍, ଫଳ ବଗିଚା ପାଇଁ ୨ରୁ ୩ଟନ୍, ଫୁଲ ବଗିଚା ପାଇଁ ୪ଟନ୍, ଅର୍ଥକରୀ ଫସଲ ପାଇଁ ୫ଟନ୍, ଫୁଲ୍ କୁଣ୍ଡ ପାଇଁ ୫୦ରୁ ୧୦୦ ଗ୍ରାମ୍ ବ୍ୟବହାର କରିବା ଉଚିତ । ଏହାଦ୍ୱାରା ମାଟିର ଉର୍ବର ଶକ୍ତି ବୃଦ୍ଧି ପାଇଥାଏ ।

କୁଣ୍ଡରେ ଲାଗିଥିବା ଗଛ ପାଇଁ ମାସକୁ ଥରେ ମୁଠାଏଁ ଲେଖାଏଁ ଭର୍ମିକମ୍ପୋଷ୍ଟ ପ୍ରୟୋଗ କରିବା ଆବଶ୍ୟକ ।

## ସଫଳ ଚାଷୀ

# ଉର୍ମିଳାଙ୍କ ମୁହଁରେ ହସ ଫୁଟାଇଛି ବିଦେଶୀ କୋଳି

**ଚାଷ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି । ବିଶେଷ କରି ଫଳ ଓ ପନିପରିବା ଚାଷରେ ସେମାନେ ସଫଳତା ହାସଲ କରି ଉଦାହରଣ ସୃଷ୍ଟି କରିଛନ୍ତି । ସେମିତି ଜଣେ ମହିଳାଚାଷୀ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁର ଗ୍ରାମର ଉର୍ମିଳା ପ୍ରଧାନ । ଯେକି ନିଜର ଉତ୍ସାହ ଓ ଅବିରତ ଚେଷ୍ଟା ମାଧ୍ୟମରେ ଓଡ଼ିଶା ମାଟିରେ ଥାଇଲାଣ୍ଡ ଆପଲ ବେର୍ ଫଳାଇ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ।**

ବିଦେଶୀ କୋଳି ଥାଇଲାଣ୍ଡ ଆପଲ ବେର । ଏହା ପାଟିକୁ ଯେମିତି ସୁଆଦିଆ ସେମିତି ସ୍ୱାସ୍ଥ୍ୟକର ମଧ୍ୟ । ବଜାରରେ ଏହାର ଚାହିଦା ଭଲ ରହିଛି । ୟୁଟ୍ୟୁବ୍‌ରୁ ଏହି କୋଳି ବିଷୟରେ ଜାଣି ଉର୍ମିଳା ଏହାକୁ ଚାଷ କରିବାକୁ ମନ ବଳାଇଥିଲେ । ଏଥିପାଇଁ ସେ ୨୦୨୪ ମସିହା ମାର୍ଚ୍ଚ ମାସରେ ଅନ୍‌ଲାଇନ୍‌ରୁ ୧୫୦ଟି ଥାଇଲାଣ୍ଡ ଆପଲ ବେର ଚାରା ମଗାଇଥିଲେ । ଏହି ବିଦେଶୀ କୋଳିର ଦୁଇଟି କିସମ ଯଥା- ରେଡ୍ କାଶ୍ମୀର ଆପଲ ବେର ଓ ବଲସୁନ୍ଦରୀ ବେର ରହିଥିଲା । ଏହି ଚାରାକୁ ସେ ତାଙ୍କ ୧୫ ଗୁଣ୍ଠ ଜମିରେ ଲଗାଇ ଯତ୍ନ ନେଇଥିଲେ । ଏବେ ଆପଲ ବେର ଗଛରେ କୋଳି ଭର୍ତ୍ତି ହୋଇଛି । ଉର୍ମିଳା କୁହନ୍ତି, ଗଛ ଲଗାଇବାର ମାତ୍ର ୬ ମାସ ପରେ ଫୁଲଧରି କଷି ହେବା ଆରମ୍ଭ କରିଥିଲା । ଗଛକୁ ମାଙ୍କଡ଼ ଓ ଅନ୍ୟ



ଜନ୍ତୁଙ୍କ କବଳରୁ ସୁରକ୍ଷା ଦେବା ପାଇଁ ସେ ଚାରିପଟେ ବାଡ଼ ଦେବା ସହ ଜାଲ ବାନ୍ଧିଥିଲେ । ସ୍ୱାମୀ ଲକ୍ଷ୍ମୀଧର ମଧ୍ୟ କୋଳି କ୍ଷେତର ଯତ୍ନନେବାରେ ତାଙ୍କୁ ସାହାଯ୍ୟ କରିଥିବା ସେ କୁହନ୍ତି । ଗତ ଜାନୁଆରୀ ମାସ ଶେଷ ବେଳକୁ କୋଳିଗୁଡ଼ିକ ପାକଳ ହେବାକୁ ଲାଗିଥିଲା । ଏହାକୁ ସେ କିଲୋ ପ୍ରତି ୧୦୦ ଟଙ୍କା ଦରରେ ବିକ୍ରି କରୁଥିବା ପ୍ରକାଶ କରିଛନ୍ତି ।

ଉର୍ମିଳା ଜମିରେ ରାସାୟନିକ ସାର ବଦଳରେ ଜୈବିକ ଗୋବର ଖତ ପ୍ରୟୋଗ କରନ୍ତି । ଏହି ଚାଷ ପାଇଁ ଅଦ୍ୟାବଧି ୩୫ ହଜାର ଟଙ୍କା ଖର୍ଚ୍ଚ କରିଥିଲେ । ହେଲେ ପ୍ରଥମ ବର୍ଷର ଫଳ ଉତ୍ପାଦନରେ ତାଙ୍କର ଖର୍ଚ୍ଚର ଭରଣା ହୋଇଯାଇଥିବା ସେ କହିଛନ୍ତି । ଉର୍ମିଳା କୁହନ୍ତି, "ଏହି କୋଳି ବେଶ୍ ସ୍ୱାଦିଷ୍ଟ ହୋଇଥିବାରୁ ସ୍ଥାନୀୟ ଲୋକେ କ୍ଷେତ ନିକଟରେ ପହଞ୍ଚି କିଣି ନେଇଯାଇଥାନ୍ତି । ଏହାର ବଜାର ଚାହିଦା ଅଧିକ ଥିବାରୁ ଆସନ୍ତା ବର୍ଷକୁ ସେ ଅଧିକ ଜମିରେ ଏହି କୋଳିର ଚାରା ଲଗାଇବେ ବୋଲି କହିଛନ୍ତି । ଏହି ବିଦେଶୀ କୋଳିକୁ ଅନ୍ୟମାନେ ଚାଷ କରି ଲାଭବାନ ହୋଇପାରିବେ ବୋଲି ଉର୍ମିଳା ପରାମର୍ଶ ଦେଇଛନ୍ତି ।

- ପ୍ରମୋଦ କୁମାର ପ୍ରଧାନ, ଡେରାବିଶ



### ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ୍

## ସେମିଫାଇନାଲରେ ସହିଦ୍ ସ୍ପୋର୍ଟିଂ



**ଭୁବନେଶ୍ୱର,୩।୩(ସମିସ):** ସହିଦ୍ ନଗରର ସହିଦ୍ ସ୍ପୋର୍ଟିଂ କ୍ଲବ୍ ୭ ୱିକେଟରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ପୁରୁଣା ଭୁବନେଶ୍ୱରସ୍ଥିତ ମୂଳା ପଡିଆରେ ଚାଲିଥିବା ପ୍ରଥମ ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଅପରାଜିତ ୬୪ ରନ୍ କରିବା ସହ ୨ଟି ୱିକେଟ ନେଇଥିବା ସହିଦ୍ ସ୍ପୋର୍ଟିଂର ଶୁଭମ ଶତ୍ରୁଜିତ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଖେଳ ପରେ ସ୍ଥାନୀୟ ବା ୱାର୍ଡ ନଂ ୬୦ର କର୍ପୋରେଟର ଚନ୍ଦ୍ରଶେଖର ମଲିଆ ଅତିଥିଭବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ରାମେଶ୍ୱର କ୍ରିକେଟ କ୍ଲବ୍ ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ।

ସୋମବାର ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ବି'ର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର ନିର୍ଦ୍ଧାରିତ ୩୫ ଓଭରରେ ୮ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଦଳ ପକ୍ଷରୁ ତନୟ ବିଶ୍ୱାଳ ୭୦, ରୀତେଶ ସାହୁ ୫୪ ଓ ସନ୍ଦୀପ ପଟ୍ଟନାୟକ ୩୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ପାର୍ଥସାରଥୀ ନାୟକ ୩ଟି, ଶୁଭମ ଶତ୍ରୁଜିତ ୨ଟି ୱିକେଟ ପାଇଥିଲେ। ଜବାବରେ ସହିଦ୍ ସ୍ପୋର୍ଟିଂ ୩୧ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଶୁଭମ ସର୍ବାଧିକ ଅପରାଜିତ ୬୪, ବିଶ୍ୱଭୂଷଣ ମୁଦୁଲି ୫୬, ସୁଶିଲ ବାରିକ ଅପରାଜିତ ୩୬ ରନ୍ କରିଥିଲେ। ମୁକ୍ତେଶ୍ୱର ପକ୍ଷରୁ ଜୀବନ କୁମାର ଜେନା ୨ଟି ୱିକେଟ ପାଇଥିଲେ। ଏହି ମ୍ୟାଚ୍‌କୁ ଓସିଏ ଅମ୍ପାୟାର ଶରତ ସାହୁ ଓ ସୁଶାନ୍ତ ଦାସ ପରିଚାଳନା କରିଥିଲେ।

### ● ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଟେନିସ୍

## ମୁଖ୍ୟ ଡ୍ରରେ ଓଡ଼ିଶାର ଦେବାଶିଷଙ୍କ ବିଜୟ

**ଭୁବନେଶ୍ୱର,୩।୩(ସମିସ):** ଓଡ଼ିଶାର ଦେବାଶିଷ ସାହୁ ଏଠାରେ ଚାଲିଥିବା ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଏଆଇଟିଏ ଟେନିସ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଡ୍ର'ର



ଏକକ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ସୋମବାର ଖେଳିଥିବା ଓଡ଼ିଶାର ଅନ୍ୟ ସମସ୍ତ ଖେଳାଳି ପରାଜିତ ହୋଇଛନ୍ତି। ସେମାନେ ହେଲେ ପ୍ରତ୍ୟୁଷ ମହାନ୍ତି, ଶୁଭମ ଷଡଙ୍ଗୀ ଓ ଆଦିତ୍ୟ ଶତପଥୀ। ଦେବାଶିଷ ଲଢୁଆ ଖେଳ ପ୍ରଦର୍ଶନ କରି ଦିଲ୍ଲୀର ରିକି ଚୌଧୁରୀଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ସେ ୬-୨, ୬-୩ ସିଧାସଳଖ ସେଟ୍‌ରେ ଜିତିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିର ଲକ୍ଷ୍ୟ ତୁଗ୍, ତନିକ ଗୁପ୍ତା, ଦିଲ୍ଲୀର ମୋକ୍ଷ ପୁରୀ, ତୁଷାର ମିତ୍ତଲ, ଟପ୍ ସିଡ୍ ହରିୟାଣାର ଉଦିତ କାମ୍ବୋଜ, ତାମିଲନାଡୁର ମୁକିଲ ରମନନ ଓ ଓଗେସ୍ ଥେୟୋଜ ଜୟ ପ୍ରକାଶ, ପଶ୍ଚିମବଙ୍ଗର ଅବିନାଶ ବୋର୍ଥାକୁର, ୟୁପିର ଆନନ୍ଦ ପ୍ରକାଶ ଗୁପ୍ତା ପ୍ରମୁଖ ପୁରୁଷ ଏକକର ବିଜୟୀ ହୋଇଛନ୍ତି। ଏମ୍‌ଓଏସ୍‌ଏଫ ଓ ଓଡ଼ିଶା ଟେନିସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ୨.୫ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ପୁରୁଷ ଟେନିସ ପ୍ରତିଯୋଗିତା ମାର୍ଚ୍ଚ ୭ରେ ଶେଷ ହେବ।

## ଟପ୍-୧୦କୁ ଫେରିଲେ ସିତ୍‌ସିପାସ

**ଲଣ୍ଡନ, ୩।୩ (ଏଜେନ୍ସି):** ଗ୍ରୀକ୍‌ର ଷ୍ଟିଫାନୋସ୍ ସିତ୍‌ସିପାସ ଆସୋସିଏସନ ଅଫ୍ ଟେନିସ ପ୍ରଫେସନାଲ (ଏଟିପି) ପକ୍ଷରୁ ସଦ୍ୟପ୍ରକାଶିତ ର୍ୟାଙ୍କିଙ୍ଗରେ ଟପ୍-୧୦କୁ ଫେରିଛନ୍ତି। ଦୁବାଇ ଏଟିପି-୫୦୦ ଟେନିସରେ ଚାମ୍ପିଅନ ହେବାପରେ ସିତ୍‌ସିପାସ ୨ଟି ପାହାଚ ଉପରକୁ ଉଠି ୯ମ ସ୍ଥାନରେ ରହିଛନ୍ତି। ୨୬ ବର୍ଷୀୟ ସିତ୍‌ସିପାସ ଗତ ମେ ମାସରୁ ଟପ୍-୧୦ରୁ ବାଦ୍ ପଡ଼ିଆସୁଥିଲେ। ଇଟାଲୀର ଜାନ୍ନିକ ସିନ୍ନର ତାଲିକାର ଶୀର୍ଷରେ ରହିଥିବାବେଳେ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ, ସ୍ପେନର କାର୍ଲୋସ ଆଲ୍‌କାରାଜ, ଆମେରିକାର ଟେଏର ଫ୍ରିଜ ଓ ନରୱେର କାସ୍ପର ରୁଡ୍ ଯଥାକ୍ରମେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ଅପରପକ୍ଷରେ ମହିଳା ଟେନିସ ର୍ୟାଙ୍କିଙ୍ଗରେ ଆମେରିକାର ଇମ୍ମା ନାଭାରୋ କ୍ୟାରିୟର ଶ୍ରେଷ୍ଠ ୮ମ ସ୍ଥାନ ହାସଲ କରିଛନ୍ତି।

### ରଣଜୀ ଟ୍ରଫି ୨୦୨୪-୨୫

# କାମ୍ବୋଜଙ୍କ ପରଫେକ୍ଟ-୧୦; ହର୍ଷଙ୍କ ରେକର୍ଡ

**ନୂଆଦିଲ୍ଲୀ, ୩।୩ (ଏଜେନ୍ସି)**

ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୦ତମ ସଂସ୍କରଣ ସଫଳତାର ସହ ଶେଷ ହୋଇଛି। ୧୧ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟର ଫାଇନାଲ ୨୬ ଫେବୃଆରୀରେ ସମାପ୍ତ ହୋଇଥିଲା। ୩୮ଟି ଦଳ ଏହି ସଂସ୍କରଣରେ ଭାଗନେଇଥିବାବେଳେ ମୋଟ୍ ୧୩୮ଟି ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲ ମୁକାବିଲାରେ କେରଳ (୩୪୨ ରନ) ବିପକ୍ଷରେ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ବିଦର୍ଭ (୩୭୯ ରନ) ଚାମ୍ପିଅନ ଘୋଷିତ ହୋଇଥିଲା। ଫଳରେ ବିଦର୍ଭ ରଣଜୀ ଇତିହାସରେ ୩ୟଥର ଲାଗି ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ବିଜୟୀ ଦଳର ଦାନିଶ ମାଲେୱର ଫାଇନାଲର ଉଭୟ ପାଳିରେ ଯଥାକ୍ରମେ ୧୫୩ ଓ ୭୩ ରନର ପାଳି ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରଣଜୀ ଟ୍ରଫିର ଏହି ସଂସ୍କରଣରେ କିଛି ଉଲ୍ଲେଖନୀୟ ପରିସଂଖ୍ୟାନ ଉପରେ ନଜର ପକାଇବା।



### ■ କାମ୍ବୋଜଙ୍କ ୧୦ ୱିକେଟ୍ ସଫଳତା

ହରିୟାଣାର ଡାହାଣହାତୀ ଦ୍ରୁତ ବୋଲର ଅଂଶୁଲ କାମ୍ବୋଜ ଏହି ସିଜନରେ ଗୋଟିଏ ପାଳିରେ ସମସ୍ତ ୧୦ଟି ଯାକ ୱିକେଟ୍ ନେଇ ଏକ ବିରଳ ସଫଳତା ପାଇଥିଲେ। ରୋହତକରେ କେରଳ ବିପକ୍ଷ ମ୍ୟାଚରେ ସେ ଏହି ପରଫେକ୍ଟ-୧୦ ଅର୍ଜନ କରିଥିଲେ। ରଣଜୀ ଟ୍ରଫି ଇତିହାସରେ ୩ୟ ବୋଲର ଭାବେ ସେ ଗୋଟିଏ ପାଳିରେ ସମସ୍ତ ୧୦ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରିବାର ରେକର୍ଡ କରିଥିଲେ। ଅଂଶୁଲଙ୍କ ପରେ ଏହି ରଣଜୀ ଟ୍ରଫିରେ ଗୋଟିଏ ପାଳିରେ ଅନ୍ୟତମ ଶ୍ରେଷ୍ଠ ବୋଲିଂ ଫିଗର ଗୁଜରାଟର ସିଦ୍ଧାର୍ଥ ଦେଶାଇ (୯/୩୬ ବନାମ ଉତ୍ତରାଖଣ୍ଡ) ପାଇଥିଲେ।

### ■ ସ୍ପିନରଙ୍କ ପ୍ରଭାବ

ଏଥର ରଣଜୀ ଟ୍ରଫିରେ ସ୍ପିନରଙ୍କ ପ୍ରଭାବ ଦେଖିବାକୁ ମିଳିଥିଲା। ୫ ସର୍ବାଧିକ ୱିକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ୪ଜଣ ସ୍ପିନର ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣ ବାମହାତୀ ସ୍ପିନର। ବିଦର୍ଭର ବାମହାତୀ ସ୍ପିନର ହର୍ଷ ଦୁବେ ସର୍ବାଧିକ ୬୯ ୱିକେଟ୍ ନେଇଥିବାବେଳେ ଅନ୍ୟ କେହି ୪୫ ଅଙ୍କ ଛୁଇଁପାରି ନ ଥିଲେ। ଜମ୍ମୁ କଶ୍ମୀର ଦ୍ରୁତ ବୋଲର ଆକିବ ନବୀ ଓ ମୁମ୍ବାଇର ବାମହାତୀ ସ୍ପିନର ସାମ୍ସ ମୁଲାନୀ ୪୪ଟି ଲେଖାଏ ୱିକେଟ୍ ନେଇଛନ୍ତି। ସେହିଭଳି ସୌରାଷ୍ଟ୍ର ଅଫ୍-ସ୍ପିନର ଧର୍ମେନ୍ଦ୍ର ଜାଡେଜା ଓ କେରଳର ଜଲଜ ସକ୍ସେନା ୪୦ଟି ଲେଖାଏ ୱିକେଟ୍ ହାସଲ କରିଛନ୍ତି।

### ■ ବ୍ୟାଟର୍‌ଙ୍କ ମଧ୍ୟରେ ବିଦର୍ଭର ରାଜୁତି

ବିଦର୍ଭକୁ ୩ୟଥର ଲାଗି ରଣଜୀ ଚାମ୍ପିଅନ କରାଇବାରେ ଏହାର ବ୍ୟାଟର୍‌ଙ୍କ ପ୍ରମୁଖ ଭୂମିକା ରହିଥିଲା। ଏଥର ରଣଜୀ ଟ୍ରଫିରେ ସର୍ବାଧିକ ସ୍କୋର କରିଥିବା ଶୀର୍ଷ-୫ ବ୍ୟାଟର୍‌ଙ୍କ ମଧ୍ୟରେ ୩ଜଣ ବିଦର୍ଭର ଖେଳାଳି। ୟଶ ରାଠୋଡ ୧୦ ମ୍ୟାଚ୍ ଖେଳି ୫୩.୩୩ ହାରରେ ୯୬୦ ରନ ସଂଗ୍ରହ କରିଛନ୍ତି। ବ୍ୟାଟିଂ ତାଲିକାରେ ସେ ଶୀର୍ଷରେ ରହିଛନ୍ତି। ଏହି ସିଜନରେ ସେ ସର୍ବାଧିକ ୫ ଶତକ ହାସଲ କରିଥିଲେ। ସେହିଭଳି ବିଦର୍ଭର ଆଉ ୨ ବ୍ୟାଟର୍ କରୁଣ ନାୟାର ୮୬୩ ରନ ସହ ୪ର୍ଥ ଓ ଦାନିଶ ମାଲେୱର ୭୮୩ ରନ ସହ ୫ମ ସ୍ଥାନ ହାସଲ କରିଛନ୍ତି। ମଧ୍ୟପ୍ରଦେଶ ଅଧିନାୟକ ଶୁଭମ ଶର୍ମା ୯୪୩ ରନ ସହିତ ୨ୟ ଓ ହାଇଦରାବାଦ୍‌ର ତନ୍ମୟ ଅଗରୱାଲ ୯୩୪ ରନ ସହ ୩ୟ ସ୍ଥାନରେ ରହିଛନ୍ତି।

### ■ ହର୍ଷଙ୍କ ରେକର୍ଡ ବୋଲିଂ



ରଣଜୀ ଟ୍ରଫି ଇତିହାସରେ ଗୋଟିଏ ସଂସ୍କରଣରେ ସର୍ବକାଳୀନ ସର୍ବାଧିକ ୱିକେଟ୍ ନେବାର ବିରଳ ରେକର୍ଡ ବିଦର୍ଭର ବାମହାତୀ ସ୍ପିନର ହର୍ଷ ଦୁବେ ହାସଲ କରିଛନ୍ତି। ଏହି ସିଜନରେ ସେ ୧୦ ମ୍ୟାଚ୍ ଖେଳି ମୋଟ୍ ରେକର୍ଡ ୬୯ ୱିକେଟ୍ ନେଇଥିଲେ। ସେ ୭ଥର ପାଞ୍ଚ ୱିକେଟ୍ ଏବଂ ୩ଥର ୪ ୱିକେଟ୍ ସଫଳତା ପାଇଥିଲେ। ପୂର୍ବରୁ ଗୋଟିଏ ସଂସ୍କରଣରେ ସର୍ବାଧିକ ୱିକେଟ୍ ନେବାର ରେକର୍ଡ ବିହାରର ଆଶୁତୋଷ ଅମନ (୬୮ଟି)ଙ୍କ ନାମରେ ରହିଥିଲା। ବୋଲିଂ ବ୍ୟତୀତ ଦୁବେ ବ୍ୟାଟିଂରେ ମଧ୍ୟ ଛାପ ଛାଡ଼ିବାରେ ସଫଳ ହୋଇଥିଲେ। ସେ ୫ଟି ଅର୍ଦ୍ଧଶତକ ସହ ୪୭୬ ରନ ସଂଗ୍ରହ କରିଥିଲେ। ଏହି ଆଖିଦୃଶିଆ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଦୁବେଙ୍କୁ ଚଳିତ ରଣଜୀ ଟ୍ରଫିର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

### ରେକର୍ଡ



● **ତ୍ରିଶତକ:** ରାଜସ୍ଥାନର ମହିପାଲ୍ ଲୋମରର ରଣଜୀ ଟ୍ରଫିର ଏହି ସଂସ୍କରଣରେ ଏକମାତ୍ର ବ୍ୟାଟର୍ ଭାବେ ତ୍ରିଶତକ ଅର୍ଜନ କରିଥିଲେ। ଉତ୍ତରାଖଣ୍ଡ ବିପକ୍ଷରେ ସେ ଅପରାଜିତ ୩୦୦ ରନର ପାଳି ଖେଳିଥିଲେ।

● **୨୧ ଛକା:** ଉତ୍ତରାଖଣ୍ଡର ଯୁବରାଜ ଚୌଧୁରୀ ଏଥର ସର୍ବାଧିକ ୨୧ ଛକା ମାରି ରେକର୍ଡ ତାଲିକାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ଚଣ୍ଡିଗଡ଼ର ରାଜ ବାୱା ଓ ଶିଭମ ଭାମ୍ବ୍ରୀ, ଜମ୍ମୁ କଶ୍ମୀରର ଅବଦୁଲ୍ ସାମାଦ ୨୦ଟି ଲେଖାଏ ଛକା ମାରିଥିଲେ।

● **୩୨ ଡିସ୍‌ମିସ୍:** ଆନ୍ଧ୍ର ପ୍ରଦେଶ କେଏସ୍ ଭରତ ଏଥର ରଣଜୀ ଟ୍ରଫିରେ ସବୁଠୁ ସଫଳ ୱିକେଟ୍‌ରକ୍ଷକ ରହିଥିଲେ। ସେ ୱିକେଟ୍ ପଛରେ ସର୍ବାଧିକ ୩୨ ଡିସ୍‌ମିସ୍ କରିଥିଲେ।

● **୬୭୪/୬ ଘୋଷଣା:** ଦିଲ୍ଲୀ ବିପକ୍ଷ ମ୍ୟାଚରେ ତାମିଲନାଡୁ ୬ ୱିକେଟ୍‌ରେ ୬୭୪ ରନ ସଂଗ୍ରହ କରି ପାଳି ଘୋଷଣା କରିଥିଲା। ଗୋଟିଏ ପାଳିରେ ଏଥର ରଣଜୀ ଟ୍ରଫିରେ ଏହା ସର୍ବାଧିକ ରନ ଥିଲା। ଏଥର ମୋଟ୍ ୮ଥର ୬୦୦ରୁ ଊର୍ଦ୍ଧ୍ୱ ରନ ସଂଗୃହିତ ହୋଇଥିଲା।

● **୪୩୯ ରନ ବିଜୟ:** ବରୋଦା ବିପକ୍ଷ ମ୍ୟାଚକୁ ମହାରାଷ୍ଟ୍ର ୪୩୯ ରନର ବୃହତ୍ ବ୍ୟବଧାନରେ ଜିତିଥିଲା। ଅନ୍ୟ କୌଣସି ଦଳ ଏଥର ୩୦୦ରୁ ଊର୍ଦ୍ଧ୍ୱ ରନ ବ୍ୟବଧାନରେ ବିଜୟ ହାସଲ କରିପାରି ନ ଥିଲେ।

● **୩୭୬ ରନ ଭାଗୀଦାରି:** କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ବିପକ୍ଷରେ ସର୍ଭିସେସର ଦୁଇ ବ୍ୟାଟର୍ ସୂରଜ ବଶିଷ୍ଠ ଓ ଶୁଭମ ରୋହିଲା ଓପନିଂ ଯୋଡ଼ିରେ ୩୭୬ ରନ ସଂଗ୍ରହ କରି ଦଳକୁ ୧୦ ୱିକେଟ୍‌ରେ ଜିତାଇଥିଲେ। ବିଶ୍ୱରେ ପ୍ରଥମଶ୍ରେଣୀ କ୍ରିକେଟ୍ ଇତିହାସରେ ରନ୍ ଚେଜ୍ କଲାବେଳେ ଏହା ଓପନିଂ ୱିକେଟ୍‌ରେ ସର୍ବବୃହତ୍ ଭାଗୀଦାରି ହୋଇଥିଲା।

### ■ ରାଜ୍ୟ ବରିଷ୍ଠ ଭଲିବଲ୍ ୨୦ରୁ

## ଭାଗନେବେ ୩୫ ପୁରୁଷ, ୨୫ ମହିଳା ଦଳ

**ଭୁବନେଶ୍ୱର, ୩।୩ (ସମିସ):** ରାଜ୍ୟ ବରିଷ୍ଠ ଭଲିବଲ୍ ଚାମ୍ପିଅନସିପ୍‌ର ୭୧ତମ ସଂସ୍କରଣ ମାର୍ଚ୍ଚ ୨୦ରୁ କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହେବ। ମାର୍ଚ୍ଚ ୨୩ରେ ଉଦ୍‌ଯାପିତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ଏଥର ୩୫ଟି ପୁରୁଷ ଓ ୨୫ଟି ମହିଳା ଭଲିବଲ୍ ଦଳ ଅଂଶଗ୍ରହଣ କରିବ। ଯେଉଁଥିରେ ପୁରୁଷରେ ୫୨୫ ଓ ମହିଳାରେ ୩୭୫ ଖେଳାଳିଙ୍କ ସମେତ ୭୫ଜଣ ଅଫିସିଆଲ୍ ପରିଚାଳନାରେ ସହଯୋଗ କରିବେ। ଏହି ଭଲିବଲ୍ ଚାମ୍ପିଅନସିପ୍‌ର ଗତ ଦୁଇଟି ସଂସ୍କରଣ କନ୍ଧମାଳରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏଥର ଚାମ୍ପିଅନସିପ୍‌କୁ ସଫଳତାର ସହ ଆୟୋଜନ କରିବାକୁ କିଟ୍ ପକ୍ଷରୁ ସମସ୍ତ ସହଯୋଗ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ପ୍ରତିଶ୍ରୁତି ଦେଇଥିବା ଓଡ଼ିଶା ଭଲିବଲ୍ ସଂଘ ପକ୍ଷରୁ କୁହାଯାଇଛି।

### ତମାଣ୍ଡୋ କପ୍ ଟି-୨୦ କ୍ରିକେଟ୍

## ଯୁବା ରକ୍‌ଷ୍ଟାର୍ସର କ୍ରମାଗତ ବିଜୟ

**ଭୁବନେଶ୍ୱର,୩।୩ (ସମିସ):** ଭୁବନେଶ୍ୱରର କନିକା ୱାରିୟର୍ସକୁ ୫ ୱିକେଟରେ ପରାସ୍ତ କରି ପାତ୍ରପଡ଼ାର ଯୁବା ରକ୍‌ଷ୍ଟାର୍ସ ଏଠାରେ ଚାଲିଥିବା ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ତମାଣ୍ଡୋ କ୍ରିକେଟ କ୍ଲବ୍ ପଡ଼ିଆରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କନିକା ୱାରିୟର୍ସ ୮ ୱିକେଟରେ ୧୫୦ ରନ୍ କରିଥିଲା। ଜବାବରେ ରକ୍‌ଷ୍ଟାର୍ସ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହା ଫଳରେ ରକ୍‌ଷ୍ଟାର୍ସ ୨ଟି ମ୍ୟାଚ୍‌ର ଦ୍ୱିତୀୟ ବିଜୟ ସହ ସେମିଫାଇନାଲ ଖେଳିବା ନିକଟରେ ପହଞ୍ଚିଛି। ଅନ୍ୟପକ୍ଷରେ କ୍ରମାଗତ ତୃତୀୟ ପରାଜୟ ସହ କନିକା ୱାରିୟର୍ସ ଏହି ପ୍ରତିଯୋଗିତାରୁ ବିଦାୟ ନେଇଛି। ଏହି ମ୍ୟାଚ୍‌ରେ ବିଜୟୀ ଦଳର ଟୁକୁନା ସାହୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ବ୍ୟାଟିଂରେ ୩୩ଟି ବଲ୍‌ରୁ ୭୧ ରନ୍ କରିବା ସହ ୨୭ ରନ୍‌ରେ ଗୋଟିଏ ୱିକେଟ ନେଇ ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଶାଜ୍ୟୋତି ପଲ୍ଲୀ କ୍ଲିନିକ୍‌ର ପ୍ରଦୀପ୍ତ କୁମାର ରାୟ ଅତିଥିଭାବେ ଯୋଗଦଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ଏମ୍‌ଏମ୍‌ସିସି ସମ୍ବଲପୁର ଓ ଟିସିସି, ଭୁବନେଶ୍ୱର ମଧ୍ୟରେ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳାଯିବ। ୨ଟି ମ୍ୟାଚ୍ ଜିତିଥିବା ସମ୍ବଲପୁର ଏହି ମ୍ୟାଚ୍ ଜିତିଲେ ସେମିଫାଇନାଲକୁ ଉନ୍ନୀତ ହେବ।



ତମାଣ୍ଡୋ କ୍ରିକେଟ କ୍ଲବ୍ ପଡ଼ିଆରେ ସୋମବାର ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି କନିକା ୱାରିୟର୍ସ ୮ ୱିକେଟରେ ୧୫୦ ରନ୍ କରିଥିଲା। ଦଳ ପକ୍ଷରୁ ଦେବବ୍ରତ ପ୍ରଧାନ ୩୬ ବଲ୍‌ରେ ୪୫ ଓ ସତ୍ୟରଞ୍ଜନ ସାମଲ ୨୩ବଲ୍‌ରେ ୩୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସେକ୍ ସଲମାନ ଓ ସିଦ୍ଧାର୍ଥଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ରକ୍‌ଷ୍ଟାର୍ସ ମାତ୍ର ୧୩ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ଟୁକୁନା ସାହୁ ୩୩ ବଲ୍‌ରୁ ୯ ଚୌକା ଓ ୫ ଛକା ସହ ସର୍ବାଧିକ ୭୧ ରନ୍ କରିଥିଲେ। ଆଶିଷ ରାୟ ମାତ୍ର ୧୯ ବଲ୍ ଖେଳି ୩ ଚୌକା ଓ ୪ ଛକା ସହାୟତାରେ ୪୨ ରନ୍ କରିଥିଲେ। ପରାଜିତ କନିକା ୱାରିୟର୍ସ ପକ୍ଷରୁ ରଶ୍ମିରଞ୍ଜନ ସାହୁ ଓ ଶୁଭାଶିଷ ରାଉତରାୟ ୨ଟି ଲେଖାଏଁ ୱିକେଟ ପାଇଥିଲେ ମଧ୍ୟ ଦଳର ବିଜୟରେ ଏହା ପର୍ଯ୍ୟାପ୍ତ ହୋଇ ନଥିଲା।

### ■ ଯୁବା ବାସ୍କେଟ୍‌ବଲ୍ ଓପନ୍ ପ୍ରତିଯୋଗିତା ଉଦ୍‌ଯାପିତ

# କୋଲକାତା ମେଟ୍ରୋ ରେଲ୍‌ୱେ ଚାମ୍ପିଅନ



**ଭୁବନେଶ୍ୱର,୩।୩(ସମିସ)**

ସହିଦ୍‌ନଗରର ସନ୍‌ସାଇନ୍ ଯୁବା ବାସ୍କେଟବଲ୍ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ସ୍ଥିତ ଇମ୍ପା ପାର୍କଠାରେ ଆୟୋଜିତ ୧୪ତମ ଯୁବା ବାସ୍କେଟ ବଲ୍ ଓପନ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲରେ କୋଲକାତାର ମେଟ୍ରୋ ରେଲ୍‌ୱେ ଚାମ୍ପିଅନ୍ ଓ ଘରୋଇ ସନ୍‌ସାଇନ୍ ଯୁବ ଦଳ ରନର୍ସ ଅପ୍ ହୋଇଛନ୍ତି। ପ୍ରତିଯୋଗିତାର ଶେଷରେ ସାମାଜିକ କର୍ମୀ ନାରାୟଣ ପାତ୍ର ଅତିଥିଭାବେ ଯୋଗ ଦେଇ ଚାମ୍ପିଅନ୍ ଟିମ୍ ମେଟ୍ରୋ ରେଲ୍‌ୱେ ଟ୍ରଫି ସହ ୩୦ହଜାର ଓ ରନର୍ସ ଅପ୍ ସନ୍‌ସାଇନ୍ ଯୁବା ବାସ୍କେଟବଲ୍ ଟିମକୁ ଟ୍ରଫି ସହ୍ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଛତିଶଗଡ ବିଲାସପୁରର ନିକେତନ ସ୍ପୋର୍ଟସ ତୃତୀୟ ସ୍ଥାନ ସହ ୫ ହଜାର ନଗଦ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିଶୁ କ୍ରୀଡାବିତ୍ ବାଦଲ ନାୟକ, ଓମ୍ ସ୍ଥିତପ୍ରଜ୍ଞ ଏବଂ ଅନ୍ୱେଷା ସୁବୁଦ୍ଧିଙ୍କୁ ସେମାନଙ୍କ କୃତି ପାଇଁ ମଧ୍ୟ ପ୍ରୋତ୍ସାହିତ କରାଯିବା ସହ ସମ୍ମାନିତ କରାଯାଇଥିଲା। ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ବାସ୍କେଟବଲ ପ୍ରତିଯୋଗିତାରେ ମୋଟ ୪ଟି ଗ୍ରୁପ୍‌ରେ ୧୨ଟି ଟିମ୍ ଭାଗ ନେଇଥିଲେ। ପ୍ରଥମ ସେମି ଫାଇନାଲ ମେଟ୍ରୋ ରେଲୱେ ୫୬-୪୧ରେ ପାନ୍ଥସକୁ ଓ ଦ୍ୱିତୀୟ ସେମିଫାଇନାଲ ଯୁବା ଟିମ୍ ୪୫-୪୨ରେ ନିକେତନ ସ୍ପୋର୍ଟସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ମେଟ୍ରୋ ରେଲ୍‌ୱେ ୪୫-୪୨ରେ ଘରୋଇ ଦଳ ଯୁବାକୁ ହରାଇ ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ମେଟ୍ରୋ ରେଲୱେର ସନତ୍ ସିଂହ ଫାଇନାଲର ଓ ଟୁର୍ଣ୍ଣାମେଣ୍ଟ ର ଶ୍ରେଷ୍ଠ ଖେଳାଳି ପୁରସ୍କାର ସହିଦ୍ ଖାନ୍‌ଙ୍କୁ ମିଳିଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜାନା ବ୍ୟାଙ୍କ କ୍ଷେତ୍ରୀୟ ପ୍ରବନ୍ଧକ ବିଶ୍ୱନାଥ ମହାପାତ୍ର, ସାମାଜିକକର୍ମୀ ରୁଦ୍ର ସାମନ୍ତରାୟ, କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାସ, ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର, କର୍ପୋରେଟର ରାଜ କିଶୋର ଦାସ, ଅନୁଷ୍ଠାନର ସଭାପତି ବିଶ୍ୱଜିତ୍ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଦେବେନ୍ଦ୍ର କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି

## ଓଡ଼ିଶା-ମେଘାଳୟ ଉଦ୍‌ଘାଟନୀ ମୁକାବିଲା



**କଟକ,୩।୩(ସମିସ):** ଚଳିତମାସ ୫ ତାରିଖରୁ ୨୩ବର୍ଷରୁ କମ୍ ମହିଳା ଜାତୀୟ ଏକଦିବସୀୟ ଟ୍ରଫି ଆରମ୍ଭ ହେବ। ପୁଡୁଚେରୀରେ ଲିଗ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଓଡ଼ିଶା ଖେଳିବ। ସେଠାକାର ସ୍ଲିମସ କ୍ରିକେଟ ଗ୍ରାଉଣ୍ଡରେ ମେଘାଳୟ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଅଲିପ୍ସା ବିଶ୍ୱାଳଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ଦଳ ଆଜି ପୁଡୁଚେରୀ ଅଭିମୁଖେ ଯାତ୍ରା କରିଛି। ଦଳରେ ତନ୍ମୟୀ ବେହେରାଙ୍କୁ ଉପଅଧିନାୟିକା ଦାୟିତ୍ୱ ମିଳିଛି। ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ଜୋୟସ ନାୟକ (ୱିକେଟ କିପର), ତନୱି ରାଞ୍ଜନା (ୱିକେଟ କିପର), ଅଙ୍କିତା ଗିରି, ଜି.ଏମ ଅଲକାନନ୍ଦ, କୁସୁମ ତିରିଆ, ଜ୍ୟୋତି କେ ପ୍ରସାଦ, ସ୍ୱର୍ଣ୍ଣଲତା ନାୟକ, ଭବାନୀ ଧଡ଼ା, ସୋନାଲି ହେମ୍ବ୍ରମ, ନର୍ମତା ସ୍ୱାଇଁ, ପ୍ରିୟଙ୍କା ବର୍ମା, କାଜଂଶୀ ଧ୍ରୀତ୍ୟ, ସୂର୍ଯ୍ୟସ୍ନାତା ସ୍ୱାଇଁ ସ୍ଥାନ ପାଇଛନ୍ତି।

ଓଡ଼ିଶା ତାହାର ଅନ୍ୟ ମ୍ୟାଚ୍ ଗୁଡ଼ିକ ମଧ୍ୟରୁ ସୌରାଷ୍ଟ୍ର ସହ ୭ରେ, ହରିୟାଣା ସହ ୯ରେ, କେରଳ ସହ ୧୧ରେ ଓ ପଞ୍ଜାବ ସହ ୧୩ରେ ମ୍ୟାଚ୍ ଖେଳିବ। କାଦମ୍ବିନୀ ମହାକୁଡ଼ ଓଡ଼ିଶା ଦଳର ହେଡ୍ କୋଚ୍ ରହିଛନ୍ତି।

## ଚାମ୍ପିଅନ୍ସ ଟ୍ରଫି : ଅଷ୍ଟ୍ରେଲିଆ ସହ ସେମିଫାଇନାଲ ଆଜି

# ପ୍ରତିଶୋଧ ଲକ୍ଷ୍ୟରେ ଭାରତ





**ଦୁବାଇ,୩।୩ (ଏଜେନ୍ସି):** ୨୦୧୫ ବିଶ୍ୱକପ୍ ସେମିଫାଇନାଲ ଓ ୨୦୨୩ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ହାରିଛି ଭାରତ। ଏଠାରେ ଆଇସିସିର ଆଉ ଏକ ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲରେ ଏହି ଦୁଇ ଦଳ ଆସନ୍ତାକାଲି ମୁହାଁମୁହିଁ ହେବେ। ଏହି ମ୍ୟାଚ୍ ପୂର୍ବରୁ ରୋହିତ ଶର୍ମାଙ୍କ ଭାରତୀୟ ଦଳ ବିଶ୍ୱକପ୍‌ର ପୂର୍ବ ଦୁଇଟି ପରାଜୟ କଥା ଭୁଲି ନାହିଁ। ଏଭଳି ସ୍ଥିତିରେ ଭଲ ଫର୍ମରେ ରହିଛି ଭାରତ। ଦୁବାଇରେ ସ୍ପିନ ଜାଲ ପକାଇ ଭାରତ ୩ଟି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଅଧାରୁ ଅଧିକ ପ୍ରଥମ ପସନ୍ଦର ଖେଳାଳିଙ୍କ ଅନୁପସ୍ଥିତିରେ ଦଳ କେବଳ ଗୋଟିଏ ମ୍ୟାଚ୍ ପୂରା ଖେଳିଛି। ଏହି ମ୍ୟାଚ୍‌ରେ ଦଳର ବ୍ୟାଟିଂ ବିସ୍ଫୋରଣ ଘଟାଇ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳକୁ ୩୫୧ ରନ୍‌ର ଟାର୍ଗେଟ୍‌କୁ ହାସଲ କରିଛି। ଦଳର ଅନ୍ୟ ଦୁଇଟି ମ୍ୟାଚ୍ ବାତିଲ ହୋଇଥିଲାବେଳେ ନବାଗତ ଖେଳାଳିମାନେ ମ୍ୟାଚ୍ ପ୍ରାକ୍ଟିସ ପାଇ ନାହାନ୍ତି। ଏସବୁ ସ୍ଥିତିରେ ଭାରତ ଏହି ମ୍ୟାଚ୍ ଲାଗି ପୂରା ପ୍ରସ୍ତୁତ ହୋଇଛି। ପ୍ରଥମ ପସନ୍ଦର ଖେଳାଳିଙ୍କ ଅନୁପସ୍ଥିତି ଓ ମ୍ୟାଚ୍ ପ୍ରାକ୍ଟିସ୍ ଅଭାବରେ ଅଷ୍ଟ୍ରେଲିଆ ଏହି ମ୍ୟାଚ୍ ଖେଳିବ। ଏହି ସମୟରେ ଭାରତ ଏହି ମୁକାବିଲାକୁ ଜିତି ପୂର୍ବ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

ଭାରତ ବିରୋଧରେ ଇଂଲଣ୍ଡ ବରିଷ୍ଠ ଖେଳାଳିଙ୍କ ଅଭିଯୋଗ ହେଉଛି ଭାରତ ଗୋଟିଏ ଭେନ୍ୟୁ ଅର୍ଥାତ୍ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ସମସ୍ତ ମ୍ୟାଚ୍ ଖେଳୁଛି। ଏହା ଫଳରେ ଦଳକୁ ଫାଇଦା ମିଳୁଛି। ଭିନ୍ନ ଭିନ୍ନ ପିଚ୍ କିମ୍ବା ପରିବେଶ ସହ ଭାରତୀୟ ଖେଳାଳିଙ୍କୁ ଖାପ୍ ଖୁଆଇବାକୁ ପଡୁ ନାହିଁ। ଇଂଲଣ୍ଡ ପୂରାତନ ଖେଳାଳିଙ୍କ ଏହି ଅଭିଯୋଗ ସତ ହେଉ କି ନ ହେଉ, ଭାରତ ଏଠାରେ ଅତି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଛି। ବ୍ୟାଟିଂ ହେଉ ଅବା ବୋଲିଂ, ଫ୍ଲାଟ୍ ପିଚ୍ ହେଉ ଅବା ନ୍ୟୁଜିଲାଣ୍ଡ ବିପକ୍ଷ ସ୍ଲୋ ପିଚ୍ ସବୁଥିରେ ଭାରତୀୟ ଖେଳାଳିଙ୍କର ପ୍ରଦର୍ଶନ ଉନ୍ନତ ହୋଇଛି। ଦଳର ବରିଷ୍ଠ ଓ କନିଷ୍ଠ, ଟପ୍ ଅର୍ଡର କିମ୍ବା ମିଡଲ ଓ ଲୋୟର ଅର୍ଡର ଭାରତୀୟ ବ୍ୟାଟର ଦଳକୁ ବିପଦରୁ ଉଦ୍ଧାର କରିଛନ୍ତି। ଏଣୁ ଦଳକୁ ଫାଇଦା ମିଳୁଛି ବୋଲି ଯାହା କୁହାଯାଉଛି ତାହାର କୌଣସି ଠୋସ୍ ଦମ୍ ନାହିଁ। ସେ ଯାହା ହେଉ ଅଷ୍ଟ୍ରେଲିଆ ସହ ଭାରତର ପୁରୁଣା ଶତ୍ରୁତା ରହିଛି। ଏଠାରେ ପ୍ରତିଶୋଧ ନେବାର ସମୟ ଆସିଛି। ଏଣୁ ରୋହିତ ଶର୍ମାଙ୍କ ଭାରତୀୟ ଦଳ କିପରି ଓ କେଉଁଭଳି ଏହି ମ୍ୟାଚ୍ ଜିତିବ ତାହାର ରଣନୀତି ପ୍ରସ୍ତୁତି କରିସାରିଛି।

ଏ ସମ୍ପର୍କରେ ଅଧିନାୟକ ରୋହିତ ଶର୍ମାଙ୍କ ମତ ହେଲା, ଯେ କୌଣସି ମ୍ୟାଚ୍ ଆମଲାଗି ଗୁରୁତ୍ୱପୂର୍ଣ୍ଣ। ଆମେ ଏକ ବିରାଟ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ନକ୍‌ଆଉଟ ମୁକାବିଲା ଖେଳିବାକୁ ଯାଉଛୁ। ଏଣୁ ଗତ ୩ଟି ମ୍ୟାଚ୍‌ରେ କ'ଣ ଖେଳିଛୁ ତାହା ଉପରେ ଗୁରୁତ୍ୱ ଦେଉନାହୁଁ। ଆସନ୍ତାକାଲି କିପରି ଖେଳିବୁ ତାହା ଆମ ଲାଗି ଗୁରୁତ୍ୱପୂର୍ଣ୍ଣ। ଆମର ବ୍ୟାଟିଂ ୟୁନିଟ ହେଉ ଅବା ବୋଲିଂ, କିମ୍ବା ଫିଲ୍ଡିଂ ସଫଳ ହେଲେ ଆମକୁ ମ୍ୟାଚ୍ ଜିତିବାରେ ଅନେକ ସାହାଯ୍ୟ କରିବ। ଏଣୁ ଆମେ ସବୁ ବିଭାଗ ଉପରେ ଗୁରୁତ୍ୱ ଦେଉଛୁ। ଅଷ୍ଟ୍ରେଲିଆ ଏକ ବଡ଼ ଦଳ। ଏହାକୁ ଗୋଟିଏ ସୁଯୋଗ ଦେବା ଅର୍ଥ ମ୍ୟାଚ୍ ହାତଛଡ଼ା କରିବା। ଏଣୁ ଆମେ ସତର୍କ ହୋଇ ଯେଉଁ ଯୋଜନା ବା ରଣନୀତି ପ୍ରସ୍ତୁତ କରିଛୁ ତାହାକୁ ଏହି ମ୍ୟାଚ୍‌ରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

**ମ୍ୟାଚ୍ ଆରମ୍ଭ**
ଅପରାହ୍ଣ ୨ଟା ୩୦

**ପ୍ରସାରଣ**
ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ ୧୮, ଡିଡି ସ୍ପୋର୍ଟ୍ସ

**ମୋବାଇଲ ଆପ୍**
ଜିଓଷ୍ଟାର

## ଦ୍ୱନ୍ଦ୍ୱ: ସ୍ପିନର ୩ ନା ୪

ଅଷ୍ଟ୍ରେଲିଆ ବିପକ୍ଷରେ ସେମିଫାଇନାଲ ଲାଗି ଦଳ ଚୟନକୁ ନେଇ ଭାରତୀୟ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ ପଡ଼ିଛି। ପାକିସ୍ତାନ ଓ ବାଂଲାଦେଶ ବିପକ୍ଷରେ ଭାରତ ୩ ପେସ୍ ଓ ୩ ସ୍ପିନରଙ୍କୁ ନେଇ ଖେଳିଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷରେ ୪ଜଣ ସ୍ପିନରଙ୍କୁ ଖେଳାଇ ସଫଳ ହେବା ପରେ ଦଳରେ ଆଉ କିଛି ପରିବର୍ତ୍ତନ ହେବ ବୋଲି ଆଶା କରାଯାଉ ନାହିଁ। ନ୍ୟୁଜିଲାଣ୍ଡ ଅପେକ୍ଷା ଅଷ୍ଟ୍ରେଲିଆ ସ୍ପିନ୍ ବୋଲରଙ୍କୁ ଖେଳିବାରେ ଅଧିକ ଦକ୍ଷ। କିନ୍ତୁ ସହାୟତା ଦେଉଥିବା ପିଚ୍‌ରେ ଭାରତୀୟ ସ୍ପିନରଙ୍କୁ ନ୍ୟୁଜିଲାଣ୍ଡ ଯେପରି ମୁକାବିଲା କରିଥିଲା ତାହା ବିଶ୍ୱରେ ଅନ୍ୟ କୌଣସି ଦଳ କରିନାହାନ୍ତି। ଏହା ଭିନ୍ନ ଫର୍ମାଟ। ଏବେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୪ଜଣ ସ୍ପିନରଙ୍କୁ ନେଇ ଖେଳିବ। ଏହାର ଅର୍ଥ ନ୍ୟୁଜିଲାଣ୍ଡ ବିପକ୍ଷରେ ଯେଉଁମାନେ ଖେଳିଥିଲେ ସେମାନେ ଏହି ମ୍ୟାଚରେ ଖେଳିବେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳରେ ୭ଜଣ ନୂଆ ଖେଳାଳି ସାମିଲ ହୋଇଥିଲାବେଳେ ଜଣେ ହେଲେ ଫ୍ରଣ୍ଟଲାଇନ୍ ପେସ୍ ବୋଲର ନାହାନ୍ତି। ଆଦାମ ଜାମ୍ପା ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଉପରେ ଦଳ ସ୍ପିନ ବୋଲିଂ ଲାଗି ନିର୍ଭର କରୁଛି। ମାଥ୍ୟୁ ସର୍ଟଙ୍କ ଆଘାତ ଜନିତ ବିଦାୟ ପରେ କୁପର କୋନୋଲି ଦଳରେ ସାମିଲ ହୋଇଛନ୍ତି। ସେ ଜଣେ ବାମହାତୀ ସ୍ପିନର ହୋଇଥିବାରୁ ଏହି ମ୍ୟାଚ୍ ଖେଳିବା ନିଶ୍ଚିତ। ଭାରତୀୟ ବ୍ୟାଟରଙ୍କୁ ଅଷ୍ଟ୍ରେଲୀୟ ପେସ୍ ବୋଲର ବିଶେଷ ଅସୁବିଧାରେ ପକାଇବେ ନାହିଁ ବୋଲି ଆଶା କରାଯାଉଛି।

## ସମ୍ଭାବ୍ୟ ଖେଳାଳି

**ଭାରତ :** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଅକ୍ଷର ପଟେଲ, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି ଓ ବରୁଣ ଚକ୍ରବର୍ତ୍ତୀ।

**ରିଜର୍ଭ** - ଋଷଭ ପନ୍ତ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା, ଅର୍ଶଦୀପ ସିଂହ।

**ଅଷ୍ଟ୍ରେଲିଆ :** ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ଷ୍ଟିଭେନ ସ୍ମିଥ୍ (ଅଧିନାୟକ), ମାର୍ନସ ଲାବୁସେନ୍, କୁପର କୋନୋଲି, ଆଲେକ୍ସ କାରେ, ଗ୍ଲେନ୍ ମ୍ୟାକ୍ସୱେଲ, ବେନ୍ ଡ୍ୱାରଶୁଇସ୍, ନାଥାନ ଏଲିସ୍, ସ୍ପେନସର ଜନସନ ଓ ଆଦାମ ଜାମ୍ପା।

## ବର୍ଷା ହେଲେ ପରଦିନ ଖେଳାଯିବ

**ଦୁବାଇ, ୩।୩ (ଏଜେନ୍ସି):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲ ମଙ୍ଗଳବାର ଖେଳାଯିବ। ଏହି ମ୍ୟାଚ୍ ଜିତି ଉଭୟ ଦଳ ଫାଇନାଲ ଟିକଟ୍ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ତେବେ ସ୍ଥାନୀୟ ପାଣିପାଗ ଅନୁଯାୟୀ ମଙ୍ଗଳବାର ଦୁବାଇରେ ବର୍ଷା ହେବାର ସମ୍ଭାବନା ରହିଛି। ଚଳିତ ଚାମ୍ପିଅନ୍ସ ଟ୍ରଫିରେ ବର୍ତ୍ତମାନ ସୁଦ୍ଧା ୩ଟି (ଅଷ୍ଟ୍ରେଲିଆ-ଦ.ଆଫ୍ରିକା, ପାକିସ୍ତାନ-ବାଂଲାଦେଶ ଓ ଅଷ୍ଟ୍ରେଲିଆ-ଆଫଗାନିସ୍ତାନ) ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇସାରିଛି। ଯଦି ସେମିଫାଇନାଲରେ ବର୍ଷା ହେବ ତାହାଲେ କ'ଣ ନିୟମ ରହିଛି ତାହାକୁ ନେଇ କ୍ରିକେଟ୍‌ପ୍ରେମୀଙ୍କ ମନରେ ନାନା ପ୍ରଶ୍ନ ଉଙ୍କି ମାରିଛି। ତେବେ ଆଇସିସି ଏହି ମେଗା ଟୁର୍ଣ୍ଣାମେଣ୍ଟର ଦୁଇଟିଯାକ ସେମିଫାଇନାଲ ମୁକାବିଲା ଲାଗି ରିଜର୍ଭ ଡେ ବ୍ୟବସ୍ଥା ରଖିଛି। ଫଳରେ ଯଦି ବର୍ଷା ଲାଗି ମଙ୍ଗଳବାର ଭାରତ ଓ ଅଷ୍ଟ୍ରେଲିଆ ପ୍ରଥମ ସେମିଫାଇନାଲ ଖେଳ ସମ୍ଭବପର ହୋଇ ନ ପାରିଲା ତେବେ ବୁଧବାର ଯେଉଁଠାରୁ ଖେଳ ବନ୍ଦ ରହିଥିଲା ସେଠାରୁ ପୁଣିଥରେ ଆରମ୍ଭ ହେବ। ସେହିଭଳି ଯଦି ରିଜର୍ଭ ଡେ'ରେ ମଧ୍ୟ ବର୍ଷା ଲାଗି ଖେଳ ନ ହୋଇପାରିଲା ତେବେ ଗ୍ରୁପ୍ ପର୍ଯ୍ୟାୟରେ ଦୁଇ ଦଳ ମଧ୍ୟରୁ ଯିଏ ଅଧିକ ପଏଣ୍ଟ ଓ ରନରେଟ୍ ରଖିଥିବ ତାହାକୁ ଫାଇନାଲ ଟିକଟ୍ ମିଳିବ। ବୁଧବାର ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ମଧ୍ୟ ଏହି ନିୟମ ଲାଗୁହେବ।

## ଚାମ୍ପିଅନ୍ସ ଟ୍ରଫିରେ ଭାରତ ଆଗୁଆ

**ଦୁବାଇ,୩।୩ (ଏଜେନ୍ସି):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲ ଆସନ୍ତାକାଲି ଖେଳାଯିବ। ଦିନିକିଆ କ୍ରିକେଟ ଫର୍ମାଟରେ ଏହା ଉଭୟଙ୍କ ମଧ୍ୟରେ ହେବ ୧୫୨ତମ ମୁକାବିଲା। ପୂର୍ବରୁ ହୋଇଥିବା ୧୫୧ଟି ମୁକାବିଲା ମଧ୍ୟରୁ ଭାରତର ୫୭ ବିଜୟଠାରୁ ଅଷ୍ଟ୍ରେଲିଆ ୮୪ଟି ମ୍ୟାଚ୍ ଜିତି ବହୁ ଆଗରେ ରହିଛି। ୧୦ଟି ମ୍ୟାଚ୍‌ର ଫଳାଫଳ ବାହାରିପାରି ନାହିଁ।

ସେହିପରି ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପର ସହ ୧୪ଥର ମୁକାବିଲା କରିଛନ୍ତି। ଏହାମଧ୍ୟରୁ ଭାରତ ୫ଟି ଓ ଅଷ୍ଟ୍ରେଲିଆ ୯ଟି ମ୍ୟାଚ୍ ଜିତି ଆଗରେ ରହିଛି।

କିନ୍ତୁ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ରେକର୍ଡ ବଦଳି ଯାଇଛି। ଉଭୟଙ୍କ ମଧ୍ୟରେ ୩ଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ଭାରତ ୨ଟି ଓ ଅଷ୍ଟ୍ରେଲିଆ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ୍‌ର ଫଳାଫଳ ବାହାରି ନାହିଁ। ଫଳରେ ଏହି ଗୋଟିଏ ଟୁର୍ଣ୍ଣାମେଣ୍ଟରେ ଭାରତ ଆଗୁଆ ରହିଛି। ୧୯୯୮ ଢ଼ାକାରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୪୪ ରନ୍‌ରେ ଓ ୨୦୦୦ ନାଇରୋବିରେ ଭାରତ ୨୦ ରନ୍‌ରେ ବିଜୟୀ ହୋଇଥିଲା।

■ ଆଇପିଏଲ୍-୧୮

## ରାହାଣେଙ୍କୁ କୋଲକାତାର ନେତୃତ୍ୱ



**କୋଲକାତା, ୩।୩ (ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଆଇପିଏଲ୍‌ର ଆଗାମୀ ୧୮ତମ ସଂସ୍କରଣ ଲାଗି ନୂଆ ଅଧିନାୟକ ନିଯୁକ୍ତ କରିଛି। ମଧ୍ୟକ୍ରମର ନିର୍ଭରଯୋଗ୍ୟ ବ୍ୟାଟର୍ ଆଜିଙ୍କ୍ୟ ରାହାଣେଙ୍କୁ ନେତୃତ୍ୱ ଭାର ମିଳିଛି। ଶ୍ରେୟସ ଆୟରଙ୍କ ସ୍ଥାନରେ ରାହାଣେ ଏଥରର କେକେଆର୍‌ର ମଙ୍ଗ ସମ୍ଭାଳିବେ। ଆୟରଙ୍କ ନେତୃତ୍ୱରେ କୋଲକାତା ଗତ ୨୦୨୪ ସଂସ୍କରଣରେ ଚାମ୍ପିଅନ ହୋଇ ୩ୟଥର ଲାଗି ଟ୍ରଫି ଜିତିଥିଲା। ଏହାପରେ ଅନୁଷ୍ଠିତ ମେଗା ଖେଳାଳି ନିଲାମୀରେ ପଞ୍ଜାବ କିଙ୍ଗ୍‌ସ ୨୬.୭୫ କୋଟି ଟଙ୍କାରେ ଆୟରଙ୍କୁ କ୍ରୟ କରି ନିଜ ଦଳରେ ସାମିଲ କରିଥିଲା। ଅପରପକ୍ଷରେ ଭେଙ୍କଟେଶ ଆୟରଙ୍କୁ କୋଲକାତା ରାହାଣେଙ୍କ ଡେପୁଟୀ ଅର୍ଥାତ୍ ଉପଅଧିନାୟକ ନିଯୁକ୍ତ କରିଛି। ମାର୍ଚ୍ଚ ୨୨ରେ କୋଲକାତାରେ ଆଇପିଏଲ୍-୧୮ର ଉଦ୍‌ଘାଟନୀ ମ୍ୟାଚ୍ ଘରୋଇ କେକେଆର୍ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମଧ୍ୟରେ ଖେଳାଯିବ।

'ଆଇପିଏଲ୍ ଇତିହାସର ଅନ୍ୟତମ ଶ୍ରେଷ୍ଠ ଦଳ କୋଲକାତାର ଅଧିନାୟକ ନିଯୁକ୍ତ ହେବା ମୋ ଲାଗି ସବୁଠୁ ସମ୍ମାନର ବିଷୟ' ବୋଲି ରାହାଣେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ୨୦୨୪ ଆଇପିଏଲ୍‌ରେ ରାହାଣେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପକ୍ଷରୁ ଖେଳି ୧୩ ଇନିଂସରେ ୨୪୨ ରନ କରିଥିଲେ। ଏହାପରେ ମେଗା ଖେଳାଳି ନିଲାମରେ କୋଲକାତା ରାହାଣେଙ୍କ ମୂଳଦଳ ୧.୫ କୋଟି ଟଙ୍କାରେ ତାଙ୍କୁ ଦଳରେ ସାମିଲ କରିଥିଲା। ଏଥିପୂର୍ବରୁ ରାହାଣେ ଆଇପିଏଲ୍‌ରେ ବିଭିନ୍ନ ଫ୍ରାଞ୍ଚାଇଜ ପାଇଁ ୨୫ ମ୍ୟାଚରେ ନେତୃତ୍ୱ ନେଇ ୯ ବିଜୟ ଓ ୧୬ ପରାଜୟର ସମ୍ମୁଖୀନ ହୋଇଥିଲେ। ଗତ ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇକୁ ଚାମ୍ପିଅନ କରାଇବାରେ ରାହାଣେ ପ୍ରମୁଖ ଭୂମିକା ନିଭାଇଥିଲେ। ସେ ୫୮.୬୨ ହାରରେ ୪୬୯ ରନ କରିଥିଲେ।

## ହକି ଓଡ଼ିଶାର ବାର୍ଷିକ ବୈଠକ




**ଭୁବନେଶ୍ୱର, ୩।୩ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ସମ୍ମିଳନୀ ଗୃହରେ ହକି ସଂଘ ଓଡିଶା ତରଫରୁ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ସାଧାରଣ ବୈଠକରେ ହକି ଓଡିଶାର ସଭାପତି ପଦ୍ମଶ୍ରୀ ଡ଼. ଦିଲ୍ଲୀପ ତିର୍କି ସଭାପତିତ୍ୱ କରିଥିଲେ। ଏହି ଅବସରରେ ହକି ଆସୋସିଏସନ୍ ଖର୍ଚ୍ଚ ରାଶି ତଥା ବିଭିନ୍ନ ହକି ସଂଘର ଫଟୋ ଚିତ୍ର ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସାଧାରଣ ବୈଠକରେ ୩୦ଟି ଜିଲ୍ଲା ହକି ସଂଘର କର୍ମକର୍ତ୍ତା ଯୋଗ ଦେଇଥିବା ବେଳେ ୧୨ଟି ବିଭିନ୍ନ କ୍ରୀଡା ସଂସ୍ଥାନର ପୁରୁଷ ଏବଂ ମହିଳା ପ୍ରତିନିଧିମାନେ ଉପସ୍ଥିତ ଥିଲେ। ହକି ଓଡିଶା ର ଉପସଭାପତି ଜୀବନ ମହାନ୍ତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ହକି ସଂଘ ଓଡିଶାର ସାଧାରଣ ସମ୍ପାଦକ ସନାତନ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟସୂଚୀ ଉପରେ ବର୍ଣ୍ଣନା କରିଥିଲେ। ଏହି ସାଧାରଣ ବୈଠକରେ ହକି ଓଡିଶାର ନୂତନ ପଦବୀ ସୃଷ୍ଟି କରିବା ଓ ବିଭିନ୍ନ ପ୍ରତିଯୋଗିତା ଏବଂ ହକି ଅନୁଷ୍ଠାନ ଗୁଡିକୁ ଅନୁମୋଦନ କରାଯାଇଥିଲା। ବିଭିନ୍ନ ଜିଲ୍ଲାରୁ ଆସିଥିବା ସଦସ୍ୟ ମାନେ ଓଡିଶାରେ ହକିର ଉନ୍ନତି ପାଇଁ ବିଭିନ୍ନ ମତ ପ୍ରଦାନ କରିଥିଲେ। ଶେଷରେ ହକି ସଂଘ ଓଡିଶାର କୋଷାଧକ୍ଷ ପି କେ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗର ଉପ ଶାସନ ସଚିବ ଅମିତ କୁମାର ନାୟକ ଏବଂ ଓଡିଶା ଅଲମ୍ପିକ ସଂଘର ବରିଷ୍ଠ ସଦସ୍ୟ ନଳିନୀ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ।

## ଲୌରିୟସ ପୁରସ୍କାର ଦୌଡ଼ରେ ପନ୍ତ



**ଲଣ୍ଡନ, ୩।୩ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳର ଅଭିଜ୍ଞ ୱିକେଟ୍‌କିପର ଋଷଭ ପନ୍ତ ବିଶ୍ୱର ସବୁଠୁ ସମ୍ମାନଜନକ କ୍ରୀଡ଼ା ପୁରସ୍କାର 'ଲୌରିୟସ ପୁରସ୍କାର' ଦୌଡ଼ରେ ସାମିଲ ହୋଇଛନ୍ତି। ଲୌରିୟସ ବିଶ୍ୱ କ୍ରୀଡ଼ା ପୁରସ୍କାର ୨୦୨୫ ଲାଗି ପନ୍ତଙ୍କୁ 'କମ୍‌ବ୍ୟାକ୍ ଅଫ୍ ଦି ଇୟର' ବର୍ଗରେ ମନୋନୀତ କରାଯାଇଛି। ଗତ ବର୍ଷ କ୍ରୀଡ଼ା ଜଗତକୁ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିବା କ୍ରୀଡ଼ାବିତ୍‌ଙ୍କୁ ଲୌରିୟସ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପୁରସ୍କାର ଦୌଡ଼ରେ ରହିଥିବା ବିଶ୍ୱର ଅନ୍ୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ବ୍ରାଜିଲର ଜିମ୍ନାଷ୍ଟିକ୍ ଖେଳାଳି ରେବେକା ଆନ୍ଦ୍ରାଡି, ଆମେରିକା ସନ୍ତରଣକାରୀ କାଇଲେବ ଡ୍ରେସେଲ, ସୁଇଜରଲାଣ୍ଡର ସ୍କି ଖେଳାଳି ଲାରା ଗୁଟ୍, ସ୍ପେନର ମୋଟର ସାଇକ୍ଲିଷ୍ଟ ମାର୍କ ମାର୍କ୍ୟୁଏଜ ଓ ଅଷ୍ଟ୍ରେଲିଆର ସନ୍ତରଣକାରୀ ଆରିଆନେ ଟିଟମସ୍। ଚଳିତ ବର୍ଷ ଲୌରିୟସ କ୍ରୀଡ଼ା ପୁରସ୍କାର ୨୫ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏପ୍ରିଲ ୨୧ରେ ମାଦ୍ରିଦରେ ଏକ ସମାରୋହରେ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ।

ଏଠାରେ ଉଲ୍ଲେଖଯୋଗ୍ୟ, ୨୦୨୨ ଡିସେମ୍ବର ୩୦ରେ ପନ୍ତ କାର୍ ଚଳାଇ ଦିଲ୍ଲୀରୁ ରୁର୍କୀସ୍ଥିତ ଘରକୁ ଯାଉଥିବାବେଳେ ଏକ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ସେ ଡାହାଣ ଗୋଡ଼ରେ ଗୁରୁତର ଆଘାତ ପାଇଥିଲେ। ବିଭିନ୍ନ ପର୍ଯ୍ୟାୟରେ ଅସ୍ତ୍ରୋପଚାର ପରେ ସେ ୧୫ ମାସ ପରେ ସୁସ୍ଥ ହୋଇ ୨୦୨୪ରେ କ୍ରିକେଟ୍ ପଡ଼ିଆକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହି ବର୍ଷ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିବାବେଳେ ପନ୍ତ ସଦସ୍ୟ ରହିଥିଲେ। ମ

**ମହିଳା ପ୍ରିମିୟର ଲିଗ୍**

## ମୁନୀଙ୍କ ଅର୍ଦ୍ଧଶତକ: ଗୁଜରାଟର ୩ୟ ବିଜୟ



**ଲକ୍ଷ୍ନୌ, ୩।୩ (ଏଜେନ୍ସି):** ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଗୁଜରାଟ ଜ୍ୟାଣ୍ଟ୍ସ ୩ୟ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଗୁଜରାଟ ୮୧ ରନର ବଡ଼ ବ୍ୟବଧାନରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଏହି ମ୍ୟାଚରେ ଗୁଜରାଟ ପକ୍ଷରୁ ଧାର୍ଯ୍ୟ ୧୮୭ ରନର ଚ୍ୟାଲେଞ୍ଜିଂ ସ୍କୋରକୁ ପିଛା କରି ୟୁପି ୱାରିୟର୍ଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୧ ଓଭରରେ ୧୦୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଚିଲନୀ ହେନରୀ ସର୍ବାଧିକ ୨୮, ଓପନର୍ ଗ୍ରେସ ହାରିସ ୨୫, ଉମା ଛେତ୍ରୀ ୧୭ ଓ ସୋଫି ଇକଲେଷ୍ଟୋନ ୧୪ ରନଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ଛୁଇଁପାରି ନ ଥିଲେ। ସଫଳ ବୋଲର ଭାବେ ଗୁଜରାଟ ପକ୍ଷରୁ କାଶବୀ ଗୌତମ (୩/୧୧) ଓ ତନୁଜା କନୱର (୩/୧୭) ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଡେଣ୍ଡ୍ରା ଡଟ୍ଟିନ ୨, ମେଘନା ସିଂ ଓ ଅଧିନାୟିକା ଆସଲେ ଗାର୍ଡନର ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଛନ୍ତି। ଅପରାଜିତ ବିସ୍ଫୋରକ ୯୬ ରନର ପାଳି ଲାଗି ବିଜୟୀ ଦଳର ବେଥ୍ ମୁନୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଗୁଜରାଟ ୬ଷ୍ଠ ମ୍ୟାଚରୁ ୩ୟ ବିଜୟ ସହ ୬ ପଏଣ୍ଟ ପାଇ ୨ୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ୟୁପି ୬ଷ୍ଠ ମ୍ୟାଚରୁ ୪ର୍ଥ ପରାଜୟ ସହ ସର୍ବନିମ୍ନ ୫ମ ସ୍ଥାନକୁ ଖସିଯାଇଛି।

ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଜ୍ୟାଣ୍ଟ୍ସ ଇନିଂସର ପ୍ରଥମ ଓଭରରେ ଓପନର୍ ଦୟାଲନ ହେମଲତା (୨ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଏହାପରେ ଆସିଥିବା ହର୍ଲିନ ଦେଓଲ ଅନ୍ୟତମ ଓପନର୍ ବେଥ୍ ମୁନୀଙ୍କ ସହ ମିଶି ସ୍ଥିତି ସମ୍ଭାଳିଥିଲେ। ଉଭୟ ଦ୍ରୁତ ଗତିରେ ରନ ସଂଗ୍ରହ କରିବା ସହ ୨ୟ ୱିକେଟ୍ ଭାଗୀଦାରିରେ ୬୮ ବଲରୁ ୧୦୧ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ପକାଇଥିଲେ। ୬ଟି ଚୌକା ସହ ୩୨ ବଲରୁ ୪୫ ରନ କରିଥିବାବେଳେ ହର୍ଲିନଙ୍କୁ ଆଉଟ୍ କରି ବାମହାତୀ ସ୍ପିନର ସୋଫି ଇକଲେଷ୍ଟୋନ ଏହି ଯୋଡ଼ି ଭାଙ୍ଗିଥିଲେ। ବେଥ୍ ମୁନୀ କିନ୍ତୁ ଅପରପାର୍ଶ୍ୱରେ ଦ୍ରୁତ ବ୍ୟାଟିଂ ଜାରି ରଖି ଅର୍ଦ୍ଧଶତକ ପୂରଣ କରିବା ସହ ଦଳକୁ ୨୦ ଓଭରରେ ୫ ୱିକେଟ୍‌ରେ ୧୮୬ ରନର ଏକ ଦୃଢ଼ ସ୍କୋରରେ ପହଞ୍ଚାଇଥିଲେ। ଇନିଂସର ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ମୁନୀ ୫୯ ବଲରୁ ୧୭ ଚୌକା ସହାୟତାରେ ୯୬ ରନ କରି ଅଳ୍ପକେ ଡବ୍ଲ୍ୟୁପିଏଲ୍‌ରେ ତାଙ୍କ ପ୍ରଥମ ଶତକରୁ ବଞ୍ଚିତ ହୋଇଥିଲେ। ବୋଲିଂରେ ଇକଲେଷ୍ଟୋନ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS